


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 138 | ଭାଗ ୩୩ | ସଂଖ୍ୟା ୧୩୮ Bhubaneswar | Friday 8 August 2025 | Page 8 Rs. 5.00 ● ଭୁବନେଶ୍ୱର ଶୁକ୍ରବାର ୮ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

## ମାସକରେ ପୂରଣ ହେବ ୩୦ ହଜାର ପଦବୀ



**ଭୁବନେଶ୍ୱର ୭।୮(ସଂଚାର ବ୍ୟୁରୋ):** ପୁଣି ଥରେ ଆସିଲା ଖୁସି ଖବର। ମୋହନ ସରକାର ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ଲାଗି ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଶିକ୍ଷିତ ଯୁବବର୍ଗଙ୍କୁ କର୍ମସଂସ୍ଥାନ ଯୋଗାଇଦେବା ଲାଗି ରାଜ୍ୟ ବିଜେପି ସରକାର ଏକ ଉଚିତ ପଦକ୍ଷେପ ଗ୍ରହଣ କରିଛନ୍ତି। ଖୁବ୍‌ଶୀଘ୍ର ପୂରଣ ହେବ ୨୨ ହଜାର ୮୯୬ ପଦବୀ । ୧୦ ବିଭାଗର ଗ୍ରୁପ୍ ସି'ର ୨୨ ହଜାର ୮୯୬ ପଦବୀ ପୂରଣ ପାଇଁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି । ଅଗଷ୍ଟ ୩୧ ତାରିଖ ସୁଦ୍ଧା ନିଯୁକ୍ତି ପ୍ରକ୍ରିୟା ସାରିବାକୁ ନିର୍ଦ୍ଦେଶ ରହିଛି । ସର୍ବାଧିକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୮ ହଜାର ୩୫୮, ପଞ୍ଚାୟତିରାଜ ବିଭାଗର ୪ ହଜାର ୪୨, ସ୍ୱାସ୍ଥ୍ୟ ବିଭାଗର ୩ ହଜାର ୬୭୭ ସହ ୧୦ ବିଭାଗରେ ନିଯୁକ୍ତି ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୧୦ ବିଭାଗରେ ୪୪ ହଜାର ୯୦୯ ପଦବୀ ଖାଲି ପଡ଼ିଥିବା ବେଳେ ୨୨ ହଜାର ୮୯୬ ପଦବୀ ପୂରଣ ପାଇଁ ବିଭାଗ ଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ ।

### ଟାରିଫ ଝଟକାକୁ ନେଇ ମୋଦିଙ୍କ କଡ଼ା ବାର୍ତ୍ତା

# ସାଲିସ୍ କରାଯିବନି, ବହୁମୂଲ୍ୟ ଦେବାକୁ ପ୍ରସ୍ତୁତ

**ନୂଆଦିଲ୍ଲୀ,୭।୮:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ବିରୋଧରେ ଏବେ ଟାରିଫ ଯୁଦ୍ଧ ଆରମ୍ଭ କରି ଦେଇଛନ୍ତି। ଭାରତ ରପ୍ତାନୀ କରୁଥିବା ସାମଗ୍ରୀ ଉପରେ ଟ୍ରମ୍ପ ୫୦% ଶୁଳ୍କ ଲଗାଇ ସାରିଛନ୍ତି। ରୁଷ ସହ ବ୍ୟବସାୟ ଜାରି ରଖିଲେ ଭାରତ ଉପରେ ଆହୁରି ବଡ଼ କଟକଣା ଲଗାଇବାକୁ ଟ୍ରମ୍ପ ବାରମ୍ବାର ଧମକ ମଧ୍ୟ ଦେଇ ଚାଲିଛନ୍ତି। ଏସବୁ ଭିତରେ ଭାରତକୁ ଆମେରିକା ପକ୍ଷରୁ ଲାଗିଥିବା ଟାରିଫ ଝଟକାକୁ ନେଇ ମୁହଁ ଖୋଲିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆମେରିକା ଓ ଟ୍ରମ୍ପଙ୍କୁ ପରୋକ୍ଷରେ ମୋଦି କଡ଼ା ବାର୍ତ୍ତା ଦେଇଛନ୍ତି। ଭାରତ ତା'ର ଚାଷୀ ଓ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥ ସହ କେବେ ହେଲେ ସାଲିସ କରିପାରିବ ନାହିଁ। ଏଥିପାଇଁ ତାଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ମୋଦି ଜାଣିଥିବା କହିଥିଲେ ହେଁ ଦେଶର ଚାଷୀଙ୍କ ପାଇଁ ଏପରି ରିସ୍କ ନେବାକୁ ସେ ପ୍ରସ୍ତୁତ ଥିବା ସମସ୍ତଙ୍କୁ ଜଣାଇ ଦେଇଛନ୍ତି। ଆଜି ଦିଲ୍ଲୀରେ ଆୟୋଜିତ ଏମଏସ୍ ସ୍ୱାମୀନାଥନ ଶତବାର୍ଷିକୀ ଅନ୍ତର୍ଜାତୀୟ କନଫରେନ୍ସରେ ମୋଦି କହିଛନ୍ତି, "ଚାଷୀଙ୍କ ସ୍ୱାର୍ଥ ➪ପୃଷ୍ଠା-୬



### ଭାରତକୁ ଚୀନ୍‌ର ସମର୍ଥନ

**ବେଜିଂ:** ବିଭିନ୍ନ ସମୟରେ ଭାରତ ବିରୋଧରେ ଅନ୍ତର୍ଜାତୀୟ ସ୍ତରରେ ବିରୋଧାଚରଣ କରୁଥିବା ଚୀନ୍ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ଲଗାଇଥିବା ୫୦ ପ୍ରତିଶତ ଟାରିଫ୍ ପ୍ରସଙ୍ଗରେ ତା'ର ଆଭିମୁଖ୍ୟ ପରିବର୍ତ୍ତନ କରିବା ପରି ମନେ ହେଉଛି। କାରଣ ଆଜି ଏହି ଦେଶ ଭାରତ ସମର୍ଥନରେ ମତ ଦେବା ସହ ଟ୍ରମ୍ପଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛି। ପୂର୍ବରୁ ଏହି ପ୍ରସଙ୍ଗରେ ରୁଷିଆ ସମର୍ଥନ କରିଥିବା ବେଳେ ଏବେ ଚୀନ୍ ମଧ୍ୟ ସମାନ ଭାଷା କହୁଥିବାରୁ ଏ କ୍ଷେତ୍ରରେ ଭାରତର ମନୋବଳ ବୃଦ୍ଧି ହୋଇଛି ବୋଲି କହିପାରିବା। ଚୀନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଗୁଓ ଜିଆକୁନ ଆମେରିକାର ଏହି ପଦକ୍ଷେପକୁ ବାଣିଜ୍ୟ ନିୟମର ଅପବ୍ୟବହାର ବୋଲି ବର୍ଣ୍ଣନା କରିଛନ୍ତି। ସେ ➪ପୃଷ୍ଠା-୬

### 'ଯେସାକୁ ତେସା ନୀତି ଆପଣାଉ ଭାରତ'



**ନୂଆଦିଲ୍ଲୀ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇବାକୁ ଘୋଷଣା କରିଛନ୍ତି। ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ପରେ ବରିଷ୍ଠ କଂଗ୍ରେସ ନେତା ଏବଂ ସାଂସଦ ଶଶି ଥରୁରଙ୍କ ବୟାନ ସାମ୍ନାକୁ ଆସିଛି। ଶଶି ଥରୁର କହିଛନ୍ତି ଯେ, ଯଦି ଆମେରିକା ଆମ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଉଛି, ତେବେ ଆମେ ମଧ୍ୟ ସେମାନଙ୍କ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇବା ଉଚିତ। କେବଳ ବାଣିଜ୍ୟ ଯୋଗୁଁ ସମ୍ପର୍କକୁ କାହିଁକି ନଷ୍ଟ କରିବାକୁ ଚେଷ୍ଟା କରାଯାଉଛି? ଆମ ପକ୍ଷରୁ ସମ୍ପର୍କ ଖରାପ କରାଯାଉନାହିଁ। ଆମେରିକା ଜାଣିଶୁଣି ଏଭଳି କରୁଛି। ନିଜର ପ୍ରତିକ୍ରିୟା ରଖି ସେ କହିଛନ୍ତି ଯେ, "ଟ୍ରମ୍ପଙ୍କ ୫୦ ପ୍ରତିଶତ ଶୁଳ୍କ ଲାଗୁର ପ୍ରଭାବ ଭାରତ ଉପରେ ନିଶ୍ଚିତ ପଡ଼ିବ। କାରଣ ଆମେ ସେମାନଙ୍କ ସହିତ ୯୦ବିଲିୟନ ଡଲାରର ବାଣିଜ୍ୟ କରୁଛେ। ଯଦି ସବୁକିଛି ୫୦ପ୍ରତିଶତ ମହଙ୍ଗା ହୋଇଯାଏ, ତେବେ କ୍ରେତାମାନେ ମଧ୍ୟ ଭାବିବେ, ସେମାନେ ଭାରତୀୟ ଜିନିଷ କାହିଁକି କିଣିବେ? ଟ୍ରମ୍ପଙ୍କ ଏହି ପଦକ୍ଷେପ ଆମେରିକାର ଅନେକ ଲୋକଙ୍କ ପାଇଁ ଆମର ସାମଗ୍ରୀକୁ ମହଙ୍ଗା କରିଦେବ। ଚୀନ୍ ରୁଷରୁ ବିଭିନ୍ନ ସାମଗ୍ରୀ ଆମଦାନୀ କରେ, ଯେଉଁଥିରେ ଭାରତ ଅପେକ୍ଷା ଅଧିକ ରୁଷୀୟ ➪ପୃଷ୍ଠା-୬

### ହସ୍ତତନ୍ତ ମେଳା 'ଏକତା' ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

# ମାଧୁରୀ ହେଲେ ବ୍ରାଣ୍ଡ ଆମ୍ବାସାଡର

- ରାଜ୍ୟର ହସ୍ତତନ୍ତ ବୁଣାକାରମାନଙ୍କୁ ସମ୍ବର୍ଦ୍ଧନା
- ଆମ ହସ୍ତତନ୍ତ ଓଡ଼ିଆ ଅସ୍ମିତାର ଏକ ପ୍ରମୁଖ ସ୍ତମ୍ଭ
- ହସ୍ତତନ୍ତ ପୋଷାକ ପିନ୍ଧିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

**ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ):** ଜାତୀୟ ହସ୍ତତନ୍ତ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସ୍ଥାନୀୟ ଜନତା ମୈଦାନ ଠାରେ ଆୟୋଜିତ ହସ୍ତତନ୍ତ ମେଳା 'ଏକତା' କୁ ଉଦଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ, ଆମ ହସ୍ତତନ୍ତ ହେଉଛି ଓଡ଼ିଆ ଅସ୍ମିତାର ଏକ ପ୍ରମୁଖ ସ୍ତମ୍ଭ। ଆମର 'ହସ୍ତତନ୍ତ କ୍ଷେତ୍ର' କେବଳ ଏକ ଆର୍ଥିକ ସ୍ତମ୍ଭ ନୁହେଁ ବରଂ ଏହା ଜାତୀୟ ଗର୍ବ ଓ ଗରିମାର ପ୍ରତୀକ। ପ୍ରାଚୀନ ସାମୁଦ୍ରିକ ବାଣିଜ୍ୟରୁ ଆରମ୍ଭ କରି ବର୍ତ୍ତମାନର ବିଶ୍ୱ ଫ୍ୟାଶନ୍ ପ୍ଲାଟଫର୍ମ ପର୍ଯ୍ୟନ୍ତ, ଆମର ବୟନ ସର୍ବଦା ଉତ୍କର୍ଷତା, ଆଧ୍ୟାତ୍ମିକତା ଓ ସଂସ୍କୃତିର ଜୟଗାନ କରିଆସିଛି । ହସ୍ତତନ୍ତ ଉନ୍ନୟନ ଯୋଜନା ମାଧ୍ୟମରେ ବୁଣାକାରମାନଙ୍କ ସାମାଜିକ-ଆର୍ଥିକ ଅବସ୍ଥାକୁ ଉନ୍ନତ କରିବା ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି।



ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କୁ ଏକ ବର୍ଷ ପାଇଁ ଓଡ଼ିଶା ହ୍ୟାଣ୍ଡଲୁମର ବ୍ରାଣ୍ଡ ଆମ୍ବାସାଡର ଭାବେ ଅନୁବନ୍ଧିତ କରାଯାଇଛି ବୋଲି ଘୋଷଣା କରିଥିଲେ। ମାଧୁରୀ ଦୀକ୍ଷିତଙ୍କ ସକ୍ରିୟ ସହଯୋଗରେ ଓଡ଼ିଶା ହସ୍ତତନ୍ତରୁ ପ୍ରସ୍ତୁତ ପୋଷାକ ଦେଶ ବିଦେଶର ଫେସନ ଜଗତରେ ପ୍ରତିଷ୍ଠା ଅର୍ଜନ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ୩୦ଟି ଜିଲ୍ଲାରେ ୧ ଲକ୍ଷ ୩୦ ହଜାରରୁ ଅଧିକ ବୁଣାକାର ଓ ସହାୟକ ଶ୍ରମିକ ହସ୍ତତନ୍ତ କ୍ଷେତ୍ରରେ ସିଧାସଳଖ ନିୟୋଜିତ ଅଛନ୍ତି । ପ୍ରାଥମିକ ବୁଣାକାର ସମବାୟ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ଜରିଆରେ ଆମର ବୁଣାକାର ବନ୍ଧୁମାନେ ସଂଗଠିତ ହୋଇ ବୟନ ଐତିହ୍ୟକୁ ବଜାୟ ରଖିବା ପାଇଁ କାର୍ଯ୍ୟ କରିଆସୁଛନ୍ତି । ପୂର୍ବ ଭାରତର ସର୍ବବୃହତ ଓଡିଶା ଟେକ୍ସଟାଇଲ କନକ୍ଲେଭରେ ରାଜ୍ୟରେ ଟେକ୍ସଟାଇଲ ଶିଳ୍ପ ପ୍ରତିଷ୍ଠା ପାଇଁ ୭ ➪ପୃଷ୍ଠା-୬

### ଓଡ଼ିଶାର ହସ୍ତତନ୍ତ ସୌନ୍ଦର୍ଯ୍ୟ ଓ ପରମ୍ପରାର ନିଦର୍ଶନ: ଧର୍ମେନ୍ଦ୍ର

**ନୂଆଦିଲ୍ଲୀ,୭।୮(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି 'ଜାତୀୟ ହସ୍ତତନ୍ତ ଦିବସ' ଅବସରରେ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ବସ୍ତ୍ର ପରିଧାନ ପୂର୍ବକ ସଂସଦ କାର୍ଯ୍ୟରେ ସାମିଲ ହୋଇ ଖୁସି ପ୍ରକଟ କରିଛନ୍ତି। ଏହି ଅବସରରେ ସେ ଓଡ଼ିଶାର ସାଂସଦମାନଙ୍କ ସାଥୀରେ 'ଜାତୀୟ ହସ୍ତତନ୍ତ ଦିବସ' ପାଳନ କରିଛନ୍ତି। ଏହି ଅବସରରେ ସେ ବିବିଧ ହସ୍ତତନ୍ତ ଐତିହ୍ୟକୁ ନେଇ ଗୌରବାନ୍ୱିତ ହେବା ସହ ବୁଣାକାରମାନଙ୍କୁ ସଶକ୍ତ କରିବା ସକାଶେ କେନ୍ଦ୍ର ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।



ଓଡ଼ିଶା ସାଂସଦଙ୍କ ସହ ପାଳିଲେ ଜାତୀୟ ହସ୍ତତନ୍ତ ଦିବସ

'ଜାତୀୟ ହସ୍ତତନ୍ତ ଦିବସ'ର ଶୁଭେଚ୍ଛା ଜଣାଇବା ସହ କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ହସ୍ତତନ୍ତ କାଳଜୟୀ ସୌନ୍ଦର୍ଯ୍ୟ ଏବଂ ପରମ୍ପରାକୁ ➪ପୃଷ୍ଠା-୬

### ପଟ୍ଟାମୁଣ୍ଡାଇ ଯୁବତୀ ମୃତ୍ୟୁ ଘଟଣା

## ବଦଳିଲେ ଏଏସ୍‌ଆଇ

**କେନ୍ଦ୍ରାପଡ଼ା,୭।୮(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇରେ ଯୁବତୀ ନିଜ ଦେହରେ ନିଆଁ ଲଗାଇ ନିଜ ଜୀବନ ନେବା ମାମଲାରେ ଗ୍ରାମାଞ୍ଚଳ ଥାନାର ସହକାରୀ ସବ-ଇନ୍ସପେକ୍ଟର ଶୈଳେନ୍ଦ୍ର ନାରାୟଣ ପଲେଇଙ୍କୁ ବଦଳି କରାଯାଇଛି। କେନ୍ଦ୍ରାପଡ଼ା ଏସ୍‌ପି ଏଏସଆଇଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରିଛନ୍ତି। ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ାର ଏସ୍‌ପି ସିଦ୍ଧାର୍ଥ କଟାରିଆ ପଟ୍ଟମୁଣ୍ଡାଇରେ ଯୁବତୀ ନିଜ ଦେହରେ ନିଆଁ ଲଗାଇ ନିଜ ଜୀବନ ନେବା ମାମଲାରେ ନିରପେକ୍ଷ ତଦନ୍ତ ପାଇଁ ସମ୍ପୃକ୍ତ ଏଏସଆଇଙ୍କୁ ବଦଳି କରିଛନ୍ତି। ଏସ୍‌ପି ସୂଚନା ଦେଇଛନ୍ତି ଯେ, ସେ ବ୍ୟକ୍ତିଗତ ଭାବରେ ମାମଲାର ତଦନ୍ତ କରିବେ ଏବଂ ପୁଲିସର ନିଷ୍କ୍ରିୟତା ଅଭିଯୋଗର ମଧ୍ୟ ତଦନ୍ତ କରିବେ। ସେ ଯୁବତୀଙ୍କ ମୃତ୍ୟୁ ପାଇଁ ଦାୟୀ ବ୍ୟକ୍ତିମାନଙ୍କ ବିରୁଦ୍ଧରେ କଠୋର ➪ପୃଷ୍ଠା-୬



## ମହିଳାଙ୍କୁ ହାଣିଲା ଡେଲିଭରୀ ବୟ

### ରାଜଧାନୀରେ ଚାଞ୍ଚଲ୍ୟ

**ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ):** ରାଜଧାନୀରେ ଡେଲିଭରି ବୟର ଉନ୍ମତ୍ତ କାଣ୍ଡ । ଖାଦ୍ୟ ଡେଲିଭରୀ ଦେବାକୁ ଆସିଥିବା ବେଳେ ମହିଳାଙ୍କୁ କରିଛି ଆକ୍ରମଣ। ଏଥିରେ ମହିଳା ଜଣକ ଗୁରୁତର ଆହତ ହୋଇଥିବାବେଳେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାରେ ତଦନ୍ତ ଆରମ୍ଭ କରିଛି। ଭରତପୁର ଥାନା ଶାମପୁର ଅଞ୍ଚଳରେ ଘଟିଛି ଏହି ଘଟଣା। ସୂଚନା ଅନୁସାରେ, ଶାମପୁର ଅଞ୍ଚଳରେ ବିନୋଦିନୀ ରଥ ଗୁରୁବାର କିଛି ଖାଦ୍ୟ ଅନଲାଇନରେ ମଗାଇଥିଲେ। ଆଉ ଏହି ଖାଦ୍ୟ ଡେଲିଭରୀ ଦେବାକୁ ଆସିଥିଲା ଡେଲିଭରୀ ବୟ। ହେଲେ ଫୁଡ ଡେଲିଭରି ଦେବାରେ ବିଳମ୍ବ ହେବାରୁ ପ୍ରଥମେ ମହିଳା ଏବଂ ଫୁଡ ଡେଲିଭରି ବୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଡେଲିଭରୀ ବୟ ଜଣକ ଏକ ଧାରୁଆ କଟୁରୀରେ ମହିଳାଙ୍କୁ ୩ ଚୋଟ ପକାଇଥିବା ଅଭିଯୋଗ ହୋଇଛି। ମହିଳାଙ୍କ ମୁଣ୍ଡ, ବେକ ଏବଂ ହାତରେ ଆଘାତ ଲାଗିଥିବାବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ଅଭିଯୋଗକୁ ଭିତ୍ତି କରି ପୋଲିସ ଫୁଡ ଡେଲିଭରି ବୟଙ୍କୁ ଅଟକ ରଖି ପଚରା ଉଚରା କରୁଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## କାନ୍ଦୁଛି ସାଇକେଲ ଦୋକାନୀ, ହସୁଛନ୍ତି ଯାଜପୁରିଆ ନେତ୍ରୀ



ସାଇକେଲ ଦୋକାନୀ କାନ୍ଦୁଛି। ଆଖିରୁ ତା'ର ଲୁହ ଶୁଖୁନି। ଯେତେବେଳେ ପୁରୁଣା କଥାସବୁ ମନେ ପଡ଼ିଯାଉଛି, ସେତେବେଳେ କୋହ ସମ୍ଭାଳିପାରୁନି ସେ। ହେଲେ ଯାହା ପାଇଁ ସାଇକେଲ ଦୋକାନୀ ବିରହ ବେଦନାରେ ଜଳୁଛି ସିଏ କିନ୍ତୁ ସୋସିଆଲ ମିଡିଆରେ ହସି ହସି ଗଡ଼ିଯାଉଛି। ହସି ହସି ଗଡ଼ିଯାଉଥିବା ଯାଜପୁରର ଏହି ନାରୀ ନେତ୍ରୀ ଜଣଙ୍କ ରାଜ୍ୟ ଭିତରେ ଥାଆନ୍ତୁ କି ବାହାରେ, ସବୁବେଳେ ଭଳିକି ଭଳି ଶାଢ଼ି ପିନ୍ଧି ହସ ହସ ବଦନରେ ସୋସିଆଲ ମିଡିଆରେ ଫଟୋର ପକାଇବାରେ ବ୍ୟସ୍ତ। ତେବେ କାନ୍ଦୁଥିବା ସାଇକେଲ ଦୋକାନୀ ଏବେ ପୁଣିଥରେ ଚର୍ଚ୍ଚାରେ। ଏ ସଂକ୍ରାନ୍ତରେ ଜଣେ ଯାଜପୁରିଆ ଭକ୍ତ ସାଇକେଲ ଦୋକାନୀକୁ ପଚାରିବାରୁ ପୁରୁଣା କଥା ମନେ ପଡ଼ିଯାଇଥିଲା ଆଉ ସେ ପୁଣିଥରେ କାନ୍ଦି ଉଠିଥିଲେ। କାନ୍ଦି କାନ୍ଦି ପୁରୁଣା ଦିନର କଥାସବୁକୁ ଗୋଟି ଗୋଟି କରି କହିପକାଇଥିଲେ। ତାଙ୍କରି ସାଇକେଲ ଦୋକାନରେ ନାରୀନେତ୍ରୀ ଜଣଙ୍କ ତାଙ୍କ କଅଁଳ ବୟସରେ କିଭଳି ଘଣ୍ଟା ଘଣ୍ଟା ବିତାଉଥିଲେ। ସାଇକେଲ ସଜାଡ଼ିବା ବାହାନାରେ ସବୁଦିନ ଆସୁଥିଲେ। ସାଇକେଲ ସଜାଡୁ ସଜାଡୁ ଏହି ନାରୀ ନେତ୍ରୀ ଜଣଙ୍କ ସାଇକେଲ ଦୋକାନୀ ଟୋକାକୁ ମନ ଦେଇବସିଥିଲେ। ଦୁଇ ଜଣ କିଛି ସମୟ ମନପବନ ଢଙ୍ଗାରେ ବସି ଉଡ଼ିଥିଲେ ବି। ସେତେବେଳେ ଏହି ମନପବନ କଥା ପବନରେ ଜିଲ୍ଲାସାରା ଘୂରି ବୁଲିଥିଲା। ହେଲେ ପରେ ନେତ୍ରୀ ଜଣଙ୍କ ବାଟ କାଟି ଚାଲିଯାଇଥିଲେ। ସିଧା ପହଞ୍ଚିଥିଲେ ରାଜଧାନୀରେ। ତା'ପରେ ନେତ୍ରୀଙ୍କଠାରେ ଡେଣା ଲାଗିଗଲା ଆଉ ପଛରେ ରହିଗଲା ସାଇକେଲ ଦୋକାନୀ। ନେତ୍ରୀ ସିନା ଭୁଲିଗଲେ, କିନ୍ତୁ ଭୁଲିପାରିଲାନି ସାଇକେଲ ଦୋକାନୀଟି। ସୋସିଆଲ ମିଡିଆରେ ଅତ୍ୟନ୍ତ ସକ୍ରିୟ ଥିବା ନାରୀନେତ୍ରୀ ଜଣଙ୍କୁ ମୋବାଇଲ ସ୍କ୍ରିନରେ ଯେତେବେଳେ ସାଇକେଲ ଦୋକାନୀଟି ଦେଖୁଛି, ତା'ର ଖାଲି ପଛକଥାସବୁ ମନେ ପଡ଼ିଯାଉଛି। ଭକ୍ତ ଜଣଙ୍କ ଏକଥା ଶୁଣିବା ପରେ ପୂର୍ବରୁ ନେତ୍ରୀଙ୍କ ସଂକ୍ରାନ୍ତରେ ଶୁଣିଥିବା କଥାଟି ସତ ବୋଲି ନିଶ୍ଚିତ ହୋଇ ସେଠାରୁ ପଳାଇ ଆସିଲେ।

## ଟ୍ରେଣ୍ଡ୍ ପାଲଟିଛି ଛୁଆ ନିଖୋଜ

### ରାଜଧାନୀରୁ ନାବାଳିକା ଗାଏବ

**ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ):** ପୁଣି ରାଜଧାନୀ ଭୁବନେଶ୍ୱରର ଲକ୍ଷ୍ମୀସାଗର ଅଞ୍ଚଳରୁ ୯ ବର୍ଷର କୁନି ଝିଅ ନିଖୋଜ ହୋଇଯାଇଛି । ସିସିଟିଭିରେ କଏଦ ହୋଇଛି ନିଖୋଜ ବେଳର ଦୃଶ୍ୟ । କାହିଁକି ବଢୁଛି କୋମଳମତି ଶିଶୁଙ୍କ ନିଖୋଜ ସଂଖ୍ୟା ? ପୂର୍ବ ଶତ୍ରୁତା ଓ ଟଙ୍କା ପାଇଁ ବାଜିରେ ଲାଗୁଛି କି ଛୁଆଙ୍କ ଜୀବନ ? ଏପ୍ରିଲ ମାସ ୧୩ ତାରିଖ ବିଳମ୍ବିତ ରାତିରେ ଖାରବେଳନଗର ଥାନା ଅନ୍ତର୍ଗତ ରାମମନ୍ଦିର ସମ୍ମୁଖରୁ ଦୃଷ୍ଟିବାଧିତ ମହିଳାଙ୍କ ଠାରୁ ପିଲାଚୋରି ହୋଇଥିଲା। ପରେ ପରେ ଢେଙ୍କାଲାଙ୍ଗ ରତନପୁର ଅଞ୍ଚଳରେ ଶିଶୁକୁ ଅପହରଣ ହେଲା। ଏ ଘଟଣା ମନରୁ ଲିଭୁଣୁ ଏୟାରଫିଲଡ଼ ଥାନା ଅନ୍ତର୍ଗତ ପାଞ୍ଚଗାଁରୁ ପୁଣି ଅପହୃତ ହୋଇଥିଲା ଚତୁର୍ଥ ଶ୍ରେଣୀର ପିଲା । ଗତ ୧୯ ତାରିଖରେ ପଲାଶୁଣି ଅଞ୍ଚଳରୁ ୧୧ ବର୍ଷୀୟ ନାବାଳକ ନିଖୋଜ ପରେ ପୁଣି ସମେଇଗାଡ଼ିଆ ଓ ପାହାଳ ଅଞ୍ଚଳରୁ ନିଖୋଜ ୨ ଶିଶୁଙ୍କୁ ଉଦ୍ଧାର କରିଥିଲା ପୋଲିସ । ଏବେ ପୁଣି ସମାନ ଅଭିଯୋଗ ଆସିଛି ଲକ୍ଷ୍ମୀସାଗର ଅଞ୍ଚଳରୁ । ବିହାରରୁ ଆସି ଝାରପଡା ଅଞ୍ଚଳରେ ରହି ଏକ ଅଟୋମୋବାଇଲ ସଂସ୍ଥାରେ କାମ କରୁଥିବା ଜାଭେଦ ଅହମ୍ମଦ ନିଜ ଝିଅାରୀ ନିଖୋଜ ନେଇ ଥାନାରେ ଏତଲା କରିଛନ୍ତି । ଇଏ ହେଉଛି ନାବାଳିକା ଯିବା ବେଳର ସିସିଟିଭି ଦୃଶ୍ୟ । ଏକାଧିକ ସିସିଟିଭି ଭେରିଫିକେସନ, ହ୍ୟୁମାନ ଇଣ୍ଟେଲିଜେନ୍ସ ସହାୟତାରେ ନିଖୋଜ ପିଲାଟିକୁ ଉଦ୍ଧାର ପାଇଁ ଛାନଭିନ ଆରମ୍ଭ କରିଛି ପୋଲିସ । ➪ପୃଷ୍ଠା-୬



### କାନ ଡେରିଆ

ଆଇନ ଆଖିରେ ଧୂଳିଦେଇ ଏଠି
ଅଭିଯୁକ୍ତ ବୁଲୁଥାଏ
ଜେଲ ହାଜତକୁ ଡରନାହିଁ ବୋଧେ
ତେଣୁ ସେ ନିର୍ଭୟେ ରହେ
ଆଇନ ତା ବାଟରେ ଯାଏ...
ନିର୍ଦ୍ଦୋଷୀ ଏଇଠି ଦଣ୍ଡ ଭୋଗୁଅଛି
ଦୋଷୀ ଯେ ଖସି ପଳାଏ ।

■ ଦେବାଶିଷ

# ଦିଲ୍ଲୀରେ ରାଜ୍ୟ ବିକାଶର ରୋଡ୍‌ମ୍ୟାପ

- ବିକାଶ ସାଙ୍ଗକୁ ସାଙ୍ଗଠନିକ ଶକ୍ତିବୃଦ୍ଧି ନେଇ ଆଲୋଚନା
- ଓଡ଼ିଶା ବିକାଶରେ ଲୋଡ଼ିଲେ ଦିଲ୍ଲୀ ଇଞ୍ଜିନ୍‌ର ସହଯୋଗ

**ଭୁବନେଶ୍ୱର, ୭।୮(ସଂଚାର ବ୍ୟୁରୋ):** ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ଏକାକୀ ସରକାର ଗଠନ କରିଛି। ତେଣୁ ଲୋକଙ୍କ ଆଶା ଆକାଂକ୍ଷା ପୂର୍ବ ସରକାରଠାରୁ ଅଧିକ ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାର ଲୋକଙ୍କ ଆଶା ପୂରଣ ପାଇଁ ଉଦ୍ୟମ କରୁଥିବା ବେଳେ ଅନେକ କ୍ଷେତ୍ରରେ ପ୍ରଶାସନିକ ବିଫଳତା ବାଧକ ସାଜୁଛି। ତା'ସାଙ୍ଗକୁ ପୁଣି କିଛି ଆଇନଶୃଙ୍ଖଳା ପରିସ୍ଥିତି ସରକାରଙ୍କୁ ଅଡୁଆରେ ପକାଉଛି। ଏହାରି ଭିତରେ ଭିଜନ-୨୦୩୬ ଟାର୍ଗେଟ ହାସଲ କରିବାକୁ କେନ୍ଦ୍ର ମନ୍ତ୍ରୀମାନଙ୍କ ସହଯୋଗ ଲୋଡ଼ିଛନ୍ତି ମୁଖ୍ୟମନ୍ତ୍ରୀ। ଏହି କ୍ରମରେ ବୁଧବାର ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗୃହମନ୍ତ୍ରୀଙ୍କ ସହ ଏକାଧିକ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଭିଜନ-୨୦୩୬ ଓ ଭିଜନ-୨୦୪୭ରେ ରାଜ୍ୟର ଯୋଗଦାନ ନେଇ ଆଲୋଚନା କରିଛନ୍ତି।



ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଏଥରର ଦିଲ୍ଲୀ ଗସ୍ତ ରାଜ୍ୟ ରାଜନୀତିକୁ ନୂଆ ବାର୍ତ୍ତା ଦେଇଛି। ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରଠାରୁ ବିଭିନ୍ନ ଘଟଣା ଦୁର୍ଘଟଣା ସାଙ୍ଗକୁ ସାଙ୍ଗଠନିକ ପୁନର୍ବିନ୍ୟାସ ଚାପରେ ରହିଛନ୍ତି ଉଭୟ ଦଳ ଓ ସରକାର। ସେପଟେ ସାଧାରଣରେ ରାଜ୍ୟ ସରକାରଙ୍କ ପ୍ରତି ଲୋକଙ୍କ ଗ୍ରହଣୀୟତା ଯେତିକି ବଢୁଛି, ଆଶା ବି ସେତିକି ବଢୁଛି। ଏହାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ରାଜ୍ୟରେ ବିକାଶ ଧାରାକୁ କିଭଳି ତ୍ୱରାନ୍ୱିତ କରାଯାଇପାରିବ ଏବଂ ଏଦିଗରେ କେନ୍ଦ୍ରର ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଏକାଧିକ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବା ସହ ଦଳର ସବୁ ବରିଷ୍ଠ ନେତା ଓ ସାଂସଦଙ୍କ ସହ ଦିଲ୍ଲୀରେ ଆଲୋଚନା କରିଛନ୍ତି।

ସବୁଠୁ ବଡ଼ କଥା ହେଲା, ବର୍ତ୍ତମାନ ରାଜ୍ୟ ସରକାର ଏକ ଘଡ଼ିସନ୍ଧି ସମୟ ଦେଇ ଗତି କରୁଛନ୍ତି। ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣା ହେଉ କି ବଳଙ୍ଗା ପୀଡ଼ିତା କିମ୍ବା ପଟ୍ଟାମୁଣ୍ଡାଇରେ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା, ଏସବୁଥିରେ ରାଜ୍ୟ ସରକାର ଆରମ୍ଭରୁ କଠୋର କାର୍ଯ୍ୟାନୁଷ୍ଠାନ ନେଉଥିଲେ ବି ସାଧାରଣରେ ନିନ୍ଦିତ ହେଉଛନ୍ତି। ଏହିସବୁ ଘଟଣାରେ ସରକାର କାହା ପ୍ରତି ବି ପକ୍ଷପାତିତା କରିନାହାଁନ୍ତି, ତଥାପି ପୁଲିସର ଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସବୁଠୁ ବଡ଼ କଥା ହେଲା, ଘଟଣା ପରବର୍ତ୍ତୀ ପ୍ରଶାସନିକ ସ୍ତରରେ ପରିଚାଳନା ହିଁ ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏଥିସହ କିଛି ମନ୍ତ୍ରୀ, ବିଧାୟକ ଓ ନେତାଙ୍କ ବିବାଦୀୟ ବୟାନ ମଧ୍ୟ ସରକାରଙ୍କୁ ଅଡୁଆରେ ପକାଇବା ସହ ବିରୋଧୀଙ୍କୁ ରାଜନୀତିର ଖୋରାକ ଯୋଗାଉଛି।

ଏଭଳି ସ୍ଥିତିର କିଭଳି ମୁକାବିଲା କରାଯାଇପାରିବ ଏବଂ ଲୋକଙ୍କ ଆଶା ଆକାଂକ୍ଷାକୁ କେମିତି ନିର୍ଦ୍ଧାରିତ ➪ପୃଷ୍ଠା-୬

## ପୂର୍ବତନ ଉପବାଚସ୍ପତି ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ପରଲୋକ



**ଭୁବନେଶ୍ୱର, ୭।୮ (ସଂଚାର ବ୍ୟୁରୋ) :** ପୂର୍ବତନ ଉପବାଚସ୍ପତି ଓ ମନ୍ତ୍ରୀ ତଥା ଖଣ୍ଡପଡ଼ା ଗଡ଼ର ରାଜା ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କର ବୁଧବାର ବିଳମ୍ବିତ ରାତିରେ ପରଲୋକ ପରଲୋକ ହୋଇଯାଇଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ୭୦ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି । ହୃଦ୍ ରୋଗ ଜନିତ ସମସ୍ୟାରେ କିଛି ଦିନ ହେବ ସେ ଅସୁସ୍ଥ ଥିଲେ । ୧୯୮୦, ୧୯୮୫ ଓ ୧୯୯୫ ରେ ତିନି ଥର ସେ ଖଣ୍ଡପଡ଼ା ବିଧାନସଭା ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ସେ କଂଗ୍ରେସ ଦଳ ସହ ଦୀର୍ଘ ବର୍ଷ ଧରି ଜଡିତ ଥିଲେ। ମୃତ୍ୟୁ ଖବର ପାଇବା ପରେ ଅନେକ ମାନ୍ୟଗଣ ବ୍ୟକ୍ତି ତାଙ୍କ ଭୁବନେଶ୍ୱର ବାସଭବନରେ ପହଂଚି ଶେଷ ଦର୍ଶନ କରିଥିଲେ । ତାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ➪ପୃଷ୍ଠା-୬

# କାଠିଆପଡ଼ାରେ ବିଜେଡି ଟିମ୍

**ପଟ୍ଟାମୁଣ୍ଡାଇ,୭।୮ (ସଂଚାର ବ୍ୟୁରୋ):** ରାଜ୍ୟ ବିଜେଡି ସୁପ୍ରିମୋ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ରାଜ୍ୟ ବିଜେଡି ତଥ୍ୟ ଅନୁସନ୍ଧାନକାରୀ ଦଳ କଲେଜ ଛାତ୍ରୀ ଆତ୍ମଦାହ ଘଟଣାର ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରିବା ପାଇଁ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ସହିତ ଆଜି ସନ୍ଧ୍ୟାରେ କାଠିଆପଡା ଗାଁରେ ପହଂଚିଛି ଓ ଏହି ରାଜ୍ୟ ବିଜେଡି ଟିମରେ ପୂର୍ବତନ ମହିଳା, ଶିଶୁ ବିକାଶ ଓ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ସାଂସଦ ଡ଼ା ରାଜଶ୍ରୀ ମଲିକ, ରାଜ୍ୟ ମହିଳା ବିଜେଡି ସାଧାରଣ ସମ୍ପାଦିକା ଲୋରା ମହାପାତ୍ର, ରାଜ୍ୟ ବିଜେଡି ସଂଖ୍ୟାଲଘୁ ସାମୁଖ୍ୟ ଆବାହକ ରଜୁୱାନା ବେଗମ ସାମିଲ ଥିବାବେଳେ ତାଙ୍କ ସହିତ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ, ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭୋଳ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ରୋଶନା ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ କାଠିଆପଡା ଗାଁରେ ପହଂଚି ମୃତା ଛାତ୍ରୀ ପରିବାରକୁ ଭେଟି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ ଓ ପୋଲିସ ଅବହେଳା ପାଇଁ ସମ୍ପୃକ୍ତା କଲେଜ ଛାତ୍ରୀଙ୍କ ଅମୂଲ୍ୟ ଜୀବନ ଯାଇଛି ବୋଲି ରାଜ୍ୟ ବିଜେଡି ଟିମ ଅନୁଭବ କରିବା ସହିତ କର୍ତ୍ତବ୍ୟରେ ଅବହେଳା କରିଥିବା ପୋଲିସ ଅଫିସରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ମୃତ ପରିବାରକୁ ଉପଯୁକ୍ତ କ୍ଷତିପୂରଣ, ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଓ ଦୋଷୀକୁ କଠୋର ଦଣ୍ଡ ବିଧାନ ପାଇଁ ରାଜ୍ୟ ବିଜେଡି ଟିମ ସରକାରଙ୍କ ଠାରେ ଦାବୀ କରିଛି ।

# ବିଜେପି ପ୍ରତିନିଧିଦଳର ସ୍ଥିତି ଅନୁଧ୍ୟାନ

**କେନ୍ଦ୍ରାପଡ଼ା,୭।୮ (ସଂଚାର ବ୍ୟୁରୋ):** ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ପଡା ପଞ୍ଚାୟତ କାଠିଆପଡା ଗ୍ରାମରେ ନିଆଁରେ ପୋଡି ହୋଇ ଛାତ୍ରୀ ମୃତ୍ୟୁ ଘଟଣାର ଅନୁଧ୍ୟାନ କରିଛି ଶାସକ ବିଜେପି ଟିମ ଓ କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ସେଠୀ, କେନ୍ଦ୍ରାପଡ଼ା ବିଧାନସଭା ସଭା ବିଜେପି ପ୍ରାର୍ଥୀ ଗୀତାଞ୍ଜଳି ସେଠୀ, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ପଟ୍ଟାମୁଣ୍ଡାଇ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ନାରୀନେତ୍ରୀ କାନନବାଳା ଦାସ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଉପିନ ରାଉତ ଓ ଅମିତାଭ ସୁଆର, ସମ୍ପାଦକ ଚନ୍ଦନ ପାତ୍ର, ଯୁବନେତା ଅଭିଷେକ ଦାସ ଓ ସ୍ୱାଗତ ଦାସ ପ୍ରମୁଖ ବିଜେପି ନେତାମାନେ ମୃତା ଛାତ୍ରୀଙ୍କ ପରିବାରକୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିବା ସହିତ ଉପଯୁକ୍ତ ତଦନ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାରଙ୍କ ଠାରେ ଦାବୀ କରିଥିଲେ ।

# ପୀଡ଼ିତାଙ୍କ ପରିବାରକୁ ଭେଟିଲେ ବାମପନ୍ଥୀ ନେତା

**ପଟ୍ଟାମୁଣ୍ଡାଇ,୭।୮ (ସଂଚାର ବ୍ୟୁରୋ):** ବ୍ଲକ ବଡପଡା ପଞ୍ଚାୟତ ଛାତ୍ରୀ ମୃତ୍ୟୁ ଘଟଣାର ସ୍ଥିତି ଅନୁସନ୍ଧାନ ପାଇଁ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି ବାମପନ୍ଥୀ ଦଳ ନେତାମାନେ ଓ ଜିଲ୍ଲା ସି ପି ଏମ ଜିଲ୍ଲା ସମ୍ପାଦକ ଗୟାଧର ଧଳଙ୍କ ନେତୃତ୍ୱରେ ନରୋତ୍ତମ ପାର୍ଥସାରଥୀ, ସୋମନାଥ ବିଶ୍ୱାଳ, ଜିଲ୍ଲା କୃଷକ ସଭା ସମ୍ପାଦକ ବିଜୟ ଦାସ ଦାଶରଥୀ ସାହୁ, ଗୁଣମଣି ବେହେରା ପ୍ରମୁଖ କାଠିଆପଡା ଗାଁକୁ ଯାଇ ମୃତା ଛାତ୍ରୀ ପରିବାର ଲୋକ ମାନଙ୍କୁ ଭେଟି ଆଲୋଚନା କରିବା ସହିତ ଏହି ମାମଲାର ନ୍ୟାୟିକ ତଦନ୍ତ କରି ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ବିଧାନ ପାଇଁ ଦାବୀ କରିଥିଲେ।

## ପଞ୍ଚାୟତ ଫାସିଲିଟି ସେଣ୍ଟର ନିର୍ମାଣରେ ଚଞ୍ଚକତା

# କୁକୁଡ଼ା ଭାଡ଼ି କରି ଖାଇଗଲେ ସବୁତକ ଟଙ୍କା



- ସରକାରୀ ମାର୍ଗଦର୍ଶିକାକୁ ଫୁ
- ତଦନ୍ତ ହେଲେ ପଦାକୁ ଆସିବ ସତ

**ରାଜକନିକା, ୭।୮(ସଂଚାର ବ୍ୟୁରୋ):** ରାଜକନିକା ବ୍ଲକର ବିଭିନ୍ନ ପଞ୍ଚାୟତରେ ନିର୍ମାଣ ହୋଇଥିବା ପଞ୍ଚାୟତ ଫାସିଲିଟ୍ ସେଣ୍ଟର ବା ସୁବିଧା କେନ୍ଦ୍ର ଏବେ ଚର୍ଚ୍ଚାର ବିଷୟ ପାଲଟି ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଛି ବୋଲି ଅଭିଯୋଗ ହେଉଛି। ଏହାର ତଦନ୍ତ ହେଲେ ଅସଲ ସତ୍ୟ ପଦାକୁ ଆସିବ ବୋଲି ମଧ ଦାବି ହେଉଛି। ମିଳିଥିବା ସୂଚନା ଅନୁଯାୟୀ ୨୦୨୦ ସେପ୍ଟେମ୍ବର ୧୪ ତାରିଖରେ ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ର ପ୍ରକାଶିତ ତଥ୍ୟ ଅନୁସାରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ପଞ୍ଚାୟତ ଫାସିଲିଟ୍ ସେଣ୍ଟର ନିର୍ମାଣ ହେବ ବୋଲି ଉଲ୍ଲେଖ ରହିଥିଲା। ଏହି ଗୃହ ନିର୍ମାଣରେ କଂକ୍ରିଟ ପିଲାର, ପକ୍କା ଛାତ ସହିତ ଅନ୍ୟାନ୍ୟ ଆବଶ୍ୟକତା ଦିଗ ପ୍ରତି ବିଶେଷ ଧ୍ୟାନ ଦେବାକୁ ମଧ ମାର୍ଗଦର୍ଶିକାରେ ଉଲ୍ଲେଖ ରହିଛି। ବିଶେଷ ଭାବେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୬୯୮.୨୫ ସ୍କୋୟାର ଫୁଟ୍ ଭିତରେ ଏହି ଗୃହ ନିର୍ମାଣର ନିର୍ଦ୍ଦେଶ ରହିଥିବା ସତ୍ତ୍ୱେ କିନ୍ତୁ ଏହାର ବ୍ୟତିକ୍ରମ ପ୍ରାୟତଃ ପରିଲକ୍ଷିତ ହୋଇଛି।ବ୍ଲକର ନହୁଣୀ ପଞ୍ଚାୟତରେ ଇତି ମଧରେ ଫାସିଲିଟି ସେଟର ନିର୍ମାଣ ହୋଇଛି।ଏଥିପାଇଁ ଦଶ ଲକ୍ଷ ଟଙ୍କା ବ୍ୟୟ ବି ହୋଇଛି।ଏହି ଗୃହଟି କିନ୍ତୁ ପଞ୍ଚାୟତ କାର୍ଯ୍ୟାଳୟ ବାହାରେ ଏକ ସ୍ଥାନରେ ଅନ୍ୟ ଏକ କମ୍ୟୁନିଟ୍ ସେଣ୍ଟରର କାନ୍ଥକୁ ବ୍ୟବହାର କରା ଯାଇ ଗୃହଟି ନିର୍ମାଣ ହୋଇଛି। ବିଭାଗୀୟ ମାର୍ଗଦର୍ଶିକାକୁ ଫୁ ରେ ଉଡାଇ ବିଭାଗୀୟ ଜେଇ ଓ, ସରପଞ୍ଚ କିନ୍ତୁ ମିଳିମିଶି ଏମିତି ଗୃହ ନିର୍ମାଣ କରିଛନ୍ତି ଯେ ତାହା କୁକୁଡା ଭାଡିର ଭ୍ରମ ସୃଷ୍ଟି କରୁଛି।ଲୋକେ କୁକୁଡା ଭାଡି ଯୋଜନା ବି କହୁଛନ୍ତି।ତେବେ ଏହି ଗୃହ ନିର୍ମାଣରେ ପକ୍କା ଛାତ ନ ପଡ଼ି ଲୁହା ପାଇପ୍ ଦିଆ ଯାଇ ଟିଣ ଚାଦର ପଡ଼ିଥିବା ବେଳେ କେତେକ ସ୍ଥାନରେସ ବିମ୍ ଦିଆଯାଇନାହି।ଏହା ସହିତ ନିମ୍ନ ନିମ୍ନମାନର କାମ ହୋଇଥିବା ନେଇ ଅଭିଯୋଗ ହେଉଛି।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ବ୍ଲକର ଯେତେ ସ୍ଥାନରେ ଏହି ଫାସିଲିଟି ସେଣ୍ଟର ହୋଇଛି ସବୁଠି ଏକା ଧରଣର କାମ ହୋଇଥିବାରୁ ଜଣେ କେହି ବ୍ୟକ୍ତି ସେତେବେଳେ ନିର୍ମାଣ କରିଥିବାର ଜଳ ଜଳ ଦିଶୁଛି।ଏଥିରେ ଲକ୍ଷେରୁ କମ୍ ଟଙ୍କା ଖର୍ଚ୍ଚ ହୋଇ ସବୁତକ ଟଙ୍କା ହଡପ ହୋଇ ଥିବାର ଅନୁମାନ କରା ଯାଉଛି।ଯଦି ଏହାର ନିରପେକ୍ଷ ତଦନ୍ତ ହୁଅନ୍ତା ତେବେ ଅସଲ କଥା ପଦାକୁ ଆସି ପାରନ୍ତା ବୋଲି ବୁଦ୍ଧିଜିବୀ ମହଲରେ ଦାବି ହେଉଛି।

# ବେବି ଫ୍ରେଣ୍ଡଲି ହସ୍ପିଟାଲ ଭାବେ ଜିଲ୍ଲା ପୁରସ୍କୃତ



**କେନ୍ଦ୍ରାପଡା, ୭।୮(ସଂଚାର ବ୍ୟୁରୋ):** ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରର ଆଜି ଜୟଦେବ ଭବନର ଗୀତା ଭବନ, ଭୁବନେଶ୍ୱର ଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଙ୍କ ଠାରୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ା ର ଏଡିଏମ ଓ ମେଡିକାଲ ଡ. ପ୍ରମୋଦ କୁମାର ପ୍ରହରାଜ ମାନପତ୍ର ସହ ୧୦୦୦୦ ( ଦଶ ହଜାର ଟଙ୍କା) ଆୱାର୍ଡ଼ ଚେକ୍ ଗ୍ରହଣ କରିଛନ୍ତି। ପ୍ରକାଶ ଥାଉକି ରାଜ୍ୟ ସ୍ତରରୁ ଡ. ଆଦିତ୍ୟ ମହାପାତ୍ର, ଅତିରିକ୍ତ ନିର୍ଦ୍ଦେଶକ, ଶିଶୁ ସ୍ୱାସ୍ଥ୍ୟ ଓ ଜଗବନ୍ଧୁ ଭୋଇ, ଷ୍ଟେଟ ଡାଟା ମ୍ୟାନେଜର, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶା ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟର ପୁଷ୍ଟି ପୁନର୍ବାସ କେନ୍ଦ୍ର, ପ୍ରସବ ପରବର୍ତ୍ତୀ ସେବା ୱାର୍ଡ, ସ୍ୱତନ୍ତ୍ର ନବଜାତ ସେବା ୟୁନିଟ ଆଦିକୁ ମୂଲ୍ୟାୟନ କରିଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲା ଏହି ସମ୍ମାନ ଜନକ ପୁରସ୍କାର ପାଇଁ ହକଦାର ହୋଇଛି। କାର୍ଯ୍ୟକ୍ରମକୁ ଜିଲ୍ଲା ସ୍ତରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମନୋରଞ୍ଜନ ରାଉତ, ଏ ଡି ଏମ ଓ ମେଡ଼ିକାଲ ଡ. ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ସଚ୍ଚିଦାନନ୍ଦ ମିଶ୍ର, ବରିଷ୍ଠ ଶିଶୁ ବିଶେଷଜ୍ଞ ଡ. କିଶୋର ଚନ୍ଦ୍ର ମିଶ୍ର, ହସ୍ପିଟାଲ ମ୍ୟାନେଜର ସୁଭାସିସ ସାଠୁଆ, ପ୍ରଭାତ କୁମାର ନାୟକ, ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତି ରଂଜନ ପରିଡ଼ା, ଡିପିଏମ ଡ. ମନୋରଞ୍ଜନ ସାହୁ ପ୍ରମୁଖ ତଦାରଖ କରୁଛନ୍ତି। ଏଥି ପୂର୍ବରୁ ମଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଦୁଇଥର ଏହି ବେବି ଫ୍ରେଣ୍ଡଲୀ ହସ୍ପିଟାଲ୍ ଭାବେ ପୁରସ୍କୃତ ହୋଇଅଛି।

## କିଏ ଏହି ଜିତେନ୍ଦ୍ର ?

# ସାମାଜିକ ଗଣମାଧ୍ୟମରେ କରୁଛନ୍ତି ବାଚାଳାମି


Jitendra Kumar Nayak by Author
ତମ ସଂଚାର ଖବରକାଗଜ କୁ କେତେ ଜଣ ଦେଖନ୍ତି ପ୍ରଭାତ ବାବୁ... ଖବରକାଗଜ ବିକ୍ରି ହେଉନାହିଁ ବୋଲି ଏମିତି ମିଛ TRP ନେବା ପାଇଁ ବିକଳ କାହିଁକି ହେଉଛ...କାମ ଜଣେ କରିବ ତମେ ତାକୁ ପ୍ରଶଂସା ନକରି ଏମିତି ନିଜେ ନିଜର ପ୍ରଶଂସା କରିବା କେତେଦୂର ଠିକ୍...
8m Like Reply Hide 1

**କେନ୍ଦ୍ରାପଡ଼ା, ୭।୮(ସଂଚାର ବ୍ୟୁରୋ):** ସାମାଜିକ ଗଣମାଧମରେ ତାସ୍ଛଲ୍ୟ କରି କଟାକ୍ଷ ଶବ୍ଦ ଲେଖୁଛନ୍ତି। ଖବରକାଗଜ ସଂସ୍ଥାକୁ ମଧ ଛାଡ଼ୁ ନାହାଁନ୍ତି। ଦଳୀୟ ପ୍ରେମ ଏମିତି ଉଛୁଳୁଛି ଯେ ନିଜକୁ ସର୍ବେସର୍ବା ଭାବି ମନକୁ ଯାହା ଆସୁଛି କହୁଛନ୍ତି। ଖବର କାଗଜ ସଂସ୍ଥାର ନାମକୁ ଏଡିଟିଙ୍ଗ କରି ସେଥିରେ ନିର୍ଦ୍ଦିଷ୍ଟ ଜଣେ ନେତାଙ୍କ ନାମ ଲେଖି ସାମାଜିକ ଗଣମାଧମରେ ଘୁରାଉଛନ୍ତି।
ଏମିତି ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ୍ ଅଞ୍ଚଳରେ। ଅଞ୍ଚଳର ଜିତେନ୍ଦ୍ର କୁମାର ନାୟକ ବୋଲି ଜଣେ ଯୁବକ ଫେସବୁକ୍ ରେ ସଂଚାର ଖବରକାଗଜ କୁ ତାସ୍ଛଲ୍ୟ କରି ଲେଖିଥିବା ଜଣାପଡ଼ିଛି। ସେ ଲେଖିଛନ୍ତି ସଂଚାର ଖବରକାଗଜକୁ କେତେ ଜଣ ଦେଖନ୍ତି ? ଖବରକାଗଜ ବିକ୍ରି ହେଉନାହିଁ ବୋଲି ମିଛ ଟିଆରପି ନେବା ପାଇଁ କାହିଁକି ବିକଳ ହେଉଛ? ଏଠି ପ୍ରଶ୍ନ ଉଠୁଛି ଇଏ ଜିତେନ୍ଦ୍ର କିଏ? ଗୋଟିଏ ଖବରକାଗଜ ସଂସ୍ଥାକୁ ନେଇ ଏମିତି କଟାକ୍ଷ ଶବ୍ଦ ଲେଖିବାକୁ ଯାଙ୍କୁ କିଏ ଦେଲା ଅନୁମତି? କାହା ଛତ୍ରଛାୟାରେ ରହି ଏମିତି ଅଭଦ୍ରାମି କରୁଛି ଏହି ଯୁବକ? ରାଜ୍ୟରେ ଚାଲିଛି ଲୋକଙ୍କ ସରକାର। ସାଧାରଣ ଲୋକ ମୋହନଙ୍କ ନେତୃତ୍ୱକୁ ସମର୍ଥନ କରୁଥିବା ବେଳେ ଖୋଦ୍ ଜଣେ ଶାସକ ଦଳର ସମର୍ଥିତ ଯୁବକ ଏବେ ଗଣମାଧମ ସଂସ୍ଥାକୁ ମଧ କଟାକ୍ଷ କରିବାକୁ ପଛାଉ ନାହାଁନ୍ତି। ତେବେ କାହା ବ୍ୟକ୍ତିଗତ ଜୀବନକୁ ଇଙ୍ଗିତ କରିବାକୁ ଆମେ ଚାହୁଁ ନାହୁଁ। ବରଂ ଏକ ଗଣମାଧମ ସଂସ୍ଥା ପ୍ରତି ଏମିତି ଅଗଣତାନ୍ତ୍ରିକ ଆଚରଣ ଓ ମନ୍ତବ୍ୟକୁ ଆମେ ଦୃଢ଼ ନିନ୍ଦା କରୁଛୁ।
ଯୁବକ ଜଣକ ଙ୍କ ଗଣମାଧମ ସଂସ୍ଥା ଓ ପ୍ରତିନିଧିଙ୍କ ପ୍ରତି କରିଥିବା ବ୍ୟବହାର ଯାହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ଏହାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯିବା ସହ ଯୁବକଙ୍କ ମନ୍ତବ୍ୟରେ ସୁଧାର ଆଣିବା ପାଇଁ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ବାୟାବାବା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

**ମହାକାଳପଡ଼ା, ୭।୮(ସଂଚାର ବ୍ୟୁରୋ):** ଆଜି ଶ୍ରୀ ଶ୍ରୀ ବାୟା ବାବା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମହାବିଦ୍ୟାଳୟର ୪୮ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ମତବ୍ୟକ୍ତ କରିଥିଲେ। ଶିକ୍ଷା, ସଂସ୍କାର ଓ ସୃଜନଶୀଳତାର ଅନୁଷ୍ଠାନ ମହାବିଦ୍ୟାଳୟ। ଏହି ଅନୁଷ୍ଠାନରେ ଅନେକ କୋମଳମତି ଛାତ୍ରଛାତ୍ରୀ ମାନଙ୍କର ଭବିଷ୍ୟତ ଗଠନ କରାଯାଏ। ଆମ ଅଞ୍ଚଳର ଏହି ଭଳି ଏକ ଅନୁଷ୍ଠାନ ଶ୍ରୀ ଶ୍ରୀ ବାୟବାବା ମହାବିଦ୍ୟାଳୟ ୧୯୭୮ ମସିହାରୁ ଆଜି ପର୍ଯ୍ୟନ୍ତ ଅନେକ ଯୋଗ୍ୟ ମଣିଷ ତିଆରି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି। ଆମ ଅଞ୍ଚଳର କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ଦେବେନ୍ଦ୍ର ଜେନା, ବିଷ୍ଣୁ ପ୍ରସାଦ ବାହାଲିଆ ଆଦି ଅନେକ ମହାମାନବଙ୍କ ଉଦ୍ୟମରେ ମହାକାଳପଡା ପଞ୍ଚାୟତରେ ଏହି ବିଦ୍ୟାଳୟ ନାମାଚାର୍ଯ୍ୟ ବାୟବାବାଙ୍କ ନାମ ଅନୁସାରେ ପ୍ରତିଷ୍ଠା କରାଯାଇଥିଲା। ଏହି ମହାବିଦ୍ୟାଳୟରେ ଅଧୟନ କରି ଭଲ ମଣିଷ ହୋଇ ପାରିଲେ ଛାତ୍ର ଜୀବନ ସାର୍ଥକ ହୋଇ ପାରିବ। ସମସ୍ତଙ୍କ କର୍ତ୍ତବ୍ୟ ନିଷ୍ଠ ଅଧୟନ ଓ ଉଚ୍ଚ ଲକ୍ଷ ଭବିଷ୍ୟତ ପାଇଁ ସଫଳତା ଦେବ ବୋଲି ଶ୍ରୀ ନାୟକ ସମ୍ବୋଧିତ କରିଥିଲେ। ମୁଖ୍ୟ ବକ୍ତା ଭାବେ କେନ୍ଦ୍ରାପଡା ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ ଯୋଗ ଦେଇ ଛାତ୍ରଛାତ୍ରୀ ମାନେ ଶୃଙ୍ଖଳିତ ହେବା ସହ ସମୟାନୁବର୍ତ୍ତିତା ଏବଂ ଅଧୟନ ପ୍ରତି ଗୁରୁତ୍ୱ ଦେବା ପାଇଁ କହିଥିଲେ।

# ଚାନ୍ଦୋଳ ମାର୍କେଟ କମ୍ପ୍ଲେକ୍ସରୁ ଜବର ଦଖଲ ଉଚ୍ଛେଦ




**ଡେରାବିଶ,୭।୮(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ପଞ୍ଚାୟତର ମାର୍କେଟ କମ୍ପ୍ଲେକ୍ସରୁ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଚାନ୍ଦୋଳ ବଜାରରେ ଥିବା ପଞ୍ଚାୟତର ଏହି ମାର୍କେଟ କମ୍ପ୍ଲେକ୍ସରେ କେତେକ ବ୍ୟକ୍ତି ଗୃହକୁ ଜବରଦଖଲ କରି ରଖିଥିଲେ। ଦୀର୍ଘ ବର୍ଷ ହେବ ସେମାନେ ଗୃହ ଗୁଡ଼ିକୁ ନିଜ ଦଖଲରେ ରଖିଥିଲେ ହେଁ ପଞ୍ଚାୟତକୁ ଭଡ଼ା ଦେଉନଥିଲେ। ଏ ସମ୍ପର୍କରେ ପଞ୍ଚାୟତ ପକ୍ଷରୁ ସେମାନଙ୍କୁ ବାରମ୍ବାର ନୋଟିସ ଦିଆଯାଇଥିଲେ ହେଁ କିଛି ସୁଫଳ ମିଳିନଥିଲା। ପରେ ପଞ୍ଚାୟତ ପକ୍ଷରୁ ଏ ସମ୍ପର୍କରେ ବ୍ଲକ ପ୍ରଶାସନକୁ ଅବଗତ କରାଯିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଏହି ଅବସରରେ ବୁଧବାର ପୂର୍ବାହ୍ନରେ ଡେରାବିଶ ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ଭାସ୍କର ଚନ୍ଦ୍ର ବେହେରାଙ୍କ ଉପସ୍ଥିତ ରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଅତିରିକ୍ତ ତହସିଲଦାର ଶ୍ରୀ ବେହେରାଙ୍କ ସମେତ ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ କୁମାର ରଥ, ସରପଞ୍ଚ ସୁରେନ୍ଦ୍ର ମଲିକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚୈଧୁରୀ ଦୀପକ କୁମାର ପ୍ରମୁଖ ଜବରଦଖଲ ଉଚ୍ଛେଦ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ଜବର ଦଖଲରେ ଥିବା ଘର ଗୁଡ଼ିକର ତାଲା କଟାଯାଇ ପ୍ରଶାସନିକ ଅଧିକାରୀମାନେ ଏହି ଘରେ ନୂଆ ତାଲା ପକାଇ ଥିଲେ। ଏ ସମ୍ପର୍କରେ ସରପଞ୍ଚ ସୁରେନ୍ଦ୍ର ମଲିକ ତାଙ୍କ ପ୍ରତିକ୍ରିୟା ରଖି ଜବରଦଖଲ ଯୋଗୁଁ ପଞ୍ଚାୟତର ବ୍ୟାପକ ରାଜସ୍ୱ ହାନି ଘଟିଥିବା ବେଳେ ଖୁବ୍ ଶୀଘ୍ର ଏହି ଘରଗୁଡ଼ିକୁ ଭଡ଼ା ଦିଆଯିବାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

# ମଣ୍ଡଳସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ

- ଜିଲ୍ଲାସ୍ତରୀୟ ସ୍ୱାଧୀନତାଦିବସ ଉତ୍ସବକୁ ୯ଜଣ ଛାତ୍ରଛାତ୍ରୀ ଚୟନ



**ମାର୍ଶାଘାଇ,୭।୮ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଶିଳିପୁର ପ୍ରକଳ୍ପ ଉନ୍ନୀତ ଉପ୍ରା ବିଦ୍ୟାଳୟରେ ମାର୍ଶାଘାଇ ମଣ୍ଡଳ ସ୍ତରୀୟ ଚିତ୍ରାଙ୍କନ, ବକ୍ତୃତା, ଦେଶାତ୍ମବୋଧକ ସଂଗୀତ ଏବଂ ଗ୍ରୁପ ଡାନ୍ସ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଥିଲା। ମାର୍ଶାଘାଇ ବିଆରସିସି ତଥା ଭାରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ସୁଶାନ୍ତ କୁମାର ବେଉରା ପୌରୋହିତ୍ୟ କରିଥିଲେ। ବିଦ୍ୟାମନ୍ଦିରର ଛାତ୍ରୀ ଅପର୍ଣ୍ଣା ଦାସ, ଆକାଂକ୍ଷାକ୍ଷ ଶାସନିପଡ଼ା ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ଲେଙ୍କା, ଶିଳିପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବବିତା ସାହୁ, ରାମିଆ ଗଞ୍ଜ ବିଦ୍ୟାଳୟ ପ୍ରଧାନଶିକ୍ଷକ ପାର୍ଥସାରଥୀ ସାହୁ, ମାର୍ଶାଘାଇ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅମରେନ୍ଦ୍ର ଲେଙ୍କା ପ୍ରମୁଖ ଅତିଥି ଏବଂ ବିଚାରକ ଭାବେ ଯୋଗଦେଇଥିଲେ। ସିଆରସିସି ଦୀପକ ବେହେରା, ନିରଞ୍ଜନ ରାଉତ, ଗଗନ କୁମାର ସ୍ୱାଇଁ, ହୃଷିକେଶ ସ୍ୱାଇଁ, ଅରୂପାନନ୍ଦ ଜ୍ଞାନଭଦ୍ର ପରିଡା, ଲକ୍ଷ୍ମଣ ଦାସ, ନିମାଇଁ ଚରଣ ବେହେରା, ଶିଳିପୁର ସ୍କୁଲ ସହକାରୀ ଶିକ୍ଷୟିତ୍ରୀ ପଲ୍ଲବୀ ରାଉତ, ନିବେଦିତା ଦାସ, ଇତିଶ୍ରୀ ବେଉରା, ଅଜୟ କୁମାର ଭଦ୍ର ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ମାର୍ଶାଘାଇ ବ୍ଲକର ୫୮ ବିଦ୍ୟାଳୟର ୯୪ ଜଣ ଛାତ୍ର ଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ।

# ଶ୍ରୀକ୍ଷେତ୍ରରୁ ତୁଳସୀକ୍ଷେତ୍ରକୁ ଆସିଲା ପାଟରାକ୍ଷୀ



**କେନ୍ଦ୍ରାପଡ଼ା,୭।୮(ସଂଚାର ବ୍ୟୁରୋ):** ଶ୍ରୀକ୍ଷେତ୍ର ପୁରୀରୁ ତୁଳସୀକ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ପାଇଁ ପାଟରାକ୍ଷୀ ଆସିଛି। ଆମ ସଂସ୍କୃତିର ଅନନ୍ୟ ପର୍ବ ହେଉଛି ପବିତ୍ର ରକ୍ଷା ବନ୍ଧନ। ଏହି ଦିନରେ ସମସ୍ତ ଭଗିନୀମାନେ ତାଙ୍କ ଭାଇଙ୍କ ହସ୍ତରେ ରକ୍ଷା ବନ୍ଧନ କରିଥାନ୍ତି। ଶ୍ରୀବଳଭଦ୍ର ମହାପ୍ରଭୁ ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ମା' ସୁଭଦ୍ରା ରକ୍ଷା ବନ୍ଧନ କରିଥାନ୍ତି। ଏହି ଦିନ ମଧ ମହାପ୍ରଭୁ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଜନ୍ମ ଦିବସ। ପୁରୀ ଶ୍ରୀକ୍ଷେତ୍ରରୁ ମା' ସୁଭଦ୍ରା ପ୍ରତି ବର୍ଷ ତାଙ୍କ ବଡଭାଇ ବଡ଼ ବାଡ ସାମନ୍ତ କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଅଧିପତି ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ନିକଟକୁ ପାଟରାକ୍ଷୀ ପଠାଇଥାନ୍ତି। ସେହି ପରମ୍ପରା ଅନୁସାରେ ପାଟରାକ୍ଷୀ ଶୋଭାଯାତ୍ରା ମହା ଆଡମ୍ବରରେ ଶ୍ରୀକ୍ଷେତ୍ର ପୁରୀ ଧାମରୁ ବାହାରି ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାରେ ଗୁରୁବାର ପହିଛି। ପ୍ରତି ବର୍ଷ ଶ୍ରୀ ଜଗନ୍ନାଥ ପାଟସେବା ବିକାଶ ପରିଷଦ ପକ୍ଷରୁ ଏହି ଭବ୍ୟ ଆୟୋଜନ କରାଯାଇଥାଏ। ତୁଳସୀ କ୍ଷେତ୍ରାଧୀପତିଙ୍କ ନିକଟକୁ ଆସିଥିବା ଏହି ପାଟରାକ୍ଷୀ କେନ୍ଦ୍ରାପଡା ସହରର ତିନିମୁହାଣି ଛକରେ ପହିବା ପରେ ସେହି ପାଟରାକ୍ଷୀକୁ ସହରର ସମସ୍ତ ସ୍ଥାନ ମାନଙ୍କରେ ଭବ୍ୟ ସ୍ୱାଗତ କରାଯାଇଥିଲା। ତେବେ ଚଳିତ ବର୍ଷ ପରିଷଦର ଆନ୍ତର୍ଜାତୀୟ ସଭାପତି ତଥା ମା' ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାଶମହାପାତ୍ର, ପାଟସେବା ସଙ୍ଘ ପକ୍ଷରୁ ସୁରେଶ କୁମାର ପାଣିଗ୍ରାହୀ, ହିମାଂଶୁ ଶେଖର ସାହୁ, ବିଜୟ ପୃଷ୍ଟି, ଶୁଭେନ୍ଦୁ ସାହୁ, ଦୁର୍ଗା ଚରଣ ବେହେରା, ରାଜ୍ୟ ସଭାପତି ଆଶିଷ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ବିଭୁପ୍ରସାଦ ପୃଷ୍ଟି ଓ ଅନ୍ୟ ସଦସ୍ୟଙ୍କ ଦ୍ୱାରା ଆସିଥିବା ଏହି ରାକ୍ଷୀକୁ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ଦେବୋର ସଂସ୍ଥା ଓ ବଳଦେବ ସେନା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମନ୍ଦିର ଦେବୋର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଟ୍ରଷ୍ଟ ବୋର୍ଡ ସଦସ୍ୟ ଧିରେନ୍ ସାହୁ, ହୃଷୀକେଶ ରଥ, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ସୁପରଭାଇଜର ନୃସିଂହ ଚରଣ ପତ୍ରୀ ଓ ଜ୍ୟୋତିରଞ୍ଜନ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ମା' ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାଶମହାପାତ୍ର ପାଟରାକ୍ଷୀକୁ ବଡ଼ପଣ୍ଡା ମାଧବ ଚନ୍ଦ୍ର ପତ୍ରୀଙ୍କୁ ପ୍ରଦାନ କରିଥିଲେ। ସେହି ପାଟରାକ୍ଷୀକୁ ଭଣ୍ଡାର ଗୃହରେ ରଖାଯାଇଥିଲା।

# ବିଜେଡି ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



**କେନ୍ଦ୍ରାପଡା, ୭।୮(ସଂଚାର ବ୍ୟୁରୋ):** ଜିଲ୍ଲା ବିଜେଡି ତରଫରୁ ପଟ୍ଟାମୁଣ୍ଡାଇ କାଠିଆପଡା ଗ୍ରାମର ଯୁକ୍ତ ୩ ରାଜନୀତି ବିଜ୍ଞାନ ସ୍ନାତକ ଛାତ୍ରୀ ପି ଡି ସଙ୍ଗୀତାଙ୍କ ଆତ୍ମହତ୍ୟା ମାମଲାର କ୍ରାଇମବ୍ରାଂଚ ତଦନ୍ତ ସହ ୩ଦଫା ସମ୍ବଳିତ ଏକ ଦାବି ପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ବିଜେଡି ତରଫରୁ ଅଭିଯୋଗ କରାଯାଇଛି ରାଜ୍ୟରେ ବିଜେପି ସରକାର ଦାୟିତ୍ୱ ଗ୍ରହଣ କଲାପରେ ନାରୀ ନିର୍ଯ୍ୟାତନା, ବଳତ୍କାର, ଗଣଧର୍ଷଣ ଆଦି ଜଘନ୍ୟ ଅପରାଧ ଗୁଡିକ ନିରବଚ୍ଛିନ୍ନ ଭାବେ ଘଟି ଚାଲିଛି। ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣ କରିବା ଓ ନାରୀ ସୁରକ୍ଷା କୁ ନିଶ୍ଚିନ୍ତ କରିବା ଦିଗରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ପୋଲିସର ରାଜନୀତି କରଣ ଯୋଗୁଁ ଆଇନର ଶାସନ ବାଟ ହୁଡିଥିବା ବେଳେ ଅଯୋଗ୍ୟ ଓ ଅପାରଗ ପୋଲିସ ଅଧିକାରୀ ମାନେ ସରକାରଙ୍କ ବାହୁ ଛାୟା ତଳେ ରହି ନିଜ କର୍ତବ୍ୟ ଠାରୁ ଦୂରେଇ ଯାଇଛନ୍ତି। ବିଜୁ ଜନତା ଦଳ କାର୍ଯ୍ୟରେ ଅବହେଳା କରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସେମାନଙ୍କୁ ନିଲମ୍ବନ କରିବା ସହ ଜୀବନ ହରାଇଥିବା ଛାତ୍ରୀଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବା ଦାବି କରାଯାଇଛି। କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ, ହିରଣ୍ମୟ ପଣ୍ଡା, ହିବଜୁବୁର ରହେମାନ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ଜିଲ୍ଲାପାଳଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ

**କେନ୍ଦ୍ରାପଡା, ୭।୮(ସଂଚାର ବ୍ୟୁରୋ):** ଜିଲ୍ଲାରେ ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲାପାଳ ରଘୁରାମ ଆର ଆୟାର ଜିଲ୍ଲାର ବିଭିନ୍ନ କାର୍ଯ୍ୟକୁ ଗୁରୁତର ସହ ଦେଖୁଥିବା ବେଳେ ଜଣେ ଆଜନ୍ମ ଭିନ୍ନକ୍ଷମ ବ୍ୟକ୍ତିଙ୍କର ଦୀର୍ଘ ୨୫ ବର୍ଷର ଦାବିକୁ ପୂରଣ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତ (ଦୁତିଆଳ) ପୁରୁଷୋତ୍ତମପୁର ଗ୍ରାମର ପ୍ରସନ୍ନ କୁମାର କରଙ୍କ ପୁଅ ରାଜ କୀଶୋରଙ୍କ ଜନ୍ମରୁ ସଂପୂର୍ଣ୍ଣ ଭିନ୍ନକ୍ଷମ। ତାଙ୍କର ହାତ ଗୋଡ ଏବଂ ଆଖି କାମ କରୁ ନଥିବାରୁ ସେ ଆଧାର କାର୍ଡ କିମ୍ବା ଭୋଟର କାର୍ଡ ମଧ ନଥିବରୁ ତାଙ୍କର ରସନ କାର୍ଡ ହୋଇ ପାରୁନଥିବାରୁ ସେ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କୁ ଜନ ଅଭିଯୋଗ ଶୁଣାଣୀ ରେ ଗୁହାରୀ କରୁଥିବା ବେଳେ ଜିଲ୍ଲାପାଳ ରଘୁରାମ ଆର ଆୟାର ଉଠି ଆସି ତାଙ୍କୁ ତୁରନ୍ତ ରାସାନ କାର୍ଡ ପ୍ରଦାନ କରିବା ପାଇଁ ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀ (ସେଏସଓ)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ପରିବାର ଓ ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି।

## ସାମ୍ନାକୁ ଆସିଲା ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର

# ସ୍ୱାସ୍ଥ୍ୟ କାର୍ଡ ହୋଇପାରୁନି କଷ୍ଟ ସହୁଛନ୍ତି ଧନଞ୍ଜୟ



**ଗରଦପୁର,୭।୮(ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ସେବା ପାଉନାହାନ୍ତି ରୋଗୀ ସ୍ୱାସ୍ଥ୍ୟ କାର୍ଡ ସାଜିଛି ପ୍ରହସନ। ରାଜ୍ୟ ସରକାର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେଉଥିବା ବେଳେ ଦେଖିବାକୁ ମିଳିଛି ଏକ ବିକଳ ଚିତ୍ର। କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ୍ ଅନ୍ତର୍ଗତ ବେଡ଼ାରୀ ପଞ୍ଚାୟତର ବେଡ଼ାରୀ ଗ୍ରାମରେ ଥିବା ବଣିଆ ସାହିର ଜଣେ ମୁରବି ତୁଲ୍ୟ ବ୍ୟକ୍ତିଙ୍କର ଅବସ୍ଥା ଗୁରୁତର ହୋଇ ପଡ଼ିଛି। ବାରମ୍ବାର ମେଡିକାଲ ଦଉଡ଼ି ଦଉଡ଼ି ନ୍ୟାନ୍ତ ହୋଇଗଲେଣି ତାଙ୍କ ସହ ତାଙ୍କ ପରିବାର ଲୋକେ। ବିଜୁ ସ୍ୱାସ୍ଥ୍ୟ କାର୍ଡକୁ ଥିଲା ତାଙ୍କର ଭରଷା ତାହା ବି ପାଣି ଫଟକା ଭଳି ଉଭେଇଗଲା। ରାସନ୍ କାର୍ଡ ଧନଞ୍ଜୟ ସାହୁଙ୍କ ନାମ ଥିବା ବେଳେ ନା ହୋଇପାରୁଛି ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ। ବହୁ ଘରୋଇ ମେଡିକାଲ ବୁଲିଲା ପରେ ମଧ ପାଇ ପାରୁନାହାନ୍ତି ସେବା।ଡାକ୍ତରଙ୍କ କହିବା କଥା ଅପରେସନ କରିବାକୁ ପଡ଼ିବ ଆଘାତ ଲାଗିଥିବା ମେରୁଦଣ୍ଡ ରେ ଖର୍ଚ୍ଚ ହେବ ପାଖାପାଖି ତିନିରୁ ଚାରିଲକ୍ଷ ଯାହା ଧନଞ୍ଜୟ ଙ୍କ ଆର୍ଥିକ ସମ୍ବଳ ବାହାରେ। ବହୁ ଦୁଃଖ କଷ୍ଟରେ କାଳତିପାତ କରୁଛନ୍ତି ଧନଞ୍ଜୟ ଙ୍କ ପରିବାର। ରାସନ୍ କାର୍ଡରେ ନାମ ଥିଲେ ସୁଦ୍ଧା ମିଳୁନି ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ। ଆଧାର କାର୍ଡ ଓ ରାସନ୍ କାର୍ଡ ରେ ନାମ ଥିଲେ ମଧ ନଥିବା ସହ ସମାନ। କାହାର ଦାୟିତ୍ୱ ହୀନତା ଯୋଗୁଁ ହୋଇପାରୁନି ସ୍ୱାସ୍ଥ୍ୟ କାର୍ଡ। କେବେ ସୁଧୁରିବ ଗରିବଙ୍କ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର। ହାତ ଯୋଡ଼ି ଗୁହାରି କରିଛନ୍ତି ଧନଞ୍ଜୟ ସରକାରଙ୍କୁ। ଧନଞ୍ଜୟ ଙ୍କୁ ପୋଷୁଥିବା ଚାଳିଶି ବର୍ଷୀୟ ଭେଣ୍ଡିଆ ବଡପୁଅ ଟିର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ସେ ଚାରିବର୍ଷ ପୂର୍ବରୁ ଆରପାରିକୁ ଚାଲି ଯାଇଛନ୍ତି।

# ଅର୍ଥ ଫେରାଉନି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



**କେନ୍ଦ୍ରାପଡ଼ା,୭।୮(ସଂଚାର ବ୍ୟୁରୋ):** ଦୁହୁରିଆସ୍ଥିତ ବିଦ୍ୟା ଉଚ୍ଚ ମାଧମିକ ବିଦ୍ୟାଳୟ ଅର୍ଥ ଫେରସ୍ତ ଦେଉନଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ଦଶିପୁର ଗ୍ରାମର ବିପିନ ମଳିକ ଜିଲ୍ଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ପୁଅ ବିଶ୍ୱଜିତ ମଳିକଙ୍କର ବିଦ୍ୟା ଉଚ୍ଚ ମାଧମିକ ବିଦ୍ୟାଳୟରେ ଗତ ଜୁଲାଇମାସ ୪ତାରିଖରେ ଯୁକ୍ତ -୨ ବିଜ୍ଞାନ ପ୍ରଥମ ବର୍ଷରେ ଆଡମିଶନ ହୋଇଥିଲା। ଆଡମିସନ ବାବଦକୁ ବିଦ୍ୟା ଉଚ୍ଚ ମାଧମିକ ବିଦ୍ୟାଳୟ ୩୦ହଜାର ଟଙ୍କା ନେଇ ରସିଦ ଦେଇଥିଲେ। ବିପିନ ବିଶ୍ୱଜିତକୁ ବିଦ୍ୟାଳୟର ସାରଙ୍କ ଦାୟିତ୍ୱରେ ସେହିଦିନ ଛାଡି ଘରକୁ ଫେରିଯାଇଥିଲେ। କିନ୍ତୁ ୬ଦିନ ପରେ ତାଙ୍କ ପୁଅ ବିଶ୍ୱଜିତ ସେଠାରେ ରହିବାକୁ ଓ ପଢିବାକୁ ରାଜି ନହେବା ସମ୍ପର୍କରେ ଫୋନ ଯୋଗେ ବାପାଙ୍କୁ ଜଣାଇଥିଲେ। ଫଳରେ ତାଙ୍କ ବାପା ବିପିନ ବିଦ୍ୟାଳୟକୁ ଆସିଥିଲେ। ବିଦ୍ୟାଳୟ ପକ୍ଷରୁ ବିପିନଙ୍କୁ ତାଙ୍କ ପୁଅ ବିଶ୍ୱଜିତର ସାର୍ଟିଫିକେଟ ଫେରାଇ ଦିଆଯାଇଥିବା ବେଳେ ବିଦ୍ୟାଳୟ ଆଡମିସନ ବାବଦରେ ନେଇଥିବା ୩୦ହଜାର ଟଙ୍କା ତାଙ୍କୁ ଫେରସ୍ତ ଦେଇନଥିଲା। ଏନେଇ ବିପିନ ଜିଲ୍ଲାପାଳଙ୍କ ନିକଟରେ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ବିଶ୍ୱଜିତର ଆଡମିଶନ ବାବଦକୁ ନିଆଯାଇଥିବା ଅର୍ଥ ତାଙ୍କ ବାପାଙ୍କୁ ତୁରନ୍ତ ଫେରାଇବାକୁ ସଂପୃକ୍ତ ବିଦ୍ୟାଳୟକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ସବୁଜ ସଡ଼କ ନିର୍ମାଣରେ ଅନନ୍ୟ ପଦକ୍ଷେପ

# ବ୍ୟବହାର ହେବ ପ୍ଲାଷ୍ଟିକ ବର୍ଜ୍ୟ



**ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ):** ସହରାଞ୍ଚଳମାନଙ୍କରେ ରାସ୍ତା ନିର୍ମାଣରେ ପ୍ଲାଷ୍ଟିକ୍ ଅଳିଆ ବ୍ୟବହାର ଉପରେ ବିଚାରବିମର୍ଶ କରିବା ପାଇଁ ଓଡ଼ିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

ଶ୍ରୀମତୀ ପାଢ଼ୀ ସହରାଞ୍ଚଳ ଭିତ୍ତିଭୂମି ବିକାଶରେ ସ୍ଥାୟୀ ଏବଂ ପରିବେଶ-ଅନୁକୂଳ ଅଭ୍ୟାସ ଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆଲୋକପାତ କରିଥିଲେ ଯେ, ପ୍ଲାଷ୍ଟିକ୍ ଅଳିଆ, ବିଶେଷକରି ବୋତଲ ଏବଂ କ୍ୟାରୀ ବ୍ୟାଗ ଭଳି ଜିନିଷରୁ ବାହାରୁଥିବା ଅଳିଆକୁ ଖଣ୍ଡ ଖଣ୍ଡ କରି ଗରମ ବିଟୁମେନ୍ ଏବଂ ସମାହାର ସହିତ ମିଶ୍ରିତ କରି ରାସ୍ତା ନିର୍ମାଣ କରାଯାଇପାରିବ। ଏହି ପଦ୍ଧତି, ଯାହା ପୂର୍ବରୁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ସଫଳତାର ସହିତ କାର୍ଯ୍ୟକାରୀ କରାଯାଉଛି, କେବଳ ରାସ୍ତାର ସ୍ଥାୟିତ୍ୱ ଏବଂ ଗୁଣବତ୍ତା ବୃଦ୍ଧି କରେନାହିଁ ବରଂ ପ୍ଲାଷ୍ଟିକ୍ ଅଳିଆ ପରିଚାଳନା ପାଇଁ ଏକ କାର୍ଯ୍ୟକାରୀ ସମାଧାନ ଭାବରେ ମଧ୍ୟ କାର୍ଯ୍ୟକରେ।

ପ୍ରଦୂଷଣମୁକ୍ତ ଏବଂ ସ୍ଥାୟୀ ପରିବେଶ ହାସଲ କରିବା ପାଇଁ ପ୍ରତିବଦ୍ଧତାରେ, ଓଡ଼ିଶା ବର୍ତ୍ତମାନ ସମାନ ରଣନୀତି ଅନୁସନ୍ଧାନ କରୁଛି। ବୈଠକରେ ରାସ୍ତା ନିର୍ମାଣରେ ପ୍ଲାଷ୍ଟିକ୍ ଅଳିଆ ବ୍ୟବହାର କରି ରାଜ୍ୟର କିଛି ସହରାଞ୍ଚଳରେ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରିବାର ସମ୍ଭାବ୍ୟତା ଅନୁସନ୍ଧାନ କରାଯାଇଛି। ଏହି ପଦକ୍ଷେପ ପରିବେଶ ପ୍ରଦୂଷଣ ହ୍ରାସ କରିବାରେ ସାହାଯ୍ୟ କରିବ ଏବଂ ଏକ ବୃତ୍ତାକାର ଅର୍ଥନୀତି ପ୍ରତି ଯୋଗଦାନ ଦେବ ବୋଲି ମଧ୍ୟ ଆଲୋଚନା ହୋଇଥିଲା। ପାଇଲଟ ପ୍ରକଳ୍ପର ସଫଳତାକୁ ନେଇ ଆଗକୁ ବ୍ୟାପକ ଭାବେ କାର୍ଯ୍ୟକାରୀ କରିବାପାଇଁ ଲକ୍ଷ୍ୟ ରଖାଯାଇଛି।

ଖାରବେଳ ଭବନ ଠାରେ ଅନୁଷ୍ଠିତ ଉକ୍ତ ବୈଠକରେ ଡକ୍ଟର ଏନ. ଥିରୁମାଲା ନାଏକ, ଉପାଧ୍ୟକ୍ଷ, ବିଡିଏ, ଶ୍ରୀ ଜେ.ପି. ବର୍ମା, ପ୍ରକଳ୍ପ ନିର୍ଦ୍ଦେଶକ ଏନଏଚଏଆଇ, ଅବିନାସ ବେହେରା, ପ୍ରବନ୍ଧକ ଟେକ୍ନିକାଲ୍ ଆରଓ ଏନଏଚଏଆଇ, ବିଳାସ ବେହେରା ଇଆଇସି ପିଏଚ୍, ବିନୟ ଦାସ, ଅତିରିକ୍ତ ସଚିବ, ରତ୍ନାକର ସାହୁ, ଅତିରିକ୍ତ କମିଶନର, ବିଏମସି ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# କେନ୍ଦ୍ର ଇସ୍ପାତ ମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୭।୮(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଯାଜପୁର ସାଂସଦ ଡ଼ଃ ରବିନାରାୟଣ ବେହେରା କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଏଚଡ଼ି କୁମାର ସ୍ୱାମିଙ୍କୁ ତାଙ୍କ ବାସଭବନ କାର୍ଯ୍ୟାଳୟରେ ଭେଟିଥିଲେ। ରାଜ୍ୟର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମ ତଥା ଓଡ଼ିଶାରେ ଇସ୍ପାତ ଶିଳ୍ପର ବିକାଶ, ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ, ରାଜ୍ୟର ଶିଳ୍ପ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ଆଦି ବିଷୟରେ ଆଲୋଚନା କରିଥିଲେ।

ଏତଦ୍ ବ୍ୟତିତ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ସ୍ଥାନାନ୍ତରଣ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ପ୍ରକାଶ ଥାଉକି ମୁଖ୍ୟମନ୍ତ୍ରୀ କିଛିଦିନ ତଳେ ମଧ୍ୟ ଇସ୍ପାତ ମନ୍ତ୍ରୀଙ୍କୁ ଇସ୍ପାତ ପ୍ରତିଷ୍ଠାନ କଳିଙ୍ଗନଗରରୁ ରାଉରକେଲା ସ୍ଥାନାନ୍ତରିତ ବାତିଲ ପାଇଁ ଏକ ପତ୍ର ଲେଖିଥିଲେ। ଏହି ପରିପ୍ରେକ୍ଷିରେ ସାକ୍ଷାତ ସମୟରେ ଆଲୋଚନା ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସମନ୍ୱୟରେ କଳିଙ୍ଗନଗର ଠାରେ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନକୁ ସେଣ୍ଟର ଅଫ୍ ଏକ୍ସଲେନ୍ସ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରସ୍ତାବ ଦେଇଥିଲେ। ରାଜ୍ୟ ସରକାରଙ୍କ ତରଫରୁ ଭିତ୍ତିଭୂମି ନିର୍ମାଣ ଓ ଅସ୍ଥାୟୀ କ୍ୟାମ୍ପସ୍ ପାଇଁ ଆନୁସଙ୍ଗିକ ସାହାଯ୍ୟ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଇସ୍ପାତ ମନ୍ତ୍ରୀ ଗୁରୁତ୍ତର ସହ ବିଚାର କରି ବିଭାଗୀୟ ଅଧିକାରୀଙ୍କୁ ଇସ୍ପାତ ପ୍ରତିଷ୍ଠାନର ସ୍ଥାନାନ୍ତରିତ ଆଦେଶକୁ ବାତିଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଲୋଚନାରେ ଇସ୍ପାତ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଦୟା ନିଧନ ପାଣ୍ଡେ ପ୍ରମୁଖ ଭାଗ ନେଇଥିଲେ।

## ମହାନଦୀ ଜଳ ବିବାଦ ପ୍ରସଙ୍ଗ

# ସବୁ ତଥ୍ୟ ସାର୍ବଜନୀନ ହେଉ



**ଭୁବନେଶ୍ୱର, ୭।୮ (ସଂଚାର ବ୍ୟୁରୋ):** ମହାନଦୀ ଜଳ ବିବାଦର ସମାଧାନ କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ର ଜଳ ଆୟୋଗ ମନ୍ତ୍ରୀଙ୍କୁ ଭେଟିଛନ୍ତି। ତେବେ ସମାଧାନ ପାଇଁ କେନ୍ଦ୍ର ମନ୍ତ୍ରୀଙ୍କ ସହ କ'ଣ ଆଲୋଚନା କଲେ, ତାହା ସାର୍ବଜନୀନ ହେବା ଦରକାର ବୋଲି ବରିଷ୍ଠ ବିଜେଡି ନେତା ଦେବୀ ମିଶ୍ର କହିଛନ୍ତି। ମହାନଦୀ ଜଳ ବିବାଦର ସମାଧାନ ପାଇଁ ଆମେ ସୁପ୍ରିମ କୋର୍ଟ ପର୍ଯ୍ୟନ୍ତ ଯାଇଥିଲୁ। ହେଲେ ସମାଧାନ ହୋଇ ନଥିଲା। ବିଜେପି ସରକାର ଶାସନକୁ ଆସିବା ପରେ କହିଥିଲେ ଆମେ ମହାନଦୀ ଜଳ ବିବାଦର ସମାଧାନ କରିବୁ। ଏବେ ଟ୍ରିପଲ୍ ଇଞ୍ଜିନ୍ ସରକାର। ଆମେ ଆଶା କରୁଛୁ ଆପୋଷ ସମାଧାନ କରନ୍ତୁ। ଓଡ଼ିଶାବାସୀ ଆଶା ରଖିଛନ୍ତି। କିନ୍ତୁ ଓଡ଼ିଶା ମହାନଦୀରୁ ଯେତିକି ହକ୍ ପାଇବା କଥା ତିନୋଟି ଋତୁରେ ତାହା ପାଇବା ଦରକାର। କିଛି ଦିନ ତଳେ ବିରୋଧୀ ଦଳ ନେତା ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ ବୋଲି ସେ କହିଛନ୍ତି।

## ପଚ୍ଚାମୁଣ୍ଡାଇ ଛାତ୍ରୀ ଆତ୍ମଦାହ ଘଟଣା

# ତଦନ୍ତ ଦାୟିତ୍ୱ ତୁରନ୍ତ କ୍ରାଇମବ୍ରାଞ୍ଚକୁ ଦିଅ



**ଭୁବନେଶ୍ୱର, ୭।୮ (ସଂଚାର ବ୍ୟୁରୋ) :** ଗତକାଲି ପଚ୍ଚାମୁଣ୍ଡାଇ ସଦର ଥାନା ଅନ୍ତର୍ଗତ ଜଣେ +୩ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ମହିଳା ମାନେ ଅସୁରକ୍ଷିତ ହୋଇ ପଡିଥିବାର ସଦ୍ୟତମ ଉଦାହରଣ ବୋଲି ବିଜୁ ଜନତା ଦଳ କହିଛି। ରାଜ୍ୟରେ ନାରୀ ମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ଓ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ଉଦବେଗଜନକ ହୋଇ ପଡିଛି ବୋଲି ବିଜେଡି କହିଛି।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ବରିଷ୍ଠ ବିଜେଡି ନେତା ତଥା ବିଧାୟକ ପ୍ରତାପ ଦେବ କହିଥିଲେ, ପୀଡିତା ଛାତ୍ରୀ ଜଣକ ଜଣେ ଯୁବକ ଦ୍ୱାରା ଲଗାତାର ଭାବେ ବ୍ଲାକମେଲର ଶିକାର ହେଉଥିଲେ। ତାଙ୍କ ବାପାଙ୍କ କହିବା ଅନୁଯାୟୀ ସ୍ଥାନୀୟ ପୁଲିସ ତାଙ୍କ ଅଭିଯୋଗ ଗ୍ରହଣ କରି ନଥିଲା, ଯେଉଁଥି ପାଇଁ ସେ ବାଧ୍ୟହୋଇ ଏଭଳି ଚରମ ନିଷ୍ପତ୍ତି ନେଇଥିଲେ। ପୋଲିସର ସ୍ଥାଣୁତା ପାଇଁ ଗୋଟିଏ ମୂଲ୍ୟବାନ ଜୀବନ ଚାଲିଗଲା। ପୀଡ଼ିତାଙ୍କ ବାପାଙ୍କ ମନ୍ତବ୍ୟ ଅନୁଯାୟୀ, ଏହି ଘଟଣା ଘଟିବା ପରେ, ସେ ସ୍ଥାନୀୟ ପୋଲିସ ଥାନାକୁ ସୂଚନା ଦେଇଥିଲେ। କିନ୍ତୁ, ସେ ସୂଚନା ଦେବାର ଚାରି ଘଣ୍ଟା ପରେ ପୋଲିସ ତାଙ୍କ ଘରେ ପହଞ୍ଚି ଥିଲା। ଏହି ଘଟଣାରୁ ସ୍ପଷ୍ଟ ଅନୁମେୟ ଯେ, କେନ୍ଦ୍ରାପଡା ଜିଲ୍ଲାରେ ଓ ସମଗ୍ର ଓଡ଼ିଶାରେ ପୋଲିସ ପ୍ରଶାସନ ସ୍ଥାଣୁ ପାଲଟି ଯାଇଛି, ଯେଉଁଥିପାଇଁ ମହିଳାମାନଙ୍କ ବିରୋଧରେ ନିର୍ଯାତନା ଅହେତୁକ ବୃଦ୍ଧି ପାଇଛି।

## ରାଜ୍ୟରେ ଜୈବ-ଅର୍ଥନୀତିର ବିକାଶ ପାଇଁ ପଦକ୍ଷେପ

# ଆଇଆଇଏମ୍, ସମ୍ବଲପୁର ସହ ଚୁକ୍ତି କଲା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ



**ଭୁବନେଶ୍ୱର, ୭।୮(ସଂଚାର ବ୍ୟୁରୋ):** ରାଜ୍ୟରେ ଜୈବ-ପ୍ରଯୁକ୍ତି ଓ ଜୈବ-ସମ୍ବଳକୁ ଆଧାର କରି ଜୈବ-ଅର୍ଥନୀତି ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ ଆଇଆଇଏମ୍, ସମ୍ବଲପୁର ମଧ୍ୟରେ ଏକ ବୁଝାମଣାପତ୍ର ଆଜି ଖାରବେଳ ଭବନରେ ସ୍ୱାକ୍ଷରିତ ହୋଇଛି। ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏବଂ ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍‌ଙ୍କ ଉପସ୍ଥିତିରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ଶାସନ ସଚିବ ପୂଜା ମିଶ୍ର ଏବଂ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ବୁଝାମଣାପତ୍ର ଅନୁଯାୟୀ ରାଜ୍ୟରେ ଜୈବ-ଅର୍ଥନୀତି ସମ୍ଭାବନା ଥିବା କ୍ଷେତ୍ରଗୁଡ଼ିକୁ ବିଚାରକୁ ନେଇ ଏକ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଆଇଆଇଏମ୍, ସମ୍ବଲପୁର ପକ୍ଷରୁ ପ୍ରଦାନ କରାଯିବ। ଜୈବ-ଅର୍ଥନୀତି ରିପୋର୍ଟ ବିକଶିତ କରିବା, ଏ କ୍ଷେତ୍ରରେ ଥିବା ପ୍ରମୁଖ ଆହ୍ୱାନ ଓ ବିକାଶ ସୁଯୋଗର ମୂଲ୍ୟାୟନ କରି ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରସ୍ତୁତ କରାଯିବ। ଏହି ରିପୋର୍ଟ ଭବିଷ୍ୟତର ଜୈବ ଉଦ୍ୟୋଗ, ବିଶେଷ କରି ଜୈବ-ଅର୍ଥନୀତି ଏବଂ ସାଧାରଣ ଭାବେ ଆର୍ଥିକ ଅଭିବୃଦ୍ଧି ଦିଗରେ ଏକ ମାନଦଣ୍ଡ ଭାବେ ଉଭାହେବ ବୋଲି ଉଭୟ ପକ୍ଷ ଆଶାବ୍ୟକ୍ତ କରିଛନ୍ତି।

# ମ୍ୟାଲେରିଆ ଓ ଡେଙ୍ଗୁ ସ୍ଥିତିର ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ



**ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନରୁ ଆଭାସୀ ମାଧ୍ୟମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, କମିଶନର, ସିଡିଏମଓଙ୍କ ସହ ମ୍ୟାଲେରିଆ ଏବଂ ଡେଙ୍ଗୁ ରୋଗର ନିରାକରଣ ବାବଦରେ ସମୀକ୍ଷା କରିଥିଲେ। ସରକାର ଜନସ୍ୱାସ୍ଥ୍ୟ ସମସ୍ୟା, ମ୍ୟାଲେରିଆ ଏବଂ ଡେଙ୍ଗୁ ଓ ଅନ୍ୟାନ୍ୟ ଭେକ୍ଟର ବାହିତ ରୋଗ ଦୂରକରିବାରେ ପ୍ରତିବଦ୍ଧ ଏବଂ ଏଥିପାଇଁ ସମସ୍ତ ଅଧିକାରୀଙ୍କ ମିଳିତ ପ୍ରଚେଷ୍ଟାରେ ଏହାକୁ ଅଧିକ କ୍ରିୟାଶୀଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ମ୍ୟାଲେରିଆ ଏବଂ ଡେଙ୍ଗୁ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ତରଫରୁ ହେଉଥିବା ଔଷଧ ଯୁକ୍ତ ମଶାରୀ ବଣ୍ଟନ, କୀଟନାଶକ ସ୍ପ୍ରେ ବ୍ୟବସ୍ଥା ବାବଦରେ ପଚାରି ବୁଝିଥିଲେ। ଅଧିକ ରୋଗୀ ଥିବା ମ୍ୟାଲେରିଆ ପ୍ରବଣ ଅଞ୍ଚଳ ଜିଲ୍ଲାପାଳଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କହିଥିଲେ। ପ୍ରାକ ବର୍ଷା ଋତୁ ପାଇଁ ପ୍ରସ୍ତୁତି ଏବଂ ବର୍ଷା ସମୟରେ ପଦକ୍ଷେପ ଗୁଡିକ ସୂଚାରୁରୂପେ ସମ୍ପାଦନ ନିମନ୍ତେ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ମ୍ୟାଲେରିଆ ପାଇଁ ସକ୍ରିୟ ରୂପେ ସ୍କ୍ରିନିଂ ବ୍ୟବସ୍ଥାକୁ ଆବାସିକ ସ୍କୁଲ, ମ୍ୟାଲେରିଆ ପ୍ରବଣ ଅଞ୍ଚଳ, ପ୍ରବାସୀ ଶ୍ରମିକଙ୍କୁ ଅନ୍ତର୍ଭୁକ୍ତ କରିବା ସହ ଟେଷ୍ଟ ବଢାଇବାକୁ କହିଥିଲେ।

ଆଗାମୀ କିଛିଦିନ ମଧ୍ୟରେ କେନ୍ଦ୍ର ସରକାର ୧.୫୭ କୋଟି ଔଷଧ ଯୁକ୍ତ ମଶାରି ଯୋଗାଇବାକୁ ଯାଉଛନ୍ତି। ଏହାକୁ ଗ୍ରାଉଣ୍ଡ ଲେଭେଲରେ ଅଧିକାରୀମାନେ ତଦାରଖ କରି କିପରି ସୁବ୍ୟବହାର ହେବ ସେଥିପ୍ରତି ଧ୍ୟାନ ଦେବାକୁ କହିଛନ୍ତି। ଜନ ସଚେତନତା ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବ କ୍ଲବ, ଛାତ୍ର ଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଡେଙ୍ଗୁ ରୋଗ ପ୍ଲାଟଲେଟ ମହଜୁଦ ରଖିବାକୁ ସୁନିଶ୍ଚିତ କରିବା ସହ ମ୍ୟାଲେରିଆ ଏବଂ ଡେଙ୍ଗୁ ନିରାକରଣ ଟିମ ଗୁଡିକ ସଠିକ ଭାବେ କାମ କରିବାକୁ ଉପଦେଶ ଦେଇଥିଲେ। ଏହି ବୈଠକରେ ଅନୁଗୁଳ, ଭଦ୍ରକ, ବାଲେଶ୍ୱର, ବୌଦ୍ଧ, କଟକ, ଗଞ୍ଜାମ, ଗଜପତି, ଜଗତସିଂପୁର, ଖୋର୍ଦ୍ଧା, ନୟାଗଡ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ରାୟଗଡା, ମୟୂରଭଞ୍ଜ ଏବଂ ସୁନ୍ଦରଗଡ ଜିଲ୍ଲାର ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଡି ହୋଇଥିଲେ।

# ସ୍ତନ୍ୟପାନ ସମର୍ଥନରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ

**ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ଗୀତ ଗୋବିନ୍ଦ ସଦନରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ୨୦୨୫ ର ଶେଷ ଦିନରେ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହ ଉତ୍ସବ ପାଳନ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ରୂପେ ସଭାକୁ ସମ୍ବର୍ଦ୍ଧିତ କରି ରାଜ୍ୟରେ ସ୍ତନ୍ୟପାନ ପ୍ରଚାର, ସୁରକ୍ଷା ଓ ସମର୍ଥନ ପାଇଁ ଏକ ଦୃଢ, ସମଗ୍ର ଏବଂ ସମୁଦାୟ ଭାଗୀଦାରି ମାଧ୍ୟମରେ ପ୍ରତିବଦ୍ଧତା ବ୍ୟକ୍ତ କରିଛନ୍ତି। ମା' କ୍ଷୀର ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବଢାଉଛି। ଶତପ୍ରତିଶତ ସ୍ତନ୍ୟପାନ ପାଇଁ ମା' ମାନେ ସଂକଳ୍ପ ନେବା ପାଇଁ ମନ୍ତ୍ରୀ ଡ଼ ମହାଲିଙ୍ଗ ଅନୁରୋଧ କରିଥିଲେ। ଅଗଷ୍ଟ ୧ ରୁ ୭ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ବିଶ୍ୱ ସ୍ତନ୍ୟପାନ ସପ୍ତାହ ସାରା ବିଶ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ, ଯାହା ଦ୍ୱାରା ସ୍ତନ୍ୟପାନ ଅଭିଯାନରେ ନୂତନ ଉତ୍ସାହ ଅଣାଯାଇହେବ ସେ କହିଛନ୍ତି। ସ୍ୱାସ୍ଥ୍ୟ, ସଂସ୍ଥାନ ଉଭୟ ସ୍ତରରେ ମା ମାନଙ୍କୁ ସମର୍ଥନ ଦେବା ଦ୍ୱାରା ଏହି ଲକ୍ଷ୍ୟକୁ ପୂରଣ କରିପାରିବା ବୋଲି ସେ କହିଛନ୍ତି।

ସୂଚନା ଅନୁସାରେ, ଶତକଡା ୬୮.୫୬ ପ୍ରତିଶତ ମାଆ ଜନ୍ମ ପରେ ପ୍ରଥମ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ ଆରମ୍ଭ କରନ୍ତି। ଶତକଡା ୭୨.୯ ପ୍ରତିଶତ ଶିଶୁ ଜନ୍ମ ପରେ ପ୍ରଥମ ଛଅ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ କରନ୍ତି। ଶତକଡା ୬୭.୫ ପ୍ରତିଶତ ଶିଶୁ ଛଅ ମାସ ପରେ ସ୍ତନ୍ୟପାନ ସହିତ ପୂରକ ଖାଦ୍ୟ ଆରମ୍ଭ କରନ୍ତି। ଏହି ଅବସରରେ ବ୍ୟାପକ ସ୍ତନ୍ୟପାନ ପରିଚାଳନା କେନ୍ଦ୍ର, ସ୍ତନ୍ୟପାନ ପରିଚାଳନା କେନ୍ଦ୍ର, ଶିଶୁଙ୍କ ପାଇଁ ଉପଲବ୍ଧ ଶ୍ରେଷ୍ଠ ପ୍ରୟାସିତ ହସ୍ପିଟାଲ, ପୃଷ୍ଟି ପୁନର୍ବାସ କେନ୍ଦ୍ର ରେ ଶ୍ରେଷ୍ଠ ପୁରସ୍କୃତ ମେଡିକାଲ କୁ ସମ୍ବର୍ଦ୍ଧିତ କରିଥିଲେ।

# ପୁରୀରେ ବିଜେଡିର ୬ଘଣ୍ଟିଆ ବନ୍ଦ ପାଳନ



**ପୁରୀ,୭।୮(ସଂଚାର ବ୍ୟୁରୋ):** ବଳଙ୍ଗା ମାମଲାରେ ପୀଡିତାଙ୍କ ପ୍ରତି ହୋଇଥିବା ଅନ୍ୟାୟର ପ୍ରତିବାଦରେ, ପୁରୀ ଜିଲ୍ଲାରେ ବିଜୁ ଜନତା ଦଳ ଦ୍ୱାରା ଡାକରା ଦିଆଯାଇଥିବା ୬ ଘଣ୍ଟିଆ ବନ୍ଦ ଡାକରାରେ ଚକ-ଅଖ ଜାମ୍ କରିବାରେ ସକ୍ଷମ ହୋଇଛି। ସକାଳ ୬ଟାରୁ ଆରମ୍ଭ ହୋଇଥିବା ଏହି ବନ୍ଦ ମଧ୍ୟାହ୍ନ ୧୨ରେ ଶେଷ ହୋଇଛି। ବିଜେଡି କର୍ମୀମାନେ ବିଭିନ୍ନ ଛକରେ ପିକେଟିଂ କରିଥିଲେ। ରିପୋର୍ଟ ଅନୁସାରେ, ପୀଡିତାଙ୍କୁ ନ୍ୟାୟ ଦାବି କରି ବିଜେଡି କର୍ମୀମାନେ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରିଥିଲେ। ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥିଙ୍କ ନେତୃତ୍ୱରେ ଦଳୀୟ କର୍ମୀ ଏବଂ ସମର୍ଥକମାନେ ପିପିଲିରେ ଏକ ପ୍ରତିବାଦ ପ୍ରଦର୍ଶନ କରି ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ଏବଂ ବଜାର ଅବରୋଧ କରିଥିଲେ। ପିପିଲି ପୌରପାଳିକା ଅଧ୍ୟକ୍ଷ ଶେଖ୍ ବାବୁ, ଜିଲ୍ଲା ପରିଷଦ ସଦସ୍ୟ ଧରଣୀଧର ସାହୁ ଏବଂ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଦେବାଶିଷ ନନ୍ଦଙ୍କ ସମେତ ବିକ୍ଷୋଭକାରୀମାନେ ଟାୟାର ଜାଳି ପିପିଲି ଟୋଲ୍ ପ୍ଲାଜା ଛକ, ଉତ୍ତରା ଛକ, ମଙ୍ଗଳପୁର ବଜାର ଏବଂ ସାତଶଙ୍ଖ ବଜାର ସମେତ ପ୍ରମୁଖ ଛକଗୁଡ଼ିକୁ ଅବରୋଧ କରିଥିଲେ। ୬ ଘଣ୍ଟିଆ ବନ୍ଦ ଯୋଗୁ ପୁରୀର ଦୈନନ୍ଦିନ ଜୀବନ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡ଼ିଥିଲା। ଦୋକାନ, ବଜାର, କାର୍ଯ୍ୟାଳୟ ଏବଂ ଯାନବାହାନ ଚଳାଚଳ ଠପ୍ ହୋଇଯାଇଛି। ବନ୍ଦର ପ୍ରଭାବରେ, ବଡ଼ ଦାଣ୍ଡରେ ଦୋକାନ, ବଜାର, କାର୍ଯ୍ୟାଳୟ ଏବଂ ଯାନବାହାନ ବନ୍ଦ ରହିଥିଲା। ନିମାପଡ଼ା ଅଞ୍ଚଳରେ ବନ୍ଦ ଡାକରାର ପ୍ରଭାବ ଦେଖିବାକୁ ମିଳିଥିଲା। ବିଜେଡି ବିଧାୟକ ପ୍ରାର୍ଥୀ ବରିଷ୍ଠ ନେତା ଦିଲ୍ଲୀପ ନାୟକଙ୍କ ନେତୃତ୍ୱରେ ନିମାପଡ଼ା, ବଳଙ୍ଗା, ହରିପୁର, ରଚିଲ ଧନୁଆ, ବାମନାଳ ଆଦି ବିଭିନ୍ନ ଛକଠାରେ ଟାୟାର ଜାଳି ଶାନ୍ତିପୂର୍ଣ୍ଣ ଭାବେ ରାସ୍ତା ଅବରୋଧ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର ଜେନା, ମାନସ ପ୍ରଧାନ, ଦିଲ୍ଲୀପ ପାତ୍ର,ସମିତି ସଭ୍ୟ ସୁନିଲ୍ ରଥ,ସତ୍ୟବାଦୀ ମହାପାତ୍ର,ସୁଭଦ ଛାଟୋଇ, ରଶ୍ମିରେଖା ଦାଶ,ସରପଞ୍ଚ ରାକେଶ କୁମାର ବାରିକ,ଦିପକ ଦାଶ, ସନ୍ତୋଷ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ଉପମୁଖ୍ୟମନ୍ତ୍ରୀଙ୍କ ୫ ଜିଲ୍ଲା ଗସ୍ତ

**ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ):** ଆସନ୍ତାକାଲିଠାରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ୫ଟି ଜିଲ୍ଲା ଗସ୍ତ କରିବେ। ସେ ୫ ଦିନ ଭିତରେ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର ଓ ସୋନପୁର ଜିଲ୍ଲା ବୁଲିବେ। ଏହି ଗସ୍ତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କୋଟିଆ ଗସ୍ତ କରି କୋଟିଆ ଅଞ୍ଚଳର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସହ ସୁଭଦ୍ରା ଯୋଜନାର ସମୀକ୍ଷା କରିବେ। ଏଥିସହ ଆସନ୍ତା ୯ ତାରିଖ ରାକ୍ଷୀ ପୂର୍ଣ୍ଣିମା ଅବସରରେ କୋରାପୁଟରେ ଆୟୋଜିତ ହେବାକୁ ଥିବା ସୁଭଦ୍ରା ତୃତୀୟ କିସ୍ତି ପ୍ରଦାନ ସମାରୋହରେ ମଧ୍ୟ ସେ ଯୋଗଦେବେ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ୫ଟି ଜିଲ୍ଲାରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନାଗୁଡିକର ସମୀକ୍ଷା କରିବା ସହ ଆଗାମୀ କାର୍ଯ୍ୟକ୍ରମ ଓ ପ୍ରକଳ୍ପଗୁଡିକର କାର୍ଯ୍ୟନ୍ୱୟନ ସମୀକ୍ଷା ମଧ୍ୟ କରିବେ।

# ଗଞ୍ଜାମର ନାବାଳିକାକୁ ଦୁଷ୍କର୍ମ; ଅଭିଯୁକ୍ତ ଅଟକ



**ବ୍ରହ୍ମପୁର,୭।୮ (ସଂଚାର ବ୍ୟୁରୋ) :** ଗଞ୍ଜାମର ଜଣେ ନାବାଳିକାକୁ ଦୁଷ୍କର୍ମ କରାଯାଇଛି। ଦୁଷ୍କର୍ମର ଶିକାର ହୋଇଥିବା ନାବାଳିକା ଜଣକ ନିଜ ପରିବାର ସହ ଦୀର୍ଘ ୧୪ ବର୍ଷ ଧରି ମୁମ୍ବାଇରେ ରହିଆସୁଛନ୍ତି। ଗତ ମାର୍ଚ୍ଚ ମାସରେ ଯୁବକ ଜଣକ ନିଜ ଘରକୁ ନେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଦୁଷ୍କର୍ମକାରୀ ଯୁବକ ଜଣକ ନାବାଳିକାକୁ ଧମକ ଦେବା ସହ ଘଟଣା ପ୍ରଘଟ କଲେ ହତ୍ୟା ଧମକ ଦେଉଥିଲା। ଏନେଇ ନାବାଳିକା ଜଣକ ଚୁପ ହୋଇ ରହିଥିଲେ। ପରେ ଗର୍ଭବତୀ ହେବା ପରେ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଅବଗତ କରିଥିଲେ ନାବାଳିକ। ସେପଟେ ନାବାଳିକର ପରିବାର ଲୋକେ ସଂପୃକ୍ତ ଯୁବକର ପରିବାର ଲୋକଙ୍କୁ ପଚାରିବାରୁ ପୁଣି ଧମକ ମିଳିଥିଲା। ଏପରିକି ନାବାଳିକାର ଗର୍ଭପାତ କରିବା ଲାଗି ବିଭିନ୍ନ ଔଷଧ ମଧ୍ୟ ଦେଇଥିଲେ। ତାଙ୍କ ନିଜ ଘର ଗଞ୍ଜାମ ହୋଇଥିବାରୁ ପରିବାର ଲୋକେ ନାବାଳିକାଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ଆଣି ଗର୍ଭପାତ କରିବା ଲାଗି ଭର୍ତ୍ତି କରିଥିଲେ। ମେଡିକାଲର ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ଭର୍ତ୍ତି ହୋଇଥିବା ବେଳେ ନାବାଳିକା ଜଣକ ଗର୍ଭବତୀ ଥିବା ନେଇ ମେଡିକାଲ ପକ୍ଷରୁ ଏମଏଲସି (ମେଡିକୋ ଲିଗାଲ କମ୍ପ୍ଲେନ) ବ୍ରହ୍ମପୁର ବୈଦ୍ୟନାଥପୁର ଥାନାରେ କରାଯାଇଥିଲା। ଏହି ଅଭିଯୋଗ ପାଇବା ପରେ ପୋଲିସ ତୁରନ୍ତ ମେଡିକାଲରେ ପହଞ୍ଚି ତଦନ୍ତ କରିବା ସହ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲା। ଏନେଇ ବୈଦ୍ୟନାଥପୁର ଥାନା ପୋଲିସ ଏଫଆଇଆର ରୁଜୁ କରିଥିଲା। ମାମଲା ରୁଜୁ କରି ମହାରାଷ୍ଟ୍ରର ପାର୍କ ସାଇଟ ଥାନାକୁ ସ୍ଥାନାନ୍ତର କରିଥିଲା। ଫଳରେ ଦୁଷ୍କର୍ମକାରୀ ଯୁବକ ପ୍ରଥମେଶ ସଞ୍ଜୟ ଥୋରାଟକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ।

# ମୃତ୍ୟୁ ପରେ ୩ ଜଣଙ୍କ ଜୀବନ ବଞ୍ଚାଇଦେଲେ କୁନ୍ତଳା

## ଜିଲ୍ଲା ପୁଲିସ ପକ୍ଷରୁ ଦିଆଗଲା ଗାର୍ଡ ଅଫ ଅନର



**ନୟାଗଡ଼,୭।୮(ସଂଚାର ବ୍ୟୁରୋ):** ଗାଁ ମଶାଣିରେ ଚାଲିଛି ଜଣେ ମହିଳାଙ୍କ ଅନ୍ତିମ ସଂସ୍କାର। ମୃତ ମହିଳାଙ୍କ ନାଁ ହେଉଛି କୁନ୍ତଳା। କିନ୍ତୁ କୁନ୍ତଳା ଏମିତି କିଛି ମହାନ କାମ କରିଯାଇଛନ୍ତି ଯେ ତାଙ୍କ ମୃତ୍ୟୁ ପରେ ତାଙ୍କୁ ଗାର୍ଡ଼ ଅଫ ଅନର ଦିଆଯାଉଛି। କୁନ୍ତଳା ଆମ ପରି ଜଣେ ସାଧାରଣ ମଣିଷ। କିନ୍ତୁ ଆଜି ତାଙ୍କ ମୃତ୍ୟୁରେ ସାରା ଗାଁ ଲୁହ ଗଡ଼ାଉଛି। କାହିଁକି ନା ମୃତ୍ୟୁ ପରେ ୩ ଜଣଙ୍କ ଜୀବନ ବଞ୍ଚାଇଛନ୍ତି କୁନ୍ତଳା। କୁନ୍ତଳାଙ୍କ ବିୟୋଗରେ ଆଖି ଲୁହକୁ ଓଠରେ ଚାପି ରଖି ପରିବାର ଲୋକେ କରିଛନ୍ତି ଅଙ୍ଗଦାନ ଭଳି ମହତ କାର୍ଯ୍ୟ। ଯାହା ପରେ କୁନ୍ତଳାଙ୍କୁ ଦିଆଯାଇଛି ଗାର୍ଡ ଅଫ ଅନର।

ନୟାଗଡ ଜିଲ୍ଲା ରଣପୁର ବ୍ଲକ ଗୌରାଙ୍ଗପୁର ପଞ୍ଚାୟତ ଲେମ୍ବୁଡିହ ଗାଁର କୁନ୍ତଳା ନନ୍ଦ। ଗତ ମାସ ୨୯ ତାରିଖ ରାତିରେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ସାପ କାମୁଡିବା ପରେ ତାଙ୍କୁ ତୁରନ୍ତ ନୟାଗଡ ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ପରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଥିଲେ କୁନ୍ତଳା। କିନ୍ତୁ ଗତ ସୋମବାର ଦିନ ଏମ୍ସ ଡାକ୍ତର ତାଙ୍କୁ ବ୍ରେନ ଡେଡ୍ ରେ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ୨ ପୁଅ ଓ ସ୍ୱାମୀ ଭାଙ୍ଗି ପଡ଼ିଥିଲେ। ଗାଁରେ ଶୋକର ଛାୟା ଖେଳିଯାଇଥିଲା। ଗ୍ରାମବାସୀ ଓ ପରିବାର ଲୋକ ନୟାଗଡ ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ଅବହେଳାକୁ ମହିଳାଙ୍କ ମୃତ୍ୟୁର କାରଣ ବୋଲି ଅଭିଯୋଗ କରିଥିଲେ।

କୁନ୍ତଳାଙ୍କ ମୃତ୍ୟୁ ପରେ ଅଙ୍ଗଦାନ କରିବା ପାଇଁ ପରିବାର ଲୋକଙ୍କୁ ବୁଝାଇଥିଲେ ଏମ୍ସ ଡାକ୍ତର। ପରିବାର ଲୋକ କୁନ୍ତଳାଙ୍କ କିଡନୀ ଓ ଯକୃତ ଦାନ କରିବାକୁ ରାଜି ହୋଇଥିଲେ। ଡାକ୍ତର ସଫଳତାର ସହିତ ଅସ୍ତ୍ରୋପ୍ରଚାର କରି କୁନ୍ତଳାଙ୍କ କିଡନୀ ଓ ଯକୃତକୁ ନେଇ ୩ ଜଣ ଯୁବକଙ୍କ ମଧ୍ୟରେ ପ୍ରତ୍ୟାରୋପଣ କରାଇଥିଲେ। ସଫଳତାର ସହିତ ପ୍ରତ୍ୟାରୋପଣ ହେବା ପରେ ସମସ୍ତ ଯୁବକ ସୁସ୍ଥ ଅଛନ୍ତି। ପରିବାରର ଏଭଳି ମହତ କାର୍ଯ୍ୟ ପାଇଁ କୁନ୍ତଳାଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟଦା ଦିଆଯାଇଛି। ଜିଲ୍ଲା ପୋଲିସ ପକ୍ଷରୁ ଶ୍ମଶାନରେ ଗାର୍ଡ ଅଫ ଅନର ଦିଆଯାଇଛି। ଏଭଳି ମହାନ କାର୍ଯ୍ୟ ପାଇଁ କୁନ୍ତଳା ଲୋକଙ୍କ ମନରେ କେବଳ ମହାନ ନୁହେଁ ଅମର ହୋଇ ଯାଇଛନ୍ତି। ଆଖି ବୁଜିବା ପରେ ମଧ୍ୟ ଅନ୍ୟ ପରିବାର ମୁହଁରେ ହସ ଫୁଟାଇ ପାରିଛନ୍ତି କୁନ୍ତଳା।

# ମଶାଣି ଯିବାକୁ ରାସ୍ତା ଖୋଜୁଛି ଶବ



**କୋରାପୁଟ,୭।୮(ସଂଚାର ବ୍ୟୁରୋ):** ଛାତିଏ ପାଣିରେ ମରଶରୀର ଧରି ନଦୀ ପାର ହେଉଛନ୍ତି ଲୋକେ। କୋକେଇ ଧରି ବାହାରିଛନ୍ତି ସତ କିନ୍ତୁ ବାଟ ଓଗାଳୁଛି ଭରା ନଈ। ଗାଁ ଶେଷ ମୁଣ୍ଡରେ କୋକେଇ ଧରି ବାହାରିଛନ୍ତି ସାହି ଭାଇ। କୋକେଇ ଉପରେ ମରଶରୀର, ଯାହାର ଠିକଣା ମଶାଣି। କିନ୍ତୁ ଏଠି ମଶାଣି ଯିବାକୁ ରାସ୍ତା ଖୋଜୁଛି ମରଶରୀର। ଆଶ୍ଚର୍ଯ୍ୟ ଲାଗିଲେ ବି ସତ। ଏଠି ମଣିଷ କେବଳ ଯେ ବଞ୍ଚିବା ପାଇଁ ସଂଘର୍ଷ କରେ ତା ନୁହେଁ ମଲା ପରେ ବି ସମାନ ଅବସ୍ଥା ଭୋଗେ। ଏଇ ଚିତ୍ର ହିଁ ଏକଥାକୁ ବୟାନ କରୁଛି। ମୃତଦେହ ସହ ଜୀବନକୁ ବାଜି ଲଗାଇ ଭରା ନଈ ପାର ହୋଇ ମଶାଣିକୁ ଯାଉଛନ୍ତି ସାହି ଭାଇ। ଏଭଳି ଅଭାବନୀୟ ଦୃଶ୍ୟ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗାଦିଆ ଗୁଡା ପଞ୍ଚାୟତ ଅଧୀନସ୍ଥ ବଗେଇ ପଦର ଗାଁରେ ଦେଖିବାକୁ ମିଳିଛି। ଗାଁରେ ରହୁଥିବା ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହେବା ପରେ ତାଙ୍କ ମରଶରୀର ଧରି ସତ୍କାର ପାଇଁ ସମ୍ପର୍କୀୟ, ପରିବାର ବର୍ଗ ତଥା ବନ୍ଧୁ ବାନ୍ଧବ ବାହାରିଥିଲେ ମଶାଣୀ। ହେଲେ ମଶାଣୀ ଯିବା ପୂର୍ବରୁ ବାଟ ଓଗାଳିଲା ମୁରାନ ନଦୀ। ସ୍ଥାୟୀ ପୋଲ ନଥିବାରୁ ଭରା ନଦୀରେ ଜୀବନକୁ ବାଜି ଲଗାଇ କୋକେଇରେ ମରଶରୀର ଧରି ମଶାଣି ନେଇଗଲେ ସାହି ଭାଇ। ଏଭଳି ଘଟଣା ଦିନେ କି ଦୁଇଦିନର ନୁହେଁ ବର୍ଷ ତମାମ ଏଭଳି ଘଟଣା ଦେଖିବାକୁ ମିଳେ। ଲୋକଙ୍କ ଜୀବନ ବିପଦରେ ଥିବାବେଳେ ପ୍ରସାଶନ କିନ୍ତୁ ନୀରବ।

# ଏଲ୍‌ଏଚ୍‌ବି କୋଚ୍ ସହ ଚାଲିବ ଭୁବନେଶ୍ୱର-ଜୁନାଗଡ଼ ରୋଡ୍-ଭୁବନେଶ୍ୱର ସୁପର ଫାଷ୍ଟ ଏକ୍ସପ୍ରେସ




**ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ):** ୨୦୮୩୭/୨୦୮୩୮ ଭୁବନେଶ୍ୱର-ଜୁନାଗଡ଼ ରୋଡ୍-ଭୁବନେଶ୍ୱର ସୁପର ଫାଷ୍ଟ ଏକ୍ସପ୍ରେସର ଗୋଟିଏ ରେକ୍କୁ ଆଧୁନିକ ଲିଙ୍କେ ହଫମ୍ୟାନ୍ ବୁଶ୍ (ଏଲଏଚବି) କୋଚ୍ ସହ ଚଳାଚଳ କରାଯିବା ପାଇଁ ରୂପାନ୍ତରିତ କରାଯାଇଛି, ଯାହା ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା, ନିରାପତ୍ତା ଏବଂ ଆରାମ ପ୍ରଦାନ କରିବ। ୨୦୮୩୭/୨୦୮୩୮ ଭୁବନେଶ୍ୱର-ଜୁନାଗଡ଼ ରୋଡ୍ -ଭୁବନେଶ୍ୱର ସୁପର ଫାଷ୍ଟ ଏକ୍ସପ୍ରେସର ପ୍ରଥମ ରେକ୍ ଏଲଏଚବି କୋଚ୍ ସହ ଭୁବନେଶ୍ୱରରୁ ଅଗଷ୍ଟ ୦୮ରେ ଏବଂ ଜୁନାଗଡ଼ ରୋଡ୍‌ଠାରୁ ଆସନ୍ତା ୯ରେ ଚଳାଚଳ କରିବ। ଏବେ ଏହି ଟ୍ରେନଟି ପାରମ୍ପରିକ ଆଇସିଏଫ୍ କୋଚ୍ ସହ ଚଳାଚଳ କରୁଛି। ଏଲଏଚବି ରେକ୍ ସହିତ ଅପଗ୍ରେଡ୍ ଟ୍ରେନ୍ କମ୍ପୋଜିସନ୍‌ରେ ଦ୍ୱିତୀୟ ଏସି - ୦୨ ଟି କୋଚ୍, ତୃତୀୟ ଏସି - ୦୪ ଟି କୋଚ୍, ସ୍ଲିପର୍ କ୍ଲାସ - ୦୫ ଟି କୋଚ୍, ଦ୍ୱିତୀୟ ଶ୍ରେଣୀ ସିଟିଂ-୪ଟି କୋଚ୍, ଗାର୍ଡ କମ୍ ପାୱାର କାର୍ - ୧ ଏବଂ ୧ ଗାର୍ଡ କମ୍ ଦ୍ୱିତୀୟ ଶ୍ରେଣୀ କୋଚ୍ ଦିବ୍ୟାଙ୍ଗଜନ ଯାତ୍ରୀଙ୍କ ପାଇଁ ରହିବ। ଏଲଏଚବି କୋଚ୍ ପ୍ରଚଳନ ଏହି ଗୁରୁତ୍ୱପୂର୍ଣ୍ଣ ରୁଟରେ ଯାତ୍ରୀଙ୍କ ସୁବିଧା ଏବଂ କାର୍ଯ୍ୟକ୍ଷମତାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଯାହା ଓଡ଼ିଶାର ଉପକୂଳବର୍ତ୍ତୀ ଓ ଆଦିବାସୀ ଅଞ୍ଚଳ ଏବଂ ଆନ୍ଧ୍ରପ୍ରଦେଶର ପ୍ରମୁଖ ସହରଗୁଡ଼ିକୁ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସହିତ ସଂଯୋଗ କରୁଛି।

জୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

**ସମ୍ପାଦକୀୟ**

SANCHAR
ସଂଚାର

୪ | ଶୁକ୍ରବାର ୮ ଅଗଷ୍ଟ ୨୦୨୫, ଭୁବନେଶ୍ୱର
Friday 8 August 2025, Bhubaneswar

# ଆମେରିକାର ଟିକସ ବୃଦ୍ଧି: ଆର୍ଥିକ ଓ ରାଜନୈତିକ ଚାପ

ଆମେରିକା ସମ୍ପ୍ରତି ଭାରତୀୟ ରପ୍ତାନି ଉପରେ ୨୫% ଅତିରିକ୍ତ ଟିକସ ଲଗାଇଛି, ଯାହା ଦ୍ୱାରା କେତେକ ପଣ୍ୟର ମୋଟ ଟିକସ ୫୦% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏହି ନିଷ୍ପତ୍ତି ରୁଷିଆରୁ ତୈଳ କ୍ରୟ କରିବା ଯୋଗୁଁ ଭାରତକୁ ଶାସ୍ତି ଦେବା ପାଇଁ ନିଆଯାଇଛି ବୋଲି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି। ଏହି ପଦକ୍ଷେପ ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କକୁ ଜଟିଳ କରିଛି ଏବଂ ଭାରତୀୟ ଅର୍ଥନୀତି ଉପରେ ଚାପ ସୃଷ୍ଟି କରିଛି। ଏହା କେବଳ ଅର୍ଥନୈତିକ ନୁହେଁ, ରାଜନୈତିକ ଓ କୂଟନୈତିକ ଦୃଷ୍ଟିରୁ ମଧ ଗମ୍ଭୀର ପ୍ରଭାବ ପକାଇପାରେ। ଆମେରିକା ହେଉଛି ଭାରତର ସବୁଠାରୁ ବଡ଼ ବାଣିଜ୍ୟ ଅଂଶୀଦାର, ଯେଉଁଠାକୁ ୨୦୨୩-୨୪ରେ ଭାରତର ରପ୍ତାନି ୭୭.୫୧ ବିଲିୟନ ଡଲାରରେ ପହଞ୍ଚିଥିଲା। ଔଷଧ, ବସ୍ତ୍ର, ଇଲେକ୍ଟ୍ରୋନିକ୍ସ ଓ ଅଟୋମୋବାଇଲ ଭଳି କ୍ଷେତ୍ର ଏହି ଟିକସ ବୃଦ୍ଧି ଦ୍ୱାରା ପ୍ରଭାବିତ ହେବ। ଉଦାହରଣ ସ୍ୱରୂପ, ଭାରତରୁ ଆମେରିକାକୁ ରପ୍ତାନି ହେଉଥିବା ଆପଲ ଆଇଫୋନ ଉପରେ ଟିକସ ୧.୨% ରୁ ୧୦.୮% ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ, ଯାହା ମୂଲ୍ୟବୃଦ୍ଧି ଓ ଚାହିଦା ହ୍ରାସ ଘଟାଇବ। ଏହା ଭାରତର ଉତ୍ପାଦନ ଲକ୍ଷ୍ୟ ଓ ରପ୍ତାନି ପ୍ରତିଯୋଗିତାକୁ ଦୁର୍ବଳ କରିପାରେ। ଆକଳନ କରାଯାଉଛି, ଏହି ଟିକସ ଯୋଗୁଁ ଭାରତର ରପ୍ତାନି ୪୦-୫୦% ହ୍ରାସ ପାଇପାରେ, ଯାହା ଅର୍ଥନୀତିରେ ୦.୨% ଜିଡିପି ହ୍ରାସ ଘଟାଇବ। ଏହି ଟିକସ ବୃଦ୍ଧି କେବଳ ଭାରତକୁ ଲକ୍ଷ୍ୟ କରି ନୁହେଁ; ଟ୍ରମ୍ପଙ୍କର "ପାରସ୍ପରିକ ଟିକସ" ନୀତି ଅନୁଯାୟୀ ଅନେକ ଦେଶ ଉପରେ ସମାନ ଚାପ ପଡ଼ିଛି। ତେବେ, ଭାରତ ଉପରେ ଅତିରିକ୍ତ ୨୫% ଟିକସ ରୁଷିଆ-ୟୁକ୍ରେନ ଯୁଦ୍ଧ ସମ୍ପର୍କିତ ରାଜନୈତିକ ଅଭିଯୋଗ ସହ ଜଡ଼ିତ। ଆମେରିକା ଦାବି କରୁଛି ଯେ ଭାରତ ରୁଷିଆରୁ ଶସ୍ତା ତୈଳ କିଣୁଛି, ଯାହା ୟୁକ୍ରେନ ବିରୋଧୀ ରୁଷିଆର ଯୁଦ୍ଧକୁ ପରୋକ୍ଷରେ ସମର୍ଥନ କରୁଛି। ତେବେ, ଏହି ଅଭିଯୋଗ ଅନୁଚିତ ମନେହୁଏ, କାରଣ ଚୀନ ମଧ ରୁଷିଆରୁ ଅଧିକ ତୈଳ କିଣୁଛି, କିନ୍ତୁ ତାଙ୍କ ଉପରେ ସମାନ ଟିକସ ଲାଗୁ ହୋଇନାହିଁ। ଏହା ଆମେରିକାର ଚୀନ ପ୍ରତି କୌଶଳଗତ ନିର୍ଭରତା ଓ ଭାରତ ପ୍ରତି ଭେଦଭାବକୁ ପ୍ରକାଶ କରୁଛି।



ଭାରତୀୟ ଅର୍ଥନୀତି ଅଧିକାଂଶ ଅଂଶରେ ଘରୋଇ ଚାହିଦା ଉପରେ ନିର୍ଭରଶୀଳ, ଯାହା ଏହି ଟିକସର ପ୍ରଭାବକୁ କିଛି ପରିମାଣରେ ହ୍ରାସ କରିପାରେ। ତଥାପି, ରପ୍ତାନି-ନିର୍ଭର ଶିଳ୍ପ ଯେପରିକି ଔଷଧ, ବସ୍ତ୍ର ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ କ୍ଷତି ଅନୁଭୂତ ହେବ। ଭାରତ ଏହାର ମୁକାବିଲା ପାଇଁ ବିକଳ୍ପ ବଜାର ଯେପରିକି ଆଫ୍ରିକା, ଲାଟିନ ଆମେରିକା ଓ ଦକ୍ଷିଣ-ପୂର୍ବ ଏସିଆକୁ ଗୁରୁତ୍ୱ ଦେଉଛି। ଏହା ସହିତ, ଆମେରିକା ସହ କୂଟନୈତିକ ଆଲୋଚନା ଜାରି ରଖିବା ଓ ରୁଷିଆରୁ ତୈଳ କ୍ରୟରେ ବୈବିଧୀକରଣ ଆଣିବା ଆବଶ୍ୟକ। ଏହି ଟିକସ ବୃଦ୍ଧି ଭାରତ-ଆମେରିକା ସମ୍ପର୍କରେ ଏକ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଭାରତକୁ ଏହାର ଅର୍ଥନୈତିକ ଓ ରାଜନୈତିକ ରଣନୀତିକୁ ପୁନର୍ବିଚାର କରିବାକୁ ପଡ଼ିବ, ଯାହା ଦୀର୍ଘମିଆଦି ସ୍ଥିରତା ଓ ଆତ୍ମନିର୍ଭରତା ପାଇଁ ଅତ୍ୟନ୍ତ ଜରୁରୀ।

# ଶ୍ରୀକ୍ଷେତ୍ରରେ ଝୁଲଣ ଯାତ୍ରା



**ସନ୍ତୋଷ କୁମାର ଦାଶ**

ଶ୍ରୀକ୍ଷେତ୍ର ପୁରୀ ରେ ବାର ମାସ ରେ ତେର ପର୍ବ ପାଳନ ହେଉଥିବାବେଳେ ଶ୍ରୀ ମନ୍ଦିର ରେ ଦ୍ୱାଦଶ ଯାତ୍ରା ପ୍ରସିଦ୍ଧି ଲାଭ କରିଛି। ତା ମଧ୍ୟରୁ ଝୁଲଣ ଯାତ୍ରା ଅନ୍ୟତମ। ଶ୍ରାବଣ ମାସ ଦଶମୀ ତିଥି ଠାରୁ ଶ୍ରାବଣ ମାସ ପୂର୍ଣ୍ଣିମା ଅର୍ଥାତ ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରୀ କ୍ଷେତ୍ର ପୁରୀ ର ମଠ, ଆଶ୍ରମ ଓ ଶ୍ରୀ ମନ୍ଦିର ରେ ଝୁଲଣ ଯାତ୍ରା ଭକ୍ତି ଓ ନିଷ୍ଠାର ସହିତ ପାଳନ ହୋଇଥାଏ। ଲୋକକଥା ଅନୁସାରେ , ବୃନ୍ଦାବନ ରେ ଭଗବାନ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କର ସେବା ସମସ୍ତ ଦେବତାଗଣ, ମନୁଷ୍ୟ ଓ ଗୋପୀ ମାନେ ପାଇବା ଦେଖି ଗନ୍ଧର୍ବ ମାନେ ମଧ କିଛି ସେବା ପାଇଁ ପ୍ରାର୍ଥନା କଲେ । ସେହି ଅନୁସାରେ ଏକ ସୁନ୍ଦର ଝିଲିମିଲ ଜରି ଜମ୍ଭୁରା ରେ ତିଆରି ଗୋଟିଏ କୁଞ୍ଜରେ ରାଧା ଓ କୃଷ୍ଣଙ୍କୁ ଦୋଳିରେ ବସାଇ ଝୁଲାଇବାର ସେବା ସେମାନଙ୍କୁ ମିଳିଲା । ଏହାକୁ ଝୁଲଣ ଯାତ୍ରା କୁହାଯାଇଥାଏ। ଗଜପତି ମହାରାଜା ଦିବ୍ୟସିଂହ ଦେବ (ଦ୍ୱିତୀୟ)ଙ୍କ ସମୟରେ ଏହା ଶ୍ରୀ ମନ୍ଦିରରେ ପ୍ରଥମେ ପାଳନ କରା ଯାଇଥିଲା ବୋଲି ଗବେଷକ ମାନେ ମତ ଦେଉ ଥିବାବେଳେ ଶ୍ରୀମନ୍ଦିର ରେ ଗୌଡ଼ୀୟ ବୈଷ୍ଣବ ମାନଙ୍କ ପ୍ରଭାବ ପଡିବା ପରେ ଏହି ଯାତ୍ରା ଆରମ୍ଭ ହୋଇଥିବା ସୂଚନା ଦେଇ ଛନ୍ତି। ଗୌଡ଼ୀୟ ସମ୍ପ୍ରଦାୟର ରାଧାକୃଷ୍ଣ ହେଉଛନ୍ତି ଉପାସ୍ୟ ଦେବ ଦେବୀ। ସେଥିପାଇଁ ଶ୍ରୀକୃଷ୍ଣ ଗୋପ ରେ ଥିବାବେଳେ କରିଥିବା ରାସକୁ ସେମାନେ ଶ୍ରୀମନ୍ଦିରରେ ପ୍ରଚଳନ କରାଇଛନ୍ତି ।ଶ୍ରୀମନ୍ଦିର ଭିତର ବେଢ଼ାର ଦକ୍ଷିଣ ପଟେ ମୁକ୍ତି ମଣ୍ଡପ ନିକଟରେ ଝୁଲଣ କୁଞ୍ଜ ନିର୍ମିତ ହୋଇଥାଏ । ୪୫ ଫୁଟ ଲମ୍ବ ଓ ପନ୍ଦର ଫୁଟ ଉଚ୍ଚତା ବିଶିଷ୍ଟ ଏହି କୁଞ୍ଜଟିର ଛାଞ୍ଚ କାଠରେ ହୋଇଥିବା ବେଳେ ଏହାକୁ ଜରି, ସୋଲ ଓ କପଡ଼ାରେ ସଜ୍ଜିତ କରାଯାଇଥାଏ । ଏହି ଝୁଲା ସହ ଗୋଟିଏ ଦଉଡ଼ି ଲାଗିଥାଏ, ଯାହାକୁ ଟାଣିଲେ ଝୁଲା ସହ ପ୍ରତିମା ମାନେ ଝୁଲନ୍ତି । ମଧାହ୍ନ ଧୂପ ନୀତି ପରେ ଶ୍ରୀମନ୍ଦିର ଦକ୍ଷିଣ ଘର ବାରଣ୍ଡାରେ ଶ୍ରୀ ଜଗନ୍ନାଥ ଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ବେଶ କରାଯାଇ ଭୋଗ ଅର୍ପଣ ହୁଏ । ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଦିଆଯିବା ପରେ ତିନିଜଣ ମହାଜନ ସେବକ (ବିମାନ ବଡୁ ସେବାୟତ) ଉକ୍ତ ପ୍ରତିମା ମାନଙ୍କୁ ଜଗମୋହନ ଓ ବଟଦ୍ୱାର ଦେଇ ଝୁଲଣ କୁଞ୍ଜର ଭିତର ଝୁଲାରେ ବିଜେ କରାନ୍ତି ।ଝୁଲଣରେ ପଞ୍ଚୋପଚାର ପୂଜା ରେ ଖଇକୋରା ଭୋଗ ଅର୍ପଣ କରାଯିବା ପରେ ରତ୍ନ ସିଂହାସନସ୍ଥ ବିଗ୍ରହ ମାନଙ୍କ ର ଚନ୍ଦନଲାଗି ସମୟ ଯାଏ ପ୍ରତିମା ମାନେ ଏହି ଝୁଲଣରେ ଅବସ୍ଥାନ କରନ୍ତି।ତାପରେ ପିତୁଳା ଗୁଡ଼ିକୁ ଫେରାଇ ନିଆଯାଏ । ଏକାଦଶୀ ଦିନ ମଦନମୋହନଙ୍କ ବେଢ଼ା ପରିକ୍ରମା ସ୍ୱାଭାବିକ ଭାବରେ ଅନୁଷ୍ଠିତ ହେବାପରେ ଶ୍ରୀଦେବୀ ଓ ଭୂଦେବୀଙ୍କ ସହ ଝୁଲଣ ମଣ୍ଡପକୁ ବିଜେ କରାଯାଏ । ଶେଷଦିନ ଘଣ୍ଟି, ଶଙ୍ଖ ସହ ପଞ୍ଚୋପଚାର ପୂଜା ଓ ବନ୍ଦାପନା କରାଯିବା ପରେ ବେଢ଼ାବୁଲି ସିଂହାସନରେ ବିଜେ ହୁଅନ୍ତି । ସଙ୍ଗୀତ, ବାଦ୍ୟ ଓ ନୃତ୍ୟ ମୁଖର ଝୁଲଣ ଯାତ୍ରାରେ ସୁସଜ୍ଜିତ ଦୋଳିରେ ରାଧା ଦାମୋଦରଙ୍କୁ ଦର୍ଶନ କରିବାପାଇଁ ଦୂରଦୂରାନ୍ତରୁ ଭକ୍ତମାନେ ପୁରୀରେ ଭିଡ଼ ଜମାନ୍ତି । କୀର୍ତ୍ତନ ଓ ଭଜନ ରେ ଶ୍ରୀ ମନ୍ଦିର ବେଢା ପ୍ରକମ୍ପିତ ହୋଇଉଠେ । ଏହି ଉତ୍ସବ ଶ୍ରୀ କ୍ଷେତ୍ର ପୁରୀ ରେ ଥିବା ସମସ୍ତ ରାଧାକୃଷ୍ଣ ମନ୍ଦିର ଓ ମଠ ମାନଙ୍କରେ ପାଳନ କରାଯାଇଥାଏ । ଜୟ ଶ୍ରୀ ରାଧେ କୃଷ୍ଣ।



ତୁଳସୀପୁର, ପୁରୀ, ମୋବାଇଲ୍: ୯୪୩୯୩୬୧୮୮

# ବାଟବଣା ଶିକ୍ଷା ବ୍ୟବସ୍ଥା

**ଡକ୍ଟର ସୂର୍ଯ୍ୟ ପ୍ରକାଶ ମହାନ୍ତି**

ଶିକ୍ଷା ବ୍ୟବସ୍ଥା ସଠିକ୍ ବାଟରେ ଯାଉନି। ଯୁଆଡ଼କୁ ବର୍ଷା ସିଆଡ଼େ ଛତା ନ୍ୟାୟରେ ଭାରତୀୟ ଶିକ୍ଷା ବ୍ୟବସ୍ଥା ବାଟ ମାଡ଼ିଯାଉଛି ! କେନ୍ଦ୍ର ସରକାର ଯୁଗାନ୍ତକାରୀ ରାୟରେ ଶିକ୍ଷା ଅଧିକାର ଆଇନ ବିଧିବଦ୍ଧ ଭାବେ ଅଧ୍ୟାଦେଶ ମାଧ୍ୟମରେ ଜାରି କରିଦେଲେ। ଆଉ ଅଧଃସ୍ତନ କର୍ମଚାରୀ ଭାବେ ରାଜ୍ୟମାନେ ଏହାକୁ ବି ମାନି ନେଇଗଲେ। କେନ୍ଦ୍ର-ରାଜ୍ୟ ସମ୍ପର୍କ ଭିତରେ ଶିକ୍ଷା ବ୍ୟବସ୍ଥା ଯେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏହାକୁ କିନ୍ତୁ ସମସ୍ତେ ଭୁଲିଗଲେ। ଛତୁ ଫୁଟିଲା ପରି ଇଂଲିଶ ମିଡ଼ିୟମ ସ୍କୁଲ ହେଉ ବା ଘରୋଇ ଶିକ୍ଷାନୁଷ୍ଠାନ ଖୋଲି ତଥାକଥିତ ଶିକ୍ଷା ବେପାରୀମାନେ ନେତାଙ୍କୁ ଗାନ୍ଧୀଙ୍କ ବିଡ଼ା ଗୋରୁ ମୁହଁରେ ଘାସ ଗୁଞ୍ଜିଲା ପରି ଇଆଡ଼େ ଶିକ୍ଷା ବିଭାଗର ମୁଣ୍ଡିଆଳ ହୁଅନ୍ତୁ ବା ସରକାରଙ୍କ ବଡ଼ ବଡ଼ ହସ୍ତୀ। କେବଳ ସେତିକି ନୁହେଁ ଲମ୍ବା ନାଲି ଟିପା ମଡ଼େଇ ଥିବା ଦାଦା ମାନଙ୍କୁ ପକେଟରେ ପୁରାଇବା ଠାରୁ ବେଳ ପଇଲେ ଲୋକପ୍ରତିନିଧିଙ୍କ ଠାରୁ ସାମ୍ବାଦିକ ମାନଙ୍କୁ ପକେଟରେ ପୁରାଇବାର ତରିକା ବି ଜାଣିଥାନ୍ତି। ଏହି ନ୍ୟାୟରେ ଆଇନର ଦୁର୍ବଳ ଫାଙ୍କକୁ ଭଲ ଭାବରେ ଫାଇଦା ଉଠାଉଥିବା ଏହି ଶିକ୍ଷା ବେପାରୀ ମାନଙ୍କ ତ୍ରୁଟି କେହି ବି ଟିକେ ବଙ୍କେଇ ପାରିନଥାନ୍ତି !!

ବାଟବଣା ଶିକ୍ଷା ବ୍ୟବସ୍ଥା ଭିତରେ ଓଡ଼ିଶାପରି ଗରିବୀ ରାଜ୍ୟର ମଧ୍ୟବିତ୍ତ ଓ ନିମ୍ନମଧ ବିତ୍ତ ଘରର ପିଲାମାନେ କିନ୍ତୁ ପେଷି ହୋଇଯାଆନ୍ତି। କିନ୍ତୁ ବଡ଼ ଘରର ବିଗଡ଼ା ହୁଆ ଔଲାଦ୍‌ମାନେ ବେଶ୍ ଅଏସ୍‌ରେ ଏହି ଶିକ୍ଷା ବେପାରୀଙ୍କ ସ୍କୁଲରେ ଭଲ ରକମର କାରନାମା ଦେଖାଇବାରେ ସଫଳ ହୋଇଥାନ୍ତି। ଭାତ ହାଣ୍ଡିରୁ ଗୋଟିଏ ପରି କଟକ ସିଡ଼ିଏ ସେକ୍ଟର ନଅର ନାଳନ୍ଦା ପବ୍ଲିକ ସ୍କୁଲ କଥା ବିଚାର କରାଯାଉ। ଏହି ବିଦ୍ୟାଳୟର କରିତକର୍ମା ମାଲିକାଣି କେବଳ ତାଙ୍କ ପରିବାର ବର୍ଗଙ୍କୁ ପରିଚାଳନା କମିଟିରେ ରଖିଛନ୍ତି। ବିଦ୍ୟାଳୟର ନିୟମ ଅନୁଯାୟୀ କୌଣସି ମୂଳ ଘର ନାହିଁ ଏହା ଭଡ଼ାସୂତ୍ରରେ ଚାଲିଛି। ସେକ୍ଟର ନଅ ଓ ଦଶରେ ରହିଥିବା ଏହାର ତିନୋଟି ଶାଖା ବା ସମ୍ପ୍ରସାରିତ ସ୍କୁଲ ଅତ୍ୟନ୍ତ ଜନଗହଳିପୂର୍ଣ୍ଣ ଓ ରାସ୍ତା ଭିଡ଼ ଜାଗାରେ ରହିଛି ଏବଂ ଏହା ଭଡ଼ା ଘରେ ଚାଲୁଛି। ଏହି ବିଦ୍ୟାଳୟରେ ପଢୁଥିବା ଅନେକ ପିଲା ପିଲାଙ୍କ ନାମ କେବଳ ରେଜିଷ୍ଟରରେ ଗଡ଼େ, ବିଦ୍ୟାଳୟ କର୍ମକର୍ତ୍ତା ପ୍ରଚୁର ଅର୍ଥ ବିନିମୟରେ ସେମାନଙ୍କୁ ସୁଯୋଗ ଦେଇଥାନ୍ତି ଯାହାଫଳରେ ସେମାନେ ସ୍କୁଲରେ ପାଠ ନପଢ଼ି ଅନ୍ୟ କେଉଁଠି ପଢ଼ିଥାନ୍ତି, ଖେଳିଥାନ୍ତି କିମ୍ବା କୌଣସି କମ୍ପିଟେଟିଭ ପରୀକ୍ଷା ପାଇଁ ସମ୍ପୃକ୍ତ ଅନୁଷ୍ଠାନରେ ଶିକ୍ଷା ଗ୍ରହଣ କରୁଥାନ୍ତି। ଏ ପ୍ରମାଣ ବାୟୋମେଟ୍ରିକ ଉପସ୍ଥିତି ଏବଂ ସିସିଟିଭି ଫୁଟେଜରୁ ତଥ୍ୟ ମିଳିପାରିବ। ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ହୁଅନ୍ତୁ ବା ନିର୍ଦ୍ଦେଶିକା କିମ୍ବା ଅଧକ୍ଷା, କୌଣସି ସମସ୍ୟା ଥିଲେ ଅଭିଭାବକ ଓ ଅଭିଭାବିକାମାନେ ସେମାନଙ୍କୁ ସାକ୍ଷାତ କରିବାର ସୁଯୋଗ ଆଦୌ ପାଇନଥାନ୍ତି ବରଂ ଦୁର୍ବ୍ୟବହାର ଶିକାର ହୁଅନ୍ତି। ସିଡ଼ିଏରେ ରହିଥିବା ଏହି ତିନୋଟି ଯାକ ବିଦ୍ୟାଳୟର ପରିସର ଗୋଟିଏ ଏକ ବେସରକାରୀ ଡାକ୍ତରଖାନା ପାଖରେ




ରହିଛି ଅନ୍ୟଟି ଏକ ଜନବହୁଳ ପରିବା ମାର୍କେଟ ମଝିରେ ଏବଂ ଅନ୍ୟଟି ଏକ ତିନିଛକି ଗହଳି ଯାଗାରେ ଥିବାରୁ ପିଲାମାନଙ୍କୁ ନେବା ଆଣିବା ସମୟରେ ବିଦ୍ୟାଳୟର ବଡ଼ ବଡ଼ ବସ ଭୟଙ୍କର ଟ୍ରାଫିକ ସମସ୍ୟା ସୃଷ୍ଟି କରିଥାଏ। ବିଦ୍ୟାଳୟର ନିମୟ ରହିଛି ସେମାନଙ୍କ ନିଜସ୍ୱ ଖେଳପଡ଼ିଆ ରହିବା କଥା କିନ୍ତୁ ନାଳନ୍ଦା ବିଦ୍ୟାଳୟର କୌଣସି ଖେଳ ପଡ଼ିଆ ନାହିଁ ଏପରିକି ପିଲାମାନଙ୍କର ସାଇକେଲ, କର୍ମଚାରୀଙ୍କ ଗାଡ଼ି ରଖିବା ପାଇଁ ନିଜସ୍ୱ ପାର୍କିଂ ବ୍ୟବସ୍ଥା ମଧ ନାହିଁ। ଅନୁଷ୍ଠାନର ମାଲିକାଣି କୁହାଯାଉଥିବା ନିର୍ଦ୍ଦେଶିକା ସରକାରୀ ଓ ବେସରକାରୀ କ୍ଷେତ୍ରର ବଡ଼ବଡ଼ିଆଙ୍କୁ ଧରି ସମ୍ମାନ, ସମ୍ବର୍ଦ୍ଧନା ଗୋଟାଇବାରେ ବ୍ୟସ୍ତ। ବିଦ୍ୟାଳୟର ବିଗତ ପାଞ୍ଚ ବର୍ଷର ଶିକ୍ଷା ରେକର୍ଡ଼ ସଂଗ୍ରହ କରାଗଲେ ଅତ୍ୟନ୍ତ ନୈରାଶ୍ୟଜନକ ରିପୋର୍ଟ ମିଳିବ। ଆରଟିଆଇ ଆକ୍ଟରେ ସୂଚନା ମଧ ମିଳିବା ଉପଲବ୍ଧ ହୋଇପାରୁନାହିଁ। ବେସରକାରୀ ବିଦ୍ୟାଳୟରେ ନିୟମ ରହିଛି ଗରିବ ମେଧାବୀ ପିଲାମାନଙ୍କ ପାଇଁ ପଚିଶ ପ୍ରତିଶତ ଆସନ ସଂରକ୍ଷଣ ରଖିବା ଓ ସେମାନେ ବିନା ମୂଲ୍ୟରେ ପାଠ ପଢ଼ିବେ କିନ୍ତୁ ଏହି ବିଦ୍ୟାଳୟରେ ସେ ନିୟମ କେବଳ ଫାଇଲରେ ବନ୍ଧା ହୋଇଛି।

ଶିକ୍ଷା ଅଧିକାର ଆଇନର ବିଭିନ୍ନ ସେଡ୍ୟୁଲରେ ଏକ ବେସରକାରୀ ହେଉ ବା ସରକାରୀ। ଶିକ୍ଷା ଖସଡ଼ା ତଥା ଶିକ୍ଷା ପ୍ରତିଷ୍ଠାନ ଖୋଲିବା ନେଇ ବିଭିନ୍ନ ପ୍ରକାର ଅଙ୍କୁଶ ଓ ନିର୍ଦ୍ଦେଶନାମା ରହିଛି। ଉଦାହରଣ ବଶତଃ ଆମେ ଆଲୋଚନା କରୁଥିବା ଉପରୋକ୍ତ ଇଂଲିଶ ମିଡ଼ିୟମ ସ୍କୁଲଟି ବାସ୍ତବରେ ସିବିଏସ୍‌ଇର ସ୍ୱୀକୃତି ପ୍ରାପ୍ତତା ଓ ଅନୁବନ୍ଧିତ ମାନ୍ୟତା ପାଇଛି କି ନାହିଁ ଏହା ମଧ ସନ୍ଦେହରେ। ଅନେକ ଅଭିଭାବକ ସାର୍ଟିଫିକେଟ ନେଇ ବଡ଼ ସମସ୍ୟା ସାମ୍ନା କରୁଛନ୍ତି। ପରବର୍ତ୍ତୀ ସମୟରେ ଯେଉଁ ଅଭିଭାବକ ଏ ନେଇ ଆପତ୍ତି ଉଠାଉଛନ୍ତି ତାଙ୍କୁ ଫଳେ ପୁଷ୍ପେ ସନ୍ତୁଷ୍ଟ କରିଦେଉଛନ୍ତି ଶିକ୍ଷା ଅଧିକାର ଆଇନକୁ ମୋଡ଼ି ମକ୍‌ଚି ଉଚ୍ଚକର୍ତ୍ତୃପକ୍ଷଙ୍କୁ ପକେଟରେ ପୁରାଇ ଥିବାର ଧମକ ଦେଉଥିବା ଏହି ଶିକ୍ଷା ମାଫିଆମାନଙ୍କୁ ଲଗାମ୍ ଦେବ କିଏ ? ଏହି ମାମଲା ନ୍ୟାୟାଳୟ ଠାରୁ କେନ୍ଦ୍ରୀୟ ସିବିଏସ୍‌ଇ କର୍ତ୍ତୃପକ୍ଷ, ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବିଧିବଦ୍ଧ ଅନୁସନ୍ଧାନ ପାଇଁ ଅଭିଯୋଗର ସବିଶେଷ ପ୍ରମାଣ ସହ ସୂଚିତ କରାଯାଇଛି। ତେବେ ଦୁଃଖର ପ୍ରସଙ୍ଗ ହେଉଛି କୁନି କୁନି ପିଲାଙ୍କ ଭବିଷ୍ୟତ ସହ କୁସ୍ତି ଖେଳୁଥିବା ଏହି ଶିକ୍ଷା ବେପାରିଙ୍କ ମୁଖା ଯେ ଖୁବ୍ ଶୀଘ୍ର ଖୋଲିବ ଏହି ବିଶ୍ୱାସ କରାଯାଉଛି। ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରି 'ସମସ୍ତେ ପଢ଼ିବେ, ସମସ୍ତେ ଗଢ଼ିବେ' ଏହା ଅନେକ କ୍ଷେତ୍ରରେ ସମ୍ଭବ ହୋଇପାରୁନି ଏହିପରି କିଛି ବିଦ୍ୟାଳୟ ପାଇଁ। ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ପିଲାମାନଙ୍କୁ ଗଢ଼ି ତୋଳିବା ପାଇଁ ଅନେକ ପ୍ରୋତ୍ସାହିତ ଯୋଜନା ହାତକୁ ନେଉଛନ୍ତି। ବାସ୍ତବରେ ଶିକ୍ଷା ଅଧିକାର ଆଇନ ଭିତରେ ସବୁ ପିଲାଙ୍କ ପାଇଁ 'ଆନନ୍ଦମୟ ଶିକ୍ଷା' ଏବେ ବି ଦୂର ପାହାଡ଼ ପରି ଅପହଞ୍ଚ। ଏ କ୍ଷେତ୍ରରେ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି।

**ଶିକ୍ଷାବିତ, ସେକ୍ଟର-୧୩, କଟକ**

# ଆଇନ ଅସହାୟ-ଅସୁରକ୍ଷିତ ଶିଶୁ



**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**

ଏହା ନିସନ୍ଦେହ ଯେ, ଦେଶରେ ଶିଶୁ ନିଖୋଜ ଓ ଶିଶୁ ଶ୍ରମିକ ସଂଖ୍ୟା ଉତ୍କଟ ଆକାର ଧାରଣ କରିଛି। ଦେଶରେ ଶିଶୁ ଶ୍ରମିକ ନିଷିଦ୍ଧ ପାଇଁ କଠୋର ଆଇନ ରହିଛି। କିନ୍ତୁ ଆଇନ ଏକ ପ୍ରକାର ଅସହାୟ ହୋଇପଡ଼ିଛି। ନିଖୋଜ ଶିଶୁ ଯେଉଁମାନଙ୍କ ବୟସ ୧୦ରୁ ୧୮ବର୍ଷରେ। ସରକାରୀ ସୂତ୍ରରୁ ମିଳିଥିବା ଏକ ରିପୋର୍ଟରେ କୁହାଯାଇଛି ଯେ, ଗତ ୨୦୨୪ ଏପ୍ରିଲରୁ ୨୦୨୫ ମାର୍ଚ୍ଚ ମଧ୍ୟରେ ଅର୍ଥାତ ବର୍ଷକ ମଧ୍ୟରେ ଦେଶରେ ପ୍ରାୟ ୪୫ହଜାର ଶିଶୁଙ୍କୁ ଉଦ୍ଧାର କରାଯାଇଛି। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଲ' ଏନଫୋର୍ସମେଣ୍ଟ ଏଜେନ୍ସିଗୁଡିକ ଆନୁକୂଲ୍ୟରେ ବହୁ ସ୍ୱେଚ୍ଛାସେବୀ ସଂଗଠନ(ଏନଜିଓ)ର ସହଯୋଗରେ ଦେଶବ୍ୟାପୀ ୨୭, ୦୦୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଚଢାଉ କରି ଏହି ଶିଶୁମାନଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରେ ଉଭୟ ବାଳକ ଓ ବାଳିକା ଅଛନ୍ତି। ଉଦ୍ଧାର ହୋଇଥିବା ୪୪, ୯୦୨ଜଣ ଶିଶୁଙ୍କ ମଧ୍ୟରୁ ୯୦ପ୍ରତିଶତ ଶିଶୁଙ୍କୁ ଶ୍ରମିକ ଭାବେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଏହି ଶିଶୁମାନଙ୍କୁ ହୋଟେଲ, ଚା'ଦୋକାନ, ଘରୋଇ ଚାକର, ଖଣି, ବୟନଶିଳ୍ପ, ବାଣ ତିଆରି କାରଖାନରୁ ଉଦ୍ଧାର କରାଯାଇଛି। ଖଣି, ଟେକ୍ସଟାଇଲ, ବାଣ ତିଆରି ଆଦି ବିପଦଜନକ କାର୍ଯ୍ୟରେ ସେମାନଙ୍କୁ ନିୟୋଜିତ କରାଯିବା ନିଶ୍ଚିତ ଭାବେ ଉଦ୍‌ବେଗଜନକ। ସେହିପରି ବହୁ ବାଳିକାଙ୍କୁ ସ୍ପା, ମାସେଜ୍ ପାର୍ଲୋର ଏବଂ ଅର୍କେଷ୍ଟ୍ରା ଆଦିରୁ ଉଦ୍ଧାର କରାଯାଇଛି, ଯେଉଁମାନଙ୍କୁ ସାଧାରଣତଃ ଯୌନ ଶୋଷଣ କରାଯାଇଥାଏ କିମ୍ବା ଦେହଜୀବୀ କାର୍ଯ୍ୟରେ ନିୟୋଜିତ କରାଯାଇଥାଏ। ସେହିପରି ବେଆଇନ ଭାବେ ଶିଶୁମାନଙ୍କୁ ଶ୍ରମିକ ଭାବେ ନିୟୋଜିତ କରିଥିବା ୫୮୦୯ ନିଯୁକ୍ତିଦାତା ଓ ଶିଶୁଚାଲାଣକାରୀଙ୍କୁ ମଧ ଗିରଫ କରାଯାଇଛି। ଯେଉଁମାନଙ୍କ ମଧ୍ୟରୁ ୮୫ପ୍ରତିଶତ ଶିଶୁଙ୍କୁ ଶ୍ରମିକ ଭାବେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିଥିବା କୁହାଯାଏ। ଉଦ୍ଧାର ହୋଇଥିବା ଶିଶୁଙ୍କ ମଧ୍ୟରୁ ସଂଖ୍ୟାଧିକ ତେଲେଙ୍ଗାନାର ହୋଇଥିବାବେଳେ ଦ୍ୱିତୀୟ ସ୍ଥାନରେ ବିହାର, ତୃତୀୟ ସ୍ଥାନରେ ରାଜସ୍ଥାନ, ଚତୁର୍ଥ ସ୍ଥାନରେ ଉତରପ୍ରଦେଶ ଏବଂ ପଞ୍ଚମ ସ୍ଥାନରେ ପଶ୍ଚିମବଙ୍ଗ ରହିଛି। ତେବେ ଉଦ୍ଧାର ପାଇଥିବା ପଶ୍ଚିମବଙ୍ଗର ୨୯୭୧ ଜଣ ଶିଶୁଙ୍କ ମଧ୍ୟରୁ ୧୦୦୫ଜଣଙ୍କୁ ଯୌନ ଶୋଷଣ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ସେହିପରି ୧୧, ୪୦୯ ଜଣ ନିଖୋଜ ଶିଶୁଙ୍କ ମଧ୍ୟରୁ ୮୭୪୯ ଜଣଙ୍କୁ ଶିଶୁ ଶ୍ରମିକ ଭାବେ ବିପଦଜନକ କାର୍ଯ୍ୟରେ ନିୟୋଜିତ କରାଯାଇଥିବା କୁହାଯାଇଛି। କହିବା ବାହୁଲ୍ୟ ଯେ, ଆମ ରାଜ୍ୟରେ ନିଖୋଜ ଏବଂ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଶିଶୁଙ୍କ ସଂଖ୍ୟା ମଧ କିଛି ନୁହେଁ। ଶିଶୁ ଅଧିକାର ଆଇନ ଏବଂ ଶିଶୁ ଶ୍ରମିକ ଆଇନ ନିଷିଦ୍ଧ ବଳରେ ସେମାନଙ୍କୁ ଉଦ୍ଧାର କରାଯିବା ଏବଂ ନିୟୋଜିତକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ସତ୍ତ୍ୱେ ସେମାନଙ୍କ ସଂଖ୍ୟା କମୁ ନାହିଁ, ବରଂ ବଢ଼ିଚାଲିଛି। ଆମ ରାଜ୍ୟରେ ୪୪ହଜାରରୁ ଅଧିକ ଶିଶୁ ନିଖୋଜ ହୋଇଥିବା ରିପୋର୍ଟ ପ୍ରକାଶ ପାଇଥିବାବେଳେ ରେଳଷ୍ଟେସନ, ବସ ଷ୍ଟାଣ୍ଡରୁ ଚାଲାଣ ବେଳେ ଶିଶୁଙ୍କୁ ଉଦ୍ଧାର କରାଯିବା ଗଣମାଧ୍ୟମର ଶିରୋନାମା ପାଲଟିଛି। ଆହୁରି ମଧ ଘରୋଇ ଚାକର ଭାବେ ଶିଶୁଙ୍କୁ ନିର୍ଯ୍ୟାତନା ମଧ କିଛି କମ୍ ନୁହେଁ। ଏହା ନିସନ୍ଦେହ ଯେ, ବ୍ୟାପକ କଠୋର ଦଣ୍ଡବିଧାନ ବ୍ୟବସ୍ଥା ସତ୍ତ୍ୱେ ଦେଶରେ ଶିଶୁ ଶ୍ରମିକ ଓ ଶିଶୁ ନିଖୋଜ ଉଦ୍‌ବେଗଜନକ ଭାବେ ବଢ଼ିଚାଲିଛି। ଅବଜରଭର ଫାଉଣ୍ଡେସନ ପକ୍ଷରୁ ୨୦୨୦ରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଥିଲା ଯେ, ଭାରତ ବିଶ୍ୱର ଏକ ପଞ୍ଚମାଂଶ ଶିଶୁଙ୍କ ବାସସ୍ଥଳ ଥିବାବେଳେ ୩୩ମିଲିଅନ ଶିଶୁଙ୍କୁ ବିଭିନ୍ନ ବିପଦଜନକ କାର୍ଯ୍ୟରେ ଶିଶୁ ଶ୍ରମିକ ଭାବେ ନିୟୋଜିତ କରାଯାଇଛି। ଯେଉଁମାନଙ୍କର ବୟସ ୧୮ବର୍ଷରୁ କମ୍। ଏହା ସତ୍ୟ ଯେ, ଦାରିଦ୍ର୍ୟ ପରିବାରକୁ ଆର୍ଥିକ ସହାୟତା ଏବଂ ସ୍କୁଲ ଶିକ୍ଷାରେ ଫାଟ ଶିଶୁମାନଙ୍କୁ ଅସୁରକ୍ଷିତ କରିଦେଇଛି। ଦେଶରେ ଶିକ୍ଷା ଅଧିକାର ଆଇନରେ ୧୪ବର୍ଷ ବୟସ ପର୍ଯ୍ୟନ୍ତ ଶିକ୍ଷାକୁ ବାଧତାମୂଳକ ଭାବେ ମାଗଣା କରାଯାଇଥିବା ସତ୍ତ୍ୱେ ଦାରିଦ୍ର୍ୟ ଏଥିପ୍ରତି ମୁଖ୍ୟ ପ୍ରତିବନ୍ଧକ ଭାବେ ଉଭା ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଏହା ସତ୍ୟ ଯେ, ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ। ଶିଶୁ ସୁରକ୍ଷା ଏବଂ ଶିଶୁ ବିକାଶ ବିନା ଦେଶର ବିକାଶ କଳ୍ପନା କରାଯାଇନପାରେ। ଶିଶୁ ସମ୍ମୁଖୀନ ହେଉଥିବା ବିଭିନ୍ନ ଚ୍ୟାଲେଞ୍ଜର ସମାଧାନ ନହେବା ପର୍ଯ୍ୟନ୍ତ ଭାରତ ପରି ଏକ ଜନବହୁଳ, ଶିଶୁବହୁଳ ଏବଂ ଗରିବ ରାଷ୍ଟ୍ରରେ ଶିଶୁ ଶ୍ରମିକ ପ୍ରଥା କଦାପି ଲୋପପାଇବ ନାହିଁ। ଏଥିପ୍ରତି ସରକାର ଏବଂ ନୀତି ନିର୍ଦ୍ଧାରକମାନେ ଧ୍ୟାନ ଦେବା ଆବଶ୍ୟକ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ: ୭୯୭୮୬୬୪୦୩**

# ବିଜ୍ଞାନ ପ୍ରମାଣରେ ଜ୍ୟୋତିଷ ଶାସ୍ତ୍ର



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଜ୍ୟୋତିଷଶାସ୍ତ୍ର ଏକ ଛଦ୍ମ ବିଜ୍ଞାନ ଅଟେ, ଯାହା ଖଗୋଳିୟ ପିଣ୍ଡର ଚଳଣୀ ଏବଂ ସାପେକ୍ଷ ସ୍ଥିତିର ଅଧ୍ୟୟନ କରି ମନୁଷ୍ୟ ସମ୍ବନ୍ଧୀୟ ବିଷୟ ଏବଂ ସାଂସାରିକ ଘଟଣା ସମ୍ବନ୍ଧରେ ଦିବ୍ୟ କଥାବସ୍ତୁର ଦାବି କରିଥାଏ। ଏହି ଶାସ୍ତ୍ରଦ୍ୱାରା ମନୁଷ୍ୟ ତଥା ପୃଥିବୀର ଗ୍ରହ ଏବଂ ତାରାମାନଙ୍କର ଶୁଭ ତଥା ଅଶୁଭ ପ୍ରଭାବର ଅଧ୍ୟୟନ କରାଯାଇ ପାରେ। ଜ୍ୟୋତିଷ ଶବ୍ଦର ଅର୍ଥ ଗ୍ରହ ତଥା ନକ୍ଷତ୍ରଦ୍ୱାରା ସମ୍ବନ୍ଧିତ ରଖୁଥିବା ବିଦ୍ୟା। ଯଦିଓ ଏହି ଶବ୍ଦରୁ ଗଣିତ ଜ୍ୟୋତିଷର ମଧ ବୋଧ ହୋଇଥାଏ, ତଥାପି ସାଧାରଣ ଲୋକ ଜ୍ୟୋତିଷ ବିଦ୍ୟାଦ୍ୱାରା ଫଳିତ ବିଦ୍ୟାର ଅର୍ଥ ବୋଲି ଭାବି ନିଅନ୍ତି। ଭାରତୀୟ ଜ୍ୟୋତିଷରେ ସୂର୍ଯ୍ୟ ସିଦ୍ଧାନ୍ତ ଆଦି ଗ୍ରନ୍ଥରୁ ଆସୁଥିବା ବିନ୍ଦୁ ହିଁ ମେଷ ଆଦିର ଗଣନା କରାଯାଏ। ଏହିପ୍ରକାରେ ପାଶ୍ଚାତ୍ୟ ଗଣନା ପ୍ରଣାଳୀ ତଥା ଭାରତୀୟ ଗଣନା ପ୍ରଣାଳୀରେ ପାଖାପାଖି ୨୩ ଅଂଶର ଅନ୍ତର ପଡିଥାଏ। ଭାରତରେ ୧୨ଟି ରାଶିକୁ ୨୭ଟି ବିଭାଗରେ ଭାଗ କରାଯାଇଛି, ଯାହାକୁ ନକ୍ଷତ୍ର କୁହାଯାଏ। ଫଳାଫଳର ବିଚାର ପାଇଁ ଚନ୍ଦ୍ରମା' ନକ୍ଷତ୍ରର ବିଶେଷ ଉପଯୋଗ କରାଯାଏ।

ଜ୍ୟୋତିଷ ଶାସ୍ତ୍ର ପ୍ରାଚୀନ ଗ୍ରୀକ ଭାଷା ଶବ୍ଦ ଏଷ୍ଟ୍ରୋନ୍ (ତାରା ସମୂହ) ଏବଂ ଲୋଜି ଅଧ୍ୟୟନରୁ ନିଆ ଯାଇଥିବା ବିଷୟ। ଏହି ତନ୍ତ୍ର ପରମ୍ପରା ପ୍ରଥା ଏବଂ ବିଶ୍ୱାସର ସମୂହ ଅଟେ ଯାହା ଜରିଆରେ ଖଗୋଳିୟ ପିଣ୍ଡ ତଥା ଆକାଶୀୟ ପିଣ୍ଡର ତୁଳନାତ୍ମକ ସ୍ଥିତି ଏବଂ ଅନ୍ୟ ସମ୍ବନ୍ଧୀୟ ବିବରଣୀର ଆଧାରରେ ବ୍ୟକ୍ତିତ୍ୱ, ମନୁଷ୍ୟର ଜୀବନରେ ଜଡ଼ିତ ମାମଲା ଏବଂ ଅନ୍ୟ ସାଂସାରିକ ବିଷୟକୁ ବୁଝି ତାହାର ବ୍ୟାଖ୍ୟା କରାଯାଏ ଏବଂ ଏହି ସନ୍ଦର୍ଭରେ ସୂଚନା ଗୁଡିକୁ ସଂଗଠିତ କରାଯାଏ।

ଜ୍ୟୋତିଷର ବିଶ୍ୱାସ ଥାଏ ଯେ, ଖଗୋଳିୟ ପିଣ୍ଡର ଚଳଣୀ ଓ ତାହାର ସ୍ଥିତି ହୁଏତ ପୃଥିବୀକୁ ସିଧା ଉପାୟରେ ପ୍ରସ୍ତାବିତ କରିଥାଏ କିମ୍ବା କୌଣସି ପ୍ରକାରେ ମାନବଦ୍ୱାରା ଅନୁଭବ କରାଯାଉଥିବା ଘଟଣାରେ ସମ୍ବନ୍ଧ ହୋଇଥାଏ। ଆଧୁନିକ ଜ୍ୟୋତିଷଦ୍ୱାରା ଜ୍ୟୋତିଷକୁ ଏକ ପ୍ରତୀକାତ୍ମକ ଭାଷା ଏକ କଳା ରୂପେ କିମ୍ବା ଭବିଷ୍ୟ କଥନ, ପୂର୍ବଭାଷା ରୂପେ ପରିଭାଷିତ କରାଯାଇଛି। ବହୁ ବୈଜ୍ଞାନିକମାନେ ଏହାକୁ ଏକ ଛଦ୍ମ ବିଜ୍ଞାନ (PSEUDOSCIENCE) କିମ୍ବା ଅନ୍ଧବିଶ୍ୱାସ (SUPERSTITION)ର ନାମ ଦେଇଛନ୍ତି। ପରିଭାଷାରେ ଅନ୍ତର ହେବା ପରେ ମଧ, ଜ୍ୟୋତିଷ ବିଦ୍ୟାର ଏକ ସାମାନ୍ୟ ଧାରଣା ରହିଛି ଯେ, ଖଗୋଳିୟ ପିଣ୍ଡ ନିଜ କ୍ରମ ସ୍ଥାନରୁ ଭୁତ ଏବଂ ବର୍ତ୍ତମାନର ଘଟଣା ଓ ଭବିଷ୍ୟବାଣୀ (PREDICTION)କୁ ବୁଝିବାରେ ସାହାଯ୍ୟ କରିପାରେ। ଏକ ମତଦାନରେ ୩୧% ଆମେରିକୀୟମାନେ ଜ୍ୟୋତିଷ ଉପରେ ନିଜର ବିଶ୍ୱାସ ପ୍ରକଟ କରିଥିଲେ ଏବଂ ଏକ ଅନ୍ୟ ଅଧ୍ୟୟନ ଅନୁସାରେ, ୩୯% ଲୋକ ଏହାକୁ ବିଜ୍ଞାନ ବୋଲି ମାନିଛନ୍ତି। ଜ୍ୟୋତିଷ ଶାସ୍ତ୍ର ରେ କୁଣ୍ଡଳୀ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ L କୁଣ୍ଡଳୀ ଏପରି ଏକ ଚକ୍ର, ଯାହାଦ୍ୱାରା କୌଣସି ଇଷ୍ଟ କାଳରେ ରାଶି ଚକ୍ର "କ୍ରାନ୍ତି ଚକ୍ର"ଦ୍ୱାରା ସମ୍ବନ୍ଧିତ ହୋଇଥାଏ , ଯାହାର ସ୍ଥିତି ଅକ୍ଷାଂଶର ଭିନ୍ନତା କାରଣରୁ ବିଭିନ୍ନ ଦେଶରେ ଏକାପରି ହୋଇ ନଥାଏ। ଅତଏବ ରାଶି ଚକ୍ରର ସ୍ଥିତି ଜାଣିବା ପାଇଁ ସ୍ଥାନୀୟ ସମୟ ତଥା ନିଜ ସ୍ଥାନରେ ରହିଥିବା ରାଶିମାନଙ୍କର ଉଦୟ ସ୍ଥିତି ଜ୍ଞାନ ଆବଶ୍ୟକ ଅଟେ। ରାଶି ମାନଙ୍କର ଅଙ୍କଦ୍ୱାରା ବ୍ୟକ୍ତ କରାଯାଏ। ଏହିପ୍ରକାର ରାଶିଚକ୍ରକୁ କୁଣ୍ଡଳୀ କୁହାଯାଏ। ଭାରତୀୟ ପଦ୍ଧତିରେ ୭ଟି ଗ୍ରହ ହେଲେ : ସୂର୍ଯ୍ୟ, ଚନ୍ଦ୍ର, ମଙ୍ଗଳ, ବୃହସ୍ପତି, ଶନି, ରାହୁ ଓ କେତୁ। ପାଶ୍ଚାତ୍ୟ ପ୍ରଣାଳୀରେ (୧) ମେଷ, (୨) ବୃଷ, (୩) ମିଥୁନ, (୪) କର୍କଟ, (୫) ସିଂହ, (୬) କନ୍ୟା, (୭) ତୁଳା, (୮) ବିଛା, (୯) ଧନୁ, (୧୦) ମକର , (୧୧) କୁମ୍ଭ, (୧୨) ମୀନ ରାଶି L (୧) ବୁଧ, (୨) ଶୁକ୍ର, (୩) ପୃଥିବୀ, (୪) ମଙ୍ଗଳ, (୫) ଗୁରୁ, (୬) ଶନି, (୭) ବାରୁଣୀ, (୮) ବରୁଣ, ତଥା (୯) ଯମ ଗ୍ରହ L

ଆଧୁନିକ ବିଜ୍ଞାନ ଅନୁସାରେ ସୂର୍ଯ୍ୟ କିମ୍ବା କୌଣସି ଅନ୍ୟ ତାରାମାନଙ୍କ ଚାରିପଟେ ପରିକ୍ରମା କରୁଥିବା ଖଗୋଳ ପିଣ୍ଡକୁ ଗ୍ରହ କୁହାଯାଏ। ଅନ୍ତରାଷ୍ଟ୍ରୀୟ ଖଗୋଳୀୟ ସଂଘ ଅନୁସାରେ ଆମ ସୌର ମଣ୍ଡଳରେ ଆଠୋଟି ଗ୍ରହ ରହିଛି : ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି, ୟୁରାନସ, ନେପଚୁନ। ଏହାର ଅତିରିକ୍ତ ତିନୋଟି ବାମନ ଗ୍ରହ ରହିଛି : ସୀରୀସ, ପ୍ଲୁଟୋ, ଏରୀସ। ପ୍ରାଚୀନ ଖଗୋଳୀୟ ଶାସ୍ତ୍ରୀମାନେ ତାରା ଏବଂ ଗ୍ରହ ମାନଙ୍କ ମଧ୍ୟରେ ଅନ୍ତର ଏହି ପ୍ରକାର କରିଥିଲେ : ରାତିରେ ଆକାଶରେ ଚମକୁଥିବା ଅଧିକତର ପିଣ୍ଡ ସର୍ବଦା ପୂର୍ବ ପାର୍ଶ୍ୱରୁ ଉଦୟ ହୋଇ ପଶ୍ଚିମ ପଟେ ଅସ୍ତ ହୋଇଥାନ୍ତି। ଏହି ପିଣ୍ଡମାନଙ୍କ ନିଜ ନିଜ ମଧ୍ୟରେ କୌଣସି ପରିବର୍ତ୍ତନ ହୁଏନାହିଁ। ଏହି ପିଣ୍ଡମାନଙ୍କୁ ତାରା କୁହାଯାଏ। କିନ୍ତୁ ଏପରି କିଛି ପିଣ୍ଡ ଅଛନ୍ତି ଯାହା ଅନ୍ୟ ପିଣ୍ଡ ମାନଙ୍କ ସାପେକ୍ଷରେ କେବେକେବେ ଆଗକୁ ଯାଆନ୍ତି ଏବଂ କେବେ କେବେ ପଛକୁ ଯାଆନ୍ତି - ଏହାର ଅର୍ଥ ଏମାନେ କେବଳ ଘୁରିଥାନ୍ତି। PLANET ଏକ ଲାଟିନ୍ ଶବ୍ଦ ଅଟେ, ଯାହାର ଅର୍ଥ ଏପଟ ସେପଟ ହୋଇ ବୁଲିବା। ଏଥିପାଇଁ ଏହି ପିଣ୍ଡର ନାମ PLANET (ଗ୍ରହ) ଅଟେ। ଶନି ଗ୍ରହର ପରବର୍ତ୍ତୀ ଗ୍ରହକୁ ବିନା ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖାଯାଇ ପାରିବ ନାହିଁ। ଏଥିପାଇଁ ପ୍ରାଚୀନ ବୈଜ୍ଞାନିକ ମାନଙ୍କୁ କେବଳ ୫ଟି ଗ୍ରହ ବାବଦରେ ଜ୍ଞାତ ଥିଲା ଏବଂ ପୃଥିବୀକୁ ସେ ସମୟରେ ଗ୍ରହ ବୋଲି ମାନି ନ'ଥାନ୍ତି। "ଜ୍ୟୋତିଷ" ଶାସ୍ତ୍ର ଅନୁସାରେ ଗ୍ରହର ପରିଭାଷା ଅଲଗା ଅଟେ। ଭାରତୀୟ ଜ୍ୟୋତିଷ ଏବଂ ପୌରାଣିକ କଥାରେ ୯ଟି ଗ୍ରହକୁ ଗଣାଯାଏ : ସୂର୍ଯ୍ୟ, ଚନ୍ଦ୍ର, ବୁଧ, ଶୁକ୍ର, ମଙ୍ଗଳ, ଗୁରୁ, ଶନି, ରାହୁ ଏବଂ କେତୁ। ଗ୍ରହ ଦୁଇ ପ୍ରକାରର ହୋଇଥାଏ ଯଥା: ଆନ୍ତରିକ ଗ୍ରହ ଓ ବାହ୍ୟ ଗ୍ରହ। ଆନ୍ତରିକ ଗ୍ରହରେ - ବୁଧ,ଶୁକ୍ର, ପୃଥିବୀ, ମଙ୍ଗଳ ଏବଂ ବାହ୍ୟ ଗ୍ରହରେ - ବୃହସ୍ପତି, ଶନି, ଅରୁଣ, ବରୁଣ ଅଟେ। ୮ଟି ଗ୍ରହ ଯଥା ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି, ୟୁରେନସ୍ ଓ ନେପଚୁନ୍ ସୂର୍ଯ୍ୟକୁ ଅଣ୍ଡାକାର ପଥରେ ପରିକ୍ରମା କରନ୍ତି। ସୂର୍ଯ୍ୟଙ୍କ ନିକଟତମ ୪ଟି ଗ୍ରହ ଯଥା ବୁଧ, ଶୁକ୍ର, ପୃଥିବୀ ଓ ମଙ୍ଗଳ ମୁଖ୍ୟତଃ କଠିନ ହୋଇଥିବା ସ୍ଥଳେ ଦୂରବର୍ତ୍ତୀ ୪ଟି ଗ୍ରହ ଯଥା ବୃହସ୍ପତି, ଶନି, ପ୍ଲୁଟୋ ଗାସୀୟ ପିଣ୍ଡ ଏବଂ ୟୁରେନସ୍ ଓ ନେପଚୁନ୍ ବରଫ ଗ୍ରହ ଭାବରେ ପରିଚିତ।

ସୌର ମଣ୍ଡଳ ଗ୍ରହରେ ପୃଥିବୀକୁ ଛାଡି ଗ୍ରୀକ ଓ ରୋମାନ ପରି ଦେବତା ମାନଙ୍କ ନାମ ରହିଛି, କାରଣ ଲୋକମାନେ ଅଜଣା ଥିଲେ ଯେ, ପୁରାତନ କାଳରେ ପୃଥିବୀ ଏକ ଗ୍ରହ ଅଟେ। ହୁଏତ, ପୃଥିବୀକୁ କେବେ କେବେ ରୋମାନ ଦେବତା "ଟେରା" ନାମରେ ଜଣାଯାଏ। ଉଦାହରଣ ପାଇଁ, ଚୀନ ମଧ ବିଭିନ୍ନ ନାମର ଉପ୍ୟୋଗ କରିଥାଏ। ଚନ୍ଦ୍ରମାରେ ଦେବତା ଓ ଶାସ୍ତ୍ରୀୟ ପୌରାଣିକ କଥାର ଲୋକ କିମ୍ବା ଶେକ୍ସପିୟରଙ୍କଦ୍ୱାରା ଲିଖିତ ନାଟକର ନାମ ମଧ ରାହିଛି। ତାରାମାନଙ୍କର ସୃଷ୍ଟି ପାରି ଗ୍ରହ ମଣ୍ଡଳର ଉତ୍ପତ୍ତି ହୋଇଛି। ଆଧୁନିକ ଖଗୋଳ ଶାସ୍ତ୍ରରେ ଯଣାଯାଇଛି ଜେ, ଯେତେବେଳେ ଅନ୍ତରିକ୍ଷରେ କୌଣସି ଆଣବିକ ବାଦଲ ଗୁରୁତ୍ୱାକର୍ଷଣ ଫଳରେ ହଠାତ ପତନ ହେବାରେ ଲାଗିଥାଏ ତ'ସେଠାରେ କୌଣସି ତାରା ଏକ ଆଦିଗ୍ରହ ଚକ୍ର (ପ୍ରୋଟୋପ୍ଲେଷ୍ଟରୀ ଡିଷ୍କ) ଭାବେ ତିଆରି କାରିଥାଏ। ପ୍ରଥମେ ଅଣୁ ଜମା ହୋଇ ଧୂଳୀର କଣିକା ବନେଇ ଦେଇଥାଏ, ପରେ କଣିକା ମିଶି ଧାତୁଖଣ୍ଡ ତିଆରି ହୋଇଥାଏ। ଗୁରୁତ୍ୱାକର୍ଷଣର ଲଗାତାର ପ୍ରଭାବ ହେତୁ ଏହି ଧାତୁଖଣ୍ଡ ମଧ୍ୟରେ ଧକ୍କା ଏବଂ ସମବେତ ହୋଇଥାଏ ଏବଂ ଧିରେ ଧିରେ ଏହା ବଡ଼ ଟୁକୁଡା ଖଣ୍ଡ ଭାବେ ତିଆରି ହୋଇଯାଏ ଯାହା ସମୟ ସହିତ ଗ୍ରହ, ଉପଗ୍ରହ ଓ ଅଲଗା ବସ୍ତୁର ରୂପ ଧାରଣ କରିଥାଏ। ଯେଉଁ ବସ୍ତୁ ବଡ଼ ହୋଇଥାଏ ସେମାନଙ୍କ ଗୁରୁତ୍ୱାକର୍ଷଣ ଶକ୍ତିଶାଳୀ ହୋଇଥାଏ ଏବଂ ସେ ନିଜକୁ ସଙ୍କୁଚିତ କରି ଏକ ଗୋଲ ଆକାର ଧାରଣ କରିଦିଅନ୍ତି। କୌଣସି ଗ୍ରହ ମଣ୍ଡଳର ସୃଜନ ପୂର୍ବରୁ ଚରଣରେ ଏହି ଗ୍ରହ ଏବଂ ଉପଗ୍ରହ କେବେ କେବେ ନିଜ ମଧ୍ୟରେ ବାଡେଇ ହୋଇଯାନ୍ତି , ଯାହାଦ୍ୱାରା ଏହା ଖଣ୍ଡ ହୋଇଯାଏ କିମ୍ବା ବେଳେବେଳେ ଜୋଡିହୋଇ ଆହୁରି ବଡ଼ ହୋଇଯାଏ। ଆମ ପୃଥିବୀ ସହିତ ଏକ ମଙ୍ଗଳ ଗ୍ରହ ପରି ବଡ଼ ବସ୍ତୁର ଭୟଙ୍କର ଧକ୍କା ହୋଇଥିଲା, ଯାହାଦ୍ୱାରା ପୃଥିବୀର ଏକ ବଡ଼ ଅଂଶ ଛାଡି ପରିକ୍ରମା ଗ୍ରହପଥକୁ ଚାଲିଯାଇଥିଲା ଏବଂ ଧିରେ ଧିରେ ଯୋଡିହୋଇ ଚନ୍ଦ୍ରମା ହୋଇଗଲା।

ତେବେ ଜ୍ୟୋତିଷ ଶାସ୍ତ୍ର ଏକ ମୂଲ୍ୟବାନ ଶାସ୍ତ୍ର ଯାହା ମନୁଷ୍ୟ ଏବେ ନିଜର ପାରିପାର୍ଶ୍ୱିକ ସ୍ଥିତି, କର୍ମକ୍ଷେତ୍ର, ସାମାଜିକ ଅବସ୍ଥା , ପାରିପାର୍ଶ୍ୱିକ ଅବସ୍ଥା, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ସବୁକୁ ନିୟନ୍ତ୍ରଣ କରିପାରିବାର କ୍ଷମତା ରଖୁଛି। ନିଜ ବୁଦ୍ଧି ବଳରେ ମଣିଷ ଏବେ ସେହି ଗ୍ରହ ନକ୍ଷତ୍ରମାନଙ୍କ ପାଖରେ ପହଞ୍ଚି ବିଭିନ୍ନ ମହାଜାଗତିକ ପିଣ୍ଡ ଗୁଡ଼ିକ ବିଷୟରେ ଗବେଷଣା କରୁଛି ସତ ତଥାପି ମନୁଷ୍ୟ ନିଜ ବିଶ୍ୱାସରୁ ବାହାରି ଯାଇ ପାରି ନାହିଁ ଯେ, ଗ୍ରହ ନକ୍ଷତ୍ର ମାନଙ୍କ ଯୋଗୁଁ ତାର ଜୀବନରେ ପରିବର୍ତ୍ତନ ମଧ ଆସୁଛି। ତେଣୁ ଜ୍ୟୋତିଷ ଶାସ୍ତ୍ର ହେଉଛି ଏକ ଉପାଦେୟ ଗ୍ରନ୍ଥ ଯାହା ବେଦର ମଧ ପ୍ରଧାନ ଅଙ୍ଗ। ତେଣୁ ଜ୍ୟୋତିଷଶାସ୍ତ୍ର କେଉଁ ପୁରାତନ ଓ କେଉଁ ଅନନ୍ତ କାଳରୁ ପ୍ରଚଳିତ ଅଛି। ଆର୍ଯ୍ୟବ୍ରତର ପୂର୍ବ ଋଷିମୁନି, ଯେଉଁ ମାନେ କି ମହାଜ୍ଞାନୀ, ଜ୍ୟୋତିର୍ବିଜ୍ଞାନି ମାନେ ସେମାନେ ବିଦ୍ୟାକୁ ଆବିଷ୍କାର କରିଛନ୍ତି। ଏ ବିଦ୍ୟାର ଆବଶ୍ୟକତା ମାନବ ସମାଜ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ମଧ ରହିଛି। ତେଣୁ ଜ୍ୟୋତିଷଶାସ୍ତ୍ର ସଦାସର୍ବଦା ଥିଲା, ରହିଛି ଆଉ ଯୁଗ ଯୁଗ ଧରି ରହିଥିବ ମଧ।

**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ: ୯୯୩୮୯୦୬୦୭୦**

● ଖାଇକୁ ଖସିଲା ସିଆରପିଏଫ୍ ଗାଡ଼ି

# ୩ ଯବାନ ମୃତ, ୧୬ ଆହତ



**ଉଧମପୁର,୭।୮:** ଜମ୍ମୁ-କାଶ୍ମୀରର ଉଧମପୁର ଜିଲ୍ଲାର ବସନ୍ତଗଡ଼ ଅଞ୍ଚଳର କାଣ୍ଡଭା ନିକଟରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ଜଣ ସିଆରପିଏଫ୍ ଯବାନଙ୍କ ମୃତ୍ୟୁ ଘଟିଛି। ସିଆରପିଏଫ୍ ଯବାନଙ୍କୁ ନେଇ ଯାଉଥିବା ଉକ୍ତ ଗାଡ଼ିଟି କୌଣସି କାରଣବଶତଃ ଖାଇକୁ ଖସିପଡ଼ିବା ଫଳରେ ଏଭଳି ଅଘଟଣ ଘଟିଛି। ଏହି ଦୁର୍ଘଟଣାରେ ୧୬ ଜଣ ଯବାନ ମଧ୍ୟ ଆହତ ହୋଇଛନ୍ତି। ଉଧମପୁରର ଅତିରିକ୍ତ ଏସପି ସନ୍ଦୀପ ଭଟ୍ଟଙ୍କଠାରୁ ମିଳିଥିବା ସୂଚନାନୁସାରେ, ଖବର ପାଇବା ପରେ ପୁଲିସ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଆହତ ଯବାନମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲକୁ ପଠାଇଛି। ଦୁର୍ଘଟଣା ଘଟିବା ପରେ ୨ ଜଣ ଯବାନ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ହସ୍ପିଟାଲକୁ ଯାଉଥିବା ସମୟରେ ମୃତ୍ୟୁବରଣ କରିଛନ୍ତି। ଦୁର୍ଘଟଣା ଘଟିବା ସମୟରେ ଉକ୍ତ ଗାଡ଼ିରେ ମୋଟ ୨୩ ଜଣ ଯବାନ ଥିଲେ। ସେମାନେ ବସନ୍ତଗଡ଼ରୁ ଏକ ଅପରେସନ ସାରି ଫେରୁଥିବା ସମୟରେ ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ କାଣ୍ଡଭା ଅଞ୍ଚଳରେ ଏପରି ଦୁର୍ଘଟଣାର ଶିକାର ହୋଇଥିଲେ। ଉକ୍ତ ଗାଡ଼ିଟି ୧୮୭ ବାଟାଲିୟନର ଥିବା ବେଳେ ଏହି ଦୁର୍ଘଟଣାରେ କେନ୍ଦ୍ରୀୟ ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ତଥା ଉଧମପୁର ସାଂସଦ ଜିତେନ୍ଦ୍ର ସିଂହ ଦୁଃଖ ପ୍ରକାଶ କରିଛନ୍ତି। ଉଧମପୁରର ଡେପୁଟି କମିଶନର ସାଲୋନୀ ରାୟଙ୍କ ସହ କଥା ହେବା ସହ ପରିସ୍ଥିତି ଉପରେ ତୀକ୍ଷଣ ଦୃଷ୍ଟି ରଖିବା ସକାଶେ ପରାମର୍ଶ ଦେଇଥିବା କହିଛନ୍ତି। ସେ ସୋସିଆଲ୍ ମିଡିଆ 'ଏକ୍ସ'ରେ ଏକ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ ଉଦ୍ଧାର କାର୍ଯ୍ୟ ତୁରନ୍ତ ଆରମ୍ଭ ହୋଇଛି। ସ୍ଥାନୀୟ ଲୋକେ ସ୍ୱେଚ୍ଛାକୃତ ଭାବେ ଉଦ୍ଧାର କାର୍ଯ୍ୟରେ ସହଯୋଗ କରୁଛନ୍ତି। ସରକାରଙ୍କ ପକ୍ଷରୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ସିଂହ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଜମ୍ମୁ-କାଶ୍ମୀରର ଲେଫ୍ଟନାଣ୍ଟ ଗଭର୍ଣ୍ଣର ମନୋଜ ସିହ୍ନା ମଧ୍ୟ ଦୁଃଖ ପ୍ରକାଶ କରିଛନ୍ତି। ଉଧମପୁର ନିକଟରେ ଘଟିଥିବା ଦୁର୍ଘଟଣାରେ ସିଆରପିଏଫ୍ ଯବାନଙ୍କ ମୃତ୍ୟୁ ଘଟିବା ଅତ୍ୟନ୍ତ ଦୁଃଖଦ ଘଟଣା ବୋଲି ସେ କହିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ବର୍ଷ ଶେଷରେ ଆସିବେ ପୁଟିନ୍

**ମସ୍କୋ,୭।୮:** ରୁଷିଆ ରାଷ୍ଟ୍ରପତି ଭ୍ଲାଦିମୀର୍ ପୁଟିନ୍ ଚଳିତ ବର୍ଷ ଶେଷ ଭାଗରେ ଭାରତ ଆସିବେ। ଏନେଇ ଆଜି ଭାରତର ଜାତୀୟ ନିରାପତ୍ତା ଉପଦେଷ୍ଟା (ଏନ୍ଏସ୍ଏ) ଅଜିତ୍ ଡୋଭାଲ୍ ସୂଚନା ଦେଇଛନ୍ତି। ଆଜି ଏଠାରେ ରୁଷିଆର ନିରାପତ୍ତା ପରିଷଦ ସଚିବ ସର୍ଗେଇ ଶୋଇଗୁଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ସମୟରେ ଶ୍ରୀ ଡୋଭାଲ୍ ଏହା ସ୍ପଷ୍ଟ କରିଛନ୍ତି। ତେବେ ତାଙ୍କ ଆଗମନ ନେଇ ସଠିକ୍ ତାରିଖ ପରବର୍ତ୍ତୀ ସମୟରେ ଜଣାପଡ଼ିବ। କିନ୍ତୁ ଭାରତ ପୁଟିନ୍‌ଙ୍କ ଆଗମନକୁ ନେଇ ବେଶ୍ ଉତ୍ସାହିତ ଓ ଉତ୍କଣ୍ଠିତ ବୋଲି ଶ୍ରୀ ଡୋଭାଲ୍ କହିଛନ୍ତି। ତେବେ ପୁଟିନ୍ ୨୦୨୨ରେ ୟୁକ୍ରେନ୍ ବିପକ୍ଷ ଯୁଦ୍ଧରେ ସାମିଲ୍ ହେବା ପରେ ଏହା ତାଙ୍କର ପ୍ରଥମ ଭାରତ ଗସ୍ତ ହେବ। ସମ୍ପ୍ରତି ଆମେରିକା ପକ୍ଷରୁ ଭାରତ ଉପରେ କଡ଼ା ଟାରିଫ୍ ନୀତି ଲଦି ଦିଆଯାଇଥିବାରୁ ଏପରି ସ୍ଥିତିରେ ପୁଟିନ୍‌ଙ୍କ ଭାରତ ଗସ୍ତ ବିଶେଷ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇପାରେ।

ଉତ୍ତରକାଶୀରେ ବାଦଲଫଟା ବର୍ଷା ଘଟଣା

# ଉଦ୍ଧାର ହେଲେଣି ୨୭୪, ସୂଚନା ଦେଲେ ମୁଖ୍ୟମନ୍ତ୍ରୀ

● ଲଗାଣ ବର୍ଷା ଯୋଗୁଁ ପ୍ରଭାବିତ ହୋଇଛି ଉଦ୍ଧାର କାର୍ଯ୍ୟ

● ଏବେ ବି ୫୦ରୁ ଉର୍ଦ୍ଧ୍ୱ ନିଖୋଜ ଅଛନ୍ତି



**ଡେରାଡୁନ୍,୭।୮:** ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାରେ ଗତ ମଙ୍ଗଳବାର ଘଟିଥିବା ବିନାଶକାରୀ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ଧରାଲି ଗାଁ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏଥିରେ ଅନେକ ଲୋକ କାଦୁଅ ତଳେ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି। ତେବେ ଘଟଣା ପରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ଇତିମଧ୍ୟରେ ୨୭୪ ଜଣଙ୍କୁ ଉଦ୍ଧାର କରାଯାଇସାରିଥିବା ସୂଚନା ମିଳିଛି। ଏନେଇ ଆଜି ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ସୂଚନା ଦେଇଛନ୍ତି। କ୍ଷୀର ଗଙ୍ଗା ନଦୀର ଉପର ଅଞ୍ଚଳରେ ହଠାତ୍ ବାଦଲ ଫଟା ବର୍ଷା ହେବା ଯୋଗୁଁ ଏଭଳି ଅଘଟଣ ଘଟିଥିବା ବେଳେ ବନ୍ୟା ଯୋଗୁଁ ଅନେକ ଘର, ହୋଟେଲ, ଦୋକାନ ଓ ରାସ୍ତା ନଷ୍ଟଭ୍ରଷ୍ଟ ହୋଇଯାଇଛି। ଅଦ୍ୟାବଧି ୫ ଜଣଙ୍କ ମୃତ୍ୟୁ ନେଇ ଠୋସ୍ ଖବର ମିଳିଥିବା ବେଳେ ୫୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି। ସେମାନଙ୍କ ମଧ୍ୟରେ ୧୧ ଜଣ ଭାରତୀୟ ଯବାନ ମଧ୍ୟ ସାମିଲ୍ ଅଛନ୍ତି। ଆଜି ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ସବିଶେଷ ବିବରଣୀ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ଧାମୀ କହିଛନ୍ତି ଯେ ଏପର୍ଯ୍ୟନ୍ତ ୨୭୪ ଜଣଙ୍କୁ ଗଙ୍ଗୋତ୍ରୀ ଓ ଆଖପାଖ ଅଞ୍ଚଳରୁ ନିରାପଦରେ ଉଦ୍ଧାର କରାଯାଇଛି। ଉଦ୍ଧାର କାର୍ଯ୍ୟରେ ଭାରତୀୟ ସେନା, ଜାତୀୟ ବିପର୍ଯ୍ୟୟ ପ୍ରତିକାର ବଳ (ଏନ୍‌ଡିଆର୍‌ଏଫ୍), ରାଜ୍ୟ ବିପର୍ଯ୍ୟୟ ପ୍ରତିକାର ବଳ (ଏସ୍‌ଡିଆର୍‌ଏଫ୍), ଭାରତ-ତିବ୍ବତ ସୀମାନ୍ତ ପୁଲିସ (ଆଇଟିବିପି) ଓ ସ୍ଥାନୀୟ ପୁଲିସ ସାମିଲ ହୋଇଛନ୍ତି। ଏଥିସହ ଉଦ୍ଧାର କାର୍ଯ୍ୟରେ ଡ୍ରୋନ, ଥର୍ମାଲ ଇମେଜିଂ କ୍ୟାମେରା, ଭିକ୍ଟିମ୍ ଡିଟେକ୍ସନ ଡିଭାଇସ୍ ଓ ହେଭି ମେସିନାରୀ ଆଦିର ଉପଯୋଗ କରାଯାଉଛି।

ଗତକାଲି ମୁଖ୍ୟମନ୍ତ୍ରୀ ଶ୍ରୀ ଧାମୀ ଧରାଲୀ ଗାଁରେ ପହଞ୍ଚି ହେଲିକପ୍ଟର ଯୋଗେ କ୍ଷତିଗ୍ରସ୍ତ ଅଞ୍ଚଳର ଏକ ସର୍ଭେ କରିବା ସହ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ। ସେ କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟି ସମସ୍ତ ସମ୍ଭାବ୍ୟ ସାହାଯ୍ୟ ଯୋଗାଇଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଶ୍ରୀ ଧାମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ କଥାବାର୍ତ୍ତା କରି ପରିସ୍ଥିତି ସମ୍ପର୍କରେ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାର ମଧ୍ୟ ସମସ୍ତ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ଧାମୀ କହିଛନ୍ତି। ଅନ୍ୟପକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆଯାଉଥିବା ସୂଚନାନୁଯାୟୀ, ବନ୍ୟା ଯୋଗୁଁ ଉତ୍ତରକାଶୀ-ହରସିଲ ରାସ୍ତା ସମ୍ପୂର୍ଣ୍ଣ ଭାବେ ଅବରୋଧ ରହିଛି। ଗଙ୍ଗୋତ୍ରୀ ଧାମକୁ ଯାତାୟାତ ମଧ୍ୟ ପ୍ରଭାବିତ ହୋଇଛି। ଏଥିସହ ରାଜ୍ୟରେ ଅନେକ ସ୍ଥାନରେ ଜାରି ରହିଥିବା ଭୀଷଣ ବର୍ଷା ଯୋଗୁଁ ଉଦ୍ଧାର କାର୍ଯ୍ୟରେ ସାମିଲ୍ ଥିବା କର୍ମଚାରୀମାନେ ବ୍ୟାପକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ପାଗ ଭଲ ହେଲେ ଉଦ୍ଧାର କାର୍ଯ୍ୟରେ ଭାରତୀୟ ବାୟୁସେନାର ହେଲିକପ୍ଟରର ଉପଯୋଗ କରାଯିବ ବୋଲି ସୂଚନା ମିଳିଛି। ସେହିପରି ଉତ୍ତରାଖଣ୍ଡ ସରକାର ବିପର୍ଯ୍ୟୟ ପ୍ରଭାବିତଙ୍କ ପାଇଁ ଖାଦ୍ୟ, ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେଇଛନ୍ତି। ଜିଲ୍ଲା ଜରୁରୀକାଳୀନ ଅପରେସନ ସେଣ୍ଟର ପକ୍ଷରୁ ପରିସ୍ଥିତିର ମୁକାବିଲା ପାଇଁ ହେଲ୍ପଲାଇନ ନମ୍ବର ମଧ୍ୟ ଜାରି କରାଯାଇଛି। ଏଥିସହ ସ୍ଥାନୀୟ ନିବାସୀ ଓ ତୀର୍ଥଯାତ୍ରୀଙ୍କୁ ନଦୀ କୂଳଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି।

ଉତ୍ତରାଖଣ୍ଡରେ ପ୍ରକୃତିର ତାଣ୍ଡବ ବେଶ୍ ପୁରୁଣା

# ୯ ବର୍ଷରେ ୧୮,୪୬୪ ପ୍ରାକୃତିକ ବିପର୍ଯ୍ୟୟ



୬୭ ଥର ହୋଇଛି ବାଦଲଫଟା ବର୍ଷା

**ନୂଆଦିଲ୍ଲୀ:** ଗତ ମଙ୍ଗଳବାର ଉତ୍ତରାଖଣ୍ଡର ଉତ୍ତରକାଶୀରେ ହୋଇଥିବା ଭୟଙ୍କର ବାଦଲଫଟା ବର୍ଷା ଓ ତଜ୍ଜନିତ ଫ୍ଲାସ୍‌ଫ୍ଲଡ୍ ଯୋଗୁଁ ସେଠାରେ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଛି। ତେବେ ଉତ୍ତରାଖଣ୍ଡରେ ଏଭଳି ପ୍ରାକୃତିକ ବିପର୍ଯ୍ୟୟ କିଛି ନୂଆ ନୁହେଁ, ବରଂ ଏହା ବେଶ୍ ପୁରୁଣା। ରାଜ୍ୟରେ ବିଗତ ୯ ବର୍ଷରେ ବହୁ ୧୮ ହଜାର ୪୬୪ ଥର ପ୍ରାକୃତିକ ବିପର୍ଯ୍ୟୟ ଘଟିଛି, ଯେଉଁଥିରେ ଅନେକ ଧନ ଜୀବନ ହାନୀ ଘଟିଛି। ବିପର୍ଯ୍ୟୟ ପରିଚାଳନା ବିଭାଗ ରାଜ୍ୟରେ ସଡକ ଦୁର୍ଘଟଣା, ନିଆଁ, ଭୂସ୍ଖଳନ, ଭୂକମ୍ପ, ବନ୍ୟା, ହିମସ୍ଖଳନ, ବଜ୍ରପାତ, ଜଙ୍ଗଲି ପଶୁଙ୍କ ଆକ୍ରମଣ, ବାଦଲ ଫଟା ବର୍ଷା, ବନାଗ୍ନି ଏବଂ ରୋଗ ବ୍ୟାପିବା ଭଳି ଘଟଣାର ଏକ ବିବରଣୀ ପ୍ରସ୍ତୁତ କରିଛି। ଏହି ଘଟଣାରେ ମୃତ୍ୟୁ, ଆହତ, ନିଖୋଜ ହେବାର ସୂଚନା ଏକତ୍ର କରାଯାଇଛି। ଏହାଛଡା ଘରର ଆଶିଂକ ଓ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବାର ରେକର୍ଡ ରଖାଯାଇଛି। ବିପର୍ଯ୍ୟୟ ପରିଚାଳନା ବିଭାଗ ଗତ ୨୦୧୫ରୁ ୨୦୨୪ ପର୍ଯ୍ୟନ୍ତ ଘଟିଥିବା ପ୍ରାକୃକି ବିପର୍ଯ୍ୟୟ ସମ୍ପର୍କରେ ସୂଚନା ଦେଇଛି। ପ୍ରତିବର୍ଷ ହଜାର ହଜାର ବିପର୍ଯ୍ୟୟ ଘଟୁଛି। ଏଥି ମଧ୍ୟରେ ସର୍ବାଧିକ ପ୍ରବଳ ବର୍ଷା ଓ ଫ୍ଲାସଫ୍ଲଡ୍ ରହିଛି। ଗତ ୯ ବର୍ଷରେ ଉତ୍ତରାଖଣ୍ଡରେ ୧୨୭୫୮ଟି ଏପରି ଅଘଟଣ ଘଟିଛି। ଏହାଛଡା ଭୂସ୍ଖଳନ ମଧ୍ୟ ଏହି ପାହାଡ଼ିଆ ରାଜ୍ୟ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହୋଇଛି। ଆଲୋଚ୍ୟ ସମୟରେ ୪୬୫୪ ହଜାରରୁ ଅଧିକ ଭୂସ୍ଖଳନ ଘଟଣା ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘଟିଥିବା ବେଳେ ୬୭ ଥର ବାଦଲ ଫଟା ବର୍ଷା ହୋଇଛି। ସର୍ବାଧିକ ଘଟଣା ପୌଡ଼ି ଜିଲ୍ଲାରେ ଘଟିଛି। ଆହୁରି ୯୨ ଥର ହିମସ୍ଖଳନ ଘଟିଥିବା ବେଳେ ୬୩୪ ଥର ଝଡ଼ତୋଫାନ ଓ ୨୫୯ ଥର ବଜ୍ରପାତ ଘଟିଛି। ଏହାଛଡ଼ା ଉତ୍ତରକାଶୀରେ ଗତ ୯ ବର୍ଷରେ ଭୂସ୍ଖଳନ, ବନ୍ୟା, ପ୍ରବଳ ବର୍ଷା-ଫ୍ଲାସ ଫ୍ଲଡ, ହିମସ୍ଖଳନ, ବଜ୍ରପାତ, ବାଦଲଫଟା ବର୍ଷା, ଜଙ୍ଗଲ ନିଆଁ ଭଳି ୧୫୨୫ଟି ଘଟଣା ଘଟିଥିବା ଜଣାପଡ଼ିଛି। ଏହି ସମୟରେ ଜିଲ୍ଲାରେ କେବଳ ଥରେ ବାଦଲଫଟା ବର୍ଷା ହୋଇଛି। ପ୍ରାକୃତିକ ବିପର୍ଯ୍ୟୟଜନିତ ପ୍ରଭାବ ହ୍ରାସ ପାଇଁ ପ୍ରଶାସନ ଉଦ୍ୟମ କରୁଛି।

# ରାଜସ୍ଥାନରେ ୩.୯ ତୀବ୍ରତା ବିଶିଷ୍ଟ ଭୂକମ୍ପ



● ମଧ୍ୟପ୍ରଦେଶରେ ବି ଅନୁଭୂତ
● କ୍ଷୟକ୍ଷତି ସୂଚନା ନାହିଁ

**ଜୟପୁର,୭।୮:** ଆଜି ସକାଳେ ରାଜସ୍ଥାନର କେତେକ ଅଞ୍ଚଳରେ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ରାଜସ୍ଥାନର ପ୍ରତାପଗଡ଼ ଜିଲ୍ଲାରେ ଅନୁଭୂତ ହୋଇଥିବା ଏହି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୩.୯ ରେକର୍ଡ କରାଯାଇଛି। ଏହାର ପ୍ରଭାବ ମଧ୍ୟପ୍ରଦେଶ ମନ୍ଦସୌର ଜିଲ୍ଲାର ପିପାଲିୟାମଣ୍ଡି ଓ ମଲହାରଗଡ଼ ଅଞ୍ଚଳରେ ମଧ୍ୟ ଅନୁଭୂତ ହୋଇଛି। ତେବେ କୌଣସି ସ୍ଥାନରେ ବି ଧନଜୀବନ କ୍ଷୟକ୍ଷତି ନେଇ କୌଣସି ସୂଚନା ନାହିଁ। ମିଳିଥିବା ସୂଚନାନୁସାରେ, ଭୂକମ୍ପର କେନ୍ଦ୍ରସ୍ଥଳ ରାଜସ୍ଥାନର ପ୍ରତାପଗଡ଼ ନିକଟସ୍ଥ ସହରରେ ଭୂମିରୁ ୧୦ କିମି ତଳେ ଥିବା ଜଣାପଡ଼ିଛି। ପୂର୍ବାହ୍ନ ପ୍ରାୟ ୧୦ଟା ୭ ମିନିଟ୍ ସମୟରେ ମଲହାରଗଡ଼ ତହସିଲର ଅମରପୁରାର କାନଘାଟି, ପିପାଲିୟାମଣ୍ଡିର ଆଖପାଖ ଗାଁ ଓ ମନ୍ଦସୌରର ରେୱାସ-ଦେବଦା ଅଞ୍ଚଳରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି। ସେହିପରି ପ୍ରତାପଗଡ଼ ସହରର ନୟା ଆବାଡି, ସଦର ବଜାର, ଆରେପାଟୀ, ଜଳ କାର୍ଯ୍ୟ, ବାଡା ବାଗ କଲୋନୀ, ମନପୁର ଏବଂ ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଲୋକମାନେ ଝଟ୍‌କା ଅନୁଭବ କରିଛନ୍ତି। ଲୋକମାନେ ଭୟଭୀତ ହୋଇ ନିଜ ଘରୁ ବାହାରକୁ ଚାଲିଆସିବା ସହ ଦୀର୍ଘ ସମୟ ଧରି ବାହାରେ ଛିଡ଼ା ହୋଇ ରହିଥିବା ଦେଖିବାକୁ ମିଳିଛି। ସେହିପରି ସୋସିଆଲ୍ ମିଡିଆରେ ଏପରି ଏକାଧିକ ଭିଡିଓ ଭାଇରାଲ୍ ହେଉଛି। ସେହିପରି ମନ୍ଦସୌର୍‌ରେ ଏକ ପେଟ୍ରୋଲ୍ ପମ୍ପ କିଛି କ୍ଷଣ ପାଇଁ ଦୋହଲୁଥିବାର ଏକ ଭିଡିଓ ମଧ୍ୟ ଭାଇରାଲ୍ ହୋଇଛି। ତେବେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ କୌଣସି ଗୁଜବରେ ବିଶ୍ୱାସ ନ କରିବାକୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ ରାଜସ୍ଥାନର ପ୍ରତାପଗଡ଼ରେ ଶେଷ ଥର ପାଇଁ ଗତ ୨୦୦୦ ମସିହାରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା। ସେତେବେଳେ ରିକ୍ଟର ସ୍କେଲରେ ଉକ୍ତ ଭୂକମ୍ପର ତୀବ୍ରତା ୩.୯ ଥିଲା।

# ସାଢ଼େ ୧୪ କୋଟିର ଡ୍ରଗ୍ସ ଜବତ

**ମୁମ୍ବାଇ,୭।୮:** ବ୍ୟାଙ୍କକରୁ ଆସି ମୁମ୍ବାଇ ବିମାନ ବନ୍ଦରରେ ପହଞ୍ଚିଥିବା ଜଣେ ଯାତ୍ରୀଙ୍କ ଟ୍ରଲି ବ୍ୟାଗ୍‌ରୁ ସାଢ଼େ ୧୪ କୋଟି ଟଙ୍କାର ଡ୍ରଗ୍ସ ଜବତ କରାଯାଇଛି। ଉକ୍ତ ବ୍ୟାଗ୍ ତଲାସୀ ସମୟରେ ସେଥିରୁ ୧୪ କିଲୋଗ୍ରାମ୍‌ରୁ ଅଧିକ ହୋଇଡ୍ରୋପୋନିକ୍ ବିଡ୍ ଜବତ ହୋଇଥିବା କଷ୍ଟମ ଅଧିକାରୀ ସୂଚନା ଦେଇଛନ୍ତି। ଏହାପରେ ଉକ୍ତ ଯାତ୍ରୀଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ବିରୋଧରେ ଏନ୍‌ଡିପିଏସ୍ ଧାରା ଲାଗୁ ହୋଇଛି। ମିଳିଥିବା ସୂଚନାନୁସାରେ, ଉକ୍ତ ଯାତ୍ରୀ ଜଣଙ୍କ ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ମୁମ୍ବାଇ କଷ୍ଟମ୍‌ସର ଏୟାରପୋର୍ଟ କମିଶନରେଟ୍ ପକ୍ଷରୁ ଚାଲିଥିବା ଡ୍ରଗ୍ସନିରୋଧୀ ଅଭିଯାନରେ ତାଙ୍କ ଟ୍ରଲି ବ୍ୟାଗ୍ ଯାଞ୍ଚ କରାଯାଇଥିଲା। ସେଥିରେ ୧୪,୫୪୮ କିଲୋଗ୍ରାମ ଓଜନର ଗଞ୍ଜେଇ ରହିଥିବା ଜଣାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇଛି। ତେବେ ଦେଶର ବିଭିନ୍ନ ବିମାନବନ୍ଦରରେ ଯାଞ୍ଚ ସମୟରେ ଏପରି ବ୍ୟାପକ ମାତ୍ରାରେ ମାଦକ ଦ୍ରବ୍ୟ ଧରାପଡୁଛି। ଏଥିରେ ବାହାର ଦେଶରୁ ସୁନା ଓ ଡ୍ରଗ୍ସ ତସ୍କରୀ ସବୁଠାରୁ ଅଧିକ ଦେଖିବାକୁ ମିଳୁଛି। ଅଧିକାଂଶ ତସ୍କର ସୁନା ଓ ଡ୍ରଗ୍ସକୁ ବ୍ୟାଗ୍, ଯୋତା ବ୍ୟତୀତ ଅନ୍ୟ କୌଣସି ଭାବରେ ଲୁଚାଇ ନେଇଯିବା ବେଳେ ଗିରଫ ହୋଇଥିଲେ।



# ହାତଟଣା ରିକ୍ସା ଉପରେ ରୋକ୍ ଲଗାଇଲେ ସୁପ୍ରିମକୋର୍ଟ

୬ ମାସ ଭିତରେ ଇ-ରିକ୍ସା ଯୋଜନା କରିବାକୁ ନିର୍ଦ୍ଦେଶ



**ନୂଆଦିଲ୍ଲୀ, ୭।୮:** ହାତଟଣା ରିକ୍ସା ଉପରେ ରୋକ ଲଗାଇଛନ୍ତି ସୁପ୍ରିମକୋର୍ଟ । ମହାରାଷ୍ଟ୍ରର ହିଲଷ୍ଟେସନ ମାଥେରାନରେ ଚାଲୁଥିବା ରିକ୍ସାକୁ ତତ୍କାଳ ବନ୍ଦ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରିକ୍ସା ଟଣାକୁ ଅମାନବୀୟ ବୋଲି କହିଛନ୍ତି ସୁପ୍ରିମକୋର୍ଟ । ବର୍ତ୍ତମାନ ସଭ୍ୟ ସମାଜରେ ରିକ୍ସା ଟଣା ଅଶୋଭନୀୟ କହିଛନ୍ତି କୋର୍ଟ । ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ବିଆର ଗବାଇ ଏବଂ ଅନ୍ୟ ଦୁଇ ବିଚାରପତିଙ୍କ ଖଣ୍ଡପୀଠ ଅସନ୍ତୋଷ ପ୍ରକାଶ କରିଥିଲେ । ସେ କହିଥିଲେ, କୌଣସି ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିକୁ ନିଜ ଇଚ୍ଛାରେ ଟାଣେ ନାହିଁ । କେବଳ ଜୀବନ ଯାପନ କରିବାର କୌଣସି ସାଧନ ନଥିବାରୁ ଏପରି କରିଥାଏ । ଏହାସହିତ ତୁରନ୍ତ ରିକ୍ସାଟଣା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଲେ ସର୍ବୋଚ୍ଚ ନ୍ୟାୟଳୟ । ରିକ୍ସାକୁ ବେଉସା କରିଥିବା ଲୋକଙ୍କ ପାଇଁ ହେଉ ବିକଳ୍ପ ବ୍ୟବସ୍ଥା ବୋଲି କହିଛନ୍ତି କୋର୍ଟ। ମହାରାଷ୍ଟ୍ରର ପଶ୍ଚିମଘାଟ ପର୍ବତମାଳାରେ ମାଥେରାନ ହିଲଷ୍ଟେସନ । ଏଠାରେ ପରିବେଶକୁ ରକ୍ଷା କରିବା ପାଇଁ କୌଣସି ଯାନବାହାନ ନିଷେଧ କରାଯାଇଛି। ତେଣୁ ଏଠାରେ ହାତ ଟଣା ରିକ୍ସାକୁ ବ୍ୟବହାର କରାଯାଏ । କୋର୍ଟ ସ୍ପଷ୍ଟ ଭାବରେ ମହାରାଷ୍ଟ୍ର ସରକାରଙ୍କୁ କହିଛନ୍ତି ଯେ, ଆଉ ବିଳମ୍ବ ହୋଇପାରିବ ନାହିଁ। ସରକାରଙ୍କୁ ୬ ମାସ ମଧ୍ୟରେ ଏକ ଯୋଜନା କରିବାକୁ ପଡିବ। ଯେଉଁଥିରେ ହାତ ଧରି ରିକ୍ସା ଟାଣୁଥିବା ଲୋକଙ୍କୁ ଇ-ରିକ୍ସା ଦେବାର ବ୍ୟବସ୍ଥା ରହିବା ଉଚିତ। ଯଦି ସରକାର ଚାହାଁନ୍ତି, ତେବେ ସେ ନିଜେ ଏହି ଇ-ରିକ୍ସା କିଣି ସେହି ଲୋକମାନଙ୍କୁ ଭଡ଼ାରେ ଦେଇପାରିବେ ବୋଲି କୋର୍ଟ ପରାମର୍ଶ ଦେଇଛନ୍ତି।

ଇସିଆଇଙ୍କୁ ପୁଣି ଟାର୍ଗେଟ୍ କଲେ ରାହୁଲ୍

# ଭୋଟର ତାଲିକା ଉପରେ ଆଉ ବିଶ୍ୱାସ ନାହିଁ



**ନୂଆଦିଲ୍ଲୀ,୭।୮:** କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ପୁଣି ଥରେ ଭାରତୀୟ ନିର୍ବାଚନ କମିଶନ (ଇସିଆଇ)ଙ୍କୁ ଟାର୍ଗେଟ କରିଛନ୍ତି। ଭୋଟର ତାଲିକା ଉପରେ ପ୍ରଶ୍ନ ଉଠାଇ ରାହୁଲ୍ କହିଛନ୍ତି ଯେ ଦିନକୁ ଦିନ ଭୋଟର୍ ତାଲିକା ଉପରୁ ଲୋକଙ୍କ ବିଶ୍ୱାସ ଉଠିଯାଉଛି। ଜନସାଧାରଣ ଆଉ ଭୋଟର ତାଲିକାକୁ ବିଶ୍ୱାସ କରୁନାହାନ୍ତି। କାରଣ ଏଥିରେ ନକଲି ଭୋଟରଙ୍କୁ ଯୋଡ଼ାଯାଉଛି। ମହାରାଷ୍ଟ୍ର ଓ ହରିୟାଣାର ନିର୍ବାଚନ ଫଳାଫଳ ପ୍ରସଙ୍ଗରେ ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏପରି ଅଭିଯୋଗ ଉଠାଇଛନ୍ତି। ସେ କହିଛନ୍ତି ଯେ ସମ୍ବିଧାନର ମୂଳଦୁଆ ହେଉଛି ଭୋଟ୍। ତେଣୁ ଏପରି ପରିସ୍ଥିତିରେ ସଠିକ ଲୋକଙ୍କୁ ଭୋଟଦାନ ପାଇଁ ଅନୁମତି ଦିଆଯାଉଛି କି ନାହିଁ, ତା' ସ୍ପଷ୍ଟ ହେବା ଦରକାର ଏବଂ ଭୋଟର ତାଲିକାରେ ନକଲି ଭୋଟର ଯୋଡ଼ା ଯାଉଛି କି ତାହା ଜାଣିବା ନିହାତି ଦରକାର।

ସେ କହିଛନ୍ତି ଯେ ମହାରାଷ୍ଟ୍ରରେ ୪୦ ଲକ୍ଷ ରହସ୍ୟମୟ ଭୋଟର ଅଛନ୍ତି। ଇସିଆଇ ଭୋଟର ତାଲିକା ସମ୍ପର୍କରେ ସ୍ପଷ୍ଟୀକରଣ ରଖିବା ଉଚିତ। ଭୋଟର ତାଲିକା ଠିକ୍ କି ଭୁଲ, ତାହା ଇସିଆଇ ସ୍ପଷ୍ଟ କରିବା ସହ ଇଲେକ୍ଟ୍ରୋନିକ୍ ତଥ୍ୟ ବି ପ୍ରଦାନ କରିବାର ଆବଶ୍ୟକତା ରହିଛି। କିନ୍ତୁ ତଥ୍ୟ ଦେବା ତ ଦୂରର କଥା, ଇସିଆଇ ଆମ ପ୍ରଶ୍ନର ଉତ୍ତର ବି ଦେବାକୁ ମନା କରିଦେଇଥିବା ରାହୁଲ୍ କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ବିଗତ କିଛି ବର୍ଷ ହେଲା ନିର୍ବାଚନ ଫଳାଫଳ ନେଇ ଏକଜିଟ୍ ପୋଲ୍ ଓ ଓପିନିୟନ ପୋଲରୁ ମିଳୁଥିବା ତଥ୍ୟ ନିର୍ବାଚନ ଫଳାଫଳଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେଉଛି। ହରିୟାଣା ଓ ମଧ୍ୟ ପ୍ରଦେଶ ନିର୍ବାଚନରେ ଏହା ସାମ୍ନାକୁ ଆସିଛି। ହଠାତ୍ ଫଳାଫଳରେ ବ୍ୟାପକ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା। ଏଥିରେ କଂଗ୍ରେସର ନିଜସ୍ୱ ଆଭ୍ୟନ୍ତରୀଣ ସର୍ଭେ ବି ସାମିଲ୍। ମହାରାଷ୍ଟ୍ରରେ ୫ ବର୍ଷ ତୁଳନାରେ ୫ ମାସରେ ଅଧିକ ଭୋଟର ଯୋଡ଼ି ହେବା ଓ ସନ୍ଧ୍ୟା ୫ଟା ପରେ ମତଦାନରେ ବ୍ୟାପକ ବୃଦ୍ଧି ଯୋଗୁଁ ସନ୍ଦେହ ଘନୀଭୂତ ହୋଇଥିଲା। ଲୋକସଭା ନିର୍ବାଚନରେ ଆମ ମେଣ୍ଟ ସମ୍ପୂର୍ଣ୍ଣ ପୋଛି ହୋଇଯାଇଥିଲା, ଯାହାକି କୌଣସି ଦୃଷ୍ଟିକୋଣରୁ ଗ୍ରହଣୀୟ ନୁହେଁ। ସେହିପରି ଲୋକସଭା ଓ ବିଧାନସଭା ନିର୍ବାଚନ ମଧ୍ୟରେ ପାଖାପାଖି ଏକ କୋଟି ନୂଆ ଭୋଟର ଯୋଡ଼ି ହୋଇଛନ୍ତି। ଏନେଇ କଂଗ୍ରେସ ଇସିଆଇଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲା। ସମସ୍ୟା ନେଇ ସ୍ପଷ୍ଟୋକ୍ତି ମଧ୍ୟ ଆଶା କରୁଥିଲୁ। ଭୋଟର୍ ତାଲିକା ଦେଶର ସମ୍ପତ୍ତି ହୋଇଥିଲେ ହେଁ ଇସିଆଇ ଏହା ଦେବାକୁ ମନା କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ରାହୁଲ୍ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ ଯେ କର୍ଣ୍ଣାଟକ ନିର୍ବାଚନରେ ବାଙ୍ଗାଲୋର୍ ସେଣ୍ଟ୍ରାଲ୍ ଲୋକସଭା ଆସନରେ କଂଗ୍ରେସ ପ୍ରାର୍ଥୀ ମନସୁର୍ ଅଲୀ ଖାନ୍ ଅଧିକାଂଶ ପର୍ଯ୍ୟାୟ ଗଣତି ପରେ ବେଶ୍ ଆଗରେ ଥିଲେ ମଧ୍ୟ ଚୂଡ଼ାନ୍ତ ଗଣତିରେ ବିଜେପିର ପିସି ମୋହନ ମାତ୍ର ୩୨ ହଜାରରୁ ଉର୍ଦ୍ଧ୍ୱ ଭୋଟ୍‌ରେ ବିଜୟୀ ହୋଇଥିଲେ। ତେଣୁ ଉକ୍ତ ଲୋକସଭା ଆସନରେ ପାଖାପାଖି ଏକ ଲକ୍ଷ ଜାଲ୍ ଭୋଟର୍ ଭୋଟ୍ ଦେଇଥିବା ରାହୁଲ୍ ଅଭିଯୋଗ କରିଛନ୍ତି।

**ପ୍ରମାଣ ମାଗିଲେ ଇସିଆଇ**

ରାହୁଲ୍‌ଙ୍କ ଅଭିଯୋଗ ଉପରେ ନିର୍ବାଚନ କମିଶନ୍ (ଇସିଆଇ) କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଆଜି ରାହୁଲ୍ ହରିଆଣା ନିର୍ବାଚନରେ ନକଲି ଭୋଟର୍ ଭୋଟ୍ ଦେଇଥିବା ନେଇ ଅଭିଯୋଗ କରିବା ପରେ ଏହା ଉପରେ କଠୋର ହୋଇଛନ୍ତି ଇସି୍ ଏହି ପ୍ରସଙ୍ଗରେ କଂଗ୍ରେସ ସାଂସଦ ତଥା ଲୋକସଭାରେ ବିରୋଧୀ ଦଳ ନେତା ଶ୍ରୀ ଗାନ୍ଧୀଙ୍କୁ ଇସିଆଇଙ୍କ ପକ୍ଷରୁ ଏକ ଚିଠି ପଠାଯାଇଛି। ଉକ୍ତ ଚିଠିରେ ଇସି ରାହୁଲ୍‌ଙ୍କୁ ତାଙ୍କ ଅଭିଯୋଗ ପ୍ରମାଣିତ କରିବା ସକାଶେ ଯଥେଷ୍ଟ ପ୍ରମାଣ ସହ ଆନୁଷ୍ଠାନିକ ଘୋଷଣାପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରାହୁଲ୍ ଉକ୍ତ ଭୋଟରଙ୍କ ନାମ, ଠିକଣା ଓ ପରିଚୟରେ ହୋଇଥିବା ଜାଲିଆତି ସଂକ୍ରାନ୍ତରେ ସବିଶେଷ ପ୍ରମାଣ ନ ଦେଲେ ତୁରନ୍ତ ନିଜର ମନ୍ତବ୍ୟ ପ୍ରତ୍ୟାହାର କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରସଙ୍ଗରେ ରାହୁଲ୍ ଜନସାଧାରଣଙ୍କୁ ଭ୍ରମିତ କରିବା ଉଦ୍ୟମରୁ ବିରତ ରହିବା ସହ ନିର୍ବାଚନ କମିଶନ୍‌ଙ୍କ ବିରୋଧରେ ଭିତ୍ତିହୀନ ଅଭିଯୋଗଠାରୁ ଦୂରେଇ ରହିବାକୁ ଇସିଆଇ କହିଛନ୍ତି। ଏଥିସହ ଏହାର ଜବାବରେ ରାହୁଲ୍ ଜଣେ ନେତା ଭାବେ ତାଙ୍କ ସାର୍ବଜନୀନ ଅଭିଯୋଗକୁ ଘୋଷଣାପତ୍ର ମନେ କରାଯାଉ ବୋଲି ଉତ୍ତର ରଖିଛନ୍ତି।

● ହିତାହିତ ଜ୍ଞାନ ହରାଇଲା ଝିଅ

# ଫ୍ରାଇଂ ପ୍ୟାନ୍ ମାଡ଼ରେ ନେଲା ବାପାଙ୍କ ଜୀବନ

**ନୂଆଦିଲ୍ଲୀ,୭।୮:** ରାଜଧାନୀ ଦିଲ୍ଲୀରେ ଏକ ଅଭାବନୀୟ ଘଟଣା ଘଟିଛି, ଯେଉଁଥିରେ ଜଣେ ଅକ୍ଷମ ଝିଅ କ୍ରୋଧାନ୍ୱିତ ହୋଇ ନିଜ ବାପାଙ୍କ ଜୀବନ ନେଇଛି। ଏହି ଅଘଟଣ ପଛରେ ପାରିବାରିକ କଳହ ରହିଥିବା ବେଳେ ଅତି ମାତ୍ରାରେ ଉତ୍ତ୍ୟକ୍ତ ହୋଇ ଝିଅ ନିଜ ବାପା (୫୫)ଙ୍କୁ ଫ୍ରାଇଂ ପ୍ୟାନ୍‌ରେ ପିଟି ହତ୍ୟା କରିଛି। ଘଟଣାଟି ଦିଲ୍ଲୀର ଶାହାଦରା ଅଞ୍ଚଳରେ ଘଟିଥିବା ବେଳେ ସ୍ଥାନୀୟ ପୁଲିସ୍ ୩୨ ବର୍ଷୀୟା ଝିଅଙ୍କୁ ନିଜ ହେପାଜତକୁ ନେଇଛି। ମିଳିଥିବା ସୂଚନାନୁସାରେ, ବାପ-ଝିଅଙ୍କ ମଧ୍ୟରେ କୌଣସି କଥାକୁ ନେଇ ଭୀଷଣ ଝଗଡ଼ା ହୋଇଥିଲା। ଏଥିରେ ଝିଅ ଅନୁ ଏତେ ମାତ୍ରାରେ ରାଗିଯାଇଥିଲେ ଯେ ନିଜ କ୍ରୋଧକୁ ନିୟନ୍ତ୍ରଣରେ ରଖିପାରିନଥିଲେ। କ୍ରୋଧାନ୍ୱିତ ହୋଇ ସେ ବାପାଙ୍କ ମୁଣ୍ଡକୁ ଫ୍ରାଇଂ ପ୍ୟାନରେ ପିଟିଦେଇଥିଲେ। ଫଳତଃ ଟେକ୍ ଚନ୍ଦ ଗୋୟଲ୍ ଗୁରୁତର ଭାବେ ଆହତ ହୋଇଥିଲେ। କିନ୍ତୁ ହସ୍ପିଟାଲ୍‌ରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରାମନଗରରେ ରହୁଥିବା ଟେକ୍ ଚନ୍ଦ ଓ ଅନୁଙ୍କ ମଧ୍ୟରେ ଗତକାଲି ଅପରାହ୍ନ ପ୍ରାୟ ୩ଟା ୫୬ରେ ଏଭଳି ଅଭାବନୀୟ ଘଟଣା ଘଟିଛି। ହସ୍ପିଟାଲ ପକ୍ଷରୁ ପୁଲିସକୁ ସୂଚନା ଦିଆଯିବା ପରେ ପୁଲିସ୍ ତୁରନ୍ତ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ପରେ ପୂରା ଘଟଣା ସାମ୍ନାକୁ ଆସିଥିଲା। ପ୍ରାଥମିକ ତଦନ୍ତ ଆଧାରରେ ପୁଲିସ ଅନୁକୁ ନିଜ ହେପାଜତକୁ ନେଇଛି। ଅନୁ ଅବିବାହିତା ହୋଇଥିଲେ ହେଁ ନିଜ ବାପା-ମା'ଙ୍କ ସହ ରହୁଛନ୍ତି। ଘଟଣା ସମ୍ପର୍କରେ ଅନୁଙ୍କ ଭାଇ ଶିବମ କହିଛନ୍ତି ଯେ ଅନୁ ଜଣେ ଅକ୍ଷମ ହୋଇଥିବା ବେଳେ ଏବେ ତାଙ୍କର ଚିକିତ୍ସା ଚାଲିଛି। ଘଟଣା ସମୟରେ ଅନୁ ଓ ଟେକ୍ ଚନ୍ଦଙ୍କ ବ୍ୟତୀତ ଅନୁଙ୍କ ମା' ବାଲା ଦେବୀ ଓ ତାଙ୍କ ଭାଉଜ ପ୍ରିୟା (୨୯) ମଧ୍ୟ ଘରେ ଉପସ୍ଥିତ ଥିଲେ। ତେବେ ଅନୁ ଏପରି ଅଘଟଣ ଘଟାଇବା ପରେ ପ୍ରିୟା ତୁରନ୍ତ ସ୍ୱାମୀ ଶିବମଙ୍କୁ ଫୋନ କରିଥିଲେ। ତୁରନ୍ତ ଶିବମ ଘରେ ପହଞ୍ଚି ବାପାଙ୍କୁ ହସ୍ପିଟାଲକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଚର୍ଚ୍ଚାରେ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀଙ୍କ ସ୍କୁଟି

# ୩୪ ଥର ଲଙ୍ଘିଛି ନିୟମ, ଗଡୁଛି ସାଢ଼େ ୧୮ ହଜାର ଜରିମାନା



**ବେଙ୍ଗାଲୁରୁ,୭।୮:** କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ସ୍କୁଟିକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। ତେବେ ଏପରି ଚର୍ଚ୍ଚା ଉକ୍ତ ସ୍କୁଟିକୁ ନେଇ ନୁହେଁ, ବରଂ ଏହାକୁ ଚଳାଉଥିବା ଚାଳକଙ୍କ ବେପରୁଆ ଚାଳନା ଓ ଟ୍ରାଫିକ୍ ନିୟମକୁ ବେଖାତିର୍ କରିବା ଉପରେ ଆଧାରିତ। ଗତକାଲି ହେବ୍ବଲ ଫ୍ଲାଏଓଭର ଲୁପ ଯାଞ୍ଚ ସମୟରେ ଶ୍ରୀ ଶିବକୁମାର ସ୍କୁଟି ଚଲାଇଯିବା ସହ ଇନଷ୍ଟାଗ୍ରାମ୍‌ରେ ଉକ୍ତ ସମୟର ଏକ ଫଟୋ ପୋଷ୍ଟ୍ କରିଛନ୍ତି। ଉକ୍ତ ଫଟୋରେ ସେ ଚଳାଉଥିବା ହୋଣ୍ଡା ଡିଓର ନମ୍ବର କେଏ୦୪ଜେଜେଡ୍୨୦୮୭ ରହିଥିବା ବେଳେ ସେ ଉକ୍ତ ପୋଷ୍ଟରେ 'ଏକ ଉନ୍ନତ ବେଙ୍ଗାଲୁରୁ ନିର୍ମାଣ ପାଇଁ ଆମ ସରକାରଙ୍କ ପ୍ରତିବଦ୍ଧତାର ଅଂଶ ସ୍ୱରୂପ, ହେବ୍ବଲ ଫ୍ଲାଏଓଭର ଲୁପ ଖୋଲିବାକୁ ଯାଉଛି, ଯାହା ସୁଗମ ଏବଂ ଦ୍ରୁତ ଯାତାୟାତ ସୁନିଶ୍ଚିତ କରିବ' ବୋଲି ଉଲ୍ଲେଖ କରିଥିଲେ। କିନ୍ତୁ ଉକ୍ତ ସ୍କୁଟି ନମ୍ବର ଯାଞ୍ଚ ପରେ ଏହା ଥରେ ନୁହେଁ କି ଦୁଇ ଥର ନୁହେଁ, ବରଂ ୩୪ ଥର ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିଥିବା ଜଣାପଡ଼ିଛି। ଏହି ଉଲ୍ଲଙ୍ଘନ ମଧ୍ୟରେ ହେଲ୍‌ମେଟ୍ ନ ପିନ୍ଧିବା, ଗାଡ଼ି ଚଳାଇବା ସମୟରେ ମୋବାଇଲ୍‌ରେ କଥା ହେବା, ଟ୍ରାଫିକ୍ ନିୟମ ନ ମାନିବା, ଭୁଲ୍ ସ୍ଥାନରେ ପାର୍କିଂ ଆଦି ସାମିଲ୍। କର୍ଣ୍ଣାଟକ ରାଜ୍ୟ ପୁଲିସ (କେଏସପି) ଆପ ଯାଞ୍ଚ କରିବା ପରେ ସ୍ପଷ୍ଟ ହୋଇଛି ଯେ ଉକ୍ତ ସ୍କୁଟି ବିଭିନ୍ନ ସମୟରେ ୩୪ ଥର ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିଛି ଓ ଏ ବାବଦରେ ସାଢ଼େ ୧୮ ହଜାର ଟଙ୍କାର ଜରିମାନା ମଧ୍ୟ ବକେୟା ରହିଛି। ବିରୋଧୀ ଜେଡିଏସ ଏହି ପ୍ରସଙ୍ଗରେ ସୋସିଆଲ୍ ମିଡିଆ 'ଏକ୍ସ'ରେ ଉପମୁଖ୍ୟମନ୍ତ୍ରୀଙ୍କୁ କଡ଼ା ସମାଲୋଚନା କରିଛି। ଅବଶ୍ୟ ଏହା ଜଣାପଡ଼ିବା ପରେ ଉକ୍ତ ଗାଡ଼ିର ମାଲିକ ହେବ୍ବଲ ପୁଲିସ୍ ଷ୍ଟେସନ୍‌ରେ ପହଞ୍ଚି ହଜାରେ ଟଙ୍କା ଜରିମାନା ପଇଠ କରିବା ସହ ଖୁବ୍‌ଶୀଘ୍ର ଅବଶିଷ୍ଟ ସାଢ଼େ ୧୭ ହଜାର ଟଙ୍କା ପଇଠ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

### ପୋଲାଣ୍ଡ ଆଥଲେଟିକ୍ସ ମିଟ୍

# ଜାଭେଲିନରେ ସ୍ୱର୍ଣ୍ଣ ଜିତିଲେ ଅନୁ



## ୬୨.୫୯ମିଟର ଥ୍ରୋ କରିଥିଲେ

**ନୂଆଦିଲ୍ଲୀ,୭।୮:** ପୋଲାଣ୍ଡରେ ଆୟୋଜିତ ଆଥଲେଟିକ୍ସ ମିଟ୍‌ରେ ଭାରତର ମହିଳା ଜାଭେଲିନ ତାରକା ଅନୁ ରାଣୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ନିଜର ଦ୍ୱିତୀୟ ପ୍ରୟାସରେ ସିଜନର ଶ୍ରେଷ୍ଠ ପ୍ରଦର୍ଶନ ୬୨.୫୯ମିଟର ଦୂର ଜାଭେଲିନ ଫିଙ୍ଗି ସ୍ୱର୍ଣ୍ଣ ପଦକ ପକ୍କା କରି ଦେଇଥିଲେ। ତାଙ୍କର ପ୍ରଥମ ପ୍ରୟୋସ ୬୦.୨୯ମିଟର ରହିଥିଲା। ସେହିପରି ଷଷ୍ଠ ତଥା ଅନ୍ତିମ ଥ୍ରୋରେ ମଧ ସେ ୬୦ମିଟର (୬୦.୦୭) ଅତିକ୍ରମ କରିଥିଲେ। ତାଙ୍କ ନାମରେ ପୂର୍ବରୁ ଜାତୀୟ ରେକର୍ଡ଼ ରହିଛି। ୨୦୨୨ରେ ସେ ୬୩.୮୨ମିଟର ସହ ଜାତୀୟ ରେକର୍ଡ଼ ସ୍ଥାପନ କରିଥିଲେ। ଯାହାକି ଏପର୍ଯ୍ୟନ୍ତ ଅତୁଟ ରହିଛି। ଅନୁ ପୋଲାଣ୍ଡରୁ ସ୍ୱଦେଶ ଫେରିବା ପରେ ଭୁବନେଶ୍ୱର ଆସିବାର କାର୍ଯ୍ୟକ୍ରମ ରହିଛି। ଏଠାରେ ସେ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ମିଟ୍‌ରେ ଭାଗ ନେବେ। ଏହି ମିଟ ଆସନ୍ତା ୧୦ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବ। କଳିଙ୍ଗରେ ସେ ଟୋକିଓ ବିଶ୍ୱ ଚାମ୍ପିଅନସିପ୍ ଟିକେଟ୍ ହାସଲ କରିବା ନେଇ ଆଶାବାଦୀ ରହିଛନ୍ତି। ଆଗାମୀ ବିଶ୍ୱ ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ମାନଦଣ୍ଡ ୬୪ମିଟର ରହିଛି।



# ଏସିଆ କପ୍ ଖେଳିବେ ନାହିଁ ରଷଭ ପନ୍ତ!

**ମୁମ୍ବାଇ, ୭।୮:** ଭାରତର ୱିକେଟ କିପର ବ୍ୟାଟ୍ସମ୍ୟାନ ଆସନ୍ତା ସେପ୍ଟେମ୍ବର ମାସରେ ହେବାକୁ ଥିବା ଏସିଆ କପ ଓ ଅକ୍ଟୋବରରେ ହେବାକୁ ଥିବା ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରୁ ବାଦ ପଡ଼ିବାର ଆଶଙ୍କା ରହିଛି। ମାଞ୍ଚେଷ୍ଟରରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଉଥିବା ଚତୁର୍ଥ ଟେଷ୍ଟ ମ୍ୟାଚ୍ର ପ୍ରଥମ ଦିନରେ ପନ୍ତ ଆହତ ହୋଇଥିଲେ। ଦ୍ରୁତ ବୋଲର କ୍ରିସ୍ ୱୋକ୍ସଙ୍କ ଏକ ବଲ୍ ତାଙ୍କ ଜୋତାରେ ବାଜିଥିଲା, ଯାହା ତାଙ୍କ ପାଦର ଆଙ୍ଗୁଠି ଭାଙ୍ଗି ଦେଇଥିଲା। ଏହା ପରେ ସେ ୬ ସପ୍ତାହ ପାଇଁ ଟିମ୍ ଇଣ୍ଡିଆରୁ ବାହାରେ ଥିଲେ। ଏବେ ଖବର ଆସୁଛି ଯେ ରିଷଭ ପନ୍ତ ସେପ୍ଟେମ୍ବର ୯ରୁ ଅନୁଷ୍ଠିତ ହେବାକୁ ଥିବା ଏସିଆ କପ୍ରୁ ବାହାର ହେବେ। ଏହା ବ୍ୟତୀତ ସେ ଅକ୍ଟୋବରରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟେଷ୍ଟ ସିରିଜ୍ରୁ ମଧ ବାହାର ହୋଇପାରନ୍ତି। ଟିମ୍ ଇଣ୍ଡିଆ ଅକ୍ଟୋବର ୨ରୁ ଘରୋଇ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବ। ପନ୍ତ ଇଂଲଣ୍ଡରେ ବ୍ୟାଟ୍ ସହିତ ବହୁତ ଭଲ ପ୍ରଦର୍ଶନ କରିଥିଲେ ଏବଂ ଦୁଇଟି ଶତକ ଏବଂ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ, କିନ୍ତୁ ଏବେ ଆହତ କାରଣରୁ ସେ କିଛି ଦିନ ପାଇଁ ପଡ଼ିଆରୁ ଦୂରରେ ରହିବେ।

# ସିରାଜଙ୍କୁ ଯେତିକି ଶ୍ରେୟ ମିଳିବା କଥା ମିଳିନାହିଁ, ତାଙ୍କ କଠିନ ପରିଶ୍ରମ ଲୁଚି ଯାଉଛିଃ ସଚିନ

**ନୂଆଦିଲ୍ଲୀ,୭।୮:** ଘରୋଇ ଇଂଲଣ୍ଡ ବିପକ୍ଷ ପଞ୍ଚମ ଟେଷ୍ଟରେ ଭାରତର ନାଟକୀୟ ବିଜୟରେ ହିରୋ ସାଜିଥିଲେ ପେସ୍ ବୋଲର ମହମ୍ମଦ ସିରାଜ। ସେ ଉଭୟ ଇନିଂସ୍‌ରେ ମୋଟ ୯ଟି (୪+୫) ୱିକେଟ୍ ନେବା ସହ ପ୍ଲେୟାର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ତାଙ୍କ ପ୍ରଦର୍ଶନ ବଳରେ ଭାରତ ୨-୨ରେ ସିରିଜକୁ (୫ମ୍ୟାଚ୍) ଡ୍ର' ରଖିଥିଲା। ତାଙ୍କର ଏହି ପ୍ରଦର୍ଶନକୁ ନେଇ କିମ୍ବଦନ୍ତୀ ବ୍ୟାଟର ସଚିନ ତେନ୍ଦୁଲକର ପ୍ରଭାବିତ ହୋଇ ପଡ଼ିଛନ୍ତି। ସମ୍ପୂର୍ଣ୍ଣ ସିରିଜରେ ସିରାଜଙ୍କ ଆଭିମୁଖ୍ୟ ଓ ବୋଲିଂକୁ ସେ ପ୍ରଶଂସା କରିଛନ୍ତି। ସଚିନ କହିଛନ୍ତି, ଅବିଶ୍ୱସନୀୟ। ସିରାଜ ଅନ୍ତିମ ଟେଷ୍ଟରେ ଶେଷ ପର୍ଯ୍ୟନ୍ତ ଲଢ଼େଇ କରି ଇଂଲଣ୍ଡଠୁ ବିଜୟ ଛଡ଼ାଇ ଆଣିଲେ। ସମ୍ପୂର୍ଣ୍ଣ ୫ଟି ଯାକ ମ୍ୟାଚ୍ ଖେଳିଲେ ଏବଂ ନିୟମିତ ସମାନ ବେଗରେ ମଧ ବୋଲିଂ କଲେ। ଏପରିକି ସେ ସିରିଜରେ ୧୦୦୦ରୁ ଉର୍ଦ୍ଧ୍ୱ ବଲ୍ ପକାଇଥିଲେ ମଧ ଥକି ପଡ଼ିନଥିଲେ। ଏହା ତାଙ୍କର ବଡ଼ ହୃଦୟ ଏବଂ ସାହସକୁ ଦର୍ଶାଉଛି। ମୋ' ମତରେ ତାଙ୍କୁ ଯେତିକି ଶ୍ରେୟ ମିଳିବା କଥା ମିଳିନାହିଁ। ଅନ୍ୟମାନଙ୍କ ସାମ୍ନାରେ ତାଙ୍କ କଠିନ ପରିଶ୍ରମ ଲୁଚି ଯାଉଛି। ଦଳର ବିଜୟ ଏବଂ ସିରିଜ ଡ୍ର' ପାଇଁ ତାଙ୍କୁ ଶ୍ରେୟ ମିଳିବା ଉଚିତ।



# ବିସିସିଆଇ ଆଶ୍ୱସ୍ତଃ ଅଭ୍ୟାସ ଆରମ୍ଭ କଲେ ସୂର୍ଯ୍ୟକୁମାର

**ନୂଆଦିଲ୍ଲୀ,୭।୮:** ଭାରତୀୟ ଟି-ଟ୍ୱେଣ୍ଟି ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଅଭ୍ୟାସ ଆରମ୍ଭ କରିଛନ୍ତି। ଆଗାମୀ ଏସିଆ କପ୍ ପୂର୍ବରୁ ଏହା ବିସିସିଆଇକୁ ଆଶ୍ୱସ୍ତ କରିଛି। ସେ ଏବେ ବେଙ୍ଗାଲୁରୁ ସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସରେ ରହି ଫିଟନେସ୍ ଫେରି ପାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ଗତ ଜୁନ୍ ମାସରେ ସେ ମ୍ୟୁନିକ୍ ସ୍ଥିତ ଏକ ହସ୍ପିଟାଲ୍‌ରେ ସ୍ପୋର୍ଟ୍ସ ହାର୍ନିଆ ଅସ୍ତ୍ରୋପଚାର କରାଇଥିଲେ। ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍‌ର ଜଣେ ଅଧିକାରୀଙ୍କ ସୂଚନା ମୁତାବକ, ସୂର୍ଯ୍ୟକୁମାର ଇତି ମଧ୍ୟରେ ବ୍ୟାଟିଂ ଅଭ୍ୟାସ ଆରମ୍ଭ କରିଛନ୍ତି। ଆଗାମୀ ୩ ସପ୍ତାହ ମଧ୍ୟରେ ଧୀରେ ଧୀରେ ତାଙ୍କର କାର୍ଯ୍ୟଭାର ବଢ଼ାଯିବ। ଏସିଆ କପ୍ ପୂର୍ବରୁ ସେ ସମ୍ପୂର୍ଣ୍ଣ ଫିଟ୍ ହୋଇସାରିଥିବେ। ଭାରତୀୟ ଦଳ ଆଗାମୀ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ୟୁଏଇ ଯାତ୍ରା କରିବ। ଚଳିତ ମାସ ଶେଷ ସୁଦ୍ଧା ସେ ଦଳ ସହ ଯୋଗ ଦେଇ ସାରିଥିବେ।' ଏସିଆ କପ୍ ଆଗାମୀ ସେପ୍ଟେମ୍ବର ୯ରୁ ଆରମ୍ଭ ହୋଇ ୨୮ ତାରିଖରେ ଶେଷ ହେବ।



**ଏସିଆ କପ୍ ପୂର୍ବରୁ ଫିଟ୍ ହେବାକୁ ପ୍ରୟାସ**

# ବିଶ୍ୱ ଚାମ୍ପିଅନ୍‌ସିପ୍ ପଦକ ଆଶାରେ ପଣ୍ଡା ଭଉଣୀ

**ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ):** "ପ୍ରଥମ ଥର ବିଶ୍ୱ ଚାମ୍ପିଅନସିପ୍ ଖେଳିବାକୁ ଯାଉଥିବାରୁ ବେଶ୍ ଉତ୍ସାହିତ ଅଛୁ। ଭାରତରୁ ମନୋନୀତ ହୋଇଥିବା ମାତ୍ର ଦୁଇଟି ମହିଳା ଯୁଗଳ ଯୋଡ଼ି ମଧ୍ୟରେ ଥିବାରୁ ଗର୍ବ ବି ଲାଗୁଛି। ତେବେ ଏହା ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତା ହୋଇଥିବାରୁ ଆରମ୍ଭରୁ ଆମ ଅଭିଯାନ ଆହ୍ୱାନଭରା ହେବ ବୋଲି ଆଶା କରୁଛୁ। ତଥାପି ନିଜର ଶ୍ରେଷ୍ଠ ଦେଇ ଦେଶ ପାଇଁ ପଦକ ଜିତିବାକୁ ନିଶ୍ଚିତ ଭାବେ ଆପ୍ରାଣ ଉଦ୍ୟମ କରିବୁ। ଉଭୟ ଉଭୟଙ୍କ ଶକ୍ତି ଓ ସାମର୍ଥ୍ୟକୁ ବୁଝି ଉତ୍ତମ ବୁଝାମଣା ଓ ସମନ୍ୱୟର ସହ ଖେଳିଲେ ଏହି ଲକ୍ଷ୍ୟ ପୂରଣ କରିବା ଅସମ୍ଭବ ନୁହେଁ ବୋଲି ଭାବୁଛୁ''। ଫ୍ରାନ୍ସର ପ୍ୟାରିସ୍‌ଠାରେ ଚଳିତ ଅଗଷ୍ଟ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଯାଉଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ବ୍ୟାଡମିଣ୍ଟନ୍ ଚାମ୍ପିଅନସିପ୍ ଖେଳିବାକୁ ଆମନ୍ତ୍ରିତ ହୋଇଥିବା ରାଜ୍ୟର ସଫଳତମ ମହିଳା ବ୍ୟାଡ୍‌ମିଣ୍ଟନ୍ ଯୋଡ଼ି ତଥା ଦୁଇ ଭଉଣୀ ଋତାପର୍ଣ୍ଣା ଓ ଶ୍ୱେତାପର୍ଣ୍ଣା ପଣ୍ଡା 'ସମ୍ବାଦ'କୁ ସ୍ୱତନ୍ତ୍ର ସାକ୍ଷାତକାର ଦେଇ ଏହା କହିଛନ୍ତି।

କିଟ୍ ବିଶ୍ୱବିଦ୍ୟାଳୟରେ ପାଠପଢୁଥିବା ଋତାପର୍ଣ୍ଣା ଓ ଶ୍ୱେତାପର୍ଣ୍ଣା ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ତଥା ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଏହି ବିଶ୍ୱବିଦ୍ୟାଳୟ ତଥା ରାଜ୍ୟ ସରକାର ଦେଇ ଆସୁଥିବା ସମର୍ଥନ ଓ ସହଯୋଗ ଲାଗି କୃତଜ୍ଞତା ଜ୍ଞାପନ କରିଛନ୍ତି। ତେବେ ଏହି ସହାୟତା ଯଦି ଆଉ ଟିକିଏ ସମୟୋପଯୋଗୀ ହୋଇପାରନ୍ତା, ତାହେଲେ ସେମାନେ ଅଧିକ ଉପକୃତ ହୋଇପାରନ୍ତେ ବୋଲି ମତ ରଖିଛନ୍ତି। ସେହିଭଳି ର୍‍ୟାଙ୍କିଂ ଭିତରେ ବିଶ୍ୱ ଚାମ୍ପିଅନସିପ୍ ଖେଳିବାକୁ ଯାଉଥିବାରୁ ଏବଂ ଜାତୀୟ ପ୍ରଶିକ୍ଷଣ ଶିବିରରୁ ବଛା ହୋଇ ନଥିବାରୁ ଭାରତ ସରକାର ସେମାନଙ୍କ ଗସ୍ତ ଖର୍ଚ୍ଚ ବହନ କରିବାର ସମ୍ଭାବନା କମ୍ ରହିଛି। ସେଥିପାଇଁ ନିଜ ଖର୍ଚ୍ଚରେ ଦୁଇ ଜଣ ଯାକ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଏକପ୍ରକାର ବାଧ ହୋଇଛନ୍ତି। ଏଣୁ ପ୍ୟାରିସ୍ ଯିବା ପାଇଁ ଉଭୟ ସହାୟତା ଲାଗି ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

ଋତାପର୍ଣ୍ଣା ଓ ଶ୍ୱେତାପର୍ଣ୍ଣା ସଂପ୍ରତି ବିଶ୍ୱମାନ୍ୟତାର ୩୮ତମ ସ୍ଥାନରେ ରହିଛନ୍ତି। ସେମାନେ ମଧ ବିଶ୍ୱ ଚାମ୍ପିଅନସିପ୍ ଖେଳିବାରେ ଓଡ଼ିଶାର ପ୍ରଥମ ମହିଳା ବ୍ୟାଡ୍‌ମିଣ୍ଟନ୍ ଖେଳାଳି ହେବାକୁ ଯାଉଛନ୍ତି।



## ପ୍ୟାରିସ୍ ଗସ୍ତ ପାଇଁ ଲୋଡ଼ିଲେ ସରକାରଙ୍କ ସହାୟତା

ଋତାପର୍ଣ୍ଣାଙ୍କଠାରୁ ସାନ ଭଉଣୀ ଶ୍ୱେତାପର୍ଣ୍ଣା ବ୍ୟାଡ୍‌ମିଣ୍ଟନ୍‌ର ଅନେକ କଳାକୌଶଳ ଶିଖିଛନ୍ତି। ଶ୍ୱେତାପର୍ଣ୍ଣାଙ୍କ ଶାନ୍ତ ସ୍ୱଭାବ ଏବଂ ନିଜ ଉପରେ ଥିବା ନିୟନ୍ତ୍ରଣ ତାଙ୍କୁ କୋର୍ଟରେ ଆହୁରି ଭଲ କରିବାକୁ ଅନୁପ୍ରେରିତ କରିଥାଏ ବୋଲି ଋତାପର୍ଣ୍ଣା କହିଛନ୍ତି। ବିଶ୍ୱ ଚାମ୍ପିଅନସିପ୍‌ରେ ମଧ ଏହା ସେମାନଙ୍କ ପାଇଁ ବେଶ୍ ଉପଯୋଗୀ ହେବ ବୋଲି ଉଭୟ ଏକ ସ୍ୱରରେ ମତ ରଖିଛନ୍ତି। ଓଡ଼ିଶା ବ୍ୟାଡମିଣ୍ଟନ୍‌କୁ ନେଇ ବେଶ୍ ଆଶାବାଦୀ ଥିବା ଏହି ଦୁଇ ଭଉଣୀ ଏସୀୟ ୧୫ ଓ ୧୭ବର୍ଷରୁ କମ୍ ବିଜୟିନୀ ତନ୍ୱୀ ପତ୍ରୀଙ୍କୁ ରାଜ୍ୟ ମହିଳା ବ୍ୟାଡ୍‌ମିଣ୍ଟନ୍‌ର ଭବିଷ୍ୟତ ଭାବେ ବର୍ଣ୍ଣନା କରିଛନ୍ତି। ସୂଚନାଯୋଗ୍ୟ ଯେ ଋତାପର୍ଣ୍ଣା ଓ ଶ୍ୱେତାପର୍ଣ୍ଣା ଗତ ୩ବର୍ଷରୁ ଅଧିକ ସମୟ ହେବ କଟକର କନ୍ଦରପୁର ନିକଟରେ ପିତା ରାମଚନ୍ଦ୍ର ପଣ୍ଡା ସ୍ଥାପନ କରିଥିବା ନିଜସ୍ୱ ବ୍ୟାଡ୍‌ମିଣ୍ଟନ୍ ଭିତ୍ତିଭୂମିରେ ଅଭ୍ୟାସ କରି ବିଶ୍ୱର ଶ୍ରେଷ୍ଠ ୫୦ମହିଳା ଯୋଡ଼ି ମଧ୍ୟରେ ରହିବାର ଅନନ୍ୟ ସଫଳତା ଲାଭ କରିଛନ୍ତି। ସେମାନେ ମଧ ୨୦୨୨ ମସିହା ପରଠାରୁ ୪ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୩ କାଂସ୍ୟ ସହ ୧୦ଟି ଅନ୍ତର୍ଜାତୀୟ ପଦକ ଜିତିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୂର୍ବତନ ...

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ବୈଜୟନ୍ତ ପଣ୍ଡା ଓ ଓଡିଶା କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଟୁଇଟ କରି ଶୋକ ପ୍ରକାଶ କରିବା ସହ ମର୍ଦ୍ଦରାଜଙ୍କ ପୁତ୍ର ସିଦ୍ଧାର୍ଥଙ୍କୁ ସମବେଦନା ଜଣାଇଛନ୍ତି । ତାଙ୍କ ମରଶରୀରକୁ ବିଧାନସଭା ପରିସରକୁ ଅଣାଯାଇ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା । ବିଧାନସଭା ପରିସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ନରସିଂହ ଭୋଇ, ସଂସଦୀୟ ବ୍ୟାପାର ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମତ୍ସ୍ୟ ତଥା ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ବିଜେଡିର ବରିଷ୍ଠ ଉପସଭାପତି ଓ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ତାଙ୍କର ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

ସେ ୧୯୮୫ ଏବଂ ୧୯୯୫ ମସିହାରେ ଖଣ୍ଡପଡ଼ା ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବରେ ଦୁଇଥର ଗୃହକୁ ନିର୍ବାଚିତ ହୋଇଥିଲେ। ସେ ୧୯୮୯ ମସିହାରେ ହେମାନନ୍ଦ ବିଶ୍ୱାଳ ମନ୍ତ୍ରିମଣ୍ଡଳରେ ପର୍ଯ୍ୟଟନ ଏବଂ ସଂସ୍କୃତି, ଯୋଜନା ଏବଂ ସମନ୍ୱୟ ବିଭାଗରେ ରାଜ୍ୟମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଭାବରେ କାର୍ଯ୍ୟ କରିଥିଲେ। ଶ୍ରୀ ସିଂହ ମର୍ଦ୍ଦରାଜଙ୍କୁ ୧୯୯୬ ମସିହାରେ ବିଧାନସଭାର ଉପବାଚସ୍ପତି ମନୋନୀତ କରାଯାଇଥିଲା ଏବଂ ଚାରିବର୍ଷ ପାଇଁ ସେ ଏହି ପଦବୀରେ ରହିଥିଲେ।

ଶ୍ରୀ ମର୍ଦ୍ଦରାଜଙ୍କର ଏକମାତ୍ର ପୁଅ ସିଦ୍ଧାର୍ଥ ଶେଖର ସିଂହ ଓ ଝିଅ ରାଜକୁମାରୀ ଆରାଧନା ଦେବୀ ଅଛନ୍ତି । ଶ୍ରୀ ସିଦ୍ଧାର୍ଥ ଶେଖର ସିଂହ ୨୦୦୯ ରୁ ୨୦୧୪ ଖଣ୍ଡପଡ଼ାର ବିଧାୟକ ଭାବେ କାର୍ଯ୍ୟ କରିଛନ୍ତି । ଶ୍ରୀ ମର୍ଦ୍ଦରାଜଙ୍କ ଶେଷକୃତ୍ୟ ଖଣ୍ଡପଡ଼ାରେ ଶୁକ୍ରବାର ଦିନ ସମ୍ପନ୍ନ କରାଯିବ ।

### ସାଲିସ୍...

ଆମ ପାଇଁ ସର୍ବୋପରି। ଭାରତ କେବେ ହେଲେ ବି ତା'ର ଚାଷୀ, ପଶୁ ପାଳକ ଓ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥ ସହ ବୁଝାମଣା କରିପାରିବ ନାହିଁ। ମୁଁ ଜାଣିଛି ବ୍ୟକ୍ତିଗତ ଭାବେ ମୋତେ ଏଥିପାଇଁ ବହୁମୂଲ୍ୟ ଦେବାକୁ ପଡ଼ିବ। କିନ୍ତୁ ଏଥିପାଇଁ ମୁଁ ପ୍ରସ୍ତୁତ। ଦେଶର ଚାଷୀ ଓ ପଶୁ ପାଳକଙ୍କ ପାଇଁ ଭାରତ ମଧ୍ୟ ପ୍ରସ୍ତୁତ।"

ସବୁଜ ବିପ୍ଳବର ବିନ୍ଧାଣୀ ଏମଏସ୍ ସ୍ୱାମୀନାଥନଙ୍କୁ ସମ୍ମାନ ଜଣାଇ ମୋଦି କହିଛନ୍ତି, "ଖାଦ୍ୟ ସୁରକ୍ଷା ପରମ୍ପରାକୁ ଆଗକୁ ବଢ଼ାଇ ସମସ୍ତଙ୍କ ପାଇଁ ପୋଷଣ ସୁରକ୍ଷାକୁ ସୁନିଶ୍ଚିତ କରିବା ଆମ କୃଷି ବୈଜ୍ଞାନିକଙ୍କ ଆଗାମୀ ଲକ୍ଷ୍ୟ ହେବା ଦରକାର।"

ଭାରତ ପକ୍ଷରୁ ଆମେରିକାକୁ ବିପୁଳ ପରିମାଣର କୃଷି ଜାତୀୟ ଦ୍ରବ୍ୟ ରପ୍ତାନୀ କରାଯାଏ। ଏବେ ଏହି କ୍ଷେତ୍ର ଟ୍ରମ୍ପଙ୍କ ଟାରିଫ ଯୋଗୁ ସବୁ ଠାରୁ ଅଧିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ପୂର୍ବରୁ ଆମେରିକା ପକ୍ଷରୁ ଭାରତୀୟ ଦ୍ରବ୍ୟ ଉପରେ ୨୫%ରେ ଟାରିଫ ଲଗା ଯାଇଥିଲା। ତଥାପି ରୁଷ ଠାରୁ ଭାରତ ତେଲ କିଣା ଜାରି ରଖିବାରୁ ଟ୍ରମ୍ପ ବୁଧବାର ଆଉ ୨୫% ଟାରିଫ ଭାରତ ଉପରେ ଲାଗୁ କରିଥିଲେ। ଏବେ ଭାରତୀୟ ଦ୍ରବ୍ୟ ଉପରେ ୫୦% ଟାରିଫ ଲାଗୁ ହେବ।

ଟ୍ରମ୍ପଙ୍କ ଏପରି ଟାରିଫ ନୀତିକୁ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ "ଅନୁଚିତ, ଅଯୌତିକ ଓ ଅଯଥା" ବୋଲି କୁହାଯାଇଛି। ମନ୍ତ୍ରଣାଳୟ ବୁଧବାର ଏପରି କଥା କହିଥିବା ବେଳେ ଆଜି ମୋଦି ଆମେରିକା କିମ୍ବା ଟ୍ରମ୍ପଙ୍କ ନାଁ ନେଇ କେବଳ ଚାଷୀଙ୍କ ସ୍ୱାର୍ଥରେ କୌଣସି ସାଲିସ କରାଯିବ ନାହିଁ ବୋଲି କହିଛନ୍ତି।

ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଡିଲ ପାଇଁ ଆଲୋଚନା ଚାଲିଥିବା ବେଳେ ଏହା ଅଧାରେ ଅଟକି ଯାଇଛି। ଆମେରିକା ତା'ର କୃଷି ଜାତୀୟ ଓ ଦୁଗ୍ଧ ଜାତୀୟ ଦ୍ରବ୍ୟକୁ ଏଠାରେ ପ୍ରୋତ୍ସାହିତ କରିବାକୁ ଚାହୁଁଛି। ହେଲେ ଭାରତ ଏଥିରେ ରାଜି ହେଉନାହିଁ। ମକା, ସୋୟାବିନ, ସେଓ, ଆଲମଣ୍ଡ ଭଳି ସମ୍ବେଦନଶୀଳ ଦ୍ରବ୍ୟ ଉପରେ ଭାରତ ଟାରିଫ ହ୍ରାସ କରୁ ବୋଲି ଆମେରିକା ଚାପ ପକାଉଛି।

ଭାରତର କହିବା କଥା ଯେ ଯଦି ଆମେରିକା ଦ୍ରବ୍ୟ ଉପରେ ସବସିଡି ଦିଆଯିବ, ତା'ହେଲେ ଦେଶର ଲକ୍ଷଲକ୍ଷ କ୍ଷୁଦ୍ର ଚାଷୀ ଏହାଦ୍ୱାରା ପ୍ରଭାବିତ ହେବେ। ବର୍ତ୍ତମାନ ପରିସ୍ଥିତିରେ ଦୁଗ୍ଧ, ଚାଉଳ, ଅଟା, ମକା ଓ ସୋୟାବିନ ଭଳି ଦ୍ରବ୍ୟ ଉପରେ ଟାରିଫ ହ୍ରାସ କରିବା ସମ୍ଭବ ନୁହେଁ। ଏହାଦ୍ୱାରା ଭାରତର ୭୦୦ ମିଲିୟନ ଗ୍ରାମାଞ୍ଚଳ ଲୋକ ପ୍ରଭାବିତ ହେବେ। ଏମାନଙ୍କ ମଧ୍ୟରେ ୮୦ ନିୟୁତ ଛୋଟ ଦୁଗ୍ଧ ଚାଷୀ ମଧ୍ୟ ରହିଛନ୍ତି। ଭାରତର ଏପରି ଆଭିମୁଖ୍ୟ ଆମେରିକାକୁ କ୍ଷୁବ୍ଧ କରିଛି।

### ଭାରତକୁ ...

କହିଛନ୍ତି ଯେ ଚୀନ ସର୍ବଦା ଶୁଳ୍କର ଅପବ୍ୟବହାରକୁ ବିରୋଧ କରିଆସିଛି ଓ ଏହି ପ୍ରସଙ୍ଗରେ ଆମର ମତ ସ୍ପଷ୍ଟ ଓ ସ୍ଥାୟୀ। ସେହିପରି ଚୀନ୍‌ର ଏକ ଗଣମାଧ୍ୟମରେ ମଧ୍ୟ ଭାରତ ସପକ୍ଷରେ ଯୁକ୍ତି ଦର୍ଶାଯାଇଛି। ଚୀନ୍‌ର ଦୈନିକ ଟାବଲଏଡ୍ 'ଦି ଗ୍ଲୋବାଲ୍ ଟାଇମ୍ସ'ରେ ପ୍ରକାଶିତ ଏକ ସ୍ତମ୍ଭରେ କୁହାଯାଇଛି ଯେ ରୁଷିଆର ତେଲ କିଣିବାକୁ ନେଇ ଆମେରିକା ରାଷ୍ଟ୍ରପତି ଭାରତ ଉପରେ ଅତିରିକ୍ତ ଶୁଳ୍କ ଲଗାଇଛନ୍ତି ବୋଲି କୁହାଯାଉଛି। କିନ୍ତୁ ବାସ୍ତବରେ ଅସଲ କାରଣ ହେଉଛି ଭାରତ ଆମେରିକା ଇସାରାରେ ନାଚିବାକୁ ପ୍ରସ୍ତୁତ ନୁହେଁ। ଆମେରିକା ଭାରତକୁ ଏକ ଘନିଷ୍ଠ ସହଯୋଗୀ ଭାବେ ବିବେଚନା କରୁଛି ବୋଲି ବିଭିନ୍ନ ସମୟରେ ଦର୍ଶାଉଥିଲେ ମଧ୍ୟ ନିଜସ୍ୱ ଫାଇଦା ପାଇଁ ଏହା ଭାରତକୁ ବ୍ୟବହାର କରିବା ପାଇଁ ଚାହୁଁଛି ବୋଲି ଉକ୍ତ ସ୍ତମ୍ଭରେ କୁହାଯାଇଛି।

### ଯେସାକୁ...

ତେଲ ଅନ୍ତର୍ଭୁକ୍ତ। ଏହା ସତ୍ତ୍ୱେ ବି ଭାରତକୁ ୩ ସପ୍ତାହ ସମୟ ଦେଇ ଚୀନକୁ ୯୦ଦିନର ସମୟ ଦେଇଛି ଆମେରିକା। ୟୁରାନିୟମ୍, ପାଲାଡିୟମ୍ ଭଳି ବିଭିନ୍ନ ଜିନିଷ ଅଛି ଯାହା ଆମେରିକା ରୁଷରୁ ଆମଦାନୀ କରୁଛି। ଏହା ସତ୍ତ୍ୱେ ବି ଆମେରିକା ଭାରତ ଉପରେ ଦାଉ ସାଧୁଛି।" ଯଦି ଆପଣ ଭିଏତନାମ, ଇଣ୍ଡୋନେସିଆ, ଫିଲିପାଇନ୍ସ, ଏପରିକି ବାଂଲାଦେଶ ଏବଂ ପାକିସ୍ତାନ ଭଳି ଦେଶଗୁଡ଼ିକୁ ଦେଖିବେ, ତେବେ ସେମାନଙ୍କ ଉପରେ ଆମ ତୁଳନାରେ କମ୍ ଶୁଳ୍କ ଲାଗିଛି। ମୁଁ ଭୟ କରୁଛି ଯେ, ଯେତେବେଳେ ଆମେରିକୀୟମାନେ ଅନ୍ୟ ଦେଶରୁ ଶସ୍ତା ସାମଗ୍ରୀ ପାଇବେ, ସେମାନେ ଆମର ଉତ୍ପାଦ କାହିଁକି କିଣିବେ। ଏବେ ଆମେରିକାର ଅସଲ ଚେହେରା ସାମ୍ନାକୁ ଆସିଛି। ଭାରତ ସରକାର ମଧ୍ୟ ଆମେରିକାକୁ ଜବାବ ଦେଇ ୫୦% ଶୁଳ୍କ ଲାଗୁ କରିବା ଉଚିତ୍।"

### ମାଧୁରୀ...

ହଜାର ୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ସହ ୩୩ଟି ଏମଓୟୁ ସ୍ୱାକ୍ଷରିତ ହୋଇଛି ଏବଂ ଏହା ମାଧ୍ୟମରେ ଟେକ୍ସଟାଇଲ କ୍ଷେତ୍ରରେ ୫୩ ହଜାର ୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଥିଲେ।

ସେ ପୁଣି କହିଥିଲେ ଯେ ଭିତ୍ତିଭୂମି ଓ ପ୍ରତିଷ୍ଠାନଗତ ସହାୟତା ଦିଗରେ ଆମ ସରକାର ତତ୍ପର ଅଛନ୍ତି । ଆମେ ବରଗଡ଼, କଟକରେ ଡାଇ ହାଉସ୍, ଗୋଦାମ, ଡିଜାଇନ୍ ଷ୍ଟୁଡିଓ, ଗୁଣବତ୍ତା ନିୟନ୍ତ୍ରଣ ପରୀକ୍ଷାଗାର ଭଳି ସାଧାରଣ ସୁବିଧା ସହିତ ହସ୍ତତନ୍ତ ପାର୍କ ବିକଶିତ କରୁଛୁ। ଉତ୍କର୍ଷତା ଏବଂ ନବସୃଜନ ପାଇଁ ଓଡ଼ିଶାର ୪୦ରୁ ଅଧିକ ମାଷ୍ଟର ବୁଣାକାରଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି । ୧୨୦ ବର୍ଷ ପୂର୍ବେ ଯେଉଁ ସ୍ୱଦେଶୀ ଆନ୍ଦୋଳନକୁ ଚରିତାର୍ଥ କରିବା ପାଇଁ ଏହା ଆରମ୍ଭ ହୋଇଥିଲା, ଆଜି ମଧ୍ୟ ସମୟ ଆସିଛି ଆମେ ଆମ ବୁଣାକାରଙ୍କୁ ସମ୍ମାନ ଦେବା ଏବଂ ତାଙ୍କ ପ୍ରସ୍ତୁତ ବସ୍ତ୍ର ବ୍ୟବହାର କରିବା ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ଦିବସର ମାସ୍କଟ 'ରେଶା' ଏବଂ ହସ୍ତତନ୍ତ ଶିଳ୍ପ ଉପରେ ଆଧାରିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଉନ୍ମୋଚନ କରିଥିଲେ। ତତ୍‌ସହିତ ମୁଖ୍ୟମନ୍ତ୍ରୀ, ରାଜ୍ୟର ହସ୍ତତନ୍ତ ବୁଣାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୂଚନା ଯୋଗ୍ୟ ଯେ, ଏହି ହସ୍ତତନ୍ତ ମେଳା ଆଜିଠାରୁ ଆରମ୍ଭ ହୋଇ ୧୩ ଅଗଷ୍ଟ ପର୍ଯ୍ୟନ୍ତ ଜନତା ମୈଦାନ ଠାରେ ଚାଲିବ।

କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପ୍ରସିଦ୍ଧ ଚଳଚ୍ଚିତ୍ର ଅଭିନେତ୍ରୀ ତଥା ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସାଡର ମାଧୁରୀ ଦୀକ୍ଷିତ କହିଥିଲେ ଯେ, ସେ ବୁଣାକାରଙ୍କ ହୃଦୟର ସ୍ପନ୍ଦନକୁ ଅନୁଭବ କରନ୍ତି। ଏହି ଶିଳ୍ପ କେବଳ ବସ୍ତ୍ର ନୁହେଁ ପ୍ରତ୍ୟେକ ଓଡ଼ିଆର ପରିଚୟ ଏବଂ ଏହା ହିଁ ଓଡ଼ିଆ ଅସ୍ମିତା। ହସ୍ତତନ୍ତ କେବଳ ଜୀବିକା ନୁହେଁ, ଏହା ହେଉଛି ଆମ ସଂସ୍କୃତି ଓ ଆମ ଜୀବନଶୈଳୀର ଏକ ଅଭିନ୍ନ ଅଙ୍ଗ ବୋଲି ସେ କହିଥିଲେ। ଏହି ଅବସରରେ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ ଯେ, ଆମ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ, ବୟନ ଶିଳ୍ପର ଗୌରବମୟ ପରମ୍ପରାକୁ ବଜାୟ ରଖି ଏହାକୁ ଏକ ଆଧୁନିକ ବଜାର-ଚାହିଦା ଭିତ୍ତିକ ଉତ୍ପାଦରେ ପରିଣତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ଶ୍ରମିକ ସମ୍ମାନ ଯୋଜନା, ହସ୍ତତନ୍ତ ଶିଳ୍ପୀ ସଂପ୍ରସାରଣ ନୀତି, ଏବଂ ବିଭିନ୍ନ ଶିଳ୍ପ ମେଳା ଓ ଅନୁଦାନ ଯୋଜନା ମାଧ୍ୟମରେ ହସ୍ତତନ୍ତ ଶିଳ୍ପୀଙ୍କ ଉନ୍ନତି ସୁନିଶ୍ଚିତ କରାଯାଇଛି। ରାଜ୍ୟର ନୂଆ ପିଢ଼ିକୁ ଆହ୍ୱାନ ଦେଇ ସେ କହିଥିଲେ ଯେ- ଆମ ଓଡ଼ିଶାର ହସ୍ତତନ୍ତ ପୋଷାକ ପିନ୍ଧନ୍ତୁ, ଶିଳ୍ପୀଙ୍କୁ ସମ୍ମାନ କରନ୍ତୁ, ସ୍ୱଦେଶୀ ଉତ୍ପାଦନକୁ ଗ୍ରହଣ କରନ୍ତୁ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଉପସ୍ଥିତ ଥିଲେ। ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବିଭାଗୀୟ ନିର୍ଦ୍ଦେଶକ ପ୍ରେମ ଚାନ୍ଦ ଚୌଧାରୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଓଡ଼ିଶାର...

ପ୍ରତିପାଦିତ କରୁଛି। ଏଗୁଡ଼ିକ କେବଳ ପୋଷାକ ନୁହେଁ, ବରଂ ଓଡ଼ିଶାର ଭାବାବେଗର ଏକ ଅଂଶବିଶେଷ। ଆଜି ଜାତୀୟ ହସ୍ତତନ୍ତ ଦିବସରେ ଓଡ଼ିଶାର ସହଯୋଗୀ ତଥା ଦଳୀୟ ସାଂସଦମାନଙ୍କ ସହ ଓଡ଼ିଶାର ସମୃଦ୍ଧ ବୟନ ପରମ୍ପରାକୁ ଗର୍ବର ସହ ପାଳନ କରି ଆମେ ସମସ୍ତେ ଆନନ୍ଦିତ। ପ୍ରତ୍ୟେକ ବୟନ ପରମ୍ପରା; ସାଂସ୍କୃତିକ ଐତିହ୍ୟ, କାରିଗରୀ ଏବଂ କଳାକୃତିର ସମାହାର। ଆମର ବୁଣାକାରମାନେ ଦେଶର ବୟନ ଐତିହ୍ୟକୁ ସଂରକ୍ଷଣ ଦେବା ସହ ସେମାନଙ୍କ ଦକ୍ଷତା ଏବଂ ନବସୃଜନ ଆଧାରରେ ବୟନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିପାରିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତ ହେଉଛି ବିବିଧ ହସ୍ତତନ୍ତ ପରମ୍ପରାର ଗନ୍ତାଘର। କାଶ୍ମୀରରୁ କନ୍ୟାକୁମାରୀ ଓ କଚ୍ଛରୁ କିବିଥୁ ପର୍ଯ୍ୟନ୍ତ ଆମର ପ୍ରତ୍ୟେକ ପୋଷାକ ସାଂସ୍କୃତିକ ଐତିହ୍ୟ, ନୀତି ଓ ବିବିଧତାର ଏକ ଜୀବନ୍ତ ପ୍ରମାଣ। ସମ୍ବଲପୁରୀରୁ ଇକତ; ଓଡ଼ିଶାର ହସ୍ତତନ୍ତ ପରମ୍ପରା ଏବଂ କାରିଗରୀର ଏକ ଭଣ୍ଡାର। ଆମର ଗୌରବମୟ ହସ୍ତତନ୍ତ ପରମ୍ପରାକୁ ଜୀବିତ ରଖିବା ପାଇଁ କାମ କରୁଥିବା କାରିଗର, କଳାକାର ଓ ବୁଣାକାରମାନେ ଧନ୍ୟବାଦର ପାତ୍ର। ଆମେ ଆଜି ଓ ପ୍ରତିଦିନ ଗର୍ବର ସହ ସର୍ବଦା ହସ୍ତତନ୍ତ ପିନ୍ଧିବା ଓ ପ୍ରତ୍ୟେକ ସୂତାରେ ଜୀବନ ଭରିଦେଉଥିବା କାରିଗରମାନଙ୍କୁ ସଶକ୍ତ କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି।

### ଦିଲ୍ଲୀରେ...

ସମୟରେ ପୂରଣ କରାଯିବ, ସେନେଇ ମୁଖ୍ୟମନ୍ତ୍ରୀ ଗତକାଲି ଏକାଧିକ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ ରାଜ୍ୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଓ କେନ୍ଦ୍ର-ରାଜ୍ୟ ସମନ୍ୱୟ ସମ୍ପର୍କିତ ପ୍ରସଙ୍ଗରେ ଆଲୋଚନା କରିବା ସହ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସିଆର ପାଟିଲଙ୍କ ସହ ମହାନଦୀ ଜଳ ସମସ୍ୟା ଏବଂ ଏହାର ନିରପେକ୍ଷ ଓ ନ୍ୟାୟସଙ୍ଗତ ସମାଧାନ ବିଷୟରେ ଆଲୋଚନା କରିଥିଲେ। ଯେଉଁ ମହାନଦୀକୁ ବିଜେଡି ସରକାର ଗତ ପ୍ରାୟ ଏକ ଦଶନ୍ଧି ଧରି ରାଜନୀତିର ପଶାପାଲିରେ ଗୋଟି ଭଳି ବ୍ୟବହାର କରିଆସୁଥିଲା, ତା'ର ଆପୋଷ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

ସେହିଭଳି ରାଜ୍ୟରୁ ଧାନ ଉଠାଣ ସବୁ ସମୟରେ ଏକ ସମସ୍ୟା ହୋଇ ରହିଆସିଛି। ତେଣୁ ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ଏନେଇ ଆଲୋଚନା କରିଛନ୍ତି। ଏଥିସହ ଏଫସିଆଇରେ ଓଡ଼ିଶାର କୋଟା ବୃଦ୍ଧି ପାଇଁ ମଧ୍ୟ ସେ ଦାବି ରଖିଛନ୍ତି। ଆହୁରି ରାଜ୍ୟରେ ମାଣ୍ଡିଆ ଉତ୍ପାଦନ ବୃଦ୍ଧି ଓ ଚାଷୀଙ୍କ ସ୍ୱାର୍ଥ ରକ୍ଷା ଲାଗି କେନ୍ଦ୍ରୀୟ ସହଯୋଗ ନେଇ ମଧ୍ୟ ଆଲୋଚନା କରିଛନ୍ତି।

ଦିଲ୍ଲୀ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ଦଳର ସବୁ ସାଂସଦ ଓ ବରିଷ୍ଠ ନେତାଙ୍କ ସହ ବି ଆଲୋଚନା କରିଛନ୍ତି। କେବଳ ରାଜ୍ୟର ବିକାଶ ନୁହେଁ, ସଙ୍ଗଠନକୁ ମଧ୍ୟ କିଭଳି ଆଗକୁ ନିଆଯିବ, ସେନେଇ ଶ୍ରୀ ମାଝୀ ବରିଷ୍ଠ ନେତାଙ୍କ ସହ ବିଚାରବିମର୍ଶ କରିଛନ୍ତି। ବିଶେଷକରି ମନମୋହନ ସାମଲ ପୁନର୍ବାର ରାଜ୍ୟ ସଭାପତି ଭାବେ ମନୋନୀତ ହେବା ପରେ ସାଙ୍ଗଠନିକ ପୁନର୍ବିନ୍ୟାସ ଓ ନିଗମରେ ଦଳୀୟ ନେତାଙ୍କ ଥଇଥାନ ନେଇ ସମସ୍ତଙ୍କ ସହ ଆଲୋଚନା କରି ସହମତି ଆଣିଛନ୍ତି ମୋହନ। ରାଜ୍ୟରେ ବିଜେପି ପ୍ରଥମ ଥର ଏକାକୀ ସରକାର ଗଠନର ସୁଯୋଗ ପାଇଛି। ତେଣୁ ଆଗାମୀ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଦଳ କିଭଳି ଲୋକଙ୍କ ଆସ୍ଥାଭାଜନ ହୋଇ ପୁଣି ଥରେ କ୍ଷମତାକୁ ଆସିବ, ସେନେଇ ଦିଲ୍ଲୀରେ ରୋଡମ୍ୟାପ କରିଛନ୍ତି ମୋହନ।

### ବଦଳିଲେ...

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ବୁଧବାର ଦିନ ଜଣେ ଯୁବତୀ ତାଙ୍କ ପୂର୍ବତନ ପ୍ରେମିକଙ୍କ ବାରମ୍ବାର ଧମକର ଶିକାର ହେବା ପରେ ନିଜ ଦେହରେ କିରାସିନି ଢାଳି ନିଆ ଲଗାଇ ନିଜ ଜୀବନ ନେଇଥିଲେ। ରିପୋର୍ଟ ଅନୁଯାୟୀ, ପ୍ରେମିକ ଜଣକ ତାଙ୍କର ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ପ୍ରସାରିତ କରିଥିଲେ ଏବଂ ତାଙ୍କ ସହିତ ସମ୍ପର୍କ ଭାଙ୍ଗିବା ପରେ ତାଙ୍କୁ ବ୍ଲାକମେଲ୍ କରିଥିଲେ। ଏହା ପରେ ଯୁବତୀ ତାଙ୍କ ପରିବାରକୁ ଜଣାଇଥିଲେ। ପରିବାର ସଦସ୍ୟ ଯୁବକଙ୍କ ବିରୁଦ୍ଧରେ ଅଭିଯୋଗ ଦାଏର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏଫଆଇଆର ଦାଖଲ କରିବା ପରିବର୍ତ୍ତେ, ଏଏସଆଇ ତାଙ୍କୁ ସମସ୍ତ ସୋସିଆଲ ମିଡିଆ ସାଇଟରୁ ପୁଅକୁ ବ୍ଲକ୍ କରିବାକୁ କହିଥିଲେ। ଏହି ଘଟଣା ଦୀର୍ଘ ୭-୮ମାସ ଧରି ଚାଲିଥିଲା। ପୁଅର ବ୍ଲାକମେଲିଂରେ ହତାଶ ହୋଇ, ଯୁବତୀ ଜଣକ ଘରେ ଏକୁଟିଆ ଥିବା ସମୟରେ ନିଜ ଜୀବନ ନେବା ଭଳି କଠୋର ନିଷ୍ପତ୍ତି ନେଇଥିଲେ।

### ରାଜଧାନୀରୁ ...

ଚାଇଲ୍ଡ ଟ୍ରାଫିକିଂକୁ ରୋକିବା ପାଇଁ ଟେକ୍ନିକାଲ ସପୋର୍ଟ ଏଜେନ୍ସି ପକ୍ଷରୁ ଗଠନ ହୋଇଛି ସ୍ପେଶାଲ ସେଲ । କୋର୍ଟ ପକ୍ଷରୁ ଜାରି ହୋଇଥିବା ମାର୍ଗଦର୍ଶିକା କୁ କଡାକଡି ପାଳନ ପାଇଁ ନିର୍ଦ୍ଦେଶ ରହିଛି । ଶିଶୁ ନିଖୋଜ ହେଲେ ଅଧଘଣ୍ଟା ଭିତରେ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଖୋଜିବା ସହ ସମସ୍ତ ଥାନାକୁ ଫଟୋ ପଠାଯିବ। ଜନଗହଳିପୂର୍ଣ୍ଣ ସ୍ଥାନରେ ପ୍ରଚାର କରାଯିବ । ପିଲା ନିଖୋଜ ହେଲେ ତୁରନ୍ତ ମିସିଂ ଚାଇଲ୍ଡ ପୋର୍ଟାଲରେ ପଞ୍ଜିକୃତ କରିବା ସହ ତଦନ୍ତକୁ ବ୍ୟାପକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏତେ ସବୁ ପରେ ମଧ୍ୟ ବାରମ୍ବାର ପିଲା ନିଖୋଜ ଖବର ଆସିବା ପୋଲିସ ପାଇଁ ବେଶ ଚ୍ୟାଲେଞ୍ଜ ଆଣିଛି । ଆର୍ଥିକ ଅନଟନ, ଶିକ୍ଷାର ଅଭାବ, ଦାଦନ ପାଇଁ ଅଧିକାଂଶ ସମୟରେ ବାପା ମାଆଙ୍କ ଜାଣତରେ ପିଲା ବିକ୍ରି ହେଉଥିବା କହିଛନ୍ତି ରୁଚିକା ଚାଇଲ୍ଡ ଲାଇନ ନିର୍ଦ୍ଦେଶକ । ତଥ୍ୟ ମୁତାବକ, ରାଜ୍ୟରେ ଥିବା ୬୪୯ ଟି ଥାନାରେ ମହିଳା ଓ ଶିଶୁ ଡେସ୍କ ପାଇଁ ପ୍ରସ୍ତାବ ରହିଛି । ତ୍ୱରିତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନକୁ ବ୍ୟାପକ କରିବା ଦ୍ୱାରା ଅଭିଯୁକ୍ତଙ୍କ ପାଖରେ ପୋଲିସ ଶୀଘ୍ର ପହଞ୍ଚିବା ସହ କୋମଳମତି ଶିଶୁଙ୍କୁ ଉଦ୍ଧାର କରିପାରିଛି ।

# ବଳଙ୍ଗା ପୀଡିତାଙ୍କୁ ନ୍ୟାୟ ଦାବିରେ ବନ୍ଦ ପାଳନ

- କାକଟପୁର ଓ ଅସ୍ତରଙ୍ଗରେ ଶାନ୍ତିପୂର୍ଣ୍ଣ ହରତାଳ
- ବିଜେଡି ତରଫରୁ ବିଭିନ୍ନ ସ୍ଥାନରେ ପିକେଟିଂ, ଚକ ଅଖ ଜାମ୍



**କାକଟପୁର/ଅସ୍ତରଙ୍ଗ,୭।୮(ସଂଚାର ବ୍ୟୁରୋ):** ବଳଙ୍ଗା ପୀଡିତାର ମୃତ୍ୟୁ, ପରବର୍ତ୍ତୀ ଅବସ୍ଥାରେ ପୋଲିସ ବିବୃତ୍ତି ଓ ପୀଡିତା ପରିବାରର ବୟାନ ବଦଳାଇବାକୁ ଚାପ ଘଟଣାକୁ ନେଇ ବିଜୁ ଜନତା ଦଳ ତରଫରୁ ଗୁରୁବାର ପ୍ରତ୍ୟୁଷ ରୁ ୬ଘଣ୍ଟିଆ ପୁରୀ ଜିଲ୍ଲା ବନ୍ଦ ଡାକରା ପ୍ରଭାବ କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ସକାଳ ୬ ରୁ ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ଦେଖିବାକୁ ମିଳିଥିଲା। ବଳଙ୍ଗା ପୀଡିତାର ମୃତ୍ୟୁ ପରବର୍ତ୍ତୀ ସ୍ଥିତି ବିଷୟରେ ସରକାରଙ୍କୁ କାଠ ଗଡ଼ାକୁ ଟାଣିବା ସହ ସରକାର ଓ ଶାସକ ଦଳ ଉଦେଶ୍ୟରେ ନେଇ ପ୍ରଶ୍ନ କରିଛି। ପୀଡିତାର ବାରମ୍ବାର ବୟାନ ରେକର୍ଡ କରିବା ବାହାନାରେ ପୋଲିସ ବିଜେପି ଦଳର ହାତବାରିସୀ ସାଜି ତାଙ୍କ ଗୁପ୍ତ ଏଜେଣ୍ଡା କୁ କାର୍ଯ୍ୟକାରୀ କରିଛି। ବାଲେଶ୍ୱର ଏଫ ଏମ କଲେଜ ଘଟଣା ଭଳି ପରିବାର ଉପରେ ଚାପ ପ୍ରୟୋଗ କରି ବୟାନ ବଦଳାଇବା ପାଇଁ ବାଧ୍ୟ କରିଛନ୍ତି। ପ୍ରଥମ ଦିନରୁ ପୀଡିତା ଓ ତାଙ୍କ ମାଆ ନିଜେ ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରି ଏତଲା ଦାୟର କରିଥିଲେ। ଦୁଃଖର ବିଷୟ ପୀଡିତାର ମୃତ୍ୟୁର କିଛି ସମୟ ମଧ୍ୟରେ ପୋଲିସ ମୁଖ୍ୟାଳୟ ଜରିଆରେ ଯେଉଁ ଭଳି ବିବୃତ୍ତି ପ୍ରଦାନ କଲେ ତାହା ସ୍ପଷ୍ଟ କରିଛି ଯେ, ସରକାର ସତ୍ୟ ଲୁଚାଇବା ପାଇଁ ଚାହୁଁଛନ୍ତି। ଜଗନ୍ନାଥ ମାଟିରେ ନିଶ୍ଚୟ ସତ୍ୟ ଉନ୍ମୋଚନ ହେବ ଏବଂ ବଳଙ୍ଗା ପୀଡିତା ନ୍ୟାୟ ମିଳିବା ଯାଏଁ ବିଜୁ ଜନତା ଦଳ ତାର ଲଢେଇ ଜାରୀ ରଖିବ ବୋଲି କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ମତ ଦେଇଛନ୍ତି।ଏହି ବନ୍ଦ ଡାକରା ରେ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ଅସ୍ତରଙ୍ଗ ବ୍ଲକ ବିଜେଡି ସଭାପତି ପଞ୍ଚାନନ ସ୍ୱାଇଁ, ଏକ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ସମିତି ସଭ୍ୟ ରାମଚନ୍ଦ୍ର ନାୟକ, ଆରତୀ, ପୂର୍ବତନ ସରପଞ୍ଚ ଭୀମସେନ ସ୍ୱାଇଁ, ପ୍ରଫୁଲ୍ଲ ବେହେରା, ଯୁବ ବିଜେଡି ସଭାପତି ପ୍ରଶାନ୍ତ ନାୟକ, ଚମ୍ପକ ବାରିକି, ରୁଦ୍ର ପ୍ରସାଦ ଲେଙ୍କା, ଜ୍ଞାନ, କୁଞ୍ଜ ବିହାରୀ ପ୍ରଧାନ, ଯୋଗେନ୍ଦ୍ର ଲେଙ୍କା, ପବିତ୍ର ଙ୍କ ସମେତ ଶତାଧିକ ବିଜେଡି କର୍ମୀ ବନ୍ଦ ଡାକରା କୁ ସଫଳ କରିବାକୁ ପ୍ରୟାସ କରିଥିଲେ।ଏହା ସହ ଶତାଧିକ ବିଜେଡି କର୍ମୀ ବିଭିନ୍ନ ସ୍ଥାନରେ ପ୍ରତିବାଦ କରି ବଜାର ଅବରୋଧ କରିଥିଲେ। ବିକ୍ଷୋଭକାରୀ ମାନେ ରାସ୍ତାରେ ଟାୟାର ଜାଳି, କାକଟପୁର ରୁ ଅସ୍ତରଙ୍ଗ ମୁଖ୍ୟ ରାସ୍ତା, ଥାନା ଛକ ସମେତ ପ୍ରମୁଖ ଛକ ଗୁଡିକରେ ଅବରୋଧ କରିଥିଲେ। ୬ଘଣ୍ଟିଆ ବନ୍ଦ ଯୋଗୁଁ କାକଟପୁର ଓ ଅସ୍ତରଙ୍ଗ ରେ ଦୈନନ୍ଦିନ ଜୀବନ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡ଼ିଥିଲା। ଦୋକାନ ବଜାର, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଏବଂ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା।

## ● ବେଆଇନ ମୋରମ ଚାଲାଣ ଅଭିଯୋଗ
## ଟ୍ରକ୍‌କୁ ପୁଲିସ ଜିମାଦେଲେ ଗ୍ରାମବାସୀ



**ବ୍ରହ୍ମପୁର, ୭।୮(ସଂଚାର ବ୍ୟୁରୋ):** ରାତି ଅଧିଆ ବେଆଇନ ଭାବେ ଚାଲିଛି ମୋରମ ଚାଲାଣ। ବେଧଡକ ଭାବେ କିଛି ମାଫିଆ ମୋରମ ଚାଲାଣ କରୁଥିବା ଅଭିଯୋଗ ହୋଇଛି। ନିକଟବର୍ତ୍ତୀ ଗ୍ରାମବାସୀ ମାନେ ଏଥିପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଗ୍ରାମବାସୀ ମାନେ ଏହି ବେଆଇନ ଚୋରା ଚାଲାଣକୁ ରୋକିବା ପାଇଁ ବଡ଼ ନିଷ୍ପତ୍ତି ବି ନେଇଛନ୍ତି। ଚୋରା ମୋରମ ଚାଲାଣ କରୁଥିବା ଟ୍ରକ୍‌କୁ ଅଟକାଇବା ସହ ପୋଲିସର ଜିମା ଦେଇଛନ୍ତି ଗ୍ରାମବାସୀ। ଘଟଣା ଦେଖିବାକୁ ମିଳିଛି ବ୍ରହ୍ମପୁର ନିକଟବର୍ତ୍ତୀ କୁକୁଡାଖଣ୍ଡି ବ୍ଲକ୍ ଲାଞ୍ଜିଆ ପଞ୍ଚାୟତ ଅଧୀନ ବାଳକୃଷ୍ଣପୁର ଗ୍ରାମରେ। ସୂଚନା ଅନୁଯାୟୀ, ଗାଁକୁ ଲାଗି ରହିଛି ବାଘଝରି ମୌଜାର ଡ଼ାଲଖାଇ ପାହାଡ଼। ଆଉ ଏହି ପାହାଡ଼ରୁ ମାଫିଆମାନେ ରାତି ଅଧିଆ ମୋରମ ଚୋରାଚାଲାଣ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ ଖଣି ବିଭାଗର ଉଦାସୀନତା ଯୋଗୁ ବେଆଇନ ମୋରମ ଚାଲାଣ ବଢ଼ିଛି। ଏଭଳି ବେଆଇନ ଭାବେ ଟନ୍ ଟନ୍ ମୋରମ ଚାଲାଣ ଯୋଗୁ ଜଙ୍ଗଲ, ଗଛ ନଷ୍ଟ ହେଉଥିବା ବେଳେ ବଡ଼ ବଡ଼ ଗାଡି ଗାଁ ରାସ୍ତାରେ ଚଳାଚଳ କରି ରାସ୍ତା ଭାଙ୍ଗିରୁଜି ଯାଉଛି। ତେଣୁ ଏଭଳି ଚୋରାଚାଲାଣକୁ ରୋକିବାକୁ ବୁଧବାର ରାତିରେ ମୋରମ ଲୋଡ ହୋଇଥିବା ଅନେକ ଗାଡ଼ିକୁ ଅଟକାଇଥିଲେ। ତେବେ ଖବର ପାଇ ବନ ବିଭାଗ, ଆରଆଇ, ପୋଲିସ ପହଞ୍ଚି ଗାଡ଼ିଗୁଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି। ସେପଟେ ଜଙ୍ଗଲ ଓ ଗାଁକୁ ସୁରକ୍ଷା ଦେବାକୁ ଗ୍ରାମବାସୀ ନିବେଦନ କରିଥିବାବେଳେ ଏହି ଚୋରା ଚାଲାଣ କାରୀଙ୍କ ଉପରେ କେବେ କାର୍ଯ୍ୟାନୁଷ୍ଠାନ ହେବ ତାକୁ ଦେଖିବାକୁ ବାକି ରହିଲା।

## ସ୍ୱାୟତ୍ତ ଶାସନ ଦିବସ ପାଳନ ପାଇଁ ବିଇଏମସିର ସ୍ୱତନ୍ତ୍ର ବୈଠକ



**ବ୍ରହ୍ମପୁର,୭।୮(ସଂଚାର ବ୍ୟୁରୋ):** ୧୫୮ ତମ ଅଖିଳ ଭାରତୀୟ ସ୍ୱାୟତ୍ତ ଶାସନକୁ ପାଳନ ପାଇଁ ଗୁରୁବାର ଦିନ ଏକ ସ୍ୱତନ୍ତ୍ର ବୈଠକ ମହାନଗର ନିଗମ କାର୍ଯ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମହାନଗର ନିଗମ ମେୟର ସଂଘମିତ୍ରା ଦଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ସ୍ୱାୟତ୍ତ ଶାସନ ଦିବସକୁ କିଭଳି ପାଳନ କରାଯିବ ସେହି ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ସାଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରା, ବ୍ରହ୍ମପୁର ମହାନଗର ନିଗମ କମିସନର ପ୍ରଥମେସ ଅରବିନ୍ଦ ରାଜସିର୍କେ, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା, ଆଶୀର୍ବାଦ ପରିଡ଼ା ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ମହାନଗର ନିଗମର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଶୁଭାରମ୍ଭ, ଭିତ୍ତିପ୍ରସ୍ତର ସ୍ଥାପନ, ସାଂସ୍କୃତିକ କାର୍ଯ୍ୟକ୍ରମ, କ୍ରୀଡା ପ୍ରତିଯୋଗିତା ଭଳି ଅନେକ କାର୍ଯ୍ୟକ୍ରମ ହେବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଏହି ପ୍ରତିଯୋଗିତାକୁ ସୁଚାରୁ ରୂପେ ପରିଚାଳନା ପାଇଁ ନିଗମ କର୍ପୋରେଟରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଆସନ୍ତା ସ୍ୱାୟତ୍ତ ଶାସନ ଦିବସକୁ ଧୁମ୍ ଧାମରେ ପାଳନ କରାଯିବ ବୋଲି ମହାନଗର ନିଗମ ମେୟର ସଂଘମିତ୍ରା ଦଳାଇ ସୂଚନା ପ୍ରଦାନ କରିଛନ୍ତି। ଏହି ବୈଠକରେ ନିଗମର ସମସ୍ତ କର୍ପୋରେଟର ଏବଂ ନିଗମର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଲେ ଜିଲ୍ଲାପାଳ



**ବ୍ରହ୍ମପୁର,୭।୮(ସଂଚାର ବ୍ୟୁରୋ):** ରେଶମ ସହରରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଜାରି ରହିଛି। ଆଜି ଗଞ୍ଜାମ ଜିଲ୍ଲାପାଳ ଓ୍ୱି କୀର୍ତ୍ତି ଭାସନ ମହାନଗରର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ପରିଦର୍ଶନ କରିଥିଲେ। ଓପିଟିସିଏଲ୍ ଆସ୍କା ରୋଡ଼ ଠାରେ ପ୍ରସ୍ତାବିତ ଅସ୍ଥାୟୀ ବସଷ୍ଟାଣ୍ଡ, ବ୍ରହ୍ମପୁର କର୍ପୋରେସନ ରୋଡର ଗଞ୍ଜାମ ହାଟ, ପୁରୁଣା ବସଷ୍ଟାଣ୍ଡ ବହୁ ସ୍ତରୀୟ କାର୍ ପାର୍କିଂ, ଆମ୍ବପୁଆର ରୋକ୍ ଗାର୍ଡେନ, ବିବେକ ବିହାର ବିବାହ ମଣ୍ଡପ ସ୍ଥଳ ନିରୀକ୍ଷଣ କରି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାସହ ଅକ୍ଟୋବର ସୁଦ୍ଧା ଗଞ୍ଜାମ ହାଟ ଓ ବହୁ ସ୍ତରୀୟ କାର୍ ପାର୍କିଂ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଏହି ପରିଦର୍ଶନ ସମୟରେ ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ଅରବିନ୍ଦ ପ୍ରଥମେଶ ରାଜସିର୍କେ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ପ୍ରୋବେସନ୍ ଆଇ ଏ ଏସ ମ୍ରିନାଲୀକା ରାଠୋର ପ୍ରମୁଖ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଚା' ଦୋକାନ ଚାବି ଭାଙ୍ଗି ଲୁଟିଲେ ଦୁର୍ବୃତ୍ତ
### ସିସିଟିଭି ଭାଙ୍ଗି ହାର୍ଡ ଡିସ୍କ ନେଇଗଲେ



**ହିଞ୍ଜିଳିକାଟୁ,୭।୮(ସଂଚାର ବ୍ୟୁରୋ):** କିଛି ଦିନର ବ୍ୟବଦାନ ପରେ ପୁଣି ମାତିଲେ ହିଞ୍ଜିଳିକାଟୁ ସହରରେ ଚୋର।

ପୌରାଞ୍ଚଳସ୍ଥିତ ଆରଏମସି ଛକ ଠାରୁ ୫୦ମିଟର ଦୂର ଅର୍ଥାତ ୫୯ନଂ ଜାତୀୟ ରାଜପଥ କଡ଼ ଭୈରବୀ ହୋଟେଲ ପାର୍ଶ୍ୱ ସନ୍ତୋଷ କୁମାର ସାହୁଙ୍କ ଚା ଦୋକାନରେ ବୁଧବାର ବିଳମ୍ବିତ ରାତିରେ ଦୋକାନ ଚାବି ଭାଙ୍ଗି ଦୋକାନ ଭିତରେ ପଶି ସିସିଟିଭି ଭାଙ୍ଗି କଳାକନା ବୁଲେଇଛନ୍ତି ଦୁର୍ବୃତ୍ତ ଓ ପ୍ରକାଶ ଯେ, ସନ୍ତୋଷ ସବୁ ଦିନ ଭଳି ଗତକାଲି ବି ନିଜର ବ୍ୟବସାୟ ବନ୍ଦ କରି ରାତି ୧୦ଟାରେ ଘରକୁ ଯାଇଥିଲେ।

ପୁଣି ସବୁ ଦିନ ଭଳି ସକାଳୁକୁ ଯେମିତି ଦୋକାନ ଖୋଲିବାକୁ ଆସନ୍ତି ସେମିତି ଆଜି ସକାଳ ୬ଘଣ୍ଟ ସମୟରେ ଦୋକାନ ଖୋଲିବାକୁ ଆସିଥିଲେ।

ଦୋକାନରେ ପହଞ୍ଚି ତାଲା ଖୋଲା ଅଛି ନେଇ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଓ ପରେ ସଙ୍ଗେ ସଙ୍ଗେ କବାଟ ଖୋଲି ଭିତରକୁ ପ୍ରବେଶ କରି ଦେଖିବା ମାତ୍ରେ ଜାଣିବାକୁ ପାଇଥିଲେ ଦୁର୍ବୃତ୍ତମାନେ ଦୋକାନ ଭିତରେ ପଶି ଚୋରି କରିଛନ୍ତି। ଦୁର୍ବୃତ୍ତ ମାନେ ଡ୍ର ରୁ ୮, ୩୦୦ ଟଙ୍କା ଚୋରି କରିଥିବା ବେଳେ ସିସିଟିଭି କ୍ୟାମେରା ଭାଙ୍ଗି ନାମିଦାମୀ ବ୍ରାଣ୍ଡର ସିଗାରେଟ, କୋଲଡ୍ରିଙ୍କ୍ସ ଆଦି ଚୋରି କରିଥିବା ବେଳେ ଯାହାର ଆନୁମାନିକ ମୂଲ୍ୟ ୩୦ହଜାର ବୋଲି ସନ୍ତୋଷ କହିଛନ୍ତି ଓ ଏନେଇ ସନ୍ତୋଷ ଆଜି ସକାଳେ ହିଞ୍ଜିଳି ଥାନାରେ ଏକ ଲିଖିତ ଭାବେ ଅଭିଯୋଗ କରିଥିବା ବେଳେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ବିଶେଷ କରି ପୋଲିସ ରାତିରେ ଭଲ ଭାବେ ପାଟ୍ରୋଲିଂ କରୁ ନଥିବାରୁ ଏଭଳି ସ୍ଥିତି ଉପୁଜି ଥିବା ଅଭିଯୋଗ ହେଉଛି।

## ଗୋପାଳପୁରରେ ବିଜେଡିର ବିକ୍ଷୋଭ




**ବ୍ରହ୍ମପୁର,୭।୮(ସଂଚାର ବ୍ୟୁରୋ):** ରାଜ୍ୟରେ ଅସୁରକ୍ଷିତ କ୍ୟାମ୍ପସ୍ ସମେତ ମହିଳା ନିର୍ଯ୍ୟାତନା ଓ ଅପରାଧୀକ କାର୍ଯ୍ୟକଳାପ ବୃଦ୍ଧିକୁ ବିରୋଧ କରି ରାଜ୍ୟବ୍ୟାପୀ ବିଜୁ ଯୁବ ଛାତ୍ର ବିଜେଡି ପକ୍ଷରୁ ପ୍ରତିବାଦ କରାଯାଉଛି। ଏହି କ୍ରମରେ ଆଜି ଗୋପାଳପୁର ଥାନା ସମ୍ମୁଖରେ ଦଳ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଓ ଗଞ୍ଜାମ ବିଜେଡି ସଭାପତି ତଥା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଆହ୍ୱାନ କ୍ରମେ ଦଳର ଯୁବ ଛାତ୍ର ନେତା ଓ କର୍ମୀ ପଦଯାତ୍ରାରେ ଆସି ଗୋପାଳପୁର ଥାନା ଅଧିକାରୀଙ୍କ ଜରିଆରେ ଡିଜିପିଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଏଫଏମ୍ କଲେଜ ଛାତ୍ରୀ ଆତ୍ମାହୂତି ସମେତ ଅନ୍ୟାନ୍ୟ ଘଟଣାର ଅଭିଯୁକ୍ତଙ୍କୁ କୋଠର ଦଣ୍ଡ ଦେବା, ରାଜ୍ୟରେ ମହିଳା ଓ ସୁରକ୍ଷିତ କ୍ୟାମ୍ପସ ସୁନିଶ୍ଚିତ କରିବାକୁ ଦାବି କରି ମୋହନ ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ୍ ଦେଇଥିଲେ। ବ୍ରହ୍ମପୁର ଯୁବ ବିଜେଡି ସଭାପତି ଅଜିତ୍ କୁମାର ପଣ୍ଡା ଓ ଛାତ୍ର ସଭାପତି ଶୋଭନ କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଛାତ୍ର ବିଜେଡି ସଭାପତି ପ୍ରଶାନ୍ତ ପଣ୍ଡା, ବନୋଦ ମହାଙ୍କୁଡ, ମିଲେନ୍ଦ୍ର ପ୍ରଧାନଙ୍କ ସମେତ ଗୋପାଳପୁର ନିର୍ବାଚନ ମଣ୍ଡଳୀର ଯୁବ ନେତୃବୃନ୍ଦ, କଲେଜ ଛାତ୍ରଛାତ୍ରୀ, ଯୁବ ଗୋଷ୍ଠୀ ପ୍ରମୁଖ ସାମିଲ ହୋଇଥିଲେ।

## ବିଇଏମସି ପକ୍ଷରୁ ଜବରଦଖଲ ଉଚ୍ଛେଦ ଆରମ୍ଭ




**ବ୍ରହ୍ମପୁର,୭।୮(ସଂଚାର ବ୍ୟୁରୋ):** ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଆଜି ଠାରୁ ଆରମ୍ଭ ହୋଇଛି ଜବରଦଖଲ ଉଚ୍ଛେଦ ଅଭିଯାନ। ନିଗମ ପକ୍ଷରୁ ବ୍ରଜନଗର୍ ମୁଖ୍ୟ ରାସ୍ତା କଡ଼ରେ ଥିବା ଦୋକାନ ଗୁଡ଼ିକୁ ଉଚ୍ଛେଦ କରାଯାଇଛି। ମହାନଗର ନିଗମ, ପୋଲିସ ଏବଂ ବ୍ରହ୍ମପୁର ତହସିଲଦାରଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ ହୋଇଛି। ରେଡିଓ ଷ୍ଟେସନ ଠାରୁ ଲୋଚାପଡ଼ା ବଡ଼ ନାଳ ପର୍ଯ୍ୟନ୍ତ ଥିବା ପ୍ରାୟ ୫୦ରୁ ଅଧିକ ଦୋକାନୀ ନିଗମର ଡ୍ରେନ ଉପରେ ଜବର୍ ଦଖଲ କରି ନିଜ ବ୍ୟବସାୟ ଚଳାଇ ଆସୁଥିଲେ। ସେମାନଙ୍କୁ ଉଚ୍ଛେଦ ପାଇଁ ମହାନଗର ନିଗମ ପକ୍ଷରୁ ଅନେକ ସମୟରେ ଯୋଜନା କରାଯାଇଥିଲା। ବର୍ତ୍ତମାନ ମହାନଗର ନିଗମ ବଡ ପଦକ୍ଷେପ ନେଇଛି। ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ଏହି ଉଚ୍ଛେଦ ହୋଇଛି। ସହରକୁ ଟ୍ରାଫିକ ମୁକ୍ତ ଏବଂ ଜନସାଧାରଣ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ନିଷ୍ପତି ନିଆଯାଇଥିବା ଡେପୁଟି କମିଶନର କହିଛନ୍ତି। ବ୍ରହ୍ମପୁର ଗେଟ ବଜାର ଠାରୁ ରେଡିଓ ଷ୍ଟେସନ, ବ୍ରଜନଗର ଠାରୁ ଲୋଚାପଡ଼ା ବଡ଼ନାଳ ପର୍ଯ୍ୟନ୍ତ ବ୍ରହ୍ମପୁର ମହାନଗର ନିଗମ ଅଧିକୃତ ଅଞ୍ଚଳ। ଗେଟ ବଜାର ଠାରୁ ବ୍ରଜ ନଗର ମୁଖ୍ୟ ରାସ୍ତାରେ ଶହ ଶହ ବ୍ୟବସାୟୀ ନିଜ ନିଜ ବ୍ୟବସାୟୀକ ପ୍ରତିଷ୍ଠାନ ଗୁଡିକୁ ସେହି ରାସ୍ତାର ମୁଖ୍ୟ ନାଳ ଉପରେ ଅନଧିକୃତ ଭାବେ ଜବରଦଖଲ କରି ବ୍ୟବସାୟ ଚଳାଇ ଆସୁଥିଲେ। ଯାହାଫଳରେ ସ୍ଥାନୀୟ ଅଞ୍ଚଳ ମୁଖ୍ୟ ରାସ୍ତା ସଂକୀର୍ଣ୍ଣ ହେବା ସହିତ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ଏହି ସମସ୍ୟାର ସମାଧାନ ପାଇଁ ବିଇଏମସି ପକ୍ଷରୁ ବାରମ୍ବାର ବ୍ୟବସାୟୀ ମାନଙ୍କୁ ଜବରଦଖଲରୁ ନିବୃତ ହେବା ପାଇଁ ତାଗିଦ କରାଯାଉଥିଲା। ତେବେ ଗତ କାଉନସିଲ ବୈଠକରେ ସହରର ଜବର ଦଖଲ ଉଚ୍ଛେଦ ପାଇଁ ବିଧିବଦ୍ଧ ଭାବେ ନିଷ୍ପତି ହୋଇଥିଲା। ଜବରଦଖଲ ସମୟରେ ନିଜ ନିଜ ଓ୍ୱାର୍ଡର କର୍ପୋରେଟର ଉପସ୍ଥିତ ରହି ସହଯୋଗ କରିବା ପାଇଁ ନିଷ୍ପତି ହୋଇଥିଲା। ଇତି ମଧ୍ୟରେ ଗତ ଏକ ସପ୍ତାହ ଧରି ଜବରଦଖଲ ଉଚ୍ଛେଦ, ଟ୍ରେଡ ଲାଇସେନ୍ସ, ଫୁଡ୍ ଲାଇସେନ୍ସ ନବୀକରଣ ପାଇଁ ନିଗମର ତିନୋଟି ଗାଡିରେ ଡ଼ାକବାଜି ମାଧ୍ୟମରେ ସଚେତନ କରି ଆସୁଥିଲା।

## ଅଟଳ ଯୁବ ବାହିନୀ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ



**ହିଞ୍ଜିଳିକାଟୁ,୭।୮(ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ନିକଟସ୍ଥ ଶ୍ୟାମଳାଇ ମନ୍ଦିର ପରିସରରେ ଅଟଳ ଯୁବ ବାହିନୀ ପକ୍ଷରୁ ସଂଯୋଜକ ରାକେଶ ରଥଙ୍କ ନେତୃତ୍ୱରେ ବୃକ୍ଷରୋପଣ ଓ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ହିଞ୍ଜିଳି ବିଧାୟକ ପ୍ରାର୍ଥୀ ଶିଶିର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ବୃକ୍ଷ ଆମ ଜୀବନର ଆଧାର ଅଟେ, ଏହାର ସୁରକ୍ଷା ଆମର କର୍ତ୍ତବ୍ୟ। ବର୍ତ୍ତମାନର ପରିବର୍ତ୍ତନଶୀଳ ଜଳବାୟୁ ପରିସ୍ଥିତିରେ ପରିବେଶ ସନ୍ତୁଳନ ରକ୍ଷା କରିବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ। ଏହାସହ ଦୁଇ ବର୍ଷ ପର୍ଯ୍ୟନ୍ତ ଗଛର ଯତ୍ନ ନେବାକୁ କର୍ମକର୍ତ୍ତା ମାନଙ୍କୁ ଶ୍ରୀ ମିଶ୍ର ପରାମର୍ଶ ଦେଇଥିବା ବେଳେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା ଓ ଆଜିର ଯୁବ ପୀଢ଼ି ପ୍ରକୃତି ସେବା ଓ ସଂସ୍କୃତି ସୁରକ୍ଷା ଠୁ ଦୁରେଇ ଯାଉଥିବା ବେଳେ ସେମାନଙ୍କୁ ଏକାଠି କରି ସରକାରଙ୍କ ବିଭିନ୍ନ ଯୋଜନାକୁ କିପରି କାର୍ଯ୍ୟକ୍ରମ କରାଇ ସାମନ୍ତରାଳ ଭାବରେ ସୁସ୍ଥ ସମାଜ ଗଠନ କରିବା ନିମନ୍ତେ ଅଟଳ ଯୁବ ବାହିନୀ ଅଣ୍ଟା ଭିଡିଛି ଓ ଆଗକୁ ଓଡ଼ିଶାର ଗଣପର୍ବ ରକ୍ଷା ବନ୍ଧନ ଥିବାରୁ ସମସ୍ତେ ରକ୍ଷାସୂତ୍ରରେ ବାନ୍ଧି ହୋଇ ବୃକ୍ଷରୋପଣ ପରି ମହତ କାର୍ଯ୍ୟ ସହ ଅନେକ ସମାଜ ସେବା ଭିତ୍ତିକ କାର୍ଯ୍ୟ ପାଇଁ ଶପଥ ନେଲେ ଓ ଏହି କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ପାଣିଗ୍ରାହୀ, ସୁଧାଂଶୁ ସାବତ, ଅନ୍ତର୍ଯ୍ୟାମୀ ପାତ୍ର, ରାକେଶ ରଥ ଓ ରୋଶନ କୁମାର ଖୁଣ୍ଟିଆ, ଯୁବ କାର୍ଯ୍ୟକର୍ତ୍ତା ସମେତ ଅଟଳ ଯୁବ ବାହିନୀର ସମସ୍ତ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## କଣାସରେ ବିଜେଡିର ବନ୍ଦ ପାଳନ




**କଣାସ,୭।୮(ସଂଚାର ବ୍ୟୁରୋ):** ବଳଙ୍ଗା ପୀଡିତାର ମୃତ୍ୟୁ ହେବାପରେ ନ୍ୟାର୍ଯ୍ୟ ନାୟ ଦାବି କରି ବିଜୁ ଜନତା ଦଳ ପୁରୀ ଜିଲ୍ଲା ସଭାପତି ସତ୍ୟାବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଆହ୍ୱାନରେ ଆଜି ଜିଲ୍ଲାର ସମସ୍ତ ବ୍ଲକରେ ସକାଳ ୬ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଦୋକାନ ବଜାର ବନ୍ଦ ରହିଥିଲା। କଣାସ ବ୍ଲକରେ ମଧ୍ୟ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ଡାକରା ସଫଳ ହୋଇଥିଲା। କଣାସ ବ୍ଲକ ବିଜୁ ଜନତା ଦଳ ବରିଷ୍ଠ କର୍ମୀ ରାଜେଶ ହରିଚନ୍ଦନ, ଦୋକନ୍ଦା ସରପଞ୍ଚଈଶ୍ୱର୍ର ହରିଚନ୍ଦନ, ବଡାସ ପୂର୍ବତନ ସରପଞ୍ଚ ବଳରାମ ପଲାଇ, କାହ୍ନୁ ଜୟସିଂହ ପ୍ରଭୃତି ଶାତାଧିକ ବିଜେଡି କର୍ମୀ ହାତରେ ବିଜେଡି ପତାକା ଧରି ସକାଳୁ ଗୋଲାବଜାରରୁ ଶୋଭାଯାତ୍ରାରେ ବାହାରି ପିଡିତାର ମୃତ୍ୟୁର ନାୟ ଦାବୀକରି ସ୍ଲୋଗାନ୍ ଦେଇ ଗୋଲାବଜାରରୁ ବାହାରି ବିଜିପୁର ବଜାର ପରିକ୍ରମା କରି ଦୋକନା ବଜାର ବନ୍ଦ ରଖିବା ପାଇଁ ଦୋକାନିଙ୍କୁ ନିବେଦନ କରିଥିଲେ। କୌଣସି ଯାତ୍ରୀବାହୀ ବସ୍‌ପୁରୀ, ଭୁବନେଶ୍ୱର, କଟକ ଯାଇନଥିଲା।

## ଗଣ୍ଡଗୋଳ ମାମଲା, ଜେଲ୍ ଗଲେ ଯୁବକ

**ବାଲିଅନ୍ତା,୭।୮(ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ପୁଲିସ ଟାଙ୍ଗିଆରେ ୨ ଯୁବକଙ୍କୁ ଆକ୍ରମଣ ମାମଲାରେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଯଶୁଆପୁର ଭୋଇ ସାହିର ପର୍ଶୁରାମ ଭୋଇ (୨୭)। ପର୍ଶୁରାମ ବିରୋଧରେ ଓଉପଡା ଭୋଇ ସାହିର ଲୋକନାଥ ଭୋଇ ଓ ରୟତଶ୍ରୀରାମପୁର ଗ୍ରାମର ସନାତନ ସ୍ୱାଇଁ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ୫ ତାରିଖ ରାତି ୧୧ଟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପର୍ଶୁରାମ ଲୋକନାଥଙ୍କୁ ଟାଙ୍ଗିଆରେ ଆକ୍ରମଣ କରିବାରୁ ସେ ଆହତ ହୋଇଥିଲେ। ସନାତନଙ୍କ ପୁଅ ଜ୍ଞାନରଞ୍ଜନ ଲୋକନାଥଙ୍କୁ ରକ୍ଷା କରିବାକୁ ଚେଷ୍ଟା କରି ଆକ୍ରମଣର ଶିକାର ହୋଇଥିଲେ। ପର୍ଶୁରାମ ବିରୋଧରେ ଥାନାରେ ପୂର୍ବରୁ ଅନ୍ୟ ୪ଟି ଗଣ୍ଡଗୋଳ ମାମଲା ରହିଥିବା ଜଣାଯାଇଛି ।

## ରାକ୍ଷୀ ଦୋକାନରେ ଜମୁଛି ଗ୍ରାହକଙ୍କ ଭିଡ଼

**ହିଞ୍ଜିଳିକାଟୁ,୭।୮(ସଂଚାର ବ୍ୟୁରୋ):** ଆସନ୍ତାକାଲି ରାକ୍ଷୀ ପୂର୍ଣ୍ଣିମା। ଏହି ପର୍ବ ପାଇଁ ହିଞ୍ଜିଳିକାଟୁର ରାକ୍ଷୀ ବଜାରରେ ସରଗରମ। ବଜାରରେ ବିକ୍ରି ହେଉଛି ବିଭିନ୍ନ ଡିଜାଇନ୍‌ର ରାକ୍ଷୀ। ଚକମକ ବିଜୁଳି ଆଲୁଅରେ ଝଲସୁଥିବା ରାକ୍ଷୀ ଦୋକାନରେ ଭିଡ଼ ଜମୁଛି। ରେଶମୀ ସୂତା, ପଥର କାମ, କଣ୍ଢେଇ, ଫୁଲ, ସ୍ୱସ୍ତିକ ଆକୃତିର ଓ ସାଇବାବା, ଜଗନ୍ନାଥ ପିତା ଭଳି ନାନା ରକମର ରାକ୍ଷୀ ବଜାରରେ ମିଳୁଛି।ସେଇପରି ଷ୍ଟୋନବସା ରାକ୍ଷୀର ଚାଇଦା ବଜାରରେ ଅଧିକ ରହିଛି।ରାକ୍ଷୀପୂର୍ଣ୍ଣିମା ପାଇଁ ଆବଶ୍ୟକ ପଡୁଥିବା ଚନ୍ଦନ, ସିନ୍ଦୁର, କଳାଯାଦୁ, ଥାଳି, ଶଙ୍ଖ ଆଦି ସମସ୍ତ ସାମଗ୍ରୀ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ବେପାରୀ ମାନଙ୍କର ବେପାର ବୃଦ୍ଧି ହେବାରେ ଲାଗିଛି। ହିଞ୍ଜିଳିକାଟୁ ସହରରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଦୋକାନ ଖୋଲାହୋଇଥିବା ବେଳେ ସ୍ଥାନୀୟ ବ୍ଲକର ବିଭିନ୍ନ ଗ୍ରାମରେ ରାକ୍ଷୀ ଭଣ୍ଡାର ଖୋଲିବାର ଦେଖା ଯାଇଛି। ଦୂର ଦୁରାନ୍ତରରେ ଥିବା ଭାଇଙ୍କୁ ଭଉଣୀ ମାନେ ରାକ୍ଷୀ କିଣି ଅନଲାଇନ ସପିଙ୍ଗ ମାଧ୍ୟମରେ ପଠାଉଥିବା ଦେଖିବାକୁ ମିଳିଛି।

## ଗ୍ରାମ ସୀମାକୁ ନେଇ ବିବାଦ, ଆକ୍ରମଣରେ ଦୁଇ ଆହତ





**ଖୋର୍ଦ୍ଧା,୭।୮(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ବାଘମାରି ଥାନା ଅନ୍ତର୍ଗତ ପୋଡାଡିହ ପଞ୍ଚାୟତର ଓସ୍ତପୁର - କୋଟପଲ୍ଲୀ ଦୁଇ ଗାଁର ସୀମା ଏବଂ ନାମଫଳକ ପୋତିବାକୁ ନେଇ ଉଭୟ ଗ୍ରାମ ମଧରେ ବିବାଦ ସୃଷ୍ଟି ହେବା ସହ ଉତେଜନା ଦେଖାଦେଇଛି। ଦୀର୍ଘ ଦିନ ଧରି ଉଭୟ ଗ୍ରାମବାସୀଙ୍କ ମଧରେ ବିବାଦ ଲାଗି ରହିଥିଲେ ମଧ କୌଣସି ସମାଧାନର ବାଟ ବାହାରି ନଥିବା ବେଳେ ବୁଧବାର ନାମ ଫଳକ ପୋତିବାକୁ ନେଇ ବିବାଦ ଉଗ୍ରରୂପ ଧାରଣ କରିଥିଲା। କୋଟପଲ୍ଲୀ ଗ୍ରାମବାସୀଙ୍କ କହିବା ଅନୁଯାୟୀ ଦେଶ ସ୍ୱାଧୀନତା ପରେ ଡାକ ବ୍ୟବସ୍ଥା ପ୍ରଚଳନ ଏବଂ ଏହାକୁ ନେଇ କୋଟପଲ୍ଲୀ ବଜାରର ନାମକରଣ ହୋଇଥିଲା। ଏଥିସହ ବସ ପରମିଟରେ ମଧ କୋଟପଲ୍ଲୀ ନାମ ରହିଛି। ଏହି କୋଟପଲ୍ଲୀ ବଜାର ନାମକରଣ କେଉଁ ଆବାହମାନ କାଳରୁ ରହିଆସିଛି। ତେବେ କେତେଜଣ ବ୍ୟକ୍ତି ଓସ୍ତପୁର ଗ୍ରାମବାସୀଙ୍କୁ ବିଭ୍ରାନ୍ତ କରି ଓସ୍ତପୁର ନାମରେ ବଜାରର ନାମକରଣ କରିବାକୁ ପ୍ରବତାଉଛନ୍ତି। ଫଳରେ ଦୁଇ ଗାଁ ମଧରେ ଅଶାନ୍ତି ଲାଗି ରହିଛି। ଅନ୍ୟପଟେ ଓସ୍ତପୁର ଗ୍ରାମବାସୀ କହିଛନ୍ତି ବଜାର ଯେଉଁ ଦିନରୁ ଗଢ଼ି ଉଠିଛି ଏବଂ ପୂର୍ତ୍ତ ବିଭାଗର ରାସ୍ତା ଯାଇଛି, ତାହା ସଂପୂର୍ଣ୍ଣ ଭାବେ ଓସ୍ତପୁର ମୌଜାରେ ରହିଛି। ଏହିପରି ଦୁଇ ଗ୍ରାମର ଗ୍ରାମବାସୀଙ୍କ ଆକ୍ଷେପ ପ୍ରତିଆକ୍ଷେପକୁ ନେଇ ଦୀର୍ଘ ବର୍ଷ ଧରି ଉଭୟ ଗାଁ ମଧରେ ମନାନ୍ତର ରହିଆସିଛି। ଏ ନେଇ କିଛିଦିନ ତଳେ ଓସ୍ତପୁର ଗ୍ରାମବାସୀ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଗ୍ରାମବାସୀ ଦାବି କରିଥିଲେ ଯେ ପୂର୍ବରୁ ଲେଖାଥିବା ଓସ୍ତପୁର ନାମ ଫଳକକୁ କୋଟପଲ୍ଲୀର କେତେକ ବ୍ୟକ୍ତି ଲିଭାଇ ଦେଇଥିବା ସେମାନେ ଅଭିଯୋଗ ଆଣିବା ସହ ପୁନର୍ବାର ଓସ୍ତପୁର ନାମଫଳକ ଲଗାଇବାକୁ ଦାବି କରିଥିଲେ। ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ବୁଧବାର ବେଗୁନିଆ ତହସିଲଦାର ତାପସ ବିଶିଙ୍କ ଉପସ୍ଥିତିରେ ପୂର୍ତ୍ତ ବିଭାଗ ପକ୍ଷରୁ ଓସ୍ତପୁର ଓ କୋଟପଲ୍ଲୀ ନାମରେ ଦୁଇଟି ନାମଫଳକ ପୋତିବା ପାଇଁ ଉଦ୍ୟମ ହେଉଥିବା ବେଳେ ଉଭୟ ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରିଥିଲେ। ଘଟଣା ସ୍ଥଳରେ ବିବାଦ ଉଗ୍ରରୂପ ଧାରଣ କରିଥିଲା। ଖବରପାଇ ଖୋର୍ଦ୍ଧା ଏସଡ଼ିପିଓ ନିହାର ରଞ୍ଜନ ପ୍ରଧାନ, ବାଘମାରି ଥାନା ଅଧିକାରୀ ଶମ୍ଭୁନାଥ ନାୟକ, ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ଏକ ପ୍ଲାଟୁନ ଫୋର୍ସ ସହ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

**AFFIDAVIT**

I, ALISA SUBUDHI, aged about 28 years, W/O. Suraj Kumar Subudhi, resident of Plot No. 1448/1447/27 18, Lane-3A, New Forest Park, Bhubaneswar, Dist.Khurda, PIN-751009, Odisha, do hereby solemnly affirm and state as follows:-

1. That, I am the depont of this affidavit.
2. That, my actual and correct name is ALISA SUBUDHI' as per my Aadhaar Card vide No. 7135 0424 7736.
3. That, in my husband's Passport, vide No. W7066765, my name has been recorded as 'ALISHA SUBUDHI' instead of ALISA SUBUDHI'
4. That, ALISA SUBUDHI' and ALISHA SUBUDHT is same and one person,i.e. myself.
5. That, further I declare that I shall be known as 'ALISA SUBUDHI' for all purposes.

# ମାଲବାହୀ ଗାଡ଼ି ବୋହୁଛନ୍ତି ଯାତ୍ରୀ

- ଏସ୍‌ଟିଏର ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟର ଚଢ଼ାଉ
- ଦିନକରେ ୧୦ ଗାଡ଼ି ଜବତ, ୧୯୫ ଚାଲାଣ ଜାରି





କଟକ/ଭୁବନେଶ୍ୱର,୭।୮(ସଂଚାର ବ୍ୟୁରୋ): ମାଲବାହୀ ଗାଡ଼ିରେ ବେଆଇନ ଭାବରେ ଯାତ୍ରୀ ପରିବହନ ରୋକିବାକୁ ପଦକ୍ଷେପ ନେଇଛି ରାଜ୍ୟ ପରିବହନ ପ୍ରାଧିକରଣ । ଏଭଳି ବେଆଇନ ପରିବହନ ବିରୋଧରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ପାଇଁ ସମସ୍ତ ଆରଟିଓ, ଅତିରିକ୍ତ ଆରଟିଓଙ୍କୁ ନିର୍ଦ୍ଦେଶ ଜାରି ହୋଇଛି। ଏହିକ୍ରମରେ ଆରଟିଓ ମାନେ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ କଡ଼ାକଡ଼ି ଯାଞ୍ଚ କରିଛନ୍ତି। ପ୍ରଥମ ଦିନରେ, ୧୯୫ ଚାଲାଣ ଜରି ହୋଇଥିବା ବେଳେ ଅସୁରକ୍ଷିତ ଭାବରେ ଯାତ୍ରୀ ପରିବହନ କରୁଥିବା ୧୦ ଗାଡ଼ିକୁ ଜବତ କରାଯାଇଛି। ବାଲେଶ୍ୱର ଆରଟିଓଙ୍କ ଦ୍ୱାରା ସର୍ବାଧିକ ୨୪ ଚାଲାଣ ଜାରି ହୋଇଥିବା ବେଳେ ଚଣ୍ଡିଖୋଲ ଆରଟିଓଙ୍କ ଦ୍ୱାରା ୧୫, କଟକ ଆରଟିଓଙ୍କ ଦ୍ୱାରା ୧୪, ମୟୂରଭଞ୍ଜ ଆରଟିଓଙ୍କ ଦ୍ୱାରା ୧୩, ଗଞ୍ଜାମ ଆରଟିଓଙ୍କ ଦ୍ୱାରା ୧୨, ଢେଙ୍କାନାଳ ଆରଟିଓଙ୍କ ଦ୍ୱାରା ୧୧, ଖୋର୍ଦ୍ଧା ଏଆରଟିଓଙ୍କ ଦ୍ୱାରା ୧୦, ଭୁବନେଶ୍ୱର-୨ରେ ୮, ଭୁବନେଶ୍ୱର- ୧ ରେ ୫ ଚାଲାଣ ଜାରିହୋଇଛି। ସେହିଭଳି ଯାଜପୁର ଓ ଚଣ୍ଡିଖୋଲ ଆରଟିଓ, ଭଞ୍ଜନଗର ଏଆରଟିଓଙ୍କ ଦ୍ୱାରା ଦୁଇଟି ଲେଖାଏଁ ଗାଡ଼ି ଜବତ କରାଯାଇଛି। ଭୁବନେଶ୍ୱର-୨, ନବରଙ୍ଗପୁର, କଳାହାଣ୍ଡି ଓ ବଡ଼ବିଲ ଏଆରଟିଓଙ୍କ ଦ୍ୱାରା ଗୋଟିଏ ଲେଖାଏଁ ଗାଡ଼ି ଜବତ କରାଯାଇଛି। ମୋଟର ଯାନ ଆଇନ ଅନୁଯାୟୀ ମାଲବାହୀ ଗାଡ଼ି ଯାତ୍ରୀ ପରିବହନ କରିବା ବେଆଇନ। ଅନେକ ସମୟରେ ଏଭଳି ବେଆଇନ ଏବଂ ବିପଦପୂର୍ଣ୍ଣ ଭାବରେ ଅନେକ ମାଲବାହୀ ଗାଡ଼ି ଅସୁରକ୍ଷିତ ଭାବରେ ଯାତ୍ରୀମାନଙ୍କୁ ନେଉଥିବାର ଅଭିଯୋଗ ଆସୁଛି। ଯାହା ଦୁର୍ଘଟଣାର କାରଣ ମଧ୍ୟ ହେଉଛି। ତେଣୁ ଏହା ବିରୋଧରେ କଡ଼ା ଏନଫୋର୍ସମେଣ୍ଟ କରିବା ପାଇଁ ସମସ୍ତ ଆରଟିଓ ଏବଂ ଏଆରଟିଏଙ୍କୁ ପରିବହନ ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ କେବଳ ଏଥିରେ ସୀମିତ ରହିବ ନାହିଁ। ଆଗକୁ ସଡ଼କ ଦୁର୍ଘଟଣାର ଅନ୍ୟ ପ୍ରମୁଖ କାରଣ ଯେପରିକି ଦ୍ରୁତଗତି, ମଦ୍ୟପାନ କରି ଗାଡ଼ିଚାଳନା ବିରୋଧରେ ମଧ୍ୟ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ କରାଯିବ। ଯେଉଁ ଆରଟିଓ ଅଧୀନରେ ଯେଉଁ କାରଣ ପାଇଁ ଅଧିକ ଦୁର୍ଘଟଣା ହେଉଥିବ ସେମାନେ ତାର ବିଶ୍ଳେଷଣ କରି ସେହି ଆଧାରରେ ଏନଫୋର୍ସମେଣ୍ଟକୁ କଡ଼ାକଡ଼ି କରିବେ। ସଡ଼କ ଦୁର୍ଘଟଣା ହ୍ରାସ କରିବା ଏବଂ ତଦଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ଦିଗରେ ରାଜ୍ୟ ପରିବହନ ପ୍ରାଧିକରଣ ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରୁଛି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତ୍ନୀଙ୍କ ସହ ଗୁରୁବାର ପୁରୀ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି।

## ଜାତୀୟ ହସ୍ତତନ୍ତ ଦିବସକୁ ଉତ୍ସାହର ସହ ପାଳନ କଲେ 'ଉତ୍କଳୀୟ'

ଭୁବନେଶ୍ୱର, ଅଗଷ୍ଟ ୭।୮(ସଂଚାର ବ୍ୟୁରୋ): ଜାତୀୟ ହସ୍ତତନ୍ତ ଦିବସ ଅବସରରେ ହସ୍ତତନ୍ତ ଶାଢ଼ୀ ପ୍ରେମୀଙ୍କ ଏକ ଉତ୍ସାହୀ ସମୁଦାୟ ଉତ୍କଳୀୟ, ଓଡ଼ିଶାର ସମୃଦ୍ଧ ବୁଣାକାର ଐତିହ୍ୟକୁ ଉତ୍ସାହ ଓ ନିଷ୍ଠାର ସହ ପାଳନ କଲେ।

ଏହି ଉତ୍ସବରେ ପଦ୍ମଶ୍ରୀ ଅରୁଣା ମହାନ୍ତି, ଜଣେ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ଅଭିଭାଷଣରେ ସେ ଓଡ଼ିଶାର ପ୍ରାଚୀନ ବୁଣାକାର ସଂସ୍କୃତି ଓ କଳାକୁ ଏକ ପ୍ରତୀକାତ୍ମକ ସାଂସ୍କୃତିକ ଐତିହ୍ୟ ବୋଲି ବର୍ଣ୍ଣନା କରିଥିଲେ। ତାଙ୍କ କଥା ଉପସ୍ଥିତ ସମସ୍ତଙ୍କ ମନରେ ସ୍ଥାନ ପାଇଥିଲା।

ନୂଆପାଟଣାର ଦୁଇଜଣ ଦକ୍ଷ ବୁଣାକାରଙ୍କୁ ସମ୍ମାନିତ କରାଯାଇଥିଲା, ଯେଉଁମାନେ ସେମାନଙ୍କ ବୁଣାକାର ଯାତ୍ରାର ପ୍ରେରଣାଦାୟୀ କାହାଣୀ ବର୍ଣ୍ଣନା କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସେମାନେ ପୂର୍ବପୁରୁଷଙ୍କ ବୁଣାକାର ପରମ୍ପରାକୁ ଜୀବନ୍ତ ରଖିଥିବାର କାହାଣୀ ସତରେ ପ୍ରେରଣାଦାୟୀ ଥିଲା।



ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୭୦ ଜଣ ଉତ୍କଳୀୟା ମହିଳା ଗର୍ବର ସହ ସମ୍ବଲପୁରୀ, ବୋମକାଇ, କୋଟପାଡ଼, ଖଣ୍ଡୁଆ, ଗୋପାଳପୁର ଟସର, ବ୍ରହ୍ମପୁରୀ, ଖୋର୍ଦ୍ଧା ଏବଂ ସମକାଳୀନ ଓଡ଼ିଶା ବୁଣାକାରଙ୍କ ବିଭିନ୍ନ ଶୈଳୀ ପ୍ରଦର୍ଶନ କରିଥିଲେ। ପ୍ରତ୍ୟେକ ଶୈଳୀ ଓଡ଼ିଶାର ସମୃଦ୍ଧ ବୁଣାକାର ଐତିହ୍ୟ ଓ କାରିଗରୀର ଅନନ୍ୟ ପରିଚୟକୁ ପ୍ରତିଫଳିତ କରିଥିଲା।

## ବ୍ୟାପକ ଦେଶୀ ମଦ ଜବତ, ୨ ଗିରଫ

କଟକ,୭।୮(ସଂଚାର ବ୍ୟୁରୋ): ତିଗିରିଆ ଥାନା ଅନ୍ତର୍ଗତ ପଣସପାଟଣା ଓ ଭିରୁଡ଼ା ଏବଂ ବଡ଼ମ୍ବା ଥାନା ଅନ୍ତର୍ଗତ ଟି-ବ୍ରିଜ ସେତୁରେ ଆଠଗଡ଼ ଅବକାରୀ ବିଭାଗ ଓ ବାଙ୍କୀ ଅବକାରୀ ଥାନା ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ଏଥିରେ ଗୋଟିଏ ମାରୁତି ସୁଜୁକି ୱାଗନର (ଓଆର୦୨ବିଏମ୦୭୪୫) ସହ ୨୮୦ ଲିଟର ଚୋରା ଦେଶୀ ମଦ, ଗୋଟିଏ ବୋଲେରୋ ପିକଅ୍ (ଓଡ଼ି୦୫ ଏଫ୬୩୧୬) ଓ ୪୪୦ ଲିଟର ଚୋରା ଦେଶୀ ମଦ, ଗୋଟିଏ ସ୍କୁଟି (ଓଡ଼ି୦୫ବିକେ୮୯୮୩) ଓ ୫୦ଲିଟର ଚୋରା ଦେଶୀ ମଦ, ଅନ୍ୟ ଏକ ସ୍କୁଟି (ଓଡ଼ି ୦୫ବିଜେଡ଼୬୧୨୫) ଓ ୪୦ ଲିଟର ଚେରା ଦେଶୀ ମଦ ଜବତ କରାଯାଇଛି। ଏନେଇ ୪ଟି ମାମଲା ରୁଜୁ କରାଯିବା ସହ ଢେଙ୍କାନାଳ ଜିଲ୍ଲା ଶଙ୍କରପୁରର ବିଷଣ ବେହେରା (୨୨) ଓ ପପୁ ବେହେରା (୨୦)ଙ୍କୁ ଗିରଫ କରାଯାଇଛି। କିନ୍ତୁ ୩ ଜଣ ଫେରାର୍ ହୋଇଯାଇଛନ୍ତି।

### ଗୁଣିଗାରେଡ଼ି ସନ୍ଦେହରେ ଯୁବକଙ୍କୁ ହତ୍ୟା

## ପାହାଡ଼ ଉପରୁ ମାଟିଖୋଳି ଶବ ଜବତକଲା ପୁଲିସ



ମୋହନା,୭।୮(ସଂଚାର ବ୍ୟୁରୋ): ଗଜପତି ଜିଲ୍ଲା ମୋହନା ଥାନା କୁସୁମପୁର ଗାଁରେ ଗୁଣି ସନ୍ଦେହରେ ଯୁବକଙ୍କୁ ହତ୍ୟା କରି ପୋତିଦେବା ଘଟଣାରେ ମୃତଦେହ ଉଦ୍ଧାର କରିଛି ପୁଲିସ । ଗାଁ ନିକଟସ୍ଥ ପାହାଡ଼ରେ ମାଟି ଖୋଳି କରୁଣାକର ଦଲାଇଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମାଜିଷ୍ଟ୍ରେଟ୍ ତଥା ମୋହନା ତହସିଲଦାର ଓ ସାଇଣ୍ଟିଫିକ ଟିମ୍‌ର ଉପସ୍ଥିତିରେ ଶବ ଜବତ ହୋଇଛି । ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ଘଟଣାସ୍ଥଳରେ ସିନ୍ ରିକ୍ରିଏସନ କରିଛି ପୋଲିସ । ଅଭିଯୁକ୍ତମାନେ ମୃତଦେହ ପୋତିଥିବା ସ୍ଥାନ ଦେଖାଇଥିଲେ । ଏହାପରେ ମାଟି ଖୋଳାଯାଇଥିଲା ।

ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ତଳେ ଗାଁର ନିରଞ୍ଜନ ମଳିକଙ୍କ ୧୨ ବର୍ଷର ପୁଅକୁ କୁକୁର କାମୁଡ଼ିଥିଲା। କମଳାପୁର ଗାଁର କରୁଣାକର ଗତ ୮ ମାସ ହେଲା କୁସୁମପୁର ଗାଁରେ ରହି ଆସୁଥିଲେ । ଗାଁ ଠାରୁ କିଛି ଦୂରରେ ଏକ କୁଡ଼ିଆ ଘର କରି ସେଠାରେ ଲୋକଙ୍କୁ ଚେରମୂଳି ଔଷଧ ଦେଉଥିଲେ । କୁକୁର କାମୁଡ଼ିଥିବା ୧୨ ବର୍ଷର ପୁଅକୁ ଚେରମୂଳି ଔଷଧ ଦେଇଥିଲେ କରୁଣାକର । ତେବେ କିଛି ଦିନ ପରେ ସେହି ବାଳକର ମୃତ୍ୟୁ ଘଟିଥିଲା । ଏହାପରେ ଗାଁରେ ବୈଠକ କରି କରୁଣାକରଙ୍କୁ ଦାୟୀ କରିଥିଲେ। ଗତ ଜୁଲାଇ ୨୮ ତାରିଖରେ କିଛି ଲୋକ ସ୍ଥାନୀୟ ଅଙ୍ଗନାୱାଡି କେନ୍ଦ୍ରରେ କରୁଣାକରଙ୍କୁ ରଖି ହାତ ଗୋଡ଼ ବାନ୍ଧି ମାଡ଼ ମାରିଥିଲେ । ପ୍ରବଳ ମାଡ଼ ମାରି କରୁଣାକରଙ୍କୁ ହତ୍ୟା କରିବା ପରେ ଗାଁ ନିକଟସ୍ଥ ଜଙ୍ଗଲରେ ପୋତି ଦେଇଥିଲେ । ପରିବାର ଲୋକଙ୍କ ଅଭିଯୋଗ ପରେ ମୋହନା ପୁଲିସ କୁସୁମପୁର ଗାଁରେ ପହଞ୍ଚି ତନାଘନା କରିବା ସହ ପୋତା ଯାଇଥିବା ସ୍ଥାନରୁ ମୃତଦେହ ଉଦ୍ଧାର କରିଛି ପୋଲିସ । ଏହି ଘଟଣାରେ ୮ ଜଣକୁ ପୋଲିସ ଅଟକ ରଖି ତଦନ୍ତ କରୁଛି । ଏଥିରେ ଆହୁରି କିଛି ବ୍ୟକ୍ତି ସମ୍ପୃକ୍ତ ଅଛନ୍ତି। ଅଭିଯୁକ୍ତ ମାନଙ୍କୁ ଗିରଫ କରାଯିବ

## ହାଇୱା ଧକ୍କାରେ ବାପା-ଝିଅ ମୃତ

### କଟକ- ପାରାଦୀପ ଜାତୀୟ ରାଜପଥ ଅବରୋଧ

କୁଜଙ୍ଗ,୭।୮(ସଂଚାର ବ୍ୟୁରୋ): କଟକ-ପାରାଦୀପ ରାଜ୍ୟ ରାଜପଥର କୋଠିଆସାହି ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏଥିରେ ବାପା ଓ ଝିଅଙ୍କ ଉପରେ ଦ୍ରୁତଗାମୀ ହାଇୱା ଚଢ଼ି ଯାଇଛି। ଏଥିରେ ଉଭୟ ବାପା ଓ ଝିଅଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ରାଜକିଶୋର ବିଶ୍ୱାଳ ଓ ତାଙ୍କ ଝିଅ ଲୋରୀ ବିଶ୍ୱାଳ (୯)। ଏହି ଦୁର୍ଘଟଣା ପରେ ଉତ୍ତେଜିତ ସ୍ଥାନୀୟ ଲୋକେ କଟକ-ପାରାଦୀପ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଆଉ ମାତ୍ର ୧୦୦ ମିଟର ପରେ ଘରେ ପହଞ୍ଚିଥାନ୍ତେ ବାପା ଓ ଝିଅ। ସକାଳ ୯ଟାରୁ ସ୍କୁଲ ଯାଇଥିବା ଝିଅ ଆସିଲେ କ'ଣ ଖାଇବ, ସେଥି ପାଇଁ ମା' ବ୍ୟସ୍ତଥିଲେ। କଟକ-ପାରାଦୀପ ରାଜ୍ୟରାଜପଥର କୋଠିଆସାହି ନିକଟରେ ୯ବର୍ଷ ବୟସର ଝିଅ ସହିତ ବାପାଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ, କୁଜଙ୍ଗ ଥାନା ଷଣ୍ଢପୁର ଗ୍ରାମର ସ୍ୱର୍ଗତ ରାମଚନ୍ଦ୍ର ବିଶ୍ୱାଳଙ୍କ ପୁତ୍ର ରାଜକିଶୋର ବିଶ୍ୱାଳ ଆଜି ଅପରାହ୍ଣରେ ସ୍କୁଲ ଛୁଟି ହେଲା ପରେ ତାଙ୍କର ଝିଅ ଲୋରୀ ବିଶ୍ୱାଳ(୯)ଙ୍କୁ ପାରାଦୀପ ରିଫାଇନାରୀସ୍ଥିତ ଡିପିଏସ୍ ବିଦ୍ୟାଳୟରୁ ନିଜ ବାଇକ ଯୋଗେ ଘରକୁ ଆଣି ଆସୁଥିଲେ । ଆଉ ମାତ୍ର ୧୦୦ ମିଟର ପରେ ନିଜ ଘରକୁ ବାପ ଓ ଝିଅ ପହଞ୍ଚିଥାନ୍ତେ। କିନ୍ତୁ କୋଠିଆସାହି ଛକଠାରେ କଟକରୁ-ପାରାଦୀପ ଆଡକୁ ଆସୁଥିବା ଏକ ବଜୁରୀ ବୋଝେଇ ହାଇଓ୍ୱା (ଓଡି ୦୯ ୭୨୫୫) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବାପ ଓ ଝିଅ ଛିଟିକି ଗାଡ଼ି ଚକା ତଳେ ପଡ଼ି ଯାଇଥିଲେ। ଘଟଣାସ୍ଥଳରେ ହିଁ ଉଭୟଙ୍କର ମୃତ୍ୟୁ ହୋଇଥିଲା । ଏହି ଘଟଣାରେ ମୃତକଙ୍କ ନିଜ ଗ୍ରାମ ଷଣ୍ଢପୁର ଓ ଆଖପାଖ ଅଞ୍ଚଳର ଲୋକମାନେ ଉତ୍ତେଜିତ ହୋଇଛନ୍ତି। କୋଠିଆସାହି ଠାରେ ସ୍ଥାନୀୟ ଲୋକେ ରାସ୍ତାରୋକ କରିଛନ୍ତି। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଛି। ରାସ୍ତା ଅବରୋଧ ହଟାଇବାକୁ ଉଦ୍ୟମ କରୁଛି। ତେବେ ଉପଯୁକ୍ତ କ୍ଷତିପୂରଣ ଓ ଲଗାମ ବିହୀନ ଗାଡ଼ି ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ପୁଲିସ ମୃତଦେହ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି।

## ବ୍ଲାକମେଲ ଅଭିଯୋଗରେ ଯୁବତୀଙ୍କ ଆତ୍ମହତ୍ୟା

କଟକ,୭।୮(ସଂଚାର ବ୍ୟୁରୋ): ସ୍ଥାନୀୟ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ନଦୀକୂଳ ସାହିରେ ଆଜି ଜଣେ ଯୁବତୀ ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଥିଲେ ମଧ୍ୟ ତାଙ୍କୁ ବ୍ଲାକ୍‌ମେଲିଂର ଶିକାର ହେବାକୁ ପଡୁଥିବାରୁ ସେ ଏପରି ଚରମ ନିଷ୍ପତ୍ତି ନେଇଥାଇପାରନ୍ତି। କିଛିଦିନ ତଳେ ଉକ୍ତ ଯୁବତୀଙ୍କ ଏକ ଭିଡିଓ ଭାଇରାଲ ହୋଇଥିବାରୁ ଏପରି ସନ୍ଦେହ କରାଯାଉଛି। ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇ ତାଙ୍କ ମୋବାଇଲ୍ ଜବତ କରି ତଦନ୍ତ ଆରମ୍ଭ କରିଛି।

## ନବମ ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ

ଢେଙ୍କାନାଳ,୭।୮(ସଂଚାର ବ୍ୟୁରୋ): ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ ପରେ ସାହିତ୍ୟ ଶିକ୍ଷକଙ୍କ ନାଁରେ ଆସିଛି ସାଂଘାତିକ ଅଭିଯୋଗ । ମୁହଁ ପୋଛିବା ପାଇଁ ଛାତ୍ରୀଙ୍କୁ ମାଗୁଛନ୍ତି ଓଢ଼ଣୀ। ଜଣେ ଶିକ୍ଷକଙ୍କ ବିରୁଦ୍ଧରେ

**ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା**

ଏଭଳି ସଙ୍ଗୀନ ଅଭିଯୋଗ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଜନୈକା ନବମ ଶ୍ରେଣୀ ଛାତ୍ରୀ। ତାଙ୍କୁ ସମ୍ପୃକ୍ତ ଶିକ୍ଷକ ବାରମ୍ବାର ଅସଦାଚରଣ କରୁଥିବା ନେଇ ସେ ଅଭିଯୋଗ କରିଛନ୍ତି। ଛାତ୍ରୀ ଜଣଙ୍କ ଅପମାନିତ ହୋଇ ବିଦ୍ୟାଳୟକୁ ଯିବା ବନ୍ଦ କରିଦେଇଛନ୍ତି । ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ଜମେଶ୍ୱର ଉଚ୍ଚ ବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ରୀ ଏଭଳି ଅଭିଯୋଗ କରିଛନ୍ତି। ସ୍କୁଲର ଇଂରାଜୀ ଓ ସାହିତ୍ୟ ପଢ଼ାଉଥିବା ଶିକ୍ଷକ ମନୋଜ କୁମାର ବାରିକ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଘଟଣାକୁ ନେଇ ସ୍କୁଲରେ ଅଭିଯୋଗ ପରେ କେହି ନ ଶୁଣିବାରୁ ଜିଲ୍ଲାପାଳ ଓ ଏସ୍.ପିଙ୍କ ଦ୍ୱାରସ୍ଥ ହୋଇ ଛାତ୍ରୀ ଓ ତାଙ୍କ ପରିବାର ନ୍ୟାୟ ଦାବି କରିଛନ୍ତି । ଅସଦାଚରଣକୁ ନେଇ ଛାତ୍ରୀ ମାନସିକ ଚାପରେ ଥିବା ତାଙ୍କ ବାପାଙ୍କ ଅଭିଯୋଗ ରହିଛି । ଚାପରେ ଥିବାରୁ ପାଞ୍ଚଦିନ ହେବ ଛାତ୍ରୀ ଜଣଙ୍କ ସ୍କୁଲ ଯାଉନଥିବା କହିଛନ୍ତି ବାପା। ସ୍କୁଲ ଯିବା ପରଠାରୁ ଦୁଇ ମାସ ହେବ ଶିକ୍ଷକ ମନୋଜ କୁମାର ବାରିକ ଛାତ୍ରୀଙ୍କୁ ଅସଦାଚରଣ କରି ଆସୁଥିଲେ ବୋଲି ଅଭିଯୋଗ ହୋଇଛି। ସ୍କୁଲ ଶିକ୍ଷକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲ୍ଲାପାଳଙ୍କୁ ଭେଟିଛନ୍ତି ପରିବାର। ଘଟଣାକୁ ନେଇ ପୁଲିସ ନିକଟରେ ଅଭିଯୋଗ କରି ନଥିବା କହିଛନ୍ତି ଛାତ୍ରୀଙ୍କ ବାପା । ଅଭିଯୋଗ ପରେ ଘଟଣାର ତଦନ୍ତ ପାଇଁ ଡିଇଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ । ଅନ୍ୟପଟେ ଏସ.ପି ଅଭିନବ ସୋନକର ମଧ୍ୟ ଭୁବନ ଥାନା ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବାରମ୍ବାର ଏଭଳି ଛାତ୍ରୀ ଅସଦାଚରଣ ଘଟଣାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ।

### ନାବାଳିକାଙ୍କୁ ଉଦ୍ଧାର ପାଇଁ ଟଙ୍କା ମାଗିବା ମାମଲା

## ଏସପି, ଆଇଆଇସି ଓ ଆଇଓଙ୍କୁ ହାଜର ନିର୍ଦ୍ଦେଶ

କଟକ,୭।୮(ସଂଚାର ବ୍ୟୁରୋ): ଅପହୃତା ନାବାଳିକାଙ୍କୁ ଉଦ୍ଧାର ପାଇଁ ପୀଡ଼ିତାଙ୍କ ବାପାଙ୍କଠାରୁ ପୁଲିସ ଅଧିକାରୀ ଅର୍ଥ ମାଗିବା ମାମଲାରେ ହାଇକୋର୍ଟ ପୁଲିସ୍‌କୁ ଭର୍ତ୍ସନା କରିଛନ୍ତି। ଏଥିସହ ଏହି ମାମଲାରେ ପରବର୍ତ୍ତୀ ଶୁଣାଣି ସମୟରେ ଭଦ୍ରକ ଏସପି, ଧାମନଗର ଥାନା ଆଇଆଇସି ଓ ତଦନ୍ତକାରୀ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ସକାଶେ ଆଜି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଅପହୃତା ନାବାଳିକାଙ୍କ ବାପାଙ୍କ ପକ୍ଷରୁ ଦାୟର ହେଭିୟସ କର୍ପସ ପିଟିସନର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୧ରେ କରାଯିବା ସକାଶେ ହାଇକୋର୍ଟ ସ୍ଥିର କରିଛନ୍ତି।

## ଲେଫ୍ରିପଡ଼ାରେ ବାଘ ଆତଙ୍କ



ସୁନ୍ଦରଗଡ ୭।୮ (ସଂଚାର ବ୍ୟୁରୋ) : ସୁନ୍ଦରଗଡ଼ ଲେଫ୍ରିପଡା ଫରେଷ୍ଟ ରେଞ୍ଜ ଅଞ୍ଚଳରେ ବାଘ ବୁଲୁଥିବା ନେଇ ବନ ବିଭାଗର ସତର୍କତା। କେହି ଜଙ୍ଗଲକୁ ଯାଆନ୍ତୁ ନାହିଁ। ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡା ଫରେଷ୍ଟ ରେଞ୍ଜ ଅଞ୍ଚଳରେ ବାଘ ଥିବା ନେଇ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ବୁଧବାର ଗୁଣ୍ଡିଆଡିହି ସେକ୍ସନ ମଶା ବିରା ଜଙ୍ଗଲରେ ବାଘ ବୁଲୁଥିବା କେତେକ ସ୍ଥାନୀୟ ଲୋକେ ଦେଖିଥିଲେ, କିନ୍ତୁ ଖବର ପାଇ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଛି । ତେବେ ଏନେଇ ଉଜ୍ଜ୍ୱଳପୁର ରେଞ୍ଜରଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ, ବାଘ ଛତିଶଗଡ ଅଞ୍ଚଳରୁ ଆସିଥିବ ଆଉ ଏବେ ଲେଫ୍ରିପଡା ରେଞ୍ଜରୁ ବାହାରି କିଞ୍ଜିରକେଲା ରେଞ୍ଜ ଅଞ୍ଚଳକୁ ଚାଲି ଯାଇଥିବା ଅନୁମାନ କରାଯାଉଛି । ତେବେ ଏନେଇ ବନ ବିଭାଗ ପକ୍ଷରୁ ମାଇକ୍ ଯୋଗେ ଲୋକଙ୍କୁ ସଚେତନ କରାଯାଉଛି । କେହି ଗାଈ ଗୋରୁ ଛେଳି ନେଇ ଜଙ୍ଗଲକୁ ଯାଆନ୍ତୁ ନାହିଁ ।

### ଗ୍ରାମ୍ୟ ବ୍ୟାଙ୍କ ଡକାୟତି ଘଟଣା

## ୪ ଗିରଫ, ୩ ବନ୍ଧୁକ ଜବତ




ଝାରସୁଗୁଡ଼ା,୭।୮(ସଂଚାର ବ୍ୟୁରୋ): ଓଡ଼ିଶା ଝାରସୁଗୁଡ଼ା ସୀମାନ୍ତ ଲଖନପୁର ବ୍ଲକ ରେଙ୍ଗାଲି ଥାନା ଅନ୍ତର୍ଗତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଡକାୟତି ଘଟଣାରେ ପୁଲିସକୁ ସଫଳତା ମିଳିଛି। ଘଟଣାର ପ୍ରାୟ ୧୫ ଦିନ ପରେ ପୁଲିସ ଏହି ଘଟଣାରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ୨ଟି ପିସ୍ତଲ, ୧୩ଟି ଜୀବନ୍ତ ଗୁଳି, ଡକାୟତି ବେଳେ ଅଭିଯୁକ୍ତମାନେ ପିନ୍ଧିଥିବା ହେଲମେଟ୍, ବ୍ୟବହାର କରିଥିବା ବାଇକ ସମେତ ଲୁଟ ହୋଇଥିବା ୭୪ ହଜାର ଟଙ୍କାରୁ ୪୬ ହଜାର ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ଛତିଶଗଡ଼ ଜୁଟମିଲ ଥାନାଞ୍ଚଳର ବୀରେନ୍ଦର ସିଂ (୩୯), ପପ୍ପୁ ଓରଫ ପ୍ରଭାତ ସିଂ (୪୫), ଝାରଖଣ୍ଡ ରାଞ୍ଚିର ଏମଡି ଇସ୍ରାଫିଲ ଆଲମ(୪୨) ଓ ହସନ ଆନସାରୀ (୩୪)। ସୂଚନାଯୋଗ୍ୟ, ଗତ ୨୧ ତାରିଖରେ ଅଭିଯୁକ୍ତମାନେ ହେଲମେଟ୍ ପିନ୍ଧି ବ୍ୟାଙ୍କରେ ପ୍ରବେଶ କରିବା ସହ ବନ୍ଧୁକ ମୁନରେ ନଗଦ ୭୪, ୯୫୦ ଟଙ୍କା, ୪୪. ୬ ଗ୍ରାମ ଓଜନର ସୁନା ଗହଣା ଲୁଟ୍ କରି ଫେରାର ହୋଇଯାଇଥିଲେ।

### ମହିଳା ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ ନିର୍ଯାତନା ମାମଲା

# ପବ୍ଲିକ୍ ହେଲ୍‌ଥ ମ୍ୟାନେଜରଙ୍କୁ ବାନ୍ଧିଲା ପୁଲିସ

କଟକ,୭।୮(ସଂଚାର ବ୍ୟୁରୋ): କଟକ ସଦର ଥାନା ଅଞ୍ଚଳରେ ଥିବା ଏକ ସହରାଞ୍ଚଳ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପବ୍ଲିକ ହେଲ୍‌ଥ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ନିଶିତ ରଞ୍ଜନ ସାହୁଙ୍କୁ ଗିରଫ କରିଛି ପୁଲିସ୍। ସେହି ଡାକ୍ତରଖାନାର ଜଣେ ମହିଳା ଡାକ୍ତର ଓ ଜଣେ ମହିଳା ଫାର୍ମାସିଷ୍ଟଙ୍କ ଅଭିଯୋଗ ଆଧାରରେ ତାଙ୍କୁ ଗିରଫ କରାଯାଇଛି। ମହିଳା ଡାକ୍ତରଙ୍କୁ ମାନସିକ ନିର୍ଯାତନା ସହିତ ଅସଦାଚରଣ କରିବା ତଥା ଫାର୍ମାସିଷ୍ଟଙ୍କୁ ଯୌନ ଉତ୍ପୀଡ଼ନ ଦେବା, ଦୁର୍ବ୍ୟବହାର କରିବା ଓ ଧମକ ଦେବା ଆଦି ଅଭିଯୋଗରେ ନିଶିତ ସାହୁଙ୍କୁ ଗିରଫ କରାଯାଇଛି।



ମହିଳା ଡାକ୍ତର ଜଣଙ୍କ ତାଙ୍କ ଏଫଆଇଆରରେ ଲେଖିଛନ୍ତି, ପବ୍ଲିକ୍ ହେଲ୍‌ଥ ମ୍ୟାନେଜର ନିଶିତ ସାହୁ ବରାବର ମୋତେ ଫୋନ୍ କରନ୍ତି। କାର୍ଯ୍ୟ ସମୟ ପରେ ରାତିରେ ସେ ମୋତେ ଫୋନ୍ କରନ୍ତି। ଏହା ମୋତେ ମାନସିକ ସ୍ତରରେ ଅସ୍ଥିର କରି ଦେଇଛି। ଡାକ୍ତରଖାନାରେ ଅନେକ ସମୟରେ ସେ ମୋ ପାଖରେ ଅନୁଚିତ ଢଙ୍ଗରେ ଛିଡ଼ା ହୁଅନ୍ତି। ପରବର୍ତ୍ତୀ ସମୟରେ ମୁଁ ତାଙ୍କ ଫୋନ୍ କଲ୍ ଉଠାଇ ନଥିଲି। ଏହା ପରେ ସେ ମୋ ନାଁରେ ମିଛ କଥା ପ୍ରଚାର କରିଛନ୍ତି। ମୋ ଭାବମୂର୍ତ୍ତି ଖରାପ ହେବା ଭଳି ମନ୍ତବ୍ୟ ଦେଇଛନ୍ତି। ମୋ ଚରିତ୍ରକୁ ନେଇ ପ୍ରଶ୍ନ କରିଛନ୍ତି। ହସ୍‌ପିଟାଲ କର୍ମଚାରୀଙ୍କ ବ୍ୟତୀତ ସିପିଏମ୍, ଏପିଏମ୍ ଓ ଅତିରିକ୍ତ ଅର୍ବାନ ପ୍ରାଇମେରୀ ହେଲଥ୍ ଅଫିସରଙ୍କ ନିକଟରେ ମୋ ସଂପର୍କରେ ମିଛ କଥା କହିଛନ୍ତି। ସେ ମିଛ ଅଭିଯୋଗ କରିଥିଲେ ଯେ ମୁଁ ତାଙ୍କୁ ବାରମ୍ବାର ଫୋନ୍ କରି ଅନୁଚିତ କଥାବାର୍ତ୍ତା କରୁଛି।

ସେ ଆହୁରି ଲେଖିଛନ୍ତି, 'ପବ୍ଲିକ ହେଲ୍‌ଥ ମ୍ୟାନେଜର ନିଶିତ ସାହୁ ମିଛ ବିଲ୍ ଉପରେ ଦସ୍ତଖତ କରିବାକୁ ମୋତେ କହୁଥିଲେ। ମୁଁ ମନା କରିଦେବାରୁ ସେ ମୋ ନାଁରେ ମିଛ ପ୍ରଚାର କରିଥିଲେ। ସେ କହିଥିଲେ ଯେ ମୁଁ ସରକାରୀ ଅର୍ଥରେ ହେରଫେର କରୁଛି। ସେ ନିୟମିତ ଭାବେ ମୋତେ ଟାର୍ଗେଟ କରନ୍ତି। ତାଙ୍କୁ ସିପିଏମ୍ ଓ ଏପିଏମ୍‌ଙ୍କ ସମର୍ଥନ ମିଳେ। ସେ ମୋ ବିରୋଧରେ 'ଚରିତ୍ରହୀନ', 'ଲାଞ୍ଛୁଆ' ଓ 'ଚୋର' ଭଳି ଅଗ୍ରହଣୀୟ ଶବ୍ଦ ବ୍ୟବହାର କରନ୍ତି, ଯାହା କାର୍ଯ୍ୟସ୍ଥଳରେ ମୋର ସମ୍ମାନହାନୀ କରୁଛି। ଏହା ମୋତେ ମାନସିକ ସ୍ତରରେ ଖୁବ୍ ଆଘାତ ଦେଇଛି।

ମୁଁ ଅନୁସୂଚିତ ଜାତିରେ ହୋଇଥିବା ବେଳେ ସେ ମୋ ଜାତିକୁ ନେଇ ମୋ ବିରୋଧରେ କଟୁ ମନ୍ତବ୍ୟ ଦିଅନ୍ତି। ସିପିଏମ୍‌ଙ୍କ ଉଦ୍ଦେଶ୍ୟରେ ସେ ମୋତେ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ମୁଁ ମନା କରି ଦେବାରୁ ସିପିଏମ୍ ମୋତେ ବଡ଼ ପାଟିରେ ଗାଳି କରିଥିଲେ।' ସେ ଅଭିଯୋଗ କରିଛନ୍ତି, ମୁଁ ବାରମ୍ବାର ତାଗିଦ୍ କରିବା ସତ୍ତ୍ୱେ ପବ୍ଲିକ ହେଲ୍‌ଥ ମ୍ୟାନେଜର ନିଶିତ ସାହୁ କୌଣସି ଆବଶ୍ୟକତା ନଥାଇ ମୋ ପାଖକୁ ଆସନ୍ତି। ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ମୋ ପାଖରେ ଅନୁଚିତ ଢଙ୍ଗରେ ଛିଡ଼ା ହୁଅନ୍ତି। ଧମକ ଦେବା ତାଙ୍କର ଏକ ଅଭ୍ୟାସ। ସେ ହସ୍‌ପିଟାଲରେ ଅନ୍ୟ କର୍ମଚାରୀମାନଙ୍କୁ ବ୍ଲାକମେଲ କରନ୍ତି। ସିପିଏମ୍ ଓ ଏପିଏମ୍‌ଙ୍କ ନାଁ ନେଇ ସେ ଟଙ୍କା ମାଗନ୍ତି। ତାଙ୍କର ଏଭଳି ବ୍ୟବହାର ଯୋଗୁଁ ମୁଁ ଅନେକ ମାନସିକ ଚାପ ମଧ୍ୟରେ ରହୁଛି।

ଫାର୍ମାସିଷ୍ଟ ଜଣଙ୍କ ତାଙ୍କ ଏଫଆଇଆରରେ ଲେଖିଛନ୍ତି, ଅନେକ ସମୟରେ ପବ୍ଲିକ ହେଲ୍‌ଥ ମ୍ୟାନେଜର ନିଶିତ ରଞ୍ଜନ ସାହୁ ମୋତେ ଅନୁଚିତ ଢଙ୍ଗରେ ସ୍ପର୍ଶ କରୁଥିଲେ। ସେ ମୋ ଓଢ଼ଣୀକୁ ସ୍ପର୍ଶ କରୁଥିଲେ ଓ ଶୁଙ୍ଘୁ ଥିଲେ। ଏହା ଦ୍ୱାରା ମୁଁ ଖୁବ୍ ଅପମାନିତ ବୋଧ କରୁଥିଲି। ସେ ମୋତେ 'ମାଲ୍' କହି ସମ୍ବୋଧିତ କରୁଥିଲେ। ମୋ ବିଷୟରେ ସେ ମିଛ କଥା ପ୍ରଚାର କରୁଥିଲେ। ମୋ ଚରିତ୍ରକୁ ନେଇ ହସ୍‌ପିଟାଲ କର୍ମଚାରୀଙ୍କ ଆଗରେ ଖରାପ କଥା କହୁଥିଲେ। ମୋତେ ବରାବର ଫୋନ୍ କରୁଥିଲେ। କାର୍ଯ୍ୟାନୁଷ୍ଠାନ ନେଇ ଧମକ ଦେଉଥିଲେ। ତାଙ୍କର ଏଭଳି ନିର୍ଯାତନାରେ ମୁଁ ଅତ୍ୟନ୍ତ ମାନସିକ ଚାପ ମଧ୍ୟରେ ରହୁଛି। ମୋ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। କାର୍ଯ୍ୟସ୍ଥଳରେ ମୁଁ ବହୁମାତ୍ରାରେ ଅପମାନିତ ହୋଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ସ୍କୋଡା ଅଟୋ ଇଣ୍ଡିଆର ଦୁଇଟି ନୂଆ ଟଚ୍‌ପଏଣ୍ଟ ଉଦ୍‌ଘାଟିତ



ଭୁବନେଶ୍ୱର, ୭।୮(ସଂଚାର ବ୍ୟୁରୋ): 'ଗ୍ରାହକ ପ୍ରଥମ' ନୀତିକୁ ଆଧାର କରି ସ୍କୋଡା ଅଟୋ ଇଣ୍ଡିଆ ନିଜର ନେଟୱାର୍କ ବିସ୍ତାରକୁ ଜୋରଦାର କରିଛି। ଆଜି ଭୁବନେଶ୍ୱରର ପଟିଆ ଅଞ୍ଚଳରେ ଦୁଇଟି ନୂଆ ଟଚ୍‌ପଏଣ୍ଟର ଉଦ୍‌ଘାଟନ କରିଛି। ଏହି ଦୁଇଟି ସେଲ୍ସ ଏବଂ ସର୍ଭିସ୍ ସେଣ୍ଟର 'ଏମ୍ପୋରିଓ ଆଲ୍ଲିଡ଼ ପ୍ରାଇଭେଟ ଲିମିଟେଡ଼' ଦ୍ୱାରା ଚଳାଚଳିତ ହେବ। ଏହି ନୂତନ ପ୍ରତିଷ୍ଠାନ ସହିତ, ଓଡ଼ିଶାରେ ସ୍କୋଡା ଅଟୋ ଇଣ୍ଡିଆର ମୋଟ ଛଅଟି ଟଚ୍‌ପଏଣ୍ଟ ସେଣ୍ଟର ହୋଇଛି ଓ ଭୁବନେଶ୍ୱରରେ ଏହା ତୃତୀୟ। ଏହି ପଦକ୍ଷେପ, ପୂର୍ବ ଭାରତରେ ସ୍କୋଡା ଅଟୋ ଇଣ୍ଡିଆର ନେଟୱାର୍କ ବିସ୍ତାରକୁ ଆଗକୁ ନେଇଛି। ୪୨୫୦ ବର୍ଗଫୁଟ ଅଞ୍ଚଳରେ ୬ଟି ଗାଡ଼ି ପ୍ରଦର୍ଶନ ପାଇଁ ନିର୍ଦ୍ଧାରିତ ସ୍ଥାନ ସହିତ ସର୍ଭିସ୍ ଏବଂ ସ୍ପେୟାର୍ସ ପାଇଁ ଅତ୍ୟାଧୁନିକ ଡିଜାଇନ୍ ଅନୁଯାୟୀ ନିର୍ମାଣ ହୋଇଛି ଏହି ଟଚ୍‌ପଏଣ୍ଟ ସେଣ୍ଟର।

ଏହି ଉଦ୍‌ଘାଟନ ସମୟରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ଅଶିଷ ଗୁପ୍ତା କହିଥିଲେ ଯେ, "ଭୁବନେଶ୍ୱର ଓ ଓଡ଼ିଶା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର। ଏହି ନୂତନ ଟଚ୍‌ପଏଣ୍ଟ ସେଣ୍ଟର ଆମ ଦେଶବ୍ୟାପୀ ନେଟୱାର୍କ ବିକାଶର ଏକ ପ୍ରମାଣ। ଏହା ଗ୍ରାହକଙ୍କୁ ଉତ୍କୃଷ୍ଟ ସେଲ୍ସ ଓ ଆଫ୍ଟରସେଲ୍ସ ଅନୁଭବ ଦେବା ଆମର ପ୍ରତିବଦ୍ଧତାକୁ ପ୍ରମାଣିତ କରିବ'। ଏମ୍ପୋରିଓ ଆଲ୍ଲିଡ଼ ପ୍ରାଇଭେଟ ଲିମିଟେଡ଼ର ଡିଲର୍ ପ୍ରିନ୍ସିପାଲ୍, ଅବିନାଶ ସାମଲ କହିଥିଲେ ଯେ, "ସ୍କୋଡା ଗୁଣବତ୍ତା, ଗ୍ରାହକ ସେବା ପାଇଁ ପରିଚିତ। ଭୁବନେଶ୍ୱରରେ ଏହି ନୂଆ ସୁବିଧା ସହ ଆମେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ପାଇଁ ଗର୍ବିତ। ଆଗାମୀ ଦିନରେ ଆଉ ଅଧିକ ଓ ଉନ୍ନତ ଗ୍ରାହକ ସେବା ଦେବା ପାଇଁ ଆମେ ସର୍ବଦା ପ୍ରତିବଦ୍ଧ।" ସ୍କୋଡା ଅଟୋ ଇଣ୍ଡିଆର କୁସାକ, ସ୍ଳାଭିଆ, କୋଡିଅକ ଓ ଇନିଆକ ପରି ଲୋକପ୍ରିୟ ଗାଡି ଏଠାରେ ଉପଲବ୍ଧ। ଗ୍ରାହକମାନେ ଅନେକ ଆଫ୍ଟରସେଲ୍ସ ପ୍ରୋଗ୍ରାମ୍ – ସୁପର କେୟାର, ଏକ୍ସଟେଣ୍ଡେଡ୍ ୱାରାଣ୍ଟି, ଭାଲ୍ୟୁ ସର୍ଭିସ୍ ପ୍ଲାନ୍ ପରି ସୁବିଧା ଉପଭୋଗ କରିପାରିବେ। ଏବେ ସ୍କୋଡା ଅଟୋ ଇଣ୍ଡିଆର ୩୦୦ରୁ ଅଧିକ ଟଚ୍‌ପଏଣ୍ଟ ୧୭୬ଟି ସହରରେ ବ୍ୟାପିଛି, ଯାହା ଦେଶରେ ଗ୍ରାହକ ସମ୍ପର୍କ ବୃଦ୍ଧିରେ ମୂଳ ଭୂମିକା ଗ୍ରହଣ କରିଛି। ଏହି ଅବସରରେ ସ୍କୋଡାର ବ୍ରାଣ୍ଡ ନିର୍ଦ୍ଦେଶକ ଶ୍ରୀ ଆଶିଷ ଗୁପ୍ତା, ଡିଲର ପ୍ରିନ୍ସିପାଲ୍ ଶ୍ରୀ ଅବିନାଶ ସାମଲ ଓ ବର୍ଷା ପ୍ରିୟଦର୍ଶିନୀ ସ୍ୱାଇଁ, ଅଧକ୍ଷ ଶ୍ରୀ ଗଙ୍ଗାଧର ସାମଲଙ୍କ ସହ ସ୍କୋଡା ସ୍କୋଡା ଅଟୋ ଇଣ୍ଡିଆର ଅନୀଲା, ପ୍ରଦୀପ କେମ୍ପାନ୍ନା, ବିଜୁ, ସୁଦୀପ ପୁରୀ ଓ ମିଥିନ ପ୍ରତିନିଧି ରୂପେ ଯୋଗ ଦେଇଥିଲେ।

## ମହିଳା ପରିଚାଳିତ ଏମ୍‌ଏସ୍‌ଏମ୍‌ଇ ତ୍ରୟୋଦଶ ସ୍ଥାନରେ ଓଡ଼ିଶା



ଭୁବନେଶ୍ୱର, ୭।୮: ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ରରେ ମହିଳାଙ୍କ ନେତୃତ୍ୱରେ ପରିଚାଳିତ ହେଉଥିବା ସଂସ୍ଥାଗୁଡ଼ିକର ସଂଖ୍ୟା ଏତେଟା ଉତ୍ସାହଜନକ ନାହିଁ। ଏହି କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ତ୍ରୟୋଦଶ ସ୍ଥାନରେ ରହିଛି। ତେଣୁ ରାଜ୍ୟରେ ଅଧିକ ମହିଳା ଉଦ୍ୟୋଗୀ ସୃଷ୍ଟି କରିବା ସମୟର ଆହ୍ୱାନ ବୋଲି ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ଓ-ହବ୍‌ରେ ଅନୁଷ୍ଠିତ ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକଙ୍କ ଯୋଜନା କ୍ରିୟାନ୍ୱୟନ ଓ ରୂପାୟନ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ସେ ଏହା କହିଛନ୍ତି। ଅଧିକରୁ ଅଧିକ ମହିଳାଙ୍କୁ ଉଦ୍ୟମିତା କ୍ଷେତ୍ରରେ ସାମିଲ କରିବା ପାଇଁ ପ୍ରୟାସ କରିବାକୁ ସେ ଅଧିକାରୀମାନଙ୍କୁ କହିଛନ୍ତି। ମହିଳା ନେତୃତ୍ୱାଧୀନ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ରାଜ୍ୟ ସ୍ଥିତିରେ ଉନ୍ନତି ଆଣିବାକୁ ମଧ୍ୟ ଆହ୍ୱାନ ଦେଇଛନ୍ତି। ବୈଠକରେ ଏମ୍‌ଏସ୍‌ଏମ୍‌ଇ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନା ଓ ବିଭାଗ ଅନ୍ତର୍ଗତ ସମସ୍ତ ଅନୁଷ୍ଠାନଗୁଡିକର କାର୍ଯ୍ୟକୁ ସମୀକ୍ଷା କରାଯାଇଥିଲା। କେନ୍ଦ୍ର ସରକାରଙ୍କ କାର୍ଯ୍ୟକ୍ରମ ପିଏମ୍‌ଇଜିପି, ପିଏମ୍‌ଏଫ୍‌ଏମ୍‌ଇ, ପିଏମ୍-ବିଶ୍ୱକର୍ମା ଏବଂ ଓଡିଶା ସରକାରଙ୍କର ସିଏମ୍-ଶ୍ରିମ୍‌ରେ ଦିଆଯାଉଥିବା ଆର୍ଥିକ ଏବଂ ଅଣ ଆର୍ଥିକ ପ୍ରୋତ୍ସାହନଗୁଡିକ ସମୀକ୍ଷା ହୋଇଥିଲା।

## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୦୨,୫୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୪ ,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୨,୫୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୪, ୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୨,୫୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୪ ହଜାର ୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୨,୭୦୦ ଟଙ୍କା ଓ ୨୨ କ୍ୟାରେଟ୍ ୯୪, ୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୨,୫୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୪ ହଜାର,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୨,୫୫୦ ଓ ୯୪,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୭,୦୦୦ ଟଙ୍କା ହୋଇଛି।

# ଜନ ଧନ ଆକାଉଣ୍ଟର ପୁଣି ହେବ କେୱାଇସି

ନୂଆଦିଲ୍ଲୀ, ୭।୮: ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ବୁଧବାର ତିନୋଟି ପରିବର୍ତ୍ତନ ଘୋଷଣା କରିଛି। ଏହି ପରିବର୍ତ୍ତନ ଜନ ଧନ ଯୋଜନା, ଡେଡ୍ ଆକାଉଣ୍ଟ ହୋଲ୍ଡର୍ସ କ୍ଲେମ୍ ଓ ନିବେଶ ସହ ଜଡ଼ିତ ରହିଛି। ମୁଦ୍ରାନୀତି ସମୀକ୍ଷା କମିଟିର ତିନି ଦିନିଆ ବୈଠକରେ ଏହି ପରିବର୍ତ୍ତନ ଉପରେ ନିଷ୍ପତ୍ତି ନିଆଯାଇଛି। ଆଇବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଏହି ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ମହତ୍ୱାକାଂକ୍ଷୀ ଜନ ଧନ ଯୋଜନାକୁ ୧୦ ପୂରଣ ହୋଇସାରିଛି। ଏହା ସତ୍ତ୍ୱେ ଅନେକ ଖାତାଧାରକ ନିଜ କେୱାଇସି ଅପଡେଟ୍ କରିନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ଜୁଲାଇ ୧ରୁ ସେପ୍ଟେମ୍ବର ୩୦ ଯାଏ ପଞ୍ଚାୟତ ସ୍ତରରେ ସ୍ୱତନ୍ତ୍ର କ୍ୟାମ୍ପ ଲଗାଇବା ପାଇଁ ବ୍ୟାଙ୍କଗୁଡ଼ିକୁ ଆରବିଆଇ ନିର୍ଦ୍ଦେଶ ଦେଇଛି। ଏହି ଶିବିରରେ ଖାତାଧାରକ ନିଜର ରି-କେୱାଇସି କରିପାରିବେ, ନୂଆ ଖାତା ଖୋଲିପାରିବେ ଓ ପ୍ରଧାନମନ୍ତ୍ରୀ ବୀମା ଯୋଜନା ପରି ସରକାରୀ ଯୋଜନାର ଲାଭ ପାଇ ପାରିବେ। ୨୦୧୪-୨୦୧୫ରେ ଖୋଲାଯାଇଥିବା ଆକାଉଣ୍ଟଧାରୀମାନଙ୍କୁ ପୁନଃ-କେୱାଇସି କରିବାକୁ ପଡିବ,




ପଞ୍ଚାୟତ ସ୍ତରରେ ମାଗଣାରେ ରି-କେୱାଇସି କରିବା ପାଇଁ ବ୍ୟାଙ୍କଗୁଡ଼ିକୁ ଆରବିଆଇର ନିର୍ଦ୍ଦେଶ

କାରଣ ଏହି ଆକାଉଣ୍ଟଗୁଡ଼ିକର କେୱାଇସି ବୈଧତା ୧୦ ବର୍ଷ ଥିଲା। ଆକାଉଣ୍ଟକୁ ସକ୍ରିୟ ରଖିବା ପାଇଁ ଏହି ପ୍ରକ୍ରିୟା ଆବଶ୍ୟକ। ବ୍ୟାଙ୍କଗୁଡ଼ିକ ସଠିକ୍ ଡକ୍ୟୁମେଣ୍ଟ ସହିତ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଲିଙ୍କ୍ କରିବା ଏବଂ ଯେକୌଣସି ପ୍ରକାରର ଠକେଇକୁ ଏଡାଇବା ପାଇଁ ପୁନଃ-କେୱାଇସି ପ୍ରକ୍ରିୟା କରୁଛନ୍ତି। ମୃତ ଆକାଉଣ୍ଟଧାରୀଙ୍କ ଦାବି ସମାଧାନ ପାଇଁ RBI ଏକ ସମାନ ପ୍ରକ୍ରିୟା ଘୋଷଣା କରିଛି। ଆଜି ଯାଏ ପ୍ରତ୍ୟେକ ବ୍ୟାଙ୍କର ଭିନ୍ନ ଭିନ୍ନ ନିୟମ ଥିଲା, ଯାହା ଫଳରେ ପରିବାର ସଦସ୍ୟଙ୍କ ପାଇଁ ଦ୍ୱନ୍ଦ୍ୱ, ସମାଧାନରେ ବିଳମ୍ବ ଏବଂ ସମସ୍ୟା ସୃଷ୍ଟି ହେଉଥିଲା। ଖୁବଶୀଘ୍ର, ମୃତ ଗ୍ରାହକଙ୍କ ଦାବି ସମାଧାନ ପାଇଁ ସମସ୍ତ ବ୍ୟାଙ୍କ ଲାଗି ସମାନ ନିୟମ ଲାଗୁ କରାଯିବ। ନୋମିନି, ଆଇନଗତ ଉତ୍ତରାଧିକାରୀ କିମ୍ବା ପରିବାର ସଦସ୍ୟଙ୍କ ପାଇଁ ସମାନ ପ୍ରକ୍ରିୟା ଏବଂ ସମାନ ଡକ୍ୟୁମେଣ୍ଟ ରହିବ। ଏହା ଦ୍ୱାରା ଦାବି କରିବା ଏବଂ ବ୍ୟାଙ୍କରୁ ଟଙ୍କା ଉଠାଇବା ସହଜ ହେବ। ରିଜର୍ଭ ବ୍ୟାଙ୍କ ଖୁଚୁରା ନିବେଶକମାନଙ୍କ ପାଇଁ ସରକାରୀ ବଣ୍ଡ (ଟ୍ରେଜେରୀ ବିଲ୍ କିମ୍ବା ଟି-ବିଲ୍)ରେ ନିବେଶ କରିବା ସହଜ କରିଛି। ରିଜର୍ଭ ବ୍ୟାଙ୍କର 'ରିଟେଲ୍ ଡାଇରେକ୍ଟ' ପୋର୍ଟାଲରେ ଏକ ନୂତନ 'ଅଟୋ-ବିଡିଂ' ଫିଚର୍ସ ଯୋଡାଯାଇଛି। ଏହି ଫିଚର୍ସ ଆପଣଙ୍କୁ ନୂଆ ଏବଂ ପୁନଃନିବେଶ ପାଇଁ ସ୍ୱୟଂଚାଳିତ ଭାବରେ ଗୋଟିଏ ଥରରେ ବିଡ୍ କରିବାକୁ ଅନୁମତି ଦିଏ। ଉଦାହରଣ ସ୍ୱରୂପ, ଯଦି ଜଣେ ନିବେଶକ ନିୟମିତ ଭାବରେ ଟି-ବିଲ୍‌ରେ ନିବେଶ କରିବାକୁ ଚାହାନ୍ତି, ତେବେ ସେ ଏହାକୁ ସ୍ୱୟଂଚାଳିତ ଭାବରେ ସେଟ୍ କରିପାରିବେ।

# ବଜାରକୁ ଆସିଲା ରେନୋଲ୍ଟର ନୂଆ ମଡେଲ୍

ଭୁବନେଶ୍ୱର ୭।୮: ବଜାରକୁ ଆସିଲା ରେନୋଲ୍ଟ ନୂଆ ମଡେଲ। ଦମ୍‌ଦାର ଲୁକ୍ ସହ କ୍ଲାସିକ ଫିଚର ନେଇ ଭୁବନେଶ୍ୱରରେ ରେନୋଲ୍ଟ ଟ୍ରାଇବର ରି-ଲଞ୍ଚ ହୋଇଛି। ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ ରେନୋ ଭୁବନେଶ୍ୱର ଶୋ' ରୁମ୍‌ରେ ନୂଆ ମଡେଲ ଲଞ୍ଚ ହୋଇଛି। ରେନୋଲ୍ଟ ଇଣ୍ଡିଆ ପକ୍ଷରୁ ଲଞ୍ଚ ହୋଇଥିବା ଏହି କାର୍‌ରେ ୭ ସିଟ ରହିଛି। ଗ୍ରାହକଙ୍କୁ ଆରାମଦାୟକ ସୁବିଧା ସହ ମଡ୍ୟୁଲାରିଟି, ରିଥୁଙ୍କ୍ ସ୍ପେସ୍‌ର ଅନନ୍ୟ ଉଦାହରଣ ସୃଷ୍ଟି କରିଛି। ଏଥିରେ ନୂଆ ହେଡ୍‌ଲାମ୍ପ ସହିତ ଏଲଇଡି ଡିଆରଏଲ୍ ଓ ପରିବାର ପାଇଁ ଉପଯୋଗୀ କାର୍ ଏକ ଗ୍ରୀଲ୍, ସ୍କୁପଚରଡ ହୁଡ୍, ନୂତନ ଏଲ୍‌ଇଡି ଫୋଗ୍, ବମ୍ପର, ସ୍ଲିକ୍ ଏଲଇଡି ପ୍ରୋଜେକ୍ଟର୍ ରହିଛି। ୩୫ଟି ରୁ ଅଧିକ ଫିଚର୍ ସହ ସେଫ୍ଟି ମେଜରରେ ରେଟିଂ ୪ ପାଇଛି। ସିଟିଂ କମ୍ଫର୍ଟ ସହ ଭାଲ୍ୟୁ ଫର୍ ମନି ହୋଇଥିବା ବେଳେ ଗ୍ରାହକଙ୍କୁ ଏହା ନିଶ୍ଚିତ ଆକୃଷ୍ଟ କରିବ ବୋଲି କହିଛନ୍ତି କମ୍ପାନୀର ଜିଏମ୍।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି । ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍ । ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ଟିସିଏସରେ ୮୦% କର୍ମଚାରୀଙ୍କ ପାଇଁ ଦରମା ବୃଦ୍ଧି

## ୧୨,୦୦୦ କର୍ମଚାରୀଙ୍କ ମୁଣ୍ଡରେ ଛଟେଇ ଖଣ୍ଡା

ବେଙ୍ଗାଲୁରୁ,୭।୮: ଟାଟା କନସଲଟାନ୍ସି ସର୍ଭିସେସ (ଟିସିଏସ) ତା'ର ଅଧିକାଂଶ ଜୁନିୟର ଓ ମଧ୍ୟମ ସ୍ତରୀୟ କର୍ମଚାରୀଙ୍କ ପାଇଁ ଦରମା ବୃଦ୍ଧି ଘୋଷଣା କରିଛି, ବୋଲି ଦି ଟାଇମ୍ସ ଅଫ ଇଣ୍ଡିଆ ରିପୋର୍ଟ କରିଛି। ଏହା ସତ୍ତ୍ୱେ, କମ୍ପାନୀ ଆଗାମୀ କିଛି ମାସ ମଧ୍ୟରେ ପ୍ରାୟ ୧୨,୦୦୦ କର୍ମଚାରୀଙ୍କୁ ଛଟେଇ କରିବାର ଯୋଜନା ମଧ ରଖିଛି। କମ୍ପାନୀ କର୍ମଚାରୀଙ୍କୁ ପଠାଇଥିବା ଏକ ବାର୍ତ୍ତାରେ ସ୍ପଷ୍ଟ କରିଛି ଯେ ଏହି ଦରମା ବୃଦ୍ଧି ପ୍ରାୟ ୮୦% କର୍ମଚାରୀଙ୍କ ପାଇଁ ଲାଗୁ ହେବ ଏବଂ ୨୦୨୫ ସେପ୍ଟେମ୍ବର ୧ ତାରିଖରୁ କାର୍ଯ୍ୟକାରୀ ହେବ। ଏହି ବୃଦ୍ଧି ସି୩ଏ ଏବଂ ତା'ର ସମକକ୍ଷ ଗ୍ରେଡରେ ଥିବା କର୍ମଚାରୀଙ୍କୁ ପ୍ରଦାନ କରାଯିବ। ଯଦିଓ ଦରମା ବୃଦ୍ଧିର ସଠିକ ଶତକଡ଼ା ପ୍ରକାଶ କରାଯାଇ ନାହିଁ, କମ୍ପାନୀର ଶୀର୍ଷ ମାନବ ସମ୍ବଳ (ଏଚଆର) ଅଧିକାରୀମାନେ କର୍ମଚାରୀଙ୍କ ନିଷ୍ଠା ଓ କଠିନ ପରିଶ୍ରମ ପାଇଁ କୃତଜ୍ଞତା ଜଣାଇଛନ୍ତି। ପିଟିଆଇ ଦ୍ୱାରା ସମୀକ୍ଷା କରାଯାଇଥିବା ଏକ ଇମେଲରେ କମ୍ପାନୀ କହିଛି, "ଆମେ ଟିସିଏସର ଭବିଷ୍ୟତ ଏକାଠି ଗଢ଼ିବା ସମୟରେ ଆପଣମାନଙ୍କ ନିଷ୍ଠା ଓ କଠିନ ପରିଶ୍ରମ ପାଇଁ ଆପଣଙ୍କୁ ଧନ୍ୟବାଦ ଜଣାଉଛୁ।" ଦରମା ବୃଦ୍ଧିର ଏହି ସକାରାତ୍ମକ ଖବର ସତ୍ତ୍ୱେ, ଟିସିଏସ ତା'ର ବିଶ୍ୱବ୍ୟାପୀ କର୍ମଚାରୀ ସଂଖ୍ୟା ହ୍ରାସ କରିବା ଯୋଜନାରେ କୌଣସି ପରିବର୍ତ୍ତନ କରି ନାହିଁ। ଏହା ପୂର୍ବରୁ କମ୍ପାନୀ ଘୋଷଣା କରିଥିଲା ଯେ ଚଳିତ ବର୍ଷ ପ୍ରାୟ ୨% କର୍ମଚାରୀ, ମୁଖ୍ୟତଃ ମଧ୍ୟମ ଓ ବରିଷ୍ଠ ସ୍ତରରେ, ଛଟେଇ କରାଯିବ। ଅର୍ଥାତ୍ ପ୍ରାୟ ୧୨,୦୦୦ କର୍ମଚାରୀ ଚାକିରି ହରାଇବେ। ଟିସିଏସ କହିଛି ଯେ ଏହି ପଦକ୍ଷେପ "ଭବିଷ୍ୟତମୁଖୀ ସଂଗଠନ" ହେବାର ଯୋଜନାର ଅଂଶ। କମ୍ପାନୀ ନୂଆ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଧ୍ୟାନ ଦେଉଛି, ନୂଆ ବଜାରରେ ସମ୍ପ୍ରସାରଣ କରୁଛି, ବୃହତ୍ ପରିମାଣରେ କୃତ୍ରିମ ବୁଦ୍ଧିମତା (ଏଆଇ) ବ୍ୟବହାର କରୁଛି ଏବଂ ଭବିଷ୍ୟତ ଆବଶ୍ୟକତା ଅନୁଯାୟୀ ତା'ର ଦଳକୁ ପୁନର୍ଗଠନ କରୁଛି। ଏହି ନିଷ୍ପତ୍ତି ଏକ ସମୟରେ ଆସିଛି ଯେତେବେଳେ ବିଶ୍ୱ ଆଇଟି ଶିଳ୍ପ ଧୀର ଅଭିବୃଦ୍ଧି ଓ ଅର୍ଥନୈତିକ ଅନିଶ୍ଚିତତାର ସମ୍ମୁଖୀନ ହେଉଛି। ଆମେରିକାର ବାଣିଜ୍ୟ ନୀତିରେ ପରିବର୍ତ୍ତନ ଭଳି ରାଜନୈତିକ ଉତ୍ତେଜନା ଏବଂ ଏଆଇ ଉପକରଣର ଦ୍ରୁତ ବିକାଶ କମ୍ପାନୀମାନଙ୍କୁ ତାଙ୍କ ରଣନୀତି ପୁନର୍ବିଚାର କରିବାକୁ ବାଧ କରୁଛି। ଟିସିଏସ ସମେତ ଅନ୍ୟ ପ୍ରମୁଖ ଭାରତୀୟ ଆଇଟି କମ୍ପାନୀମାନେ ୨୦୨୬ ଆର୍ଥିକ ବର୍ଷର ଏପ୍ରିଲ-ଜୁନ ତ୍ରୈମାସିକରେ କେବଳ ସାମାନ୍ୟ ଆୟ ବୃଦ୍ଧି ହାସଲ କରିଛନ୍ତି। ଅନିଶ୍ଚିତ ବିଶ୍ୱ ଅର୍ଥନୀତି ଯୋଗୁଁ ଅନେକ ଗ୍ରାହକ ପ୍ରଯୁକ୍ତିବିଦ୍ୟା ନିବେଶକୁ ବିଳମ୍ବ କରୁଛନ୍ତି କିମ୍ବା ଖର୍ଚ୍ଚ ହ୍ରାସ କରୁଛନ୍ତି। ଏହି ପରିପ୍ରେକ୍ଷୀରେ, ଟିସିଏସ କର୍ମଚାରୀଙ୍କୁ ପୁରସ୍କାର ଦେବା ଓ ବୃହତ୍ ପରିବର୍ତ୍ତନ ପାଇଁ ପ୍ରସ୍ତୁତି ମଧ୍ୟରେ ସନ୍ତୁଳନ ରକ୍ଷା କରୁଛି। ଏଆଇର ଦ୍ରୁତ ବିକାଶ ଓ ବଜାରର ପରିବର୍ତ୍ତନ ସହିତ ଆଇଟି ଶିଳ୍ପ ନିକଟରୁ ଏହାକୁ ନିରୀକ୍ଷଣ କରୁଛି।




## ଜିଓର ନୂଆ ଅଫ୍‌ର

# ମାତ୍ର ୫୦ ଟଙ୍କାରେ ମିଳିବ ନିଜ ପସନ୍ଦର ନମ୍ବର

ଭୁବନେଶ୍ୱର, ୭।୮: ଓଡ଼ିଶାର ଅଗ୍ରଣୀ ଟେଲିକମ୍ ସେବା ପ୍ରଦାନକାରୀ ରିଲାଏନ୍ସ ଜିଓର ନୂଆ ଅଫ୍‌ର୍। କମ୍ପାନି ଆରମ୍ଭ କରିଛି "ମ୍ୟାଚିଙ୍ଗ ନମ୍ବର" ଚୟନ ସୁବିଧା। ଏଥିରେ ଗ୍ରାହକମାନେ ଏବେ ମାତ୍ର ୫୦ ଟଙ୍କାର ସ୍ୱତନ୍ତ୍ର ପ୍ରାରମ୍ଭିକ ମୂଲ୍ୟରେ ସେମାନଙ୍କ ପସନ୍ଦର ମୋବାଇଲ୍ ନମ୍ବର କ୍ରମ ଚୟନ କରିପାରିବେ। ଏହି ନୂତନ ମ୍ୟାଚିଙ୍ଗ ମୋବାଇଲ ନମ୍ବର ଚୟନ ସୁବିଧାର ଲାଭ ନେଇ ଗ୍ରାହକମାନେ ଏବେ ନିଜ ପାଇଁ ତଥା ନିଜ ପରିବାର ସଦସ୍ୟ ଏବଂ ବନ୍ଧୁମାନଙ୍କ ପାଇଁ ଚାରିରୁ ସାତଟି ଶେଷ ମ୍ୟାଚିଙ୍ଗ ମୋବାଇଲ ନମ୍ବରର ମିଶ୍ରଣ ବାଛିପାରିବେ। ଗ୍ରାହକମାନେ ଏକ କ୍ରମିକ ନମ୍ବର ବାଛିପାରିବେ ଯାହା ପୂର୍ବରୁ ଥିବା ମୋବାଇଲ୍ ନମ୍ବର, ଯାନବାହନ ପଞ୍ଜିକରଣ ନମ୍ବର, ଜନ୍ମ ତାରିଖ, କିମ୍ବା ସେମାନଙ୍କ ପସନ୍ଦର ଯେକୌଣସି ଭାଗ୍ୟବାନ ନମ୍ବର ସହିତ ମ୍ୟାଚିଙ୍ଗ ହେଉଥିବ। ଜିଓ ମ୍ୟାଚିଙ୍ଗ ନମ୍ବର ଚୟନ ସୁବିଧା ମାଧ୍ୟମରେ ପରିବାର ତଥା କ୍ଷୁଦ୍ର ବ୍ୟବସାୟଗୁଡିକ ପାଇଁ ନୂଆ ତଥା ଏକକ ପରିଚୟ ସୃଷ୍ଟି କରିବାର ଅନନ୍ୟ ସୁଯୋଗ ଆଣି ଉପଭୋକ୍ତାମାନଙ୍କୁ ସଶକ୍ତ କରୁଛି। ଜିଓ ମ୍ୟାଚିଙ୍ଗ ନମ୍ବର ଚୟନ ସୁବିଧାର ପ୍ରମୁଖ ବିଶେଷତାଗୁଡିକ ମଧ୍ୟରେ ରହିଛି, ଗ୍ରାହକଙ୍କ ପସନ୍ଦର ସର୍ବାଧିକ ୪ଟି ପର୍ଯ୍ୟନ୍ତ ବ୍ୟକ୍ତିଗତ ନମ୍ବର ଚୟନ କରିବା ସୁବିଧା, ନୂତନ ଜିଓ ନମ୍ବରକୁ ଯେକୌଣସି ଅନ୍ୟ ଟେଲିକମ୍ ଅପରେଟରର ନମ୍ବର ସହିତ ମ୍ୟାଚିଙ୍ଗ କରିବା ସୁବିଧା, ନମ୍ବର ସିରିଜ୍ ଉପରେ କୌଣସି ପ୍ରତିବନ୍ଧକ ବିନା ଗ୍ରାହକ ନିଜ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନମ୍ବର ବାଛିପାରିବା ସୁବିଧା। ଏଥିସହିତ ଏହି ସ୍ୱତନ୍ତ୍ର ସୁବିଧା ସୀମିତ ସମୟ ପାଇଁ ମାତ୍ର ୫୦ ଟଙ୍କାରେ ଉପଲବ୍ଧ ଯାହା ସାଧାରଣତଃ ପ୍ରାୟ ୫୦୦ ଟଙ୍କାରୁ ଅଧିକ ରହିଥାଏ। ଜିଓ ମ୍ୟାଚିଙ୍ଗ ନମ୍ବର ଚୟନ ସୁବିଧାର ଲାଭ ଗ୍ରାହକମାନେ ଏକାଧିକ ସୁବିଧାଜନକ ଚ୍ୟାନେଲ ମାଧ୍ୟମରେ ପାଇପାରିବେ। ଗ୍ରାହକମାନେ ମାଇଁ ଜିଓ ଆପ୍ସ, ଜିଓ ୱେବସାଇଟ କିମ୍ବା ଅନୁମୋଦିତ ଜିଓ ରିଟେଲରଙ୍କ ପାଖରେ ଉପଲବ୍ଧ ବ୍ୟାପକ ମ୍ୟାଚିଙ୍ଗ ନମ୍ବରଗୁଡ଼ିକ ମଧ୍ୟରୁ ନିଜ ପସନ୍ଦର ନମ୍ବର ଖୋଜିପାରିବେ ଏବଂ ଚୟନ କରିପାରିବେ। ଗ୍ରାହକମାନେ ମଧ ବୁକିଂ ପରେ ମାଗଣା ହୋମ୍ ଡେଲିଭରି ବିକଳ୍ପ ବାଛିପାରିବେ କିମ୍ବା ସିମ ଆକ୍ଟିଭେଟ କରିବା ପାଇଁ ନିକଟସ୍ଥ ଜିଓ ଷ୍ଟୋର ପରିଦର୍ଶନ କରିପାରିବେ। କେୱାଇସି ଓ ଯାଞ୍ଚ ସମ୍ପୂର୍ଣ୍ଣ ହେବା ପରେ, ଜିଓ ପ୍ରିପେଡ୍ ପ୍ଲାନରେ ନୂତନ ସିମ କାର୍ଡ ଆକ୍ଟିଭେଟ ବା ସକ୍ରିୟ ହେବ। ମ୍ୟାଚିଙ୍ଗ ନମ୍ବର ବୁକିଂ କରିବାର ୧୦ ଦିନ ମଧ୍ୟରେ ଗ୍ରାହକଙ୍କୁ ଏହା ଆକ୍ଟିଭେଟ କରିବା ଆବଶ୍ୟକ। ଏସମ୍ପର୍କରେ ଅଧିକ ସୂଚନା ପାଇଁ www.jio.com ପରିଦର୍ଶନ କରନ୍ତୁ କିମ୍ବା ମାଇଁ ଜିଓ ଆପ୍ ଡାଉନଲୋଡ୍ କରନ୍ତୁ। ଉଲ୍ଲେଖଯୋଗ୍ୟ ଯେ ଟ୍ରାଇ ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ ଜୁନ ୨୦୨୫ ସୁଦ୍ଧା ଓଡିଶାରେ ଜିଓ ନେଟୱାର୍କରେ ୧.୬୩ କୋଟିରୁ ଅଧିକ ମୋବାଇଲ ଗ୍ରାହକ, ୩.୪ ଲକ୍ଷରୁ ଅଧିକ ଜିଓଫାଇବର ଗ୍ରାହକ ଏବଂ ୧.୯୪ ଲକ୍ଷରୁ ଅଧିକ ଜିଓଏୟାରଫାଇବର ଗ୍ରାହକ ରହିଛନ୍ତି।

## ୟୁପିଆଇକୁ ନେଇ ଆରବିଆଇର ଚେତାବନୀ

ନୂଆଦିଲ୍ଲୀ,୭।୮: ୟୁପିଆଇକୁ ନେଇ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ବଡ଼ ଚେତାବନୀ । PhonePe ଏବଂ Google Pay ୟୁଜର୍ସଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସୂଚନା । ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା କହିଛନ୍ତି ଯେ, ଦେଶରେ ପେମେଣ୍ଟ ସିଷ୍ଟମରେ ବିପ୍ଳବ ଆଣିଥିବା ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ ବା UPI ସବୁଦିନ ପାଇଁ ମାଗଣା ହୋଇନପାରେ। ସେ ସୂଚିତ କରିଛନ୍ତି ଯେ ଡିଜିଟାଲ ପେମେଣ୍ଟ ଇନଫ୍ରାଷ୍ଟ୍ରକଚର ଚଳାଉଥିବାର ଖର୍ଚ୍ଚ ଉପଭୋକ୍ତାମାନଙ୍କ ଉପରେ ଲଦିବାକୁ ପଡ଼ିପାରେ ବୋଲି ସେ ସଙ୍କେତ ଦେଇଛନ୍ତି। ସଞ୍ଜୟ ମଲହୋତ୍ରା ଏମପିସିର ବୈଠକ ପରେ ଆୟୋଜିତ ପ୍ରେସମିଟରେ କହିଛନ୍ତି ଯେ, ଏହା ଏବେ ବି ମାଗଣା ନୁହେଁ। ଏଥିପାଇଁ କିଏ ନା କିଏ ପେମେଣ୍ଟ କରୁଛି । ସରକାର ତାଙ୍କୁ ସବସିଡି ଦେଉଛନ୍ତି । ସେହିପରି ମର୍ଚ୍ଚେଣ୍ଟ ଡିସକାଉଣ୍ଟ ରେଟ୍ ଉପଭୋକ୍ତାଙ୍କ ଉପରେ ଲଗାଯାଇପାରେ କି ପ୍ରଶ୍ନ ଉପରେ ଆରବିଆଇ ଗଭର୍ଣ୍ଣର କହିଛନ୍ତି, ଖର୍ଚ୍ଚ ହେଉଛି ଏବଂ ଏହି ଖର୍ଚ୍ଚ କାହାରିକୁ ନା କାହାରିକୁ ପେମେଣ୍ଟ କରିବାକୁ ପଡୁଛି। ଏମଡିଆର ସେହି ଶୁଳ୍କ ଯାହା ପେମେଣ୍ଟ ପ୍ରୋସେସିଂ କମ୍ପାନୀଗୁଡ଼ିକ ଦୋକାନ ଏବଂ ବ୍ୟବସାୟଗୁଡ଼ିକରେ ଡିଜିଟାଲ ପେମେଣ୍ଟ ସ୍ୱୀକାର କରିବାରେ ଆଣିଥାଏ। ଜାନୁଆରୀ ୨୦୨୦ରୁ ୟୁପିଆଇ ଟ୍ରାଞ୍ଜାକ୍ସନକୁ ଏମଡିଆରଠାରୁ ମୁକ୍ତ କରାଯାଇଛି।

# ଗଣମାଧ୍ୟମ ଜରିଆରେ ଫାଇଲେରିଆ ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗର ଜନସାଧାରଣଙ୍କୁ ପରାମର୍ଶ




**ବାଲିଆପାଳ,୭।୮(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକରେ ଫାଇଲେରିଆ ବା ବାତଜ୍ୱର ରୋଗର ଏକ ବିରଳ ମାଇକ୍ରୋ ଫାଇଲେରିଆ ଜୀବାଣୁ (ବୃଜିୟା ମାଲାୟୀ) ଦେଖା ଯାଆନ୍ତି। ଯେଉଁ ଜୀବାଣୁ ଭାରତ ବର୍ଷର ଅନ୍ୟ କୌଣସି ସ୍ଥାନରେ ନାହିଁ।ବିଗତ ୨୧ବର୍ଷ ଧରି ବାଲିଆପାଳ ବ୍ଲକରେ ଔଷଧ ବଣ୍ଟନ କରାଯାଉଥିଲେ ମଧ୍ୟ ଜନସାଧାରଣଙ୍କ ସଚେତନତାର ଅଭାବ ଯୋଗୁଁ ଲୋକେ ଦିଆଯାଉଥିବା ଔଷଧ ସେବନ କରୁନାହାନ୍ତି।

ଫାଇଲେରିଆ ରୋଗ ଯେଉଁ ମଶା ଦ୍ୱାରା ବ୍ୟାପୁଛି ସେହି ମଶା ମଧ୍ୟ ବାଲିଆପାଳ ଅଞ୍ଚଳରେ ଯଥେଷ୍ଟ ଅଧିକ ମାତ୍ରାରେ ଦେଖିବାକୁ ମିଳିଛି। ଫାଇଲେରିଆ ରୋଗକୁ ବାଲିଆପାଳ ବ୍ଲକରୁ ସମୂଳେ ଦୂରେଇ ଦେବା ଉଦ୍ଦେଶ୍ୟରେ ଔଷଧ ସେବନ ସେବନ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଗୁରୁବାର ମଧ୍ୟାହ୍ନରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମିଳନୀ କକ୍ଷରେ ଖବରଦାତା ମାନଙ୍କୁ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରାପ୍ରାପ୍ତ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲାରେ ଅନ୍ୟ କୌଣସି ବ୍ଲକରେ ଫାଇଲେରିଆ ଦେଖାଯାଉନଥିବା ବେଳେ କେବଳ ବାଲିଆପାଳ ବ୍ଲକ ପାଇଁ ସମଗ୍ର ଜିଲ୍ଲା ଏକ ଅଲୋଡା ରେକର୍ଡର ଅଧିକାରୀ ହୋଇଛି।

ବ୍ଲକରେ ମଧୁପୁରା ପଞ୍ଚାୟତର ପଞ୍ଚୁରୁଖି ଓ ବେତଗଡ଼ିଆ ପଞ୍ଚାୟତର କାଳିଆଖିଆ ଠାରେ ନୂତନ ଫାଇଲେରିଆ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ତେଣୁ କେନ୍ଦ୍ର ସରକାର, ରାଜ୍ୟ ସରକାର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ଓ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ଉଦ୍ୟମରେ ଫାଇଲେରିଆର ମୂଳ ଉତ୍ପାଟନ ପାଇଁ ଆସନ୍ତା ଅଗଷ୍ଟ ଦଶ ତାରିଖକୁ ଉଣେଇଶ ତାରିଖ ପର୍ଯ୍ୟନ୍ତ ବଟିକା ସେବନ କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ୮ଶହ ୯୨ ଜଣ ଔଷଧ ସେବନ କର୍ମୀ ଓ ୮୨ଜଣ ପରିଦର୍ଶକ, ୪ଜଣ ପଞ୍ଚାୟତ ସାମାଜିକ କର୍ମୀଙ୍କୁ ଦାୟିତ୍ୱ ନିର୍ବାହ କରିବା ପାଇଁ ନିୟୋଜିତ କରାଯାଇଛି।

ବ୍ଲକରେ ୨ଲକ୍ଷ୨୩ହଜାର ୭ଜଣ ଲୋକଙ୍କୁ ଫାଇଲେରିଆ ଔଷଧ ସେବନ ପାଇଁ ଦିଆଯିବ।ଏହି ବଟିକା ସେବନର କୈଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଦୁଇ ବର୍ଷରୁ କମ ବୟସର ପିଲା, ଗର୍ଭବତୀ ମହିଳା ତଥା ଗୁରୁତର ରୋଗରେ ପିଡୀତ ଲୋକମାନଙ୍କୁ ଏହି ଔଷଧ ସେବନ ନ କରିବା ପାଇଁ ପରାମର୍ଶ ଦିଆଯାଇଛି। ବାଲିଆପାଳ ବ୍ଲକରେ ୨୫ଶହରୁ ଉର୍ଦ୍ଧ୍ୱ ଫାଇଲେରିଆ ରୋଗୀ ରହିଛନ୍ତି ବୋଲି ଡ. ସାହୁ ସୂଚନା ଦେଇଛନ୍ତି।

# ବନ୍ୟା ପ୍ରପୀଡ଼ିତଙ୍କୁ ମିଳିନି ସରକାରୀ ଘୋଷଣା ଅନୁଯାୟୀ ରିଲିଫ

## ବାଟବଣା ହେଲା କି ତଦନ୍ତ ପ୍ରକ୍ରିୟା ?

**ବାଲିଆପାଳ,୭।୮(ସଂଚାର ବ୍ୟୁରୋ):** ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷ ୫ ଥର ବନ୍ୟା ଆସି ବାଲିଆପାଳ ବ୍ଲକର ବନ୍ୟାଞ୍ଚଳର ଲୋକଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିବାବେଳେ ୯ଟି ପଞ୍ଚାୟତର ୩୫ରୁ ଅଧିକ ଗ୍ରାମର ଲୋକଙ୍କର ଜୀବନ ଜୀବିକା ବାଧାପ୍ରାପ୍ତ ହୋଇଛି। ସରକାର ୭ ଦିନର ରିଲିଫ ଚାଉଳ ବଣ୍ଟନ ସହିତ ବାରମ୍ବାର ବନ୍ୟା ସମୟରେ ଶୁଖିଲା ଖାଦ୍ୟ ଚୂଡ଼ା ଗୁଡ଼ ଓ ପିଇବା ପାଣି ଯୋଗାଇ ଦେବାର ଘୋଷଣା କରି ବାଲିଆପାଳ ବ୍ଲକକୁ ସମସ୍ତ ଜିନିଷ ଯୋଗାଇ ଦେଇଛନ୍ତି। ମାତ୍ର ସରକାର ଯେଉଁ ହିସାବରେ ରିଲିଫ ସାମଗ୍ରୀ ଯୋଗାଇଛନ୍ତି ସେହିପରି ଭାବରେ




ରିଲିଫ ବଣ୍ଟନ ହୋଇନାହିଁ। ଏଠି ସରକାରୀ ନିୟମକୁ ଫୁ କରି ବ୍ଲକ ପ୍ରଶାସନ ନିଜ ନିଜ ଇଚ୍ଛାରେ ରିଲିଫ ବଣ୍ଟନ କରି ବ୍ୟାପକ ଘୋଟାଲା ହୋଇଥିବା ଅଭିଯୋଗ ହୋଇଛି। ସରକାର ସାତ ଦିନର ରିଲିଫ ମୁଣ୍ଡ ପିଛା ବଡ଼ଙ୍କ ପାଇଁ ୭ କେଜି ଓ ସାନଙ୍କ ପାଇଁ ୩ କେଜି ୫ ଶହ ଗ୍ରାମ ଚାଉଳ ୯ଟି ପଞ୍ଚାୟତକୁ ଯୋଗାଇଥିବାବେଳେ କୌଣସି ସ୍ଥାନରେ ନିୟମକୁ ପାଳନ କରା ଯାଇ ନାହିଁ। ବିଷ୍ଣୁପୁର ପଞ୍ଚାୟତରେ ବଡ଼

### ନ୍ୟାୟିକ ତଦନ୍ତ ପାଇଁ ଏସଆରସିଙ୍କ ନିକଟରେ ଦାବି

ମାନଙ୍କୁ ୭କେଜି ଓ ସାନଙ୍କୁ ୩ କେଜି ୫୦୦ ଗ୍ରାମ ଲେଖାଏଁ ଚାଉଳ ବଣ୍ଟନ କରାଯାଇଥିଲା ମମସ୍ତ ଲୋକଙ୍କୁ ବଣ୍ଟା ଯାଇ ମଧ୍ୟ ୧୭୫ କୁଣ୍ଟାଲ ଚାଉଳ ବଳକା ହୋଇଥିବା ବେଳେ ମଧୁପୁରା, ଅସ୍ତି, କୁମ୍ଭାରୀ, ଦେଭୋଗ, ଘଣ୍ଟୁଆ, ଜାମକୁଣ୍ଡା, ବାଲିଆପାଳ, ନିଖିରା ପଞ୍ଚାୟତ ଗୁଡିକ କୌଣସି ନିୟମକୁ ନ ମାନି ବଡ଼ଙ୍କୁ ୫ କେଜି ଓ ସାନକୁ ୨ କେଜି ୫୦୦ ଗ୍ରାମ ଚାଉଳ ବଣ୍ଟନ କରିଛନ୍ତି। ତେବେ ବିଷ୍ଣୁପୁର ପଞ୍ଚାୟତ ତୁଳନା ରେ ଅନ୍ୟ ପଞ୍ଚାୟତ ଗୁଡିକରେ କେତେ ପରିମାଣରେଗଛିତ ଅଛି ବୋଲି ସୂଚନା ଅଧିକାର ଅଭିଯାନ ସଙ୍ଘ ପକ୍ଷରୁ ନ୍ୟାୟିକ ତଦନ୍ତ ପାଇଁ ଏସଆରସିଙ୍କ ନିକଟରେ ଦାବି କରାଯାଇଛି ଚାଉଳ ସହିତ ୫ ଥର ବନ୍ୟାରେ ଚୂଡ଼ା ଓ ଗୁଡ଼ ସହିତ ପିଇବା ପାଣି ବୋତଲ ଓ ଗୋଖାଦ୍ୟ ବଣ୍ଟନରେ ମଧ୍ୟ ବ୍ୟାପକ ଅନିୟମିତତା କରାଯାଇ ଥିବାବେଳେ କୌଣସି ସ୍ଥାନରେ ରେ ଲୋକଙ୍କୁ ଠିକ ଭାବରେ ରିଲିଫ ସମଗ୍ରୀ ବଣ୍ଟନ କରାଯାଇନାହିଁ ବୋଲି ସଙ୍ଘର ସଭାପତି ଅନୁଜ ମହାପାତ୍ର କହିଛନ୍ତି।

# ୧୬ଟି ବ୍ଲକରେ ହେବ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼,୭।୮(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାର ୧୬ ଗୋଟି ବ୍ଲକରେ ଲିମ୍ଫାଟିକ ଫାଇଲେରିଆସିସ୍ ଦୂରୀକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆୟୋଜିତ ହେବ ଓ ସେ ସମ୍ପର୍କରେ ଗୁରୁବାର ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ଡା. ସୁରେଶ ଚନ୍ଦ୍ର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଡ଼ା ଶିବାଶିଷ ମହାରଣା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଡା.ଭକ୍ତ ମୋହନ ସ୍ୱାଇ ଏଡିପିଏଚଓ (ଭିବିଡି), ବିଶ୍ୱମ୍ବର ବେହେରା ଡିପିଏମ୍, ଏନ୍ଏଚ୍ଏମ୍, ବସନ୍ତ କୁମାର ପଣ୍ଡା, ଜିଲ୍ଲା ପରାମର୍ଶଦାତା (ଭିବିଡି) ଏବଂ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ବୈଠକରେ ଫାଇଲେରିଆସିସ୍ ଦୂରୀକରଣ କାର୍ଯ୍ୟକ୍ରମକୁ ଏକ ଜନ ଆନ୍ଦୋଳନରେ



ଫାଇଲେରିଆ ନିରାକରଣ ଅଭିଯାନ

ପରିଣତ କରିବା ଉପରେ ଆଲୋଚନା କରାଯାଇ ଥିଲା। ଚଳିତ ଅଗଷ୍ଟ ୧୦ ତାରିଖ ରୁ ୧୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ଅନୁଷ୍ଠିତ ହେବ ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ। ନୂଆଗାଁ ବ୍ଲକ ବ୍ୟତୀତ ଅନ୍ୟ ସମସ୍ତ ୧୬ ଗୋଟି ବ୍ଲକରେ ଏହି ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ କରାଯିବ। ଏହି ଔଷଧ ସେବନ କରାଇବା ନିମନ୍ତେ ୪୯୦୫ ସଂଖ୍ୟକ ତାଲିମ ପ୍ରାପ୍ତ ସ୍ୱେଚ୍ଛାସେବୀ ମାନେ ପ୍ରତି ଘରକୁ ଘର, ବିଦ୍ୟାଳୟ, ମହାବିଦ୍ୟାଳୟ, ଫ୍ୟାକ୍ଟ୍ରି ଆଦି ମାନଙ୍କରେ ଔଷଧ ସେବନ କରାଇବେ।

# ନାରୀ ସୁରକ୍ଷା ଦାବିରେ ବିଜୁ ଯୁବ ଛାତ୍ର ଜନତା ଦଳର ବିକ୍ଷୋଭ

**ରାୟଗଡ଼ା,୭।୮ (ସଂଚାର ବ୍ୟୁରୋ):** ରାଜ୍ୟରେ ଦିନକୁ ଦିନ ବଢ଼ୁଥିବା ନାରୀ ଉପରେ ଅପରାଧ, ଦୁଷ୍କର୍ମ, ଗଣ ଦୁଷ୍କର୍ମ ଓ ଛାତ୍ରୀ ମାନଙ୍କ ଅସୁରକ୍ଷିତ ଅବସ୍ଥା ବିରୋଧରେ ଆଜି ବିଜୁ ଯୁବ ଛାତ୍ର ଜନତା ଦଳ




ପକ୍ଷରୁ ରାୟଗଡ଼ାରେ ଏକ ଉତ୍ତେଜନାପୂର୍ଣ୍ଣ ବିକ୍ଷୋଭ କରାଯାଇଛି। ବିଜୁ ଜନତା ଦଳର ମୁଖୀଆ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକୁ କ୍ରମବଦ୍ଧ କରି, ରାୟଗଡ଼ା ଜିଲ୍ଲା ବିଜୁ ଯୁବ ଛାତ୍ର ଜନତା ଦଳ ରାୟଗଡ଼ା ନଗର ସଭାପତି ପ୍ରବୀଣ କୁମାରଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଚାଲିଛି। ରାୟଗଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଓ ଅନ୍ୟାନ୍ୟ ଶିକ୍ଷାପ୍ରତିଷ୍ଠାନର ଛାତ୍ର-ଛାତ୍ରୀ ମାନେ ଏଥିରେ ସାମିଲ ହୋଇ ନାରା ବାଜି ଏବଂ ବ୍ୟାନର ଧାରଣ କରି ନଗର ପରିକ୍ରମା କରିଥିଲେ। ଏହି ଆନ୍ଦୋଳନ ମାଧ୍ୟମରେ ଏମିତି ଏକ ସନ୍ଦେଶ ଦିଆଯାଇଛି ଯେ ରାଜ୍ୟରେ ନାରୀ ସୁରକ୍ଷା ପାଇଁ ତୁରନ୍ତ ଦୃଢ଼ ପଦକ୍ଷେପ ନିଆଯାଉ। ଅନ୍ତରେ, ଛାତ୍ର-ଛାତ୍ରୀ ମାନେ ରାୟଗଡ଼ା ଆରକ୍ଷୀ କାର୍ଯ୍ୟାଳୟରେ ପହଞ୍ଚି ଆରକ୍ଷୀ ଅଧିକାରୀଣୀ ସ୍ୱାତି ଏସ କୁମାରଙ୍କୁ ଏକ ସ୍ମାରକ ପତ୍ର ହସ୍ତାନ୍ତର କରିଛନ୍ତି।

# ନର୍ଲାରେ ଫ୍ଲାଗ ଅପ୍ ସେରିମୋନି




**ନର୍ଲା,୭।୮(ସଂଚାର ବ୍ୟୁରୋ):** ଆନ୍ତର୍ଜାତିୟ ପର୍ବତାରୋହୀ ରାହୁଲ ପଧାନ ଏହି ମାସରେ ତାଞ୍ଜାନିଆର ମାଉଣ୍ଟ କ୍ଲୀ ମଞ୍ଜାରୋ ସୃଙ୍ଗ ଆରୋହଣ କରିବେ। ଏହି ଶୃଙ୍ଗାର ଉଚ୍ଚତା ୫ହଜାର ୮ଶହ ୯୫ ମିଟର। ତେଣୁ ତାଙ୍କୁ ଉତ୍ସାହିତ କରିବା ପାଇଁ ଗୁରୁବାର ନର୍ଲା ବ୍ଲକ୍ ପରିସରରେ ଫ୍ଲାଗ ଅପ୍ ସେରିମୋନି ଆୟୋଜିତ ହୋଇଯାଇଛି। ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ଏହି ସମାରୋହରେ ଯୋଗଦେଇ ପର୍ବତାରୋହୀ ରାହୁଲ ପ୍ରଧାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିରେ ବରିଷ୍ଠ ସାମ୍ବାଦିକ ଅଭିରାମ ନନ୍ଦ, ନର୍ଲା ଜିଲ୍ଲାପରିଷଦ ସଦସ୍ୟ ହରିଶଙ୍କର ମାଝୀ ଓ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଦେପୁର ଗ୍ରାମର ବ୍ୟାସଦେବ ପ୍ରଧାନଙ୍କ ସୁପୁତ୍ର ରାହୁଲ ପଧାନ ଗତ ୨୦୨୪ ମସିହା ଅଗଷ୍ଟ ମାସରେ ୟୁରୋପର ଉଚ୍ଚତମ ଶୃଙ୍ଗ ମାଉଣ୍ଟ ଏଲ ବୃଷ ଯାହାର ଉଚ୍ଚତା ୫ହଜାର ୬ଶହ ୪୨ ମିଟର ଚଢ଼ିଥିଲେ। ଏବେ ମାଉଣ୍ଟ କ୍ଲୀ ମଞ୍ଜାରୋ ସୃଙ୍ଗ ଆରୋହଣ କରିବାକୁ ଯାଉଛି ବୋଲି ଫ୍ଲାଗ ଅପ୍ ସେରିମୋନିରେ ସେ କହିଛନ୍ତି। ନର୍ଲା ବିଡ଼ିଓ ବିପିନ ବିହାରୀ ଦୀପ ମଧ୍ୟ ରାହୁଲଙ୍କୁ ଶୁଭେଚ୍ଛା ଜଣାଇବା ସହ ସେ କୃତକାର୍ଯ୍ୟ ହୋଇ ଫେରିଲେ ତାଙ୍କୁ ବ୍ଲକ ପରିସରରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯିବ ବୋଲି କହିଛନ୍ତି।

# ନିବେଦନ ପରେ ବି ମିଳୁନି ମେଗା ଜଳ ଇନ୍ଦ୍ରାବତୀ

## ମୁଖ୍ୟ ରାସ୍ତା ରୋକ କଲେ ମାଉସୀମା କଲୋନୀ ବାସି

**ତେନ୍ତୁଳିଖୁଣ୍ଟି,୭।୮(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ପରଜା ବାରଙ୍ଗପଦର ପଞ୍ଚାୟତ ଖାଡିଗୁଡ଼ା ଗ୍ରାମର ମାଉସୀମା କଲୋନି, ବଜାର ସାହି, ପ୍ରକଳ୍ପ ର ମେନ୍ ରୋଡ କଲୋନୀ ବାସୀ ମେଗାଜଳ ଯୋଗାଣ ପ୍ରକଳ୍ପ ର ପାଣି ଆଜି ଯାଏଁ ପାଇ ପାରିନାହାନ୍ତି।ଅପରପକ୍ଷେ ଖାଡିଗୁଡ଼ା ଗ୍ରାମର ଅନ୍ୟ ସାହି ବାସୀ ପାଣି



ପାଇ ପାରୁଛନ୍ତି। ୨୧ ମଇରେ ମାଉସୀମା କଲୋନୀର ଶତାଧିକ ମହିଳା ମେଗା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଜୁନ ତିରିଶ ସୁଦ୍ଧା ପାଣି ପହଞ୍ଚାଇବା ବ୍ୟବସ୍ଥା କୋରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ରୁ ଫେରିଥିଲେ। ଜୁନ ତିରିଶ ସୁଦ୍ଧା ତ ହୋଇ ପାରିଲାନି ଜୁଲାଇ ତିରିଶରେ ପାଇପ ବିଛାଇବା ପାଇଁ ଖୋଳିବାକୁ ଆରମ୍ଭ କରି ତିରିଶ ମିଟର ପରେ କିଛି ବ୍ୟକ୍ତି ଆମ ଯାଗା ଉପରେ କରିଲେ କ୍ଷତି ପୂରଣ ଦିଆ ନ ହେଲେ କାମ ବନ୍ଦ କର ବୋଲି କହି କାର୍ଯ୍ୟ ବନ୍ଦ କରି ଥିଲେ। ମୁଖ୍ୟ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀନରେ ଥିବା ବେଳେ ରାସ୍ତା ପାର୍ଶ୍ୱ ବର୍ମ କିଭଳି ବ୍ୟକ୍ତିଗତ ବା ଘରୋଇ ସମ୍ପତ୍ତି ହୋଇ ପାରିବ? ବାଧା ଦୂର ନ ହେଲେ ପାଇପ ବିଛାଇ ପାରିବୁନି କହି ମେଗା ଜଳ ଯୋଗାଣ ପ୍ରକଳ୍ପ ଅଧିକାରୀ କାମ ବନ୍ଦ କରିଦେଲେ। ପାଣି ବ୍ୟବସ୍ଥା ପାଇଁ ଠିକା ସଂସ୍ଥା ସମ୍ମୁଖୀନ ହେଉଥିବା ପ୍ରତିବନ୍ଧକ ଦୂର କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ତହସିଲ ଦାର ପୁଷ୍ପାଞ୍ଜଳି ଦଣ୍ଡ ପାଟଙ୍କୁ ନିବେଦନ କରିଥିଲେ ସୁଦ୍ଧା ସମାଧାନ ହୋଇ ନ ଥିବା ଯୋଗୁଁ ଆଜି ଇନ୍ଦ୍ରାବତୀ ମୁଖ୍ୟ ହାଇମେକ୍ସ ଛକ ନିକଟରେ କଲୋନୀ ବାସି ସହ ସ୍ଥାନୀୟ ବାସିନ୍ଦା ରାସ୍ତା ରୋକ କରିଛନ୍ତି। ଏହି ସ୍ଥାନରେ ସ୍ଥାନୀୟ ସରପୋଞ୍ଚ ବନ୍ଦିତା ନାୟକ, ସମିତି ସଭ୍ୟ ଶୁକଆନ୍ତି ମହାନ୍ତି ମଧ୍ୟ ସାମିଲ ହୋଇଥିବା ଦେଖିବାକୁ ମିଳିଛି।ଅଗଷ୍ଟ ଶେଷ ସୁଦ୍ଧା ସମସ୍ୟା ର ସମାଧାନ କୋରାଯିବ ବୋଲି ତେନ୍ତୁଳୀଖୁଣ୍ଟି ତୋହସିଲ ଦାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ରୋକରୁ ମହିଳା ମାନେ ଉଠିଥିଲା।

# ୱାର୍ଡ ବାସୀଙ୍କ ୧୬ର ବିଭିନ୍ନ ସମସ୍ୟା ବୁଝିଲେ ବିଧାୟକ

**ଯାଜପୁର ରୋଡ଼,୭।୮(ସଂଚାର ବ୍ୟୁରୋ):** କୋରେଇ ବିଧାୟକ ଶ୍ରୀ ଆକାଶ ଦାସନାୟକ ଆଜି ବ୍ୟାସନଗର ପୌରାଅଞ୍ଚଳ ସହରର ୱାର୍ଡ ନମ୍ବର - ୧୬ ଅଞ୍ଚଳ ପରିଦର୍ଶନ କରି ଉକ୍ତ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଏହି ୱାର୍ଡର ରାସ୍ତାଘାଟ ସମସ୍ୟା, ଉମାପଦା ହାଇସ୍କୁଲରେ ଶିକ୍ଷକ ଅଭାବ ଓ ହାଉସିଂ ବୋର୍ଡ ସ୍ଥିତ 'ଓଁ ଶ୍ରୀ ଶ୍ରୀ ବାବା ବିଶ୍ୱନାଥ ମହାଦେବ ମନ୍ଦିର'କୁ ପରିଦର୍ଶନ କରିଥିଲେ। ମନ୍ଦିରର ମୁଖ୍ୟପୂଜକ ବ୍ରାହ୍ମଣ ପଣ୍ଡିତ ଶ୍ରୀ ଶ୍ରୀ ବଳରାମ ଦାଶ ତାଙ୍କ ମଥାରେ ଠାକୁରଙ୍କ ଚନ୍ଦନ



ତିଳକ ଲଗାଇଥିଲେ। ବିଧାୟକ ଶ୍ରୀ ଦାସନାୟକ ମନ୍ଦିରର ବେଢ଼ାରେ କିଛି ବସିଥିଲେ। ଉକ୍ତ ସ୍ଥାନୀୟ ଅଞ୍ଚଳର ଅନେକ ବୃଦ୍ଧ ବ୍ୟକ୍ତି ମାନେ ବିଧାୟକ ଶ୍ରୀ ଦାସନାୟକଙ୍କୁ ଭେଟିଥିଲେ। ମହାଦେବ ସେନା ଅନୁଷ୍ଠାନର ସଦସ୍ୟ ମାନେ ଉକ୍ତ ମନ୍ଦିରର ମୁଖ୍ୟ ସମସ୍ୟା ବିଷୟରେ ଜଣାଇଥିଲେ। ମନ୍ଦିର ପରିସର ଖୋଲାମେଲା ଥିବା ଯୋଗୁଁ ଅସ୍ୱଚ୍ଛ ପରିବେଶ ସୃଷ୍ଟି ହେଉଛି ଏବଂ ଠାକୁରଙ୍କ ପ୍ରାଙ୍ଗଣରେ ଥିବା ଅସମ୍ପୂର୍ଣ୍ଣ ଅଧପନ୍ତରିଆ ରହିଥିବା ଗୃହ କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ।

# ତ୍ରିରଙ୍ଗା ଯାତ୍ରା ଓ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ

**ସାଲେପୁର,୭।୮(ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟି କଟକ ଗ୍ରାମୀଣ ଜିଲ୍ଲା ର ସଭାପତି ଶ୍ରୀଯୁକ୍ତ ରାମ ନାରାୟଣ ମହାନ୍ତି ଙ୍କ ନେତୃତ୍ୱ ରେ କଟକ ସ୍ଥିତ ସର୍କିଟ ହାଉସ ଠାରେ ଭାରତ ବର୍ଷର ଜସସ୍ୱି ପ୍ରଧାମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ ଆଗ୍ରହ କ୍ରମେ ହେବାକୁ ଥିବା ଦେଶ ବ୍ୟାପି ତ୍ରିରଙ୍ଗା ଯାତ୍ରା ଓ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ରେ ରାଷ୍ଟ୍ରୀୟ ପରିଷଦର ସଦସ୍ୟ ଶ୍ରୀଯୁକ୍ତ ବଜେନ୍ଦ୍ର ରାୟ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଚୌଧୁରୀ ହେମନ୍ତ କୁମାର ସାହୁ, ବରିଷ୍ଠ କାର୍ଯ୍ୟକର୍ତ୍ତା ଶ୍ରୀଯୁକ୍ତ କୁଞ୍ଜ ମୋହନ ସେଠୀ ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ର ନେତା ଶ୍ରୀଯୁକ୍ତ ସୁମନ୍ତ ଘଡେଇ, ସମସ୍ତ ମଣ୍ଡଳ ର ମଣ୍ଡଳ ସଭାପତି ପ୍ରମୁଖ ବହୁ ମାନ୍ୟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ ।

# ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଓ ନାରୀର ସୁରକ୍ଷା ଦାବିରେ ଡିଜିଙ୍କୁ ସ୍ମାରକପତ୍ର

**ବାଲିଆପାଳ,୭।୮(ସଂଚାର ବ୍ୟୁରୋ):** ସମଗ୍ର ରାଜ୍ୟରେ ଛାତ୍ରୀ ଓ ମହିଳାଙ୍କ ଉପରେ ନିର୍ଯ୍ୟାତନା, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବାକୁ ଲାଗିଛି। ଏହାର ପ୍ରତିବାଦରେ ବାଲିଆପାଳ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବାଲିଆପାଳ ଥାନାରେ ଉପସ୍ଥିତ ହୋଇ ଏକ ଦାବି ପତ୍ର ଡିଜିଙ୍କ ଉଦ୍ଦେଶ୍ୟରେ ଥାନା



ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଓଡ଼ିଶାରେ ନାରୀ ଓ ଛାତ୍ରୀମାନଙ୍କ ପ୍ରତିଅସାଦାଚରଣ, ଅପହରଣ, ଦୁଷ୍କର୍ମ, ଗଣ ଦୁଷ୍କର୍ମ, ହତ୍ୟା, ପର୍ଯ୍ୟଟନ ସ୍ଥଳୀରେ ଅସାଦାଚରଣ ବଢ଼ିବା ସହ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡୁଛି ବୋଲି ଉକ୍ତ ଦାବି ପତ୍ରରେ ଦର୍ଶାଯାଇଛି। ଏହା ସହିତ ଅନୁସୂଚିତ ଜାତି ଓ ଜନଜାତି ସ୍କୁଲ ନିବାସରେ ନାବାଳିକା ଛାତ୍ରୀ ଗର୍ଭବତୀ ହେବା ପରିତାପର ବିଷୟ।ରାଜ୍ୟରେ ଛାତ୍ରୀ ଓ ନାରୀମାନଙ୍କ ଉପରେ ଘଟିଥିବା ସମସ୍ତ ଦୁର୍ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ, ଦୋଷୀ ମାନଙ୍କୁ ଉପରେ ଦୃଷ୍ଟାନ୍ତ ମୂଳକ କାଯ୍ୟାନୁଷ୍ଠାନ, ଶିକ୍ଷାନୁଷ୍ଠାନରେ ଛାତ୍ରୀମାନଙ୍କ ଲାଗି ସେମାନଙ୍କ ସୁରକ୍ଷା ବୃଦ୍ଧି କରିବା ପାଇଁ ଦାବି କରିଛନ୍ତି ବାଲିଆପାଳ ବ୍ଲକ ବିଜେଡିର ବ୍ଲକ ସଭାପତି ଗୋବିନ୍ଦ ଦାସ, କୃଷ୍ଣ ଚନ୍ଦ୍ର ଯୋଗାଇ ମହାବିଦ୍ୟାଳୟ ଓ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ବହୁ ଛାତ୍ର ଛାତ୍ରୀ।

# ଜିଲ୍ଲା ମହାବିଦ୍ୟାଳୟ ସଂଘ ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଫୁଲବାଣୀ,୭।୮(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଅଧ୍ୟାପକ ଓ କର୍ମଚାରୀ ସଂଘ ର ସଭାପତି ଡକ୍ଟର ପ୍ରଶାନ୍ତ କୁମାର କର ଙ୍କ ନେତୃତ୍ୱ ରେ ଶତାଧିକ ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ଶୋଭାଯାତ୍ରା ଜିଲ୍ଲାରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜିଲ୍ଲାପାଳ ଶ୍ରୀ ବେଦ ଭୂଷଣ ଙ୍କୁ ର ଚାକିରୀ ସର୍ତ୍ତବଳୀ ଓ ପେନସନ ପ୍ରଦାନ ପାଇଁ ଏକ ଦାବି ପତ୍ର



ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଙ୍କ ଉର୍ଦ୍ଧେଶ୍ୟ ରେ ଜିଲ୍ଲା ପାଳଙ୍କୁ ପ୍ରଦାନ କରାଗଲା। ଏଥିରେ କନ୍ଧମାଳ ଜିଲ୍ଲା ର ସମସ୍ତ ଅଧ୍ୟକ୍ଷ ଅଧ୍ୟାପକ ତଥା ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ଡକ୍ଟର ସତ୍ୟ ପାଣିଗ୍ରାହୀ ଡକ୍ଟର ସନ୍ତୋଷ ପ୍ରଧାନ ନବଘନ ସାହୁ, ଦିବାକର ବେହେରା, ଶିବ ଶଙ୍କର ସାହୁ, ପ୍ରଦୀପ୍ତ ବିଶ୍ୱାଳ, ନେତ୍ରଭାନୁ ପାଇକ ପ୍ରମୁଖ ଉପସ୍ଥିତ ଥିଲେ।

● କୋକସରା ପଞ୍ଚାୟତ ସମିତି ବୈଠକ

# ଉନ୍ନୟନ କାର୍ଯ୍ୟ ଉପରେ ମତ ରଖିଲେ ଜନ ପ୍ରତିନିଧି

**ଭବାନୀପାଟଣା,୭।୮(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ପଞ୍ଚାୟତ ସମିତି ସଭାଗୃହ ରେ ଗୁରୁବାର ବ୍ଲକ ର ୨୨ ପଞ୍ଚାୟତ ର ନିର୍ବାଚିତ ଜନ



ପ୍ରତିନିଧି ଓ ବ୍ଲକ ର ବିଭିନ୍ନ ବିଭାଗୀୟ ଅଧିକାରୀ ଙ୍କୁ ନେଇ ସମିତି ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।କୋକସରା ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ରିତା ଅଗ୍ରୱାଲ ଙ୍କ ଅଧ୍ୟକ୍ଷତାରେ ଏହି ସମିତି ବୈଠକରେ ବିଧାୟକ ପ୍ରତିନିଧି ତ୍ରିନାଥ ଶବର, ସାଂସଦ ପ୍ରତିନିଧି ପ୍ରମୋଦ କୁମାର ପ୍ରଧାନୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ କୁମାର ମାଝୀ, ତ୍ରିନାଥ ବାଗ, ବୈଜୟନ୍ତି ପୁଝାରି, ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଜିପିଡ଼ିଓ ରାଜେନ୍ଦ୍ର ପାତ୍ର ପୂର୍ବ ବୈଠକ ର ବିବରଣୀ ପ୍ରଦାନ କରିବା ପରେ ଖୁଣ୍ଟିଆ ପଞ୍ଚାୟତ ର ଦିବଙ୍ଗତ ସମିତି ସଭ୍ୟ ଦେବେନ୍ଦ୍ର ଧରୁଆ ଙ୍କ ବିୟୋଗ ରେ ନିରବ ପ୍ରାର୍ଥନା କରିଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗ ର ଅଧିକାରୀ ଡ଼. ତତ୍ୱଦର୍ଶୀ ଦାସ ଙ୍କୁ ବିଗତ କିଛିଦିନ ତଳେ ସର୍ଗିପାନି ଗ୍ରାମ ର ଗର୍ଭବତୀ ମହିଳାଙ୍କ ବାଟରେ ପ୍ରସବ ଘଟଣା ନେଇ ଉପାଧ୍ୟକ୍ଷ ପ୍ରଶ୍ନ କରିଥିଲେ ଓ ଏହାର ଉତ୍ତର ରେ ସ୍ୱାସ୍ଥ୍ୟ ଅଧିକାରୀ ଆମପାଣି ପଞ୍ଚାୟତ ର ଦୁର୍ଗମ ଅଞ୍ଚଳ ର ପ୍ରସୂତି ଙ୍କ ପାଇଁ ଏକ ମା ଗୃହ ଆମପାଣି ଠାରେ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା, ଯଦି ମା ଗୃହ ନିର୍ମାଣ ହେବ ତାହେଲେ ପ୍ରସୂତି ମହିଳା ଙ୍କୁ ପୂର୍ବରୁ ମା ଗୃହ ରେ ରଖି ନିରାପଦ ପ୍ରସବ କରାଇହେବ ବୋଲି ମତ ଦେଇଥିଲେ।

# ସ୍ୱାଧୀନତାର ଦୀର୍ଘ ବର୍ଷ ପରେବି ଅନ୍ଧାରରେ ଜୀବନ ବିତାଉଛନ୍ତି ଗ୍ରାମବାସୀ

**କଳାହାଣ୍ଡି,୭।୮(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ପଞ୍ଚାୟତର ଏକ ଆଦିବାସୀ ଗାଁ ଆମଠାପଦର। ଏଠାରେ ୩୦ଟି ପରିବାର ବସବାସ କରୁଛନ୍ତି। ପଞ୍ଚାୟତ ମୁଖ୍ୟାଳୟରୁ ମାତ୍ର ୪ କିମି ଦୂରରେ ଥିବା ଏହି ଗାଁରେ ସମସ୍ୟା ଅନେକ ରହିଛି। କିନ୍ତୁ ମୁଖ୍ୟ ସମସ୍ୟା ହେଉଛି ବିଜୁଳି। ଗାଁରେ ବିଜୁଳି ସଂଯୋଗ ପାଇଁ ପ୍ରଶାସନ ଓ ବିଦ୍ୟୁତ ବିଭାଗ ନିକଟରେ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରି ଆସୁଥିଲେ ହେଁ କିଛି ଲାଭ ହେଉନାହିଁ। ୨୦୧୨ ମସିହାରେ ତ୍ରିଲୋଚନପୁର ପଞ୍ଚାୟତର ବିଭିନ୍ନ ଗାଁକୁ ବିଜୁଳି



ସଂଯୋଗ କରିବା ପାଇଁ ସର୍ଭେ କାମ ଆରମ୍ଭ ହୋଇ ୨୦୧୩ ଜୁନ୍ ୧୩ ତାରିଖରେ ବିଦ୍ୟୁତ ସଂଯୋଗ ହୋଇଥିଲା। କିନ୍ତୁ ଏହି ସର୍ଭେରେ ତ୍ରିଲୋଚନପୁର ପଞ୍ଚାୟତର ୧୦ରୁ ଅଧିକ ଗାଁ ବାଦ ପଡ଼ିଥିଲା। ତନ୍ମଧ୍ୟରୁ ଆମଠାପଦର ଗାଁ ଅନ୍ୟତମ। ଗାଁର ୩୦ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇ ଥିବା ବେଳେ ସେମାନେ ଅନ୍ତୋଦୟ ଅନ୍ନ ଯୋଜନାରେ ସାମିଲ ରହିଥିବାରୁ ବିଜୁଳି ସଂଯୋଗ ହୋଇପାରିଲା ନାହିଁ। ଗ୍ରାମବାସୀ ଅଭିଯୋଗ କରିବାରୁ ବିପିଏଲ ତାଲିକାରେ ଗାଁର କେହି ଅନ୍ତର୍ଭୁକ୍ତ ନଥିବାରୁ ବିଦ୍ୟୁତ ବିଭାଗ ପକ୍ଷରୁ ବିଜୁଳି ଦିଆଯିବ ନାହିଁ ବୋଲି କୁହାଯାଇଥିଲା। ତେବେ ଗାଁକୁ ବିଜୁଳି ସଂଯୋଗ କରାଯିବ କହି ୨୦୧୯ -୨୦ ମସିହାରେ ଗାଁରେ ୩ଟି ଡିପ ବୋରୱେଲ ଖୋଳାଗଲା। ଏହା ସତ୍ତ୍ୱେ ୫ ବର୍ଷ ହେଲା ସେଠାରେ ମୋଟର ସଂଯୋଗ କରାଯାଇ ନାହିଁ। ଗାଁର ୨ କିମି ଦୂରରେ ଥିବା ନାଳରୁ ପାଇପ୍ ଯୋଗେ ପାଣି ଯୋଗାଣ ପାଇଁ ବ୍ଲକ୍ ପ୍ରଶାସନ ପକ୍ଷରୁ ୨୦୧୯-୨୦ ମସିହାରେ ସିନଟେକ୍ସ ପାଣି ଟାଙ୍କି ଓ ପାଇପ ଗାଁ ମୁଣ୍ଡରେ ରଖାଯାଇଥିଲା। ଘରକୁ ଘର ଜଳ ଯୋଗାଣ ପାଇଁ ପାଣି ପଏଣ୍ଟ ମଧ ସ୍ଥାପନ କରାଗଲା। ଗାଁରେ ବିଜୁଳି ନଥିବା ଯୋଗୁଁ ତାହା କୌଣସି କାମରେ ଆସିଲା ନାହିଁ। ସେହିପରି ୨୦୨୧ ମସିହାରେ ଗାଁରେ ନୂତନ ଭାବେ ଏକ ଡିପ ବୋରୱେଲ ଖୋଳା ଯାଇ ବିଜୁଳି ବଦଳରେ ସୋଲାର ସଂଯୋଗ କରାଯାଇଛି। ଯାହା ଫଳରେ ଗାଁର ୬ ଘରକୁ କଷ୍ଟେ ମଷ୍ଟେ ପାଣି ପହଞ୍ଚୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେଣୁ ଗ୍ରାମ ନିକଟସ୍ଥ ନିୟମଗିରି ପାହାଡ଼ରୁ ଆସିଥିବା ଝରଣା ପାଣିକୁ ଗ୍ରାମବାସୀ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି। ବିଜୁଳିକୁ ନେଇ ଲାଞ୍ଜିଗଡ ପଞ୍ଚାୟତ ସମିତି ବୈଠକ ଓ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ପରେବି ଗାଁକୁ ବିଜୁଳି ମିଳୁନାହିଁ। ତେଣୁ ଏହି ଗାଁ ବିଜୁଳି ସମସ୍ୟା ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।




# 'ହ୍ୟାପି ହର୍ମୋନ' ସକ୍ରିୟ ରହିଲେ ମିଳିବ ଖୁସି



ମନୁଷ୍ୟ ଶରୀରକୁ ମସ୍ତିଷ୍କ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରେ। ଦୈନନ୍ଦିନ କାର୍ଯ୍ୟ ପ୍ରଣାଳୀ, ଖାଦ୍ୟପେୟ, ନିଦ୍ରା, ବ୍ୟାୟାମ ଓ ବିଶ୍ରାମ ଅନୁସାରେ ମସ୍ତିଷ୍କ ପ୍ରଭାବିତ ହୋଇଥାଏ। ସମ୍ପ୍ରତି ଚିନ୍ତା କାରଣରୁ ଲୋକ ଅଧିକ ଅବସାଦଗ୍ରସ୍ତ ହେଉଛନ୍ତି। ହେଲେ ଏକ ସୁସ୍ଥ ଶରୀର ପାଇଁ ମସ୍ତିଷ୍କ ସୁସ୍ଥ ରହିବା ନିହାତି ଆବଶ୍ୟକ। ମସ୍ତିଷ୍କ ହିଁ ମନ ଆଉ ଶରୀରକୁ ସୁସ୍ଥ ଓ ସତେଜ ରଖେ। ତେଣୁ ମସ୍ତିଷ୍କକୁ ସୁସ୍ଥ ରଖିବା ପାଇଁ ମୁଖ୍ୟତଃ ୪ ପ୍ରକାର ହର୍ମୋନର ଆବଶ୍ୟକତା ରହିଛି। ଏଗୁଡ଼ିକ ହେଲା, ଡୋପାମାଇନ୍, ସେରୋଟନିନ୍, ଏଣ୍ଡରଫିନ୍ ଏବଂ ଅକ୍ସିଟୋସିନ୍। ଏସବୁ ହର୍ମୋନ ବୃଦ୍ଧି କିପରି ହେବ ଏବଂ ଏହା ମନୁଷ୍ୟ ଶରୀର ଉପରେ କିପରି ପ୍ରଭାବ ପକାଇଥାଏ ସେ ବିଷୟରେ ଜାଣିବାଙ୍କ

**ଡୋପାମାଇନ୍ ହର୍ମୋନ୍:** ଯେତେବେଳେ ଆମେ କୌଣସି କାର୍ଯ୍ୟ ହାସଲ ବା ସଫଳତା ପାଇବା କିମ୍ବା କୌଣସି ଲୋଭନୀୟ ଖାଦ୍ୟ ଖାଇବାର ଅପେକ୍ଷାରେ ଥାଉ ଏବଂ ତାହା ମିଳିଯିବା ସମୟରେ ଆମେ ଅତ୍ୟଧିକ ଖୁସିରେ ଭାବପ୍ରବଣ ହୋଇଯାଉ। ଏହି ଖୁସିର କାରଣ ହେଉଛି ଡୋପାମାଇନ୍ ହର୍ମୋନ୍। ଅଧିକ ଖୁସିରୁ ଶରୀରରେ ଏହି ଡୋପାମାଇନ୍ ହର୍ମୋନ କ୍ଷରଣ ହୁଏ। ଏହା ମସ୍ତିଷ୍କ ଉପରେ ଗଭୀର ପ୍ରଭାବ ପକାଏ। ଏଇ ଆନନ୍ଦ ଭାବ ହିଁ ଶରୀରରୁ ଷ୍ଟ୍ରେସ୍ ବା ଚାପ ଦୂର କରିବାରେ ସହାୟକ ହୋଇଥାଏ। ତେଣୁ ନିଜକୁ ଖୁସି ଦେଉଥିବା କାମ କରନ୍ତୁ।

**ସେରୋଟନିନ୍:** ଖୁସିରେ ରହିବାକୁ ସମସ୍ତେ ଚାହାଁନ୍ତି। ତେଣୁ ଯେତେବେଳେ ବହୁତ୍ କିଛି କାମକରି ହାଲିଆ ହୋଇଯାଉ କିମ୍ବା କୌଣସି ଘଟଣାକୁ ନେଇ ଦୁଃଖ, ଦୁଶ୍ଚିନ୍ତା ବା ଅନୁଶୋଚନାରେ ଥାଉ, ସେତେବେଳେ ଘର ଠାରୁ ଟିକେ ଦୂରକୁ ଯାଇ ସୂର୍ଯ୍ୟମନସ୍କ ହୋଇ ବସିବା। ଏହି ଏକନିଷ୍ଠ ବା ଧ୍ୟାନସ୍ଥ ହୋଇ ବସିବା ଦ୍ୱାରା ସୂର୍ଯ୍ୟଙ୍କ କିରଣରୁ ଆମ ଶରୀର ଏଇ ସେରୋଟନିନ୍ ହର୍ମୋନ୍ ଜାତ କରାଏ। ଯାହା ଆମ ଅଜାଣତରେ ଆମ ବ୍ରେନ୍ ବା ମସ୍ତିଷ୍କ ମାଧ୍ୟମରେ ମନ ଆଉ ଶରୀରକୁ ଚାପରୁ ମୁକ୍ତି ଦେଇଥାଏ। ନିୟମିତ ଯୋଗ କିମ୍ବା ପ୍ରାଣାୟମ କରିବା ସହ ପ୍ରତ୍ୟେକ କ୍ଷେତ୍ରରେ କୃତଜ୍ଞତା ଜଣାଇବା ଅଭ୍ୟାସ ବଜାୟ ରଖିଲେ ସେରୋଟୋନିନ ସ୍ତର ବୃଦ୍ଧି ପାଇବା ସହ ଖୁସି ଭାବନା ବଢ଼େ।

**ଏଣ୍ଡୋରଫିନ୍:** ଏ ପ୍ରକାର ହର୍ମୋନ ସାଧାରଣତଃ ନିୟମିତ ସକାଳୁଆ ବ୍ୟାୟାମ, ବୁଲିବା, ଚାଲିବା, ଦୌଡ଼ିବା ଦ୍ୱାରା କ୍ଷରଣ ହୋଇଥାଏ। ମନଖୋଲା ହସିବା ଏବଂ ମସଲାଯୁକ୍ତ ସୁସ୍ୱାଦୁ ଖାଦ୍ୟ ଖାଇବା ବେଳେ ମଧ୍ୟ ଏଣ୍ଡୋରଫିନ୍ ଜାତୀୟ ହର୍ମୋନ ନିର୍ଗତ ହୋଇଥାଏ। ଏହା ବ୍ରେନ୍ ବା ମସ୍ତିଷ୍କକୁ ପ୍ରଭାବିତ କରି ମନକୁ ପ୍ରଫୁଲ୍ଲ ରଖେ। ଏହି ହର୍ମୋନ୍ ବୃଦ୍ଧି ପାଇଁ ନିୟମିତ ୮ଘଣ୍ଟା ଶୋଇବା ସହ ଗଭୀର ନିଃଶ୍ୱାସପ୍ରଶ୍ୱାସ ନେବାର ଆବଶ୍ୟକତା ରହିଛି।

**ଅକ୍ସିଟୋସିନ୍:** ଅକ୍ସିଟୋସିନ୍ ହର୍ମୋନ୍ ସୁନ୍ଦର ଅନୁଭବ ଦିଏ। ବହୁ ପ୍ରତୀକ୍ଷିତ ବନ୍ଧୁଙ୍କୁ ପାଖରେ ପାଇ ଆଲିଙ୍ଗନ କରିବା ବା କୁଣ୍ଢାଇ ଧରିବା ବେଳେ ଶରୀରରୁ ଏହି ପ୍ରକାର ହର୍ମୋନ ନିର୍ଗତ ହୋଇଥାଏ। ଏହା ଆମ ମନରେ ଶାନ୍ତି ଭରି ଦେଇଥାଏ। ଏମିତି ଯେତେବେଳେ ଜଣେ ପ୍ରେମରେ ଥାଆନ୍ତି ତଥା ରୋମାନ୍ସ କରନ୍ତି, ସେହି ସମୟରେ ଅକ୍ସିଟୋସିନ ନାମକ ହର୍ମୋନ କ୍ଷରିତ ହୋଇଥାଏ। ନିଜ ଲୋକଙ୍କ ସହ ସମୟ ବିତାଇବା ଦ୍ୱାରା ଅକ୍ସିଟୋସିନ୍‌ନିର୍ଗତ ହୋଇଥାଏ। ଆମ ଶରୀର ଏମିତି ଏକ ଯୌଗିକ ପ୍ରକ୍ରିୟାରେ ଗଠନ ହୋଇଛି, ଯାହାର ସୁସ୍ଥତା ଆମର ବ୍ୟବହାର, ଖାଦ୍ୟପେୟ, ଚାଲିଚଳନ ଓ କାର୍ଯ୍ୟଶୈଳୀ ଉପରେ ସଂପୂର୍ଣ୍ଣ ନିର୍ଭର କରେ। ତେଣୁ ଏ ସବୁ ବିଷୟ ପ୍ରତି ଧ୍ୟାନ ଦେଇ ଉପଯୁକ୍ତ ମାର୍ଗରେ ପରିଚାଳିତ ହେଲେ ଆମେ ଦୀର୍ଘାୟୁ ଏବଂ ନିରୋଗ ରହି ପାରିବା।

## କୋଲ୍ଡ ଇନ୍‌ଟଲେରାନ୍ସ



ସମ୍ପ୍ରତି ଅଧିକ ତାପମାତ୍ରା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅସହ୍ୟ ଗୁଳିଗୁଳିରେ ଲୋକେ ଘରୁ ବାହାରିପାରୁନଥିବା ବେଳେ ଏମିତି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କୁ ଅସହ୍ୟ ଗରମରେ ମଧ୍ୟ ଥଣ୍ଡା ଅନୁଭୂତ ହୋଇଥାଏ। ଏହି ଗମ୍ଭୀର ସମସ୍ୟାକୁ ଡାକ୍ତରୀ ଭାଷାରେ 'କୋଲ୍ଡ ଇନ୍‌ଟଲେରାନ୍ସ' କୁହାଯାଏ। ସାଧାରଣତଃ ଶରୀରରେ କିଛି ଅଭାବ ଯୋଗୁଁ ଏହି ସମସ୍ୟା ଉତ୍ପନ୍ନ ହୋଇଥାଏ। ଏହି ରୋଗରେ ପୀଡ଼ିତଙ୍କୁ ୨୪ ଘଣ୍ଟା ଥଣ୍ଡା ଲାଗିଥାଏ। ଏସି ତ ଦୂର, ପଙ୍ଖା ପବନ ମଧ୍ୟ ଏମାନେ ସହ୍ୟ କରିପାରନ୍ତିନି। ତେବେ ଯେଉଁମାନେ ଗରମରେ ଥଣ୍ଡା ଅନୁଭବ କରନ୍ତି, ସେମାନଙ୍କ ଶରୀରରେ ଲୌହସାରର ଅଭାବ ରହିଥାଏ। ଶରୀରରେ ଲୌହସାରର ଅଭାବ ହେତୁ ହିମୋଗ୍ଲୋବିନ୍ ସ୍ତର କମ୍ ହୋଇଯାଇଥାଏ। ତେଣୁ ଥକ୍କାପଣ ଏବଂ କମ୍‌ଜୋର ଲାଗିଥାଏ। ସେହିପରି ପରିବର୍ତ୍ତିତ ଜଳବାୟୁରେ ଚର୍ବି ଅଭାବରୁ ମଧ୍ୟ ଏପରି ସମସ୍ୟା ହୋଇଥାଏ। ଚର୍ବିଯୁକ୍ତ ଖାଦ୍ୟର ଅଭାବରୁ ଥକ୍କାପଣ ଏବଂ ଶରୀରରେ ଅସାମାନ୍ୟ ଲକ୍ଷଣ ଦେଖାଯାଏ। ଏହା ଗମ୍ଭୀର ରୋଗକୁ ଡାକିଆଣେ।ଅନ୍ୟପଟେ ଗରମଦିନେ ଥଣ୍ଡା ଲାଗିବା ହାଇପୋଥାୟରାଇଡ୍‌କୁ ସୂଚାଏ। ଥାଇରଏଡ କାରଣରୁ ଶରୀରରେ ତାପମାତ୍ରାରେ ପରିବର୍ତ୍ତନ ଆସିଥାଏ। ଥକ୍କାସମସ୍ୟା ହୋଇଥାଏ। ତେଣୁ ଏହି ଗମ୍ଭୀର ରୋଗରୁ ଆରୋଗ୍ୟ ଲାଭ କରିବା ପାଇଁ ଭୋଜନରେ ପ୍ରତିଦିନ ଆଇରନ୍ ଯୁକ୍ତ ଖାଦ୍ୟ, ମାଛ, ସୋୟାବିନ୍, ବାଦାମ ଆଦି ସାମିଲ କରିବା ଉଚିତ। ଏହାଦ୍ୱାରା ଶରୀରରେ ରକ୍ତ ବୃଦ୍ଧି ପାଇବା ଶରୀର ଫିଟ୍ ଓ ନୀରୋଗ ରହିଥାଏ।

## ବର୍ଣ୍ଣଆଉଟ୍ ସିଣ୍ଡ୍ରୋମ୍



ଅଫିସ୍‌ରେ ଥକ୍କା ଅନୁଭବ କରିବା, କମ୍‌ଜୋର ଲାଗିବା କିମ୍ବା ଅଫିସରୁ ଘରକୁ ଯିବା ମାତ୍ରେ ବିଛଣାରେ ଶୋଇବାକୁ ମନ ହେବା ଆଦି 'ବର୍ଣ୍ଣଆଉଟ୍ ସିଣ୍ଡ୍ରୋମ୍'ର ଲକ୍ଷଣ। ଏହି ସମସ୍ୟା ଅଧିକ ଅଫିସ ଯାଉଥିବା ଲୋକଙ୍କ ଠାରେ ଦେଖିବାକୁ ମିଳେ। ଏହି ରୋଗର ଲକ୍ଷଣ ଯଥା, ଜଣେ ବ୍ୟକ୍ତି ଶାରିରୀକ ଓ ମାନସିକ ସ୍ତରରେ ଅଧିକ ଚିନ୍ତିତ ରୁହନ୍ତି। ନିକଟରେ ଏକ ଅଧ୍ୟୟନ ଅନୁଯାୟୀ ବିଶ୍ୱର ଅନ୍ୟ ଦେଶ ତୁଳନାରେ ଭାରତରେ 'ବର୍ଣ୍ଣ ଆଉଟ୍ ସିଣ୍ଡ୍ରୋମ' ମାମଲା ଅଧିକ ରହିଛି। ଏହାର ମୂଳ କାରଣ ହେଉଛି କାମର ଚାପ, ନିଜକୁ କମ୍ ଜୋର ଭାବିବା, ପ୍ରତିଯୋଗୀତା ମନୋଭାବ ଇତ୍ୟାଦି। ଭାରତରେ ଏହି ସମସ୍ୟାରେ ପ୍ରାୟ ୫୯% ଲୋକ ପିଡୀତ। ତେଣୁ ଏହି ରୋଗରେପିଡିତ ବ୍ୟକ୍ତିଙ୍କ ପାଇଁ ଥଣ୍ଡା ଦିନ ଅଧିକ ଚିନ୍ତା ବଢ଼ାଏ। ଅଧିକ ଥଣ୍ଡା ବଢ଼ିବା ସାଙ୍ଗକୁ ରକ୍ତ ସଞ୍ଚାଳନ ପ୍ରଭାବ ପଡ଼ିଥାଏ। ଏହାଦ୍ୱାରା ଲୋକେ ୱାର୍କଆଉଟ କରିପାରନ୍ତିନି ଫଳରେ ନାନା ରୋଗକୁ ଆମନ୍ତ୍ରିତ କରିଥାଏ। ତେଣୁ ସମୟ ପୂର୍ବରୁ ଏହାକୁ ଚିହ୍ନଟ କରି ଚିକିତ୍ସା ନକରାଇଲେ, ଉଚ୍ଚ ରକ୍ତଚାପ, ମସ୍ତିଷ୍କାଘାତ ହେବା, ବାରମ୍ବାର ମୁଣ୍ଡ ବିନ୍ଧା, ମାନସିକ ଚିନ୍ତା, ମୁଣ୍ଡ ବୁଲାଇବା ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ଏଥିରୁ ବର୍ତ୍ତିବା ପାଇଁ ଘରେ ଅଫିସ୍ ଚିନ୍ତା ନ କରି ପ୍ରତିଦିନ ଶାରୀରିକ ବ୍ୟାୟାମ, ଯୋଗ ଓ ପ୍ରାଣାୟମ କରିବା ଆବଶ୍ୟକ। ଓଜନ ନିୟନ୍ତ୍ରଣରେ ରଖିବା ସହ ସନ୍ତୁଳିତ ଡାଏଟ୍ ମେଣ୍ଟେନ୍ କରିବା, ଅଧିକ ନିଶା ସେବନ ଠାରୁ ଦୂରେଇ ରହିପାରିବେ। ଥଣ୍ଡାଦିନେ ଶରୀରର ଆବଶ୍ୟକତା ଅନୁଯାୟୀ ପାଣି ପିଇପାରିବେ। ଉପବାସ ନକରି ସନ୍ତୁଳିତ ଖାଦ୍ୟ ଗ୍ରହଣ କରିପାରିବେ, ରକ୍ତଚାପ କମାଇବା ପାଇଁ ଖଜୁରୀ, ଡାଲଚିନି, କିସମିସ୍, ଗାଜ, ଅଦା, ଟମାଟର ଆଦି ଖାଇପାରିବେ।

## ସ୍ୱାସ୍ଥ୍ୟପ୍ରଦ ତେଜପତ୍ର



ସ୍ୱାଦିଷ୍ଟ ବ୍ୟଞ୍ଜନ ପାଇଁ ବ୍ୟବହାର କରାଯାଉଥିବା ତେଜପତ୍ରରେ ଅନେକ ଔଷଧୀୟ ଗୁଣ ଭରିରହିଛି। ଏହାର ପତ୍ର ପରି ଛେଲି ମଧ୍ୟ ପେଟଫମ୍ପା, ଉଦାରାମୟ, ଗନେରିଆ, ଦାନ୍ତଅପରିଷ୍କାର ପ୍ରଭୃତି ବିଭିନ୍ନ ରୋଗ ଦୂର କରିଥାଏ। ତେଜପତ୍ର ବାତବ୍ୟାଧି ଓ ଆମବାତ ପ୍ରଭୃତି ଦୂର କରୁଥିବାବେଳେ ମଧୁମେହ ରୋଗୀଙ୍କ ରକ୍ତସର୍କରା ନିୟନ୍ତ୍ରଣ ପାଇଁ ତେଜପତ୍ର ବରଦାନ ସଦୃଶ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଗୁଣ ହୃଦୟକୁ ସୁସ୍ଥ ରଖିବା ସହ କୋଲେଷ୍ଟ୍ରଲ୍ ସ୍ତରକୁ ହ୍ରାସ କରାଏ। ତେବେ ଜାଣନ୍ତୁ ସ୍ୱାସ୍ଥ୍ୟପ୍ରଦ ତେଜପତ୍ର ବିଷୟରେ। ରକ୍ତ ସର୍କରା ନିୟନ୍ତ୍ରଣ ପାଇଁ ଚିକିତ୍ସକ ପରାମର୍ଶ ଅନୁଯାୟୀ ନିର୍ଦ୍ଦିଷ୍ଟ ଅନୁପାତେର ଦିନରେ ଦୁଇଥର ତେଜପତ୍ର ଗୁଣ୍ଡକୁ ପାଣିରେ ମିଶାଇ ପିଇପାରିବେ।

ସାଧାରଣ ଥଣ୍ଡାଜନିତ ସମସ୍ୟାରୁ ଉପଶମ ପାଇଁ ନଖ ଉଷୁମ ପାଣିରେ ତେଜପତ୍ର ସହିତ ମହୁ ମିଶାଇ ପିଇବା ଦ୍ୱାରା କାଶ କମ୍ ହୁଏ। ଗଳା ଯନ୍ତ୍ରଣାରୁ ଆରାମ ମିଳିଥାଏ। ଶ୍ୱାସଜନିତ ରୋଗ ପାଇଁ ତେଜପତ୍ର ବରଦାନ ସଦୃଶ। ରକ୍ତବହସ୍ରୋତ ବିକାରରେ ଅନେକ ସମୟରେ ଦେହହାତ କୁଣ୍ଡାଇ ହୁଏ। ଏଥିପାଇଁ ୫ଗ୍ରାମ ତେଜପତ୍ର ଟିକି ଟିକି କରି କାଟି ୫ରୁ ୬ କପ୍ ପାଣିରେ ଫୁଟାଇ ୨କପ୍ ହେବାପରେ ଏହାକୁ ପାନ କରିବା ଦ୍ୱାରା ଏହି ସମସ୍ୟା ଦୂର ହୁଏ। ସେହିଭଳି ୧୦ରୁ ୧୫ ତେଜପତ୍ର ଫୁଟାଇ ସେହି ପାଣିରେ ଗାଧୋଇବା ଦ୍ୱାରା ଦେହହାତ କୁଣ୍ଡାଇହେବା ଭଲ ହୁଏ। କେବଳ ସେତିକି ନୁହେଁ, ତ୍ୱଚାଜନିତ ସମସ୍ୟା ପାଇଁ ୫ରୁ ୬ ଗ୍ରାମ୍ ତେଜପତ୍ରକୁ ଗୁଣ୍ଡକରି ୨କପ୍ ଗରମ ଜଳରେ ୧୦ରୁ ୧୨ ଘଣ୍ଟା ଭିଜାଇ ରଖି ଛାଙ୍କି ୨ଥର ସେବନ କରିବା ଦ୍ୱାରା ତ୍ୱଜାରେ ଉଜ୍ଜ୍ୱଳ ଆସେ। ଅନେକ ସମୟରେ ପରିସ୍ରା ରକ୍ତ ରଙ୍ଗ ହୋଇଥାଏ। ତେଣୁ ଏହି ସମସ୍ୟା ଦୂର କରିବା ପାଇଁ ୫ରୁ ୭ ଗ୍ରାମ ତେଜପତ୍ରକୁ ଛେଚି କୁଣ୍ଡକରି ୨ରୁ ୩କପ୍ ଗରମ ଜଳରେ ୨ଘଣ୍ଟଶ ଭିଜାଇଈ ରଖି ଛାଣି ୨ରୁ୩ ଘଣ୍ଟା ବ୍ୟବଧାନରେ ଦୁଇଥର ସେବନ କରିବା ଦ୍ୱାରା ପରିସ୍ରାର ରଙ୍ଗ ସାଧାରଣ ରଙ୍ଗ ହୋଇଥାଏ। ଥଣ୍ଡାଜନିତ ସମସ୍ୟା କମ୍ କରିବାକୁ ୫ରୁ ୬ଗ୍ରାମ ତେଜପତ୍ର ଛେଳି ୩ରୁ ୪କପ୍ ପାଣିରେ ସିଝାଇ ଏକ କପ୍ କରି ଏହାକୁ ଛାଣି ପିଇବା ଦ୍ୱାରା ତଣ୍ଟି ବ୍ୟଥା ଦୂର ହୁଏ। ତେଜପତ୍ରକୁ ଚନ୍ଦନ ପରି ବାଟି ଦେହରେ ବୋଳିହୋଇେ କିଛି ସମୟ ପରେ ଗାଧୋଇବା ଦ୍ୱାରା ଘିମିରି ଦୂର ହେବା ସହ ଶରୀର ସଫା ହୋଇଥାଏ। ଏହାସହ ବେଶୀ ଝାଳ ହୁଏ ନାହିଁ।ଗରମ ଦିନରେ ବଥ ଯନ୍ତ୍ରଣା ଦୂର ପାଇଁ ତେଜପତ୍ର ଫୁଟାଇ ପାଣିରେ ଗାଧୋଇ ପାରିବେ। ଅରୁଚି ସମସ୍ୟା ଦୂର କରିବା ପାଇଁ ତେଜପତ୍ର ଜଳରେ ଫୁଟାଇ ଛାଙ୍କି ପିଇବା ଦ୍ୱାରା ଅରୁଚି ଦୂର ହୁଏ।

## ୱାଟର ମେଡିଟେସନ

ମେଡିଟେସନ ବା ପ୍ରାଣାୟମ କରିବା ଦ୍ୱାରା ମନ ଶାନ୍ତରହିବା ସହ ସକାରାତ୍ମକ ଚିନ୍ତା ଧାରା ବୃଦ୍ଧି ପାଏ। ଯଦିଓ ଚିନ୍ତାଧାରାର ବିକାଶ ଉଦ୍ଦେଶ୍ୟରେ ଅନେକ ପ୍ରକାର କୌଶଳ ରହିଛି କିନ୍ତୁ ତନ୍ମଧ୍ୟରୁ ପାରମ୍ପରିକ ୱାଟର ମେଡିଟେସନ ବା ଜଳଧ୍ୟାନ ବେଶ୍ ଲାଭପ୍ରଦ। ଜଳଧ୍ୟାନରେ ବ୍ୟକ୍ତିଙ୍କୁ ପ୍ରାୟ ଏକରୁ ଦେଢ଼ ଘଣ୍ଟା ପାଣିରେ ଧ୍ୟାନ କରିବାକୁ ହୋଇଥାଏ। ଏଥିପାଇଁ ନାଭିକୁ ପାଣିରେ ବୁଡାଇ ରଖିବାକୁ ହୁଏ। ଏପରି କରିବା ଦ୍ୱାରା ସ୍ୱାସ୍ଥ୍ୟଗତ ସମସ୍ୟା ଦୂର ହୋଇଥାଏ। କେବଳ ସେହିପରି ଜଳରେ ଧ୍ୟାନ କରିବା ଦ୍ୱାରା ପ୍ରକୃତି ସହିତ ଗଭୀର ସମ୍ପର୍କ ସ୍ଥାପନା ହୋଇଥାଏ। ଏହାଦ୍ୱାରା ଏକାଗ୍ରତା ବୃଦ୍ଧି ପାଏ। ମନ ଆନନ୍ଦିତ ରହିଥାଏ। ଆଧୁନିକ ଜୀବନରେ ନିରନ୍ତର ଗତିରୁ ମୁକ୍ତି ମିଳିଥାଏ। ୱାଟର ମେଡିଟେସନ ଦ୍ୱାରା ମାଂସପେଶୀ ଯନ୍ତ୍ରଣା କମ୍ ହୁଏ। ଶରୀର ସମ୍ପ୍ରସାରଣ ହୋଇଥାଏ। ରକ୍ତଚାପ ହ୍ରାସ ହୁଏ। ହୃଦୟକୁ ସୁସ୍ଥ ଓ ଫିଟ୍ ରଖିବାରେ ୱାଟରୀ ମେଡିଟେସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରକ୍ତସଞ୍ଚାଳନ ଭଲ ହୋଇଥାଏ। ୱାଟର ମେଡିଟେସନ ଦ୍ୱାରା ଶରୀରରେ ଅମ୍ଳଜାନ ବୃଦ୍ଧି ପାଏ। ଶାରୀରିକ ଯନ୍ତ୍ରଣାରୁ ଉପଶମ ହୁଏ। କେବଳ ସେତିକି ନୁହେଁ ୱାଟର ମେଡିଟେସନ ଦ୍ୱାରା ଶ୍ୱସନ ଜନିତ ସମସ୍ୟା ରୁହେ ନାହିଁ। ପାଣିର ଧ୍ୱନି ଧ୍ୟାନକେନ୍ଦ୍ରିତ କରିବା ସହ ଲକ୍ଷ୍ୟ ପୂରା କରିବାକୁ ଶକ୍ତି ଯୋଗାଏ। ଚିନ୍ତା ଓ ଅବସାଦ ରୁହେନାହିଁ।



## ସ୍ତନ କର୍କଟ ଚିହ୍ନଟ କରିବ ଉପକରଣ



କର୍କଟ ରୋଗ ନାଁ ଶୁଣିଲେ ଲୋକେ ଭୟ କରନ୍ତି, ଏହି ରୋଗ ଅନେକଙ୍କ ମନୋବଳ ଭାଙ୍ଗିଦେଇଥାଏ। ତେବେ ବିଭିନ୍ନ କର୍କଟ ମଧ୍ୟରୁ ମହିଳାଙ୍କଠାରେ ସ୍ତନ କର୍କଟ ଚିନ୍ତାର ବିଷୟ ପାଲଟିଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ୨୦୨୦ରେ ୨୩ଲକ୍ଷ ମହିଳା କର୍କଟର ଶୀକାର ହୋଇଥିବା ବେଳେ ତନ୍ମଧ୍ୟରୁ ଛଅଲକ୍ଷ ୮୫ହଜାର ରୋଗୀ ମୃତ୍ୟୁବରଣ କରିଥିଲେ।ଆମେରିକାନ କର୍କଟ ସୋସାଇଟ୍ ଅନୁସାରେ, ଆରମ୍ଭରୁ ସ୍ତନକର୍କଟ ଚିହ୍ନଟ କରାଗଲେ, ରୋଗୀଙ୍କୁ ବଞ୍ଚିବାର ଆଶଙ୍କା ୯୯ ପ୍ରତିଶତ ରହିଥାଏ। ସମ୍ପ୍ରତି ସ୍ତନକର୍କଟ ଚିହ୍ନଟ କରିବାକୁ ତୁର୍କୀର ମହିଳା ବୈଜ୍ଞାନିକ ଡାକ୍ତର ଜାନାନ ଦାଦେବିରେନେ ଏକ ଉପକରଣ ବିକଶିତ କରିଛନ୍ତି। ମାସାଚୁସେଟ୍ସ ଇନ୍ଷ୍ଟି ଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି)ର ମିଡିଆ ଲ୍ୟାବ୍ରେ ନିଜର ଟିମ୍ ସହିତ ମିଳିତ ସହଯୋଗରେ ଏହି ଉପକରଣ ବିକଶିତ ହୋଇଥିବାବେଳେ ଏହାକୁଅନ୍ତଃବସ୍ତ୍ରରେ ଲଗାଇବା ଦ୍ୱାରା ଏହା କର୍କଟକୁ ସହଜରେ ଚିହ୍ନଟ କରିପାରେ। ଦାଦାବିରେନ୍କ କହିବାନୁସାରେ ଯେଉଁ ମହିଳାଙ୍କଠାରେ ସ୍ତନକର୍କଟ ହେବାର ଆଶଙ୍କା ଅଧିକ ଥାଏ, ସେମାନଙ୍କୁ ମେଡୋଗ୍ରାନ୍ କରିବାକୁ ପରାମର୍ଶ ଦିଆଯାଇଥାଏ। ସେହିମାନଙ୍କ ପାଇଁ ଏହି ଉପକରଣ ବେଶ୍ ଉପଯୋଗୀ। ଅନ୍ୟପକ୍ଷେସ୍ତନ କର୍କଟ ଚିହ୍ନଟ ପରେ ରୋଗୀଙ୍କ ବଞ୍ଚିବାର ଆଶା ମଧ୍ୟ ବୃଦ୍ଧି ପାଇଥାଏ। ଏହି ଉପକରଣରେ ଭିନ୍ନ ଭିନ୍ନ ସ୍ଥାନରେ ଅଲ୍ଟ୍ରାଉଣ୍ଡ କ୍ୟାମେରା ଲାଗିଥାଏ। ଯାହାକୁ ଅନ୍ତଃବସ୍ତ୍ର ଭିତରେ ପିନ୍ଧିବା ପରେ ସ୍ତନ କର୍କଟ ବିଷିୟରେ ଜଣାପଡ଼ିଥାଏ। ଏହି ଉପକରଣର ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ୦.୩ ସେମି ଛୋଟ ଗଣ୍ଠିକୁ ମଧ୍ୟ ଚିହ୍ନଟ କରିପାରେ।

### ସୂଚନା ଅଧିକାର ଆଇନକୁ ଖଣି ଉପନିର୍ଦ୍ଦେଶକଙ୍କ ବେଖାତିର

# ଡଙ୍କାରି ତଥ୍ୟ ଲୁଚାଉଛନ୍ତି ଖଣି ଉପନିର୍ଦ୍ଦେଶକ

**ବିଞ୍ଝାରପୁର,୭।୮(ସଂଚାର ବ୍ୟୁରୋ):** ରାଜ୍ୟରେ ସରକାର ପରିବର୍ତ୍ତନ ପରେ ମଧ୍ୟ ବ୍ୟବସ୍ଥା ପୁରୁଣା ଅଭ୍ୟାସରେ ଗତି କରୁଛି। ବିଶେଷ କରି ପ୍ରାକୃତିକ ସମ୍ପଦ ଯେପରି ବାଲି, ମାଟି, ଖଣି ଖାଦାନ ରୁ ଯେଉଁ ଭଳି ବେନିୟମ ଭାବେ ଲୁଟ୍ ହେଉଥିଲା ତାହା ଏବେବି ସେଇଭଳି ଚାଲୁଛି। ପ୍ରଶାସନର ଏନେଇ ନିଘା ନାହିଁ କି ସରକାରଙ୍କୁ ମାଫିଆଙ୍କ ଭୟ ନାହିଁ। ପ୍ରାକୃତିକ ସମ୍ପଦକୁ ଏବେବି ପୈତୃକ ସଂପତ୍ତି ଭାବି ମାଫିଆ ଚଳାଇଛନ୍ତି ଲୁଟ୍ ରାଜ। ଯାଜପୁର ଜିଲ୍ଲା ଧର୍ମଶାଳା ବେଆଇନ୍ ବେଆଇନ୍ ଖଣି ଲୁଟ ପାଇଁ ସବୁବେଳେ ଚର୍ଚ୍ଚାରେ।ପୂର୍ବରୁ ମଧ୍ୟ ଏହାର ସତ୍ୟା ସତ୍ୟ କୁ ଲୋକ ଲୋଚନକୁ ଆଣିବାକୁ ଯାଇ ଅନେକ ସାମାଜିକ କର୍ମୀ ଲହୁ ଲୁହାଣ ହୋଇଛନ୍ତି। ପୂର୍ବରୁ ମଧ୍ୟ ପୂର୍ବତନ ବିଧାୟକ ଦାମୋଦର ରାଉତ ଡଙ୍କାରି ପାହାଡରେ ଦୁର୍ନୀତି ହେଉଥିବା ନେଇ ଅଭିଯୋଗ ଆଣିଥିଲେ। ବାରମ୍ବାର ଅଭିଯୋଗ ପରେ



ମଧ୍ୟ ପୂର୍ବରୁ ଯେତେବେଳ ଜିଲ୍ଲା ପ୍ରଶାସନ ନିରବ ଥିଲା ସେତେବେଳେ ଡଙ୍କାରିକୁ ଗ୍ରିନ ଟ୍ରିବ୍ୟୁନାଲ ଛାଟ ପରେ ଜିଲ୍ଲା ପ୍ରଶାସନର ନିଦ ଭାଙ୍ଗିଥିଲା।ଖାଲି ସେତିକି ନୁହେଁ ଏହି ଖଣି ଖାଦାନରୁ ଖନନ ପାଇଁ କିଏ ଲିଜ ନେଇଛି କେତେ ଟଙ୍କା ରାଜସ୍ୱ ସରକାରଙ୍କ ପାଖକୁ ଯାଉଛି ତାକୁ ନେଇ ମଧ୍ୟ କୌଣସି ସ୍ୱଚ୍ଛତା ରହୁନଥିବା ମଧ୍ୟ ଶୁଣିବାକୁ ମିଳେ।ତେବେ ଏସଂପର୍କରେ ତଥ୍ୟ ଜାଣିବା ପାଇଁ ବିଞ୍ଝାରପୁରର ଯୁବ ସାମ୍ବାଦିକ ପାର୍ଥସାରଥୀ ବାରିକ ସୂଚନା ଅଧିକାର ଆଇନ ଅନୁଯାୟୀ ପ୍ରଥମେ ଖଣି ଉପନିର୍ଦ୍ଦେଶକ ଙ୍କ କାର୍ଯ୍ୟାଳୟକୁ ତଥ୍ୟ ମାଗିଥିଲେ। ଗତ ମେ ମାସ ୧୦ ତାରିଖରେ ଏନେଇ ତଥ୍ୟ ପ୍ରଦାନ କରିବାକୁ ସେ ଆବେଦନ କରିଥିଲେ।ଡଙ୍କାରି ପାହାଡ଼ ସମ୍ବନ୍ଧୀୟ ତଥ୍ୟ ଯେପରିକି ଡଙ୍କାରି ପାହାଡ଼ ଖନନ ପାଇଁ କିଏ ଲିଜ ନେଇଛନ୍ତି,

### ତଥ୍ୟ ଦେବାକୁ ଖଣି ବିଭାଗର ନିର୍ଦ୍ଦେଶ

ଏଥି ପାଇଁ କେତେ ଟଙ୍କା ପୈଠ କରିଛନ୍ତି, ୨୦୨୪-୨୦୨୫ ଆର୍ଥିକ ବର୍ଷରେ କେତେ ଟଙ୍କା ରାଜସ୍ୱ ଡଙ୍କାରି ପାହାଡ଼ ରୁ ଆଦାୟ ହୋଇଛି ସେନେଇ ସୂଚନା ମାଗିଥିଲେ ପାର୍ଥସାରଥୀ। କେବଳ ସେତିକି ନୁହଁ ଧର୍ମଶାଳାରେ ଥିବା ବିଭିନ୍ନ ଖଣି ଖାଦାନ ପାଇଁ କିଏ କେତେ ଟଙ୍କା ପୈଠ କରି ଲିଜ ନେଇଛନ୍ତି ସେନେଇ ମଧ୍ୟ ତଥ୍ୟ ଚାହିଁଥିଲେ ପାର୍ଥସାରଥୀ।କିନ୍ତୁ ତଥ୍ୟ ଦେବାକୁ ମନ ବଳାଇ ନଥିଲେ ଯାଜପୁର ଜିଲ୍ଲା ଖଣି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ। କାର୍ଯ୍ୟଳୟରେ ତଥ୍ୟ ଉପଲବ୍ଧ ନଥିବା ଦର୍ଶାଇ ଆବେଦନକୁ ଖାରଜ କରିଦେଇଥିଲେ।କିନ୍ତୁ ପରେ ଏନେଇ ରାଜ୍ୟ ଖଣି ବିଭାଗ କୁ ସୂଚନା ଅଧିକାର ଆଇନ ଅନୁଯାୟୀ ତଥ୍ୟ ମାଗିଥିଲେ ପାର୍ଥସାରଥୀ।ତେବେ ବର୍ତ୍ତମାନ ତଥ୍ୟ ଦେବାକୁ ଯାଜପୁର ଖଣି ଉପନିର୍ଦ୍ଦେଶକଙ୍କୁ ଚିଠି କରିଛନ୍ତି ରାଜ୍ୟ ଖଣି ବିଭାଗ।ତା୦୧/୦୮/୨୦୨୫ରିଖରେ ଚିଠି ସଂଖ୍ୟା ୨୦୦୬ ରେ ଏନେଇ ଚିଠି କରାଯାଇଛି।ତେବେ ଏଠି ପ୍ରଶ୍ନ ଉଠୁଛି। ଯେତେବେଳ ରାଜ୍ୟ ସରକାରଙ୍କ ଖଣି ବିଭାଗ ଜିଲ୍ଲା ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ରେ ତଥ୍ୟ ଥିବା ଦର୍ଶାଇ ତଥ୍ୟ ପ୍ରଦାନ କରିବାକୁ ଚିଠି କରୁଛନ୍ତି ସେତେବେଳେ ଜିଲ୍ଲା ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ କାହିଁକି ତଥ୍ୟ ନାହିଁ ବୋଲି ଦର୍ଶାଇ ଆବେଦନକୁ ଖାରଜ କଲେ।ଏଥି ଜିଲ୍ଲା ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ର ସ୍ୱଚ୍ଛତା ପ୍ରତି ପ୍ରଶ୍ନ ଉଠୁ ନାହିଁକି।ତଥ୍ୟ ନାହିଁ ନା ଦେବାକୁ ମନ ବଳାଉନି ଜିଲ୍ଲା ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ? ଡଙ୍କାରି ପାହାଡ଼ ସମେତ ଧର୍ମଶାଳାର ବିଭିନ୍ନ ଖଣି ଖାଦନରେ ଚାଲିଛି କି ବେଆଇନ୍ ଖନନ? ତେବେ ସତ୍ୟାସତ୍ୟ କଣ ତାହା ତଥ୍ୟ ଆସିବା ପରେ ଜଣାପଡ଼ିବ।

● ମନ୍ଦିରରୁ ଚୋରି ଘଟଣା

# ୪ଦିନ ପରେ ବି ପୁଲିସ ହାତ ଖାଲି



**ତିର୍ତ୍ତୋଲ,୭।୮(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ନରୁଆ ଛକ ଠାରେ ଦୁର୍ଗା ଙ୍କ ମନ୍ଦିର ଚୋରି ଘଟଣାରେ ଆଜକୁ ପ୍ରାୟ ୪ ଦିନ ବିତିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତିର୍ତ୍ତୋଲ ପୋଲିସ ଆସମୀ ପାଖରେ ପହଞ୍ଚିବା ବିଫଳ ହୋଇଥିବା ଦେଖା ଦେଇଛି। ଗତ ରବିବାର ରାତ୍ରି ସମୟରେ ଦୁର୍ଗା ଦେବୀ ଙ୍କର ଅଳଙ୍କାର ସମେତ କଂସା, ପିତଳ ବାସନ କୁସନ ସାଙ୍ଗକୁ ଘଣ୍ଟ ଘଣ୍ଟି ଚୋରି ହୋଇଥିବା ଘଟଣା ରେ ପୋଲିସ ନିଷ୍କ୍ରିୟ କୁ ନେଇ ସାଧାରଣ ରେ ପ୍ରଶ୍ନବାଚି ସୃଷ୍ଟି କରିଛି। ସ୍ଥାନୀୟ ଲୋକେ ଏବେ ଭୟଭୀତ ରେ ଥିବା ଦେଖା ଯାଉଛି, କାରଣ ଖୁଲମ ଖୁଲା ଜନଗହଳି ପୂର୍ଣ୍ଣ ବଜାର ରେ ଯଦି ଏଭଳି ଘଟଣା ଘଟେ ତାହାଲେ ସାଧାରଣ ଲୋକଙ୍କ ଘର କେତେ ସୁରକ୍ଷିତ? ତାହାକୁ ନେଇ ଏବେ ପୋଲିସ ପ୍ରଶାସନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ଲୋକେ ଏହାକୁ ଦେଖି ପୋଲିସ ଉପରେ ଆସ୍ଥା ତୁଟାଇବାକୁ ବସିଲେଣି ବୋଲି ଚର୍ଚ୍ଚା ହେଉଛି। ପୂର୍ବ ସରକାର ସମୟରେ ପୋଲିସ କୁ ଅପରାଧୀ ଙ୍କ ଭୟ ଥିଲାବେଳେ ବର୍ତ୍ତମାନ ର ଡବଲ ଇଞ୍ଜିନ ସରକାର ରେ ତିର୍ତ୍ତୋଲ ପୋଲିସ ର କାର୍ଯ୍ୟ ଦକ୍ଷତା କୁ ନେଇ ସାଧାରଣ ରେ ପ୍ରଶ୍ନବାଚୀ ହୋଇଛି। ଏହାକୁ ଦୃଷ୍ଟିରେ ରଖୀ ଯଦି ଏକ ସପ୍ତାହ ଭିତରେ ପୋଲିସ ଚୋର କୁ ଧରିବାରେ ବିଫଳ ହୁଏ ଅଞ୍ଚଳ ବାସୀ ଜଗତସିଂହପୁର ଏସ୍ପି ଙ୍କ ଦ୍ୱାରସ୍ତ ହେବେ ବୋଲି ସ୍ଥାନୀୟ ବାସିନ୍ଦା ଙ୍କ ଠାରୁ ପ୍ରକାଶ।

## ବାଇକ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ବୈଶିଙ୍ଗା,୭।୮(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ବେଲାଣପୁରା ଛକ ନିକଟରେ ଗୁରୁବାର ଅପରାହ୍ନ ସମୟରେ ଏକ ବାଇକ ଦୁର୍ଘଟଣାରେ ଜଣେ ଯୁବକ ମୃତ୍ୟୁ ବରଣ କରିଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ନଡପୁର ପଞ୍ଚାୟତ ଅଧିନ ଖୁଣ୍ଟା ଗ୍ରାମ ର ଜଗନ୍ନାଥ ମହାକୁଡଙ୍କ ଏକ ମାତ୍ର ପୁତ୍ର ସମୀର ଏବଂ ତାଙ୍କ ସାଙ୍ଗ ବୈଦ୍ୟନାଥ ଜେନା ଙ୍କ ପୁତ୍ର ସରୋଜ ଏକ ବାଇକ ଯୋଗେ ବୈଶିଙ୍ଗା ରୁ ନିଜ ଗ୍ରାମ ଖୁଣ୍ଟା କୁ ଫେରୁଥିଲେ। ମାତ୍ର କିଏ ଜାଣିଥିଲା ଯେ ସମୀର(୨୦)ଙ୍କର ଏହା ଶେଷ ଯାତ୍ରା ହେବ। ଦୃତ ଗତିରେ ଯାଉଥିବା ବେଳେ ବେଲାଣପୁରା ନିକଟରେ ଭାରସାମ୍ୟ ହରାଇ ବାଇକଟି ସେଠାରେ ଥିବା ଏକ କୁକୁଡା ଦୋକାନ ଭିତରକୁ ଗଳି ଯାଇଥିଲା।ମୁଣ୍ଡ ଏବଂ ବାମ ଆଖିରେ ଏକ ବାଉଁଶ ଗାଳି ବାହାରି ଯାଇଥିଲା।ବାଇକ ଚାଳକ ସମୀର ର ଅତ୍ୟନ୍ତ ରକ୍ତସ୍ରାବ ହେବା ଯୋଗୁଁ ସେହିଠାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।ପଛରେ ବସିଥିବା ସରୋଜ ଜେନା ଛିଟିକି ପଡ଼ିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଉଭୟ ଙ୍କୁ ଗ୍ରାମବାସୀ ଙ୍କ ସହାୟତାରେ ବୈଶିଙ୍ଗା ଡାକ୍ତରଖାନା ଆଣିବା ପରେ ଡାକ୍ତର ବିକାଶ ନାୟକ ସମୀର କୁ ମୃତ ଘୋଷଣା କରିଥିଲେ। ସରୋଜ କୁ ବାଲେଶ୍ୱର ପଠାଇ ଦିଆଯାଇଛି। ବୈଶିଙ୍ଗା ପୋଲିସ ଏ ନେଇ ଏକ ମାମଲା ରୁଜୁ କରିବା ସହ ମର ଶରୀର କୁ ବ୍ୟବଛେଦ ପାଇଁ ପଠାଇ ଥିବା ଜଣାପଡ଼ିଛି। ଖବର ପାଇ ମୃତକ ଙ୍କ ପରିବାର ବୈଶିଙ୍ଗା ଡାକ୍ତରଖାନା ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ସରକାରୀ ସହାୟତା ଅପେକ୍ଷାରେ କମାର ଶିଳ୍ପୀ

**ମ.ରାମପୁର,୭।୮(ସଂଚାର ବ୍ୟୁରୋ):** ନାଁ ସୁଭୁଛି ହାତୁଡି ର ଟନ୍ ଟନ୍ ଶବ୍ଦ, ନାଁ କମାର ଶାଳରୁ ଉଠୁଛି ଧୁଆଁ। ହାତ ବାନ୍ଧି ବସିଛି କମାର, ଦିନେ ଯେଉଁ କମାର ରକ୍ତକୁ ପାଣି କରି ଗରମ ଲୁହାରେ ଦେଉଥିଲେ ବିଭିନ୍ନ ରୂପ ଆଜି କିନ୍ତୁ ଆଧୁନିକ ଯୁଗରେ ଏବେ ତାହା ନିରବ ଯାଇଛି। ତେବେ ବିଗତ ଦିନରେ ଯେଉଁ ଘର କରଣା ସାମଗ୍ରୀ ଠାରୁ ଆରମ୍ଭ କରି କୃଷି ଯନ୍ତ୍ରପାତି ଯାଏଁ ବିଭିନ୍ନ ସାମଗ୍ରୀ ତିଆରୀ କରି ପରିବାର ପ୍ରତି ପୋଷଣ କରୁଥିବା କମାର ଏବେ ଦୁର୍ଦ୍ଦଶା ରେ ଦିନ କାଟୁଚି। ହେଲେ ଆଧୁନିକ ଯୁଗରେ ଏହି ସବୁ ସାମଗ୍ରୀର ଚାହିଦା କମିବା ପରେ ଏବେ ଧିରେ ଧିରେ ନିରବି ଗଲାଣୀ କମାର ଶାଳର ସେହି ଟନ୍ ଟନ୍ ଶବ୍ଦ। ହଳ ଲଙ୍ଗଳ ପରିବର୍ତ୍ତେ ଆଧୁନିକ ଯୁଗର ଆବିସ୍କୃତ କଳ ଲଙ୍ଗଳ ଯୋଗୁଁ ପାରମ୍ପାରିକ କୃଷି ଯନ୍ତ୍ର ପାତି ଏବେ ଅଦରକାରୀ ହୋଇ ପଡ଼ିଛି। ଏପରି କି ଧାନ କଟା ଯନ୍ତ୍ର ଯୋଗୁଁ ଲୋକେ ଲୋକେ ଧାନକଟା ଦାଆ କୁ ଗୁରୁତ୍ୱ ମଧ୍ୟ ଦେଉ ନାହାନ୍ତି। ଫଳରେ ଦାଆ, କଟୁରୀ, ଲଙ୍ଗଳ ଆଦି କୃଷି ସରଞ୍ଜାମ ତିଆରୀ ପାଇଁ ଗ୍ରାହକ ଆସୁ ନଥିବାରୁ କମାରଙ୍କ କାରିଗରୀ ଠପ୍ ହେବାରେ ଲାଗିଛି। ଯାହା ଫଳରେ ନିଜର କୌଳିକ ବୃତ୍ତିରୁ ମହଁ ଫେରାଇ ବସିଲେଣୀ କମାର କାରିଗର। ଅନ୍ୟପଟେ କମାର ଶାଳ ଚଳାଇବା ପାଇଁ କାଠ କୋଇଲା ଆବଶ୍ୟକ ପଡୁଥିବା ରୁ କମାର ମାନଙ୍କ



ପାଇଁ ଏହା କଷ୍ଟ ସାଧ୍ୟ ହୋଇ ପଡୁଛି। କମାର ଶାଳ ବି ଅଛି ଆଉ ତା ସାଙ୍ଗକୁ ହାତୁଡି ବି ଅଛି, ଅଥଚ ଅଗ୍ରଗତି କରିପାରୁନି କମାର ଶିଳ୍ପୀଙ୍କ ଜିବନ। ଏଭଳି ସ୍ଥିତିରେ କିଏ ବୁଝିବ କମାରଙ୍କ ଦୁଃଖ, କମାର ଶାଳ ତଳେ ଚାପି ହେବାକୁ ବସିଲାଣୀ କମାରଙ୍କ ଭାଗ୍ୟ। ପାରମ୍ପାରିକ କୂଳ ବେଉଷା କୁ ଆପଣେଇ ଚଳିବା ସେମାନଙ୍କ ପକ୍ଷେ ଏହା କଷ୍ଟ କର ହୋଇ ପଡୁଛି। ଏ ସବୁ ସତ୍ତ୍ୱେ ଗ୍ରାହକଙ୍କ ଅପେକ୍ଷାରେ କିଛି କମାର ଶିଳ୍ପୀ ଅନେଇ ବସିଥିବା ବେଳେ ଅନ୍ୟପଟେ ଧିରେ ଧିରେ ଅନେକ କମାର ବୃତ୍ତି ଛାଡିବାକୁ ବସିଲେଣୀ। ତେବେ ସରକାର ଏହି କମାରଙ୍କ ଉନ୍ନତି ପାଇଁ କିଛି ପଦକ୍ଷେପ ନିଅନ୍ତେ ତାହେଲେ କୌଳିକ ବୃତ୍ତି ବଞ୍ଚି ପାରନ୍ତା ବୋଲି ମତ ପ୍ରକାଶ କରିଛନ୍ତି କିଛି କମାର ଶିଳ୍ପୀ।

# ଯୁବ ଓ ଛାତ୍ର ବିଜେଡିର ବିକ୍ଷୋଭ



**ନର୍ଲା,୭।୮(ସଂଚାର ବ୍ୟୁରୋ):** ଓଡ଼ିଶାରେ କ୍ରମାଗତ ଭାବେ ବଢି ଚାଲିଥିବା ମହିଳା ଏବଂ ଛାତ୍ରୀ ନିର୍ଯ୍ୟାତନା ପ୍ରତିବାଦରେ ନର୍ଲା ନିର୍ବାଚନ ମଣ୍ଡଳୀ ଯୁବ ଓ ଛାତ୍ର ବିଜୁ ଜନତା ଦଳ ପକ୍ଷରୁ ଆଜି ବିକ୍ଷୋଭ ପ୍ରଦର୍ଶିତ ହୋଇଛି। ସ୍ଥାନୀୟ ଚାରିଛକ ଠାରୁ ୭୦୦ରୁ ଊର୍ଦ୍ଧ୍ୱ ଯୁବ ଓ ଛାତ୍ର ବିଜୁ ଜନତା ଦଳ ସଦସ୍ୟ/ସଦସ୍ୟା, କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ ଏକ ଶୋଭାଯାତ୍ରାରେ ଆସି ଡିଜିଙ୍କ ଉଦ୍ଦେଶ୍ୟରେ ନର୍ଲା ଥାନାଧିକାରୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନ ତଥା ସ୍ମାରକ ପତ୍ର ପ୍ରଦାନ ସମୟରେ ନର୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ଜିଲ୍ଲା ଛାତ୍ର ବିଜେଡି ସଭାପତି ଅଜିତ କୁମାର ସାହୁ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ବିଜୁ ଛାତ୍ର ଜନତା ଦଳ କଳାହାଣ୍ଡି ଅବିନାଶ ଠାକୁର, ଜିଲ୍ଲା ଉପ ସଭାପତି ବିଜୁ ଛାତ୍ର ଜନତା ଦଳ ଗୋବିନ୍ଦ ତାଣ୍ଡି, ନର୍ଲା ନିର୍ବାଚନ ମଣ୍ଡଳୀ ଛାତ୍ର ବିଜେଡ଼ି ସଭାପତି ଦେବେନ୍ଦ୍ର କୁମାର, ବ୍ଲକ ଛାତ୍ର ବିଜେଡ଼ି ସଭାପତି ନର୍ଲା ଘାସିରାମ ସାହୁ, ଜିଲ୍ଲା ଯୁବ ବିଜେଡ଼ି ସଭାପତି ଆଦିତ୍ୟ ନନ୍ଦ, ନର୍ଲା ଡିଗ୍ରୀ କଲେଜ, ନର୍ଲା +୨ କଲେଜ, ମାଉଣ୍ଟେନ କିଡସ କଲେଜ ନର୍ଲା, ଗୁରୁକୁଳ ନର୍ସିଂ କଲେଜ ନର୍ଲାର ଛାତ୍ରଛାତ୍ରୀ, ଜିଲ୍ଲା ପରିଷଦ ସଦସ୍ୟ ହରିଶଙ୍କର ମାଝୀ ଓ ଲିଲି ଦୀପ, ନର୍ଲା ବ୍ଲକ ସରପଞ୍ଚ ସଂଘ ସଭାପତି ଅନ୍ତରାମ ମାଝୀ, ସମିତି ସଭ୍ୟ ସଂଘ ନର୍ଲା ସଭାପତି ଜୟ ମେହେର, ସରପଞ୍ଚ ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସା, ବରିଷ୍ଠ ବିଜେଡି ନେତା ନୀଳମଣି ସାହୁ, ଟୁକୁଲାଲ ସାହୁ, ରୁଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ପୁଲିସ ଡ଼ିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ



**ସୁନ୍ଦରଗଡ଼,୭।୮(ସଂଚାର ବ୍ୟୁରୋ):** ଛାତ୍ରୀ ଓ ନାରୀଙ୍କ ସୁରକ୍ଷା ଦାବିରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ପକ୍ଷରୁ ପୁଲିସ୍ ଡିଜିଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଓଡ଼ିଶାରେ ଦିନକୁ ଦିନ ନିରୀହ କଲେଜ ଛାତ୍ରୀ ଓ ମହିଳାଙ୍କ ଉପରେ ବୃଦ୍ଧି ପାଉଥିବା ନିର୍ଯ୍ୟାତନା ସହ ହିଂସାତ୍ମକ ଅପରାଧ ବିରୁଦ୍ଧରେ ପୋଲିସ କର୍ତ୍ତୃପକ୍ଷ ନିରବତା ଅବଲମ୍ବନ ନ କରି ତ୍ୱରିତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ୍ୟାୟ ପ୍ରଦାନ କରିବା ଦାବିରେ ସୁନ୍ଦରଗଡ଼ ଜିଲ୍ଲା ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଓଡ଼ିଶା ପୋଲିସ ଡ଼ିଜିଙ୍କୁ ଏସପିଙ୍କ ଜରିଆରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ପ୍ରତିଦିନ ରାଜ୍ୟରେ ମହିଳା, ଛାତ୍ରୀଙ୍କୁ ଅପହରଣ ସହ ଗଣ ଦୁଷ୍କର୍ମ, ହତ୍ୟା ପରି ଅପରାଧ ଘଟୁ ଥିବାରୁ ଏସବୁ ରୋକିବା ଦିଗ ପୋଲିସ ବିଫଳ ହୋଇଥିବାରୁ ଏହାକୁ ପ୍ରତିବାଦ କରି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରା ଯାଇଥିଲା। ଏହି ଅବସରରେ ସ୍ଥାନୀୟ ଡିଆରଡିଏ ଛକରୁ ବିଜୁ ଯୁବ ଓ ଛାତ୍ର ଜନତା ଦଳ କର୍ମୀଙ୍କ ସହ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଏକ ଶୋଭାଯାତ୍ରାରେ ବାହାରି ସରକାର ବିରୋଧୀ ବିଭିନ୍ନ ସ୍ଲୋଗାନ ଦେଇ ଏସପିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିଥିଲେ। ଏସପିଙ୍କ ଅନୁପସ୍ଥିତି ରେ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଏସପି ଶାନ୍ତା ନୂତନ ସାମଦଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ୫ ଶହରୁ ଊର୍ଦ୍ଧ୍ୱ ପରିବାରକୁ ରିଲିଫ ସହାୟତା ପ୍ରଦାନ

**ବାଲିଆପାଳ,୭।୮(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକରେ ଚଳିତ ବର୍ଷ ସୁବର୍ଣ୍ଣ ରେଖା ବନ୍ୟାରେ ପ୍ରଭାବିତ ହୋଇଥିବା ଲୋକମାନଙ୍କ ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସହାୟତା ଯୋଗାଇ ଦିଆଯାଉଛି। ସେହିପରି ବ୍ଲକର ପ୍ରଭାବିତ ପାଞ୍ଚଟି ପଞ୍ଚାୟତର ଲୋକମାନଙ୍କୁ ବାଲିଆପାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆର୍ମ, ଖ୍ରୀଷ୍ଟିଆନଏଡର ତଥା ସି.ୟା.ଏସ.ଡି ଭୁବନେଶ୍ୱରର ମିଳିତ ଉଦ୍ୟମରେ ପାଞ୍ଚଟି ପଞ୍ଚାୟତରେ ଅଧିକ ପ୍ରଭାବିତ ହୋଇଥିବା ପାଞ୍ଚ ଶହରୁ ଉର୍ଦ୍ଧ୍ୱ ପରିବାରଙ୍କୁ ଗୁରୁବାର ପୂର୍ବାହ୍ନରେ ଆର୍ମ ସ୍ୱେଚ୍ଛାସେବୀ ସଂଗଠନ ପରିସର ମଧ୍ୟରେ ରିଲିଫ ଯୋଗାଇ ଦିଆଯାଇଛି। ପାଞ୍ଚ ଶହ ପରିବାର ମଧ୍ୟରୁ ତିନି ଶହ ପରିବାରକୁ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଚାରି ହଜାର ଲେଖାଏଁ ଟଙ୍କା ସହାୟତା ଆକାରରେ ଦିଆଯାଇଛି। ସେହିପରି ଅନ୍ୟ ଦୁଇ ଶହ ପରିବାରଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ପ୍ୟାକେଟ ଯୋଗାଇ ଦିଆଯାଉଛି।

### ବଦଳିକୁ ଶିକ୍ଷକଶିକ୍ଷୟିତ୍ରୀଙ୍କର ଭୟ କାହିଁକି ?

# ଶିକ୍ଷକ ବଦଳି ରାଜନୀତିକୁ ଜନସାଧାରଣଙ୍କ ବିରୋଧ

**ବାଲିଆପାଳ,୭।୮(ସଂଚାର ବ୍ୟୁରୋ):** ଗୋଟିଏ ସ୍ଥାନରେ ଦୀର୍ଘ ଦିନ ଧରି ଚାକିରୀ କରିବା ପରେ ସରକାରୀ କର୍ମଚାରୀମାନେ ଜନସାଧାରଣଙ୍କ ସହିତ ସମ୍ପର୍କ ସ୍ଥାପନ କରି ନିଜର ମୂଳ କାର୍ଯ୍ୟଠାରୁ ଦୂରରେ ଯାଇ ବିଭିନ୍ନ ବେଆଇନ କାର୍ଯ୍ୟ କରିଥାନ୍ତି। ଜନସାଧାରଣଙ୍କୁ ସ୍ୱଚ୍ଛ ତଥା ନିରପେକ୍ଷ ଶାସନ ଦେବା ପାଇଁ ସରକାର ବିଭିନ୍ନ ସମୟରେ ବିଭିନ୍ନ ବିଭାଗର ଅଫିସରଙ୍କ ଠାରୁ ଆରମ୍ଭ କରି କର୍ମଚାରୀଙ୍କ ପର୍ଯ୍ୟନ୍ତ ବଦଳି କରିଥାନ୍ତି। ଯେପରି ପୋଲିସ କର୍ମଚାରୀ ୦୩/୦୪ ବର୍ଷରେ ଓବ୍ୟାଙ୍କ କର୍ମଚାରୀ ୦୩ ବର୍ଷରେ ନିଶ୍ଚିତ ଭାବେ ବଦଳି ହୋଇଥାନ୍ତି। ଦୀର୍ଘ ଦିନ ଧରି ଶିକ୍ଷକ ବଦଳି ହୋଇନଥିଲା। ଏବର୍ଷ ନୂଆ ସରକାର ସ୍ୱଚ୍ଛ ଶାସନ ଦେବା



ପାଇଁ ବିଭିନ୍ନ ବିଭାଗରେ ବଦଳି ଆଇନ ଲାଗୁ କରିଛନ୍ତି।ସରକାରଙ୍କ କୌଣସି ବିଭାଗରେ ପ୍ରତିବାଦ କରିନଥିବାବେଳେ ଶିକ୍ଷକ ମାନଙ୍କର ପ୍ରତିବାଦ ଯୋରସୋର ଚଳା ଯାଉଥିବା ଦେଖିବା ପାଇଁ ମିଳିଛି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେଶିକ୍ଷକ ଶିକ୍ଷୟିତ୍ରୀ ମାନେ ପ୍ରକୃତରେ ଶିକ୍ଷାଦାନ ନକରି ରାଜନୀତି କରୁଥିଲେ। ଗୋଟିଏ ସ୍ଥାନରେ ଦୀର୍ଘଦିନ ଧରି ରହି ସମ୍ପର୍କ ସ୍ଥାପନ କରି ପାଠ ପଢାଉନଥିଲେ। କିଛି ଶିକ୍ଷକ ବିଦ୍ୟାଳୟ ସମୟରେ ବିଦ୍ୟାଳୟକୁ ନଯାଇ ବେପାର କରୁଥିବା ବେଳେ କିଛି ଶିକ୍ଷକ ନିଜର ବ୍ୟକ୍ତିଗତ କାର୍ଯ୍ୟରେ ନିୟୋଜିତ ରହୁଥିଲେ। ଯଦି କିଛି ଜନସାଧାରଣ ଅଭିଯୋଗ କରନ୍ତି, ତାଙ୍କୁ ହାତଗୁଞ୍ଜା ଦେଇ ଚୁପ କରି ଦିଅନ୍ତୁ। ବର୍ତ୍ତମାନ ନୂତନ ସ୍ଥାନକୁ ଗଲେ ପାଠ ପଢାଇବେ କେମିତି ? ପାଠ ପଢାଇବା ଅଭିଆସ ନଥିବାରୁ ପାଠ ସବୁ ଭୁଲି ଗଲେଣି। ନିଜର ଦୁର୍ବଳତା ପଦାରେ ପଡ଼ିବା ଭୟରେ ବହୁ ଦିନ ଧରି ଚାକିରୀ କରିଥିବା ସ୍ଥାନରେ ସ୍ଥାନୀୟ ଲୋକଙ୍କୁ ହାତଗୁଞ୍ଜା ଦେଇ କୋମଳମତି ପିଲାମାନଙ୍କୁ ବତାଇଆନ୍ଦୋଳନ କରୁଛନ୍ତି। ପ୍ରକୃତରେ ଆଜି ପର୍ଯ୍ୟନ୍ତ ଗଣମାଧ୍ୟମ ପ୍ରତିନିଧି ମାନେ ପ୍ରଦର୍ଶନ କରିଥିବା ପ୍ରମାଣିତ ହୋଇଛି ଯେ ଏହା ପିଲାଙ୍କ ଦ୍ୱାରା ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ। ଯେଉଁଠି ଆନ୍ଦୋଳନ ହୋଇଛି ସେଠି ସେହି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ହାତ ନିଶ୍ଚିତ ଭାବେ ରହିଛି।

## 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ

**ଲାଞ୍ଜିଗଡ଼,୭।୮(ସଂଚାର ବ୍ୟୋରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଆଶ୍ରମ ପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ 'ଆସ ସ୍କୁଲ ଯିବା' ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କାମିନୀ ରାୟଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହ ଶିକ୍ଷୟିତ୍ରୀ ହେମାମାଳିନୀ ସାହୁ, ଦୁର୍ଯ୍ୟୋଧନ ନାଏକ, ସ୍କୁଲ ପରିଚାଳନା ସଭାପତି ସୁଦର୍ଶନ ମୁଣ୍ଡା ଅଙ୍ଗନବାଡ଼ି କର୍ମୀ ସବିତା ମୁଣ୍ଡା, ଆଶା କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ। ରାଜ୍ୟରେ ଡ୍ରପ୍ଆଉଟ୍ ରୋକିବାକୁ ରାଜ୍ୟ ସରକାର ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି। ଘରକୁ ଘର ବୁଲି ଶିକ୍ଷକ ଶିକ୍ଷୟିତ୍ରୀ ପିଲାଙ୍କ ସର୍ଭେ ପରେ ଏବେ ସାରା ରାଜ୍ୟରେ 'ଆସ ସ୍କୁଲ ଯିବା' ଅଭିଯାନ କରାଯାଉଛି। ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ ହୋଇଥିବା ପିଲାଙ୍କ ପାଠପଢ଼ାକୁ ଜାରି ରଖିବା ଓ ପୁନର୍ବାର ପାଠପଢ଼ା ନ ଛାଡ଼ିବାକୁ ଆବଶ୍ୟକ ପଦକ୍ଷେପ ଏବଂ ପିଲାଙ୍କ ମଧ୍ୟରେ ଶିକ୍ଷଣ ଫଳାଫଳର ସ୍ତରକୁ ଅଭିବୃଦ୍ଧି ଓ ଶିକ୍ଷଣ ବ୍ୟବଧାନକୁ ହ୍ରାସ କରିବାକୁ ପ୍ରାଥମିକତା ଦିଆଯିବ।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର,୭।୮(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରୀପାଲି ବ୍ଲକ ସମଲେଇଚୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ସହାୟକ ଉପକରଣ ବଣ୍ଟନ ଓ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ଡାକ୍ତରୀ ଆକଳନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡୁଙ୍ଗୁରିପାଲି ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଞ୍ଜଲୁ ମିର୍ଧା ଏବଂ ମୁଖ୍ୟ ବକ୍ତା ଭାବେ ଡାକ୍ତର ଆଶିଷ କୁମାର ଗୋୟାଲ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଲୋକନାଥ ମେହେର ଯୋଗଦେଇ ଶୁଭାରମ୍ଭ କରିଥିଲେ। ଡୁଙ୍ଗୁରିପାଲି ବ୍ଲକ ର ୧୫ ଟି କ୍ଲଷ୍ଟର ର ବିଭିନ୍ନ ବିଦ୍ୟାଳୟରୁ ୧୪୨ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସହିତ ତାଙ୍କର ମାତାପିତା ଯୋଗଦେଇଥିଲେ। ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୩୧ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ହ୍ୱିଲ ଚେୟାର, ଟ୍ରାଇ ସାଇକଲ, ଶ୍ରବଣ ଯନ୍ତ୍ର, ରୋଲେଟର ଓ ଶିକ୍ଷଣ ସାମଗ୍ରୀ ଆଦି ପ୍ରଦାନ କରାଯାଇଥିଲା। ଡାକ୍ତର ଅଭୟ କୁମାର ଲେଙ୍କା, ଡାକ୍ତର ନବ କୁମାର ସାହୁ ଓ ଡାକ୍ତର ସତ୍ୟବ୍ରତ ଗିରି ଯୋଗ ଦେଇ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ଡାକ୍ତରୀ ଆକଳନ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଚିହ୍ନିତ ଛାତ୍ରଛାତ୍ରୀ ଙ୍କୁ ସହାୟକ ଉପକରଣ ଯୋଗାଇ ଦିଆଯିବାକୁ ତଥ୍ୟ ପ୍ରସ୍ତୁତ କରାଯାଇଥିଲା। ଗୋଷ୍ଠୀ ସମ୍ବଳ ଶିକ୍ଷକ ମନୋଜ କୁମାର ସାହୁ ଏବଂ ସୀତାରାମ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଚିନାଜୁରୀ ସିଆରସିସି ରମେଶ ଭୋଇ, ଅନ୍ତର୍ନିବେଶୀ ଶିକ୍ଷା ସେବୀ ଲୋଚନ ସାହୁ, ହିମାଂଶୁ ଶେଖର ସାହୁ, ପ୍ରକାଶ ଚନ୍ଦ୍ର ସାହୁ ସହିତ ସ୍ଥାନୀୟ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରାଧେଶ୍ୟାମ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ୟୁଏଏସ୍ ଲାଗୁ ନ କରିବାକୁ ପ୍ରାଥମିକ ଶିକ୍ଷକ ସଂଘର ଦାବି

**ଫୁଲବାଣୀ,୭।୮(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲାରେ ୟୁଏଏସ୍(ୟୁନିଫାଏଡ ଅଟୋମେସନ ସିଷ୍ଟମ) ଲାଗୁ ନ କରିବାକୁ ଜିଲା ପ୍ରାଥମିକ ଶିକ୍ଷକ ସଂଘ ଦାବି କରିଛି। ଏ ନେଇ ଏକ ଦାବିପତ୍ର ଜିଲା ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଆମ ଜିଲାରେ ୮୦ ପ୍ରତିଶତ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ଓ ଉପଯୁକ୍ତ ଶ୍ରେଣୀଗୃହ ନାହିଁ। ଛାତ୍ରୀଛାତ୍ରଙ୍କ ଆବଶ୍ୟକ ଅନୁସାରେ ଶିକ୍ଷୟିତ୍ରୀ ଶିକ୍ଷକ ନାହାନ୍ତି। ସେହିପରି ବହୁ ବିଦ୍ୟାଳୟକୁ ଗମନା ଗମନର ସୁବିଧା ନାହିଁ। ଅନେକ ସ୍ଥାନ ଅବା ବିଦ୍ୟାଳୟରେ ନେଟ ୱାର୍କ ବ୍ୟବସ୍ଥା ନାହିଁ। ଯାହା ଫଳରେ ମଧ୍ୟାହ୍ନ ଭୋଜନ ମେସେଜ ପଠାଇବା ପାଇଁ ସମସ୍ୟା ଭୋଗିବାକୁ ପଡୁଛି। ଏସବୁ ସାମୁହିକ ସମସ୍ୟାର ସମାଧାନ ସରକାର ନ କରି ଏବେ ୟୁଏଏସ୍ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତି ନେଇଛନ୍ତି। ଯାହା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପରେ ଚାପ ସୃଷ୍ଟି କରୁଛି। ତେଣୁ ଆମେ ଏହି ୟୁଏଏସ୍ ବ୍ୟବସ୍ଥାକୁ ବିରୋଧ କରୁଛୁ ବୋଲି ସଂଘ ଉପଦେଷ୍ଟା ବିଦେଶୀ ନାୟକ, ଶିଶୀର ପଣ୍ଡା, ଦୀନେଶ କୁମାର ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି।

# ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ ଓ ନିର୍ଯାତନା ମାମଲା: ଯୁବକ ଗିରଫ

**ରାଇଘର,୭।୮(ସଂଚାର ବ୍ୟୁରୋ):** ଦୀର୍ଘ ତିନି ବର୍ଷ ହେଲା ନାବାଳିକାକୁ ଦୁଷ୍କର୍ମ କରିବା ସହ ନିର୍ଯ୍ୟାତନା ଦେଇ ଆସୁଥିଲେ ଏପରିକି ଯୁବତୀଙ୍କୁ ଅପହରଣ କରି ନେଇ ଜୀବନରେ ମାରିଦେବାକୁ ଧମକ ଦେଉଥିଲେ ଛତିଶଗଡ଼ର ଜଣେ ଯୁବକ, ଯୁବତୀ କୌଶଳ କରି ଘର ଲୋକଙ୍କୁ ଫୋନ କରି ଜଣାଇବା ପରେ ଘର ଲୋକ ଯୁବତୀ ଙ୍କୁ ଉଦ୍ଧାର କରି ନ୍ୟାୟ ପାଇଁ କୁନ୍ଦାଇ ଥାନର ଦ୍ୱାରସ୍ତ ହୋଇଛନ୍ତି। ଯୁବତୀ ଙ୍କ ଅନୁଯାୟୀ ସେ ୨୦୨୨ ମସିହାରେ ସ୍ଥାନୀୟ ଏକ କଲେଜ ରେ ଯୁକ୍ତ ଦୁଇ ପଢୁଥିବା ବେଳେ ଛତିଶଗଡ଼ ର ଓମ୍ପି ଦେଓ୍ୱାନ ନାମକ ଯୁବକ ବାରମ୍ବାର ପ୍ରେମ ନିବେଦନ କରୁଥିଲା ସେହି ବର୍ଷ ଶିବରାତ୍ରି ରେ ରାଇଘର ପୂଜା ଦେଖିବାକୁ ଯୁବତୀ ଜଣକ ଆସିଥିବା ବେଳେ ଘରକୁ ଛାଡ଼ିଦେବି ବୋଲି ବାଇକ ରେ ବସାଇ ନେଇ ଜଡେଙ୍ଗା ଜଙ୍ଗଲରେ ଦୁଷ୍କର୍ମ କରିବା ସହ ଫୋଟ ଉତ୍ତୋଳନ କରିଥିଲେ ଏହି ଘଟଣା ସମ୍ପର୍କ ରେ କାହାକୁ କହିଲେ ଫୋଟ ସାମାଜିକ ଗଣ ମାଧ୍ୟମ ରେ ଭାଇରଲ କରିବାକୁ ଧମକ ଦେଉଥିଲା ଏମିତି ବ୍ଲାକମେଲ କରି ଦୀର୍ଘ ତିନି ବର୍ଷ ନାବାଳିକା ସହ ଶାରୀରିକ ସମ୍ପର୍କ ରଖି ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଇ ଆସୁଥିଲା ଏହା ମଧ୍ୟରେ ଯୁବତୀ ସାବାଳିକା ହୋଇଯାଇ ଥିଲେ। ୭ ଜୁଲାଇ ୨୦୨୫ ତାରିଖରେ ଯୁବତୀ ଙ୍କ ୧୯ ତମ ଜନ୍ମ ଦିନରେ ଜୋର କରି ଛତିଶଗଡ଼ ର ରାୟପୁର ଆର୍ଯ୍ୟ ସମାଜ ମନ୍ଦିରରେ ଯୁବତୀ ଙ୍କ ଅନିଚ୍ଛା ସ୍ୱତେ ବାହା ହୋଇ ଘରକୁ ନେଇ ଆସିଥିଲେ। ଏଣୁ ୧ ଅଗଷ୍ଟ ୨୦୨୫ ରେ କୁନ୍ଦଇ ଥାନାରେ ଏକ ଏତଲା ଦେଲେ। ଏତଲା କୁ ଭିତ୍ତି କରି ଯୁବକ ଙ୍କୁ ଗିରଫ ପୋସ୍କ ଭଳି ସଂଗୀନ ଧାରା ଲଗେଇ କରି କୋର୍ଟ ଚାଲାଣ କରିଛନ୍ତି।



## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

**ସୁବର୍ଣ୍ଣପୁର,୭।୮(ସଂଚାର ବ୍ୟୁରୋ):** ସୋନପୁର ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ବିଦ୍ୟାଳୟ ରେ ଏକାଦଶ ଶ୍ରେଣୀ ର ଛାତ୍ରୀ ମାନଙ୍କ ସକାଶେ ସ୍ୱାଗତ ଉତ୍ସବ ବିଦ୍ୟାଳୟ ର ଅଧ୍ୟକ୍ଷା ଶ୍ରୀମତୀ ପ୍ରିତୀମୟୀ ମିଶ୍ର ଙ୍କ ଅଧ୍ୟକ୍ଷତା ରେ ମହାସମାରୋହ ରେ ଗୁରୁବାର ଦିନ ପାଳିତ ହୋଇଯାଇଛି। ଅଧ୍ୟାପକ ମଧୁସୂଦନ ପୂଜାରୀଙ୍କ ସଂଯୋଜନା ରେ ଅଧ୍ୟାପିକା ଭାରତୀ ଦର୍ଜୀ, ସ୍ନିଗ୍ଧା ଦାଶ, ଅଧ୍ୟାପକ ଦୁର୍ବାସା ସାହୁ, ଘନଶ୍ୟାମ ଯୋଶୀ, ଅନୁପମା ମିଶ୍ର, ନିବେଦିତା ମହାପାତ୍ର, ନିଶାନ୍ତ କୁମାର ମହାନ୍ତି, ବିଜୟ କୁମାର ଦାଶ, ନୀଳିମା ଗୁରୁ, ଲୁସି ଦାଶ, ଗୋଲାପ ନିଆଲ, ରେଜିଆ ରଣା, ସୌଦାମିନୀ ନାଏକ ପ୍ରମୁଖ ଛାତ୍ରୀ ମାନଙ୍କୁ ଛାତ୍ରୀ ବୃତ୍ତି, ପରୀକ୍ଷା ପରିଚାଳନା, ୟୁ. ଡାଇସ, ଆତ୍ମରକ୍ଷା କୌଶଳ, ଆଭ୍ୟନ୍ତରୀଣ ଶୃଙ୍ଖଳା, ଛାତ୍ରୀ ଙ୍କ ସୁରକ୍ଷା ପାଇଁ ଥିବା ସି ସି ଟିଭି ସମ୍ପର୍କ ରେ ତଥା ବିଦ୍ୟାଳୟ ର ଗୌରବାବହ ବିବରଣୀ ଉପସ୍ଥାପନ କରିଥିଲେ।

